# ଫାଶୀ ଆସାମୀର
# ଶେଷ ଚିଠି

ଲେଖକ :
ଜୁଲିୟସ ଫୁଚିକ୍

0/393



ଅନୁବାଦକ :
ରଘୁନାଥ ଦାସ

ପ୍ରକାଶକ
ରଘୁନାଥ ଦାସ
ଝୋଲସାହି, କଟକ

ପ୍ରଥମ ସଂସ୍କରଣ
୧୯୫୭

ମୁଦ୍ରାକର
ଗଂଗାଧର ରଥ
ସଂକେତ ପ୍ରେସ
ପେନ୍‌ସନ୍‌ଲାଇନ୍, କଟକ

# ★ ପରିଚୟ

ନାଜି ଅତ୍ୟାଚାରୀର ଫାସିଖୁଣ୍ଟତଳେ ଏ ବହିର ରଚନା—ଲେଖକ ଜୁଲିୟସ୍ ଫୁଚିକ୍ । ବହିଟିର ଲିଖନଭଙ୍ଗୀ ତାଙ୍କର ଦୁର୍ଜୟ ସାହସ ଓ ବୁଦ୍ଧିମତ୍ତାର ପରିଚୟ ଦିଏ । ଏହି ବହି ଖଣ୍ଡିକ ଭେତେଗୁଡ଼ାଏ ପେନ୍ସିଲ୍ ଲେଖା ଝପା କାଗଜର ସମଷ୍ଟି ; ଯେଗୁଡ଼ିକ ଜଣେ ସହାନୁଭୂତିଶୀଳ ଚେକ୍ ପହରାବାଲା ସାହାଯ୍ୟରେ ପ୍ରେଗ୍ସ୍ଥିତ ଗେଷ୍ଟାପୋ ବନ୍ଦୀଶାଳା ପ୍ୟାନ୍କାଟେସ୍‌ରୁ ଗୋପନରେ ବାହାରକୁ ପଠା ହୋଇଥିଲା । ଫୁଚିକ୍ ଆତ୍ମପ୍ରତାରଣା ଘୃଣା କରୁଥିଲେ । ସେ ଜାଣିଥିଲେ ଏହି ଅନିଶ୍ଚିତ ଧାରାବାହିକ ଲେଖା ସମ୍ପୂର୍ଣ୍ଣ କରିବାକୁ ତାଙ୍କର ଆୟୁଷ ନାହିଁ । କିନ୍ତୁ ଏ ଦୃଢ଼ ବିଶ୍ୱାସ ତାଙ୍କର ଥିଲା ତାଙ୍କ ଲକ୍ଷ ଲକ୍ଷ ଦେଶବାସୀ ଏବଂ ଅନ୍ୟାନ୍ୟ ଦେଶର ଫାସିଷ୍ଟ-ବିରୋଧୀ ଦଳ ଲେଖିବେ, —ଫୁଚିକ୍‌ଙ୍କ ଭାଷାରେ—"ଏହାର ମଧୁର ପରିସମାପ୍ତି ।"

ଜନସାଧାରଣଙ୍କଠାରେ ଓ ସେମାନଙ୍କର ଭବିଷ୍ୟତ ଉପରେ ଏହି ବିଶ୍ୱାସହିଁ ଏ ପୁସ୍ତିକାର ପ୍ରଧାନ ଉପଜୀବ୍ୟ । ଯୁଦ୍ଧକାଳୀନ ଅଧିକାଂଶ ବନ୍ଦୀଶାଳା ସାହିତ୍ୟର ଭଳି ଫାସିଷ୍ଟବାଦର ନିଷ୍ଠୁରତାର ଗୋଟାଏ ଅଳଭ୍ୟ ଚିତ୍ର ଏଥିରୁ ମିଳେ । ତାଛଡ଼ା ଷ ଏଥିରେ ଏପରି ଜଣେ ମନୁଷ୍ୟର ଛବି ପାଉଁ ଯେ କେବଳ ଫାସିଷ୍ଟବାଦର ଶିକାର ନଥିଲେ, ଥିଲେ ତାର ଅଭିଯୋକ୍ତା, ବିଚାରକ ଓ

ନୈତିକ ବିଜେତା ମଧ୍ୟ । ସେ ଘୋଷଣା କରି ଯାଇଛନ୍ତି, "ହାୟ, ଆଜି ଯେ ଭୟାନକ ବୀଜ ବୁଣା ହେଲା, ଦିନେ ତହିଁରୁ କିପରି ଫଳ ଫଳିବ !" ସେ ଜଣେ ସହକର୍ମୀଙ୍କୁ ବର୍ଣ୍ଣନା କରିବାକୁ ଯାଇ ଯାହା କହିଛନ୍ତି, ତାଙ୍କ ସମ୍ବନ୍ଧରେ ସେ କଥା ପ୍ରୟୋଗ ନ କରି ରହିପାରୁ ନାହିଁ, "ସେ ସମସ୍ତଙ୍କୁ ଭବିଷ୍ୟତର ନିର୍ଦ୍ଦେଶ ଦେଉଛନ୍ତି, ଅଥଚ ତାର ନିଜର ଭବିଷ୍ୟତ ନିର୍ଦ୍ଦିଷ୍ଟ ହୋଇ ରହିଛି ସିଧାସଳଖ ମୃତ୍ୟୁ ବାଗକୁ ।"

ଫୁଚିକ୍ ଗେଷ୍ଟାପୋମାନଙ୍କ ଦ୍ୱାରା ନିହତ ହୋଇଥିଲେ । କିନ୍ତୁ ଯେଉଁ ଭବିଷ୍ୟତର ନିର୍ଦ୍ଦେଶ ସେ ଏଥିରେ ପ୍ରଦାନ କରି ଯାଇଛନ୍ତି, ତାହା ଆଜି ତାଙ୍କର ସ୍ୱଦେଶ ଚେକୋସ୍ଲୋଭାକିଆରେ ଜୀବନ୍ତ ବାସ୍ତବ । ଯୁଦ୍ଧ ସମ୍ବନ୍ଧରେ ଯେତେ ବହି ସେଠାରେ ପ୍ରକାଶିତ ହୋଇଛି, ଏହି ବହି ଖଣ୍ଡିକ ତନ୍ମଧ୍ୟରେ ଲାଭ କରିଛି ସବୁଠାରୁ ବେଶୀ ଜନପ୍ରିୟତା । ଫୁଚିକ୍ ଆଜି ଜାତିର ବିଶିଷ୍ଟ ବୀରମାନଙ୍କ ମଧ୍ୟରେ ଜଣେ ବୋଲି ପୂଜା ପାଉଛନ୍ତି । ସୋଭିଏଟ ୟୁନିୟନ, ପୋଲାଣ୍ଡ, ଯୁଗୋସ୍ଲାଭିଆ ପ୍ରଭୃତି ଯେଉଁ ସବୁ ଦେଶ ହିଟଲରଙ୍କୁ ଧ୍ୱଂସ କରିବାରେ ଅଂଶ ଗ୍ରହଣ କରିଥିଲେ, ସେହି ସବୁ ଦେଶରେ ବହି ଖଣ୍ଡିକ ଅନୂଦିତ ହୋଇଛି । ସୋଭିଏଟ ୟୁନିଅନ ସମ୍ପର୍କରେ ଫୁଚିକ୍ ଖଣ୍ଡେ ଚମତ୍କାର ବହି ଲେଖିଥିଲେ । ତାର ନାମ "ଆଗାମୀକାଲି ଯେଉଁ ଦେଶରେ ଗତକାଲିରେ ପରିଣତ ହୋଇଛି । ଏହି ବହି ଖଣ୍ଡିକରେ ସେ ଯେଉଁ ଭବିଷ୍ୟତର କଥା ଲେଖିଛନ୍ତି, ଆଜି ତାହା ରୂପ ନେଇ ଦେଖା ଦେଉଛି ଚେକୋସ୍ଲୋଭାକିଆ ଏବଂ ଇଉରୋପର ଅନ୍ୟାନ୍ୟ ନୂତନ ଗଣତାନ୍ତ୍ରିକ ରାଷ୍ଟ୍ରରେ ।

ସାମ୍ବାଦିକ, ସାହିତ୍ୟସମାଲୋଚକ, କମ୍ୟୁନିଷ୍ଟନେତା ଜୁଲିୟସ ଫୁଚିକ୍ ୧୯୦୩ ସାଲ ଫେବ୍ରୁୟାରି ୨୩ରେ ପ୍ରେଗ୍—ସ୍ମିଚଭ୍ ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଇସ୍ପାତ କାରଖାନାରେ କାମ କରୁଥିଲେ, ତା ଛଡ଼ା ଅଭିନୟ ଓ କଣ୍ଠସଙ୍ଗୀତରେ ତାଙ୍କର ସଉକ ଥିଲା । ଫୁଚିକ୍ ନିଜେ ଶ୍ରମିକ ଆନ୍ଦୋଳନରେ ଆଉ ଚେକୋସ୍ଲୋଭାକିଆର ସାଂସ୍କୃତିକ ଜଗତରେ କାମ କରିବାକୁ ଆରମ୍ଭ କଲେ ତାଙ୍କର କିଶୋର ବୟସରୁ । ପ୍ରେଗ୍ ବିଶ୍ୱବିଦ୍ୟାଳୟର ଛାତ୍ର ଭାବରେ ସାହିତ୍ୟ, ସଙ୍ଗୀତ ଓ ଶିଳ୍ପଶାସ୍ତ୍ର ସେ ଅଧ୍ୟୟନ କରିଥିଲେ । ଜୀବିକାର୍ଜନରେ ସେ ଥିଲେ ଶ୍ରମିକ, ତେଣୁ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଲେ । ସାମ୍ୟବାଦୀ ପତ୍ରିକାଗୁଡ଼ିକୁ ସେ ଲେଖା ଯୋଗାଉଥିଲେ । କିଛିଦିନ ମଧ୍ୟରେ କମ୍ୟୁନିଷ୍ଟ ଛାତ୍ରସଙ୍ଘର ସେ ଜଣେ ନେତା ହୋଇ ଉଠିଲେ । ୧୯୨୯ ସାଲରେ ଭୋରବା (ସୃଷ୍ଟି)ର ପ୍ରଧାନ ସମ୍ପାଦକ ହେଲେ । ତାଙ୍କର ସମ୍ପାଦନାରେ ପତ୍ରିକାଟି ସଂସ୍କୃତି ଆଉ ରାଜନୀତି କ୍ଷେତ୍ରରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିଥିଲା । ତାପରେ ସେ ହେଲେ ଚେକ୍ କମ୍ୟୁନିଷ୍ଟପାର୍ଟିର ମୁଖପତ୍ର 'ରୁଦେ ପ୍ରାଭୋ'ର ସମ୍ପାଦକ ।

ଦୁଇଥର ସେ ସୋଭିଏତ୍ ୟୁନିୟନକୁ ଯାଇଥିଲେ ଏବଂ ତାଙ୍କର ସେଠାର ଅଭିଜ୍ଞତା ଦେଶବାସୀଙ୍କୁ ଜଣାଇଥିଲେ ଖବର କାଗଜର ସମ୍ବାଦଦାତା, ବକ୍ତା ଏବଂ ସମ୍ପାଦକ ଭାବରେ । ତାହାର ଫଳରେ ଫୁଚିକ୍ ନିଗୃହୀତ ହେଲେ, ଚେକ୍ ପ୍ରତିକ୍ରିୟାଶୀଳ ଶକ୍ତି ବାରମ୍ବାର ତାଙ୍କୁ ବନ୍ଦୀ କଲା । ମିଉନିକ୍ ସମୟରେ କମ୍ୟୁନିଷ୍ଟ କାଗଜ ବେଆଇନ ହୋଇଗଲା, ପାର୍ଟି ଲୁଚିକରି କାମ କଲା । ନାତ୍ସୀ ଦେଶ ଅଧିକାର କରିବା ସଙ୍ଗେ ସଙ୍ଗେ ଫୁଚିକ୍ ଆତ୍ମଗୋପନ କଲେ । ସେ ମାର୍କ୍ସବାଦୀ ସାହିତ୍ୟ ଏବଂ ଇତିହାସ ପଠନରେ ମନୋନିବେଶ

କଲେ, ଏବଂ ପାର୍ଟିର ପ୍ରଧାନ ଅବୈଧାନିକ ଘାଟିର ନିୟନ୍ତ୍ରଣ ମଧ୍ୟ ରହିଲା ତାଙ୍କର ହାତରେ । ସହକର୍ମୀମାନଙ୍କ ସହଯୋଗରେ ସେ ଗୋପନ ଆନ୍ଦୋଳନର ମୁଖପତ୍ର 'ରୁଡେ ପ୍ରାଭୋ' ( ସେ ଥିଲେ ତାର ସମ୍ପାଦକ ) ଓ ଅନ୍ୟର କେତେକ ବହି ପ୍ରକାଶ କଲେ; ତା ମଧ୍ୟରେ ବିଦ୍ରୂପାତ୍ମକ ସମାଲୋଚନା 'ହ୍ରାନାଭେସେକ୍' ( ଘୋଡିଆ ବଂଶୀ ) ବିଶେଷ ଉଲ୍ଲେଖ ଯୋଗ୍ୟ ।

ଚେକୋସ୍ଲୋଭାକିଆର କମ୍ୟୁନିଷ୍ଟ ପାର୍ଟି ସମ୍ବନ୍ଧରେ ଫୁଚିକ୍ ତାଙ୍କର ଏହି ବନ୍ଦୀ ଖଣ୍ଡିକରେ ଶ୍ରଦ୍ଧା ଆଉ ଗର୍ବ ସହକାରେ ଲେଖିଛନ୍ତି । ଏହି ପାର୍ଟିହିଁ ଆଜି ସେ ଦେଶରେ ସଂଖ୍ୟାଗରିଷ୍ଠ । ବର୍ବରୋଚିତ ନିର୍ଯାତନା ସହ୍ୟ କରି ମଧ୍ୟ ଏହି ପାର୍ଟି ପ୍ରମାଣ କରିଥିଲା ଯେ, ସେ ଚେକ୍ ଶ୍ରମିକ ଆଉ ସମସ୍ତ ଜାତିର ଅବିନାଶୀ ଅଂଶ ବିଶେଷ । ଆଜି ଯେତେବେଳେ ଆମେରିକାର ପ୍ରତିକ୍ରିୟାଶୀଳ ସାମ୍ରାଜ୍ୟବାଦୀମାନେ ଚେକୋସ୍ଲୋଭାକିଆର ମିଜନିକ୍‌ଦଳ ପରି ଆମର ଶ୍ରମିକ ଶ୍ରେଣୀର ଅଗ୍ରଗାମୀ ଦଳକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେବାକୁ ଚାହୁଁଛନ୍ତି, ସେତେବେଳେ ଫୁଚିକ୍‌ଙ୍କର ବନ୍ଦୀଖଣ୍ଡିକ ଆମ୍ଭମାନଙ୍କୁ ବିଶେଷ ଶିକ୍ଷା ଦେବ । ଏଥିରେ ଆମେ କମ୍ୟୁନିଷ୍ଟମାନଙ୍କର ସତ୍ୟସ୍ୱରୂପ ଦେଖିବାକୁ ପାଉ; ଜନସ୍ୱାର୍ଥର ଦୃଢପ୍ରତିଜ୍ଞ ରକ୍ଷକ ସେମାନେ । ଆମେ ଜାଣିପାରୁଁ ସାମ୍ୟବାଦର ଦେଶ ସୋଭିଏତ ୟୁନିୟନ ସଂଗେ ପ୍ରକୃତ ବନ୍ଧୁତ୍ୱ ହିଁ ଯେକୌଣସି ଜାତିକୁ ପ୍ରତିକ୍ରିୟାଶୀଳତା ଆଉ ଫାସିଷ୍ଟ-ବାଦର ହସ୍ତରୁ ବଞ୍ଚାଇବାର ଏକମାତ୍ର ଉପାୟ । ଦେଶପ୍ରେମୀ, ଚେକ୍ ଶ୍ରମିକଶ୍ରେଣୀର ପ୍ରକୃତସନ୍ତାନ ହିସାବରେ ଫୁଚିକ୍ ସୋଭିଏତ ୟୁନିୟନ ପ୍ରତି ତାଙ୍କର ଅନୁରକ୍ତି ଅଉ ଶ୍ରଦ୍ଧା ଜ୍ଞାପନ କରିଛନ୍ତି ।

ଗେଷ୍ଟାପୋମାନଙ୍କ ହସ୍ତରେ ସେ ଧରା ପଡ଼ି ନିର୍ଯ୍ୟାତିତ ଓ ନିହତ ହେଲେ । ସେତେବେଳକୁ ତାଙ୍କର ବୟସ ଚାଳିଶ ମାତ୍ର । କିନ୍ତୁ ଏପରି ଚମତ୍କାର ସ୍ପଷ୍ଟ ସ୍ଫୂର୍ତ୍ତି, ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ସମ୍ପନ୍ନ, ଜୀବନ ପ୍ରତି ଶ୍ରଦ୍ଧାରେ ସମୃଦ୍ଧ ଏହି କେତୋଟି ପୃଷ୍ଠାରେ ଫୁଟିଉଠି ରହି ଯାଇଛନ୍ତି ସାହିତ୍ୟରେ ଏକ ଚିର ସ୍ମରଣୀୟ କୀର୍ତ୍ତି । ଆଉ ରହି ଯାଇଛନ୍ତି ଏକ ସ୍ମରଣୀୟ ଉପଦେଶ—ତାଙ୍କର ଶେଷ ଧାଡ଼ିଟି ଆମର ଯେପରି ସ୍ମରଣ ରହେ—'ହୁସିଆର !' ସେ ଲେଖିଯାଇଛନ୍ତି, "ବାସ୍ତବ ଜୀବନରେ ଦର୍ଶକ ନାହାନ୍ତି, ତୁମେ ସମସ୍ତେ ସେଥି ଅଂଶ ଗ୍ରହଣ କରିଛ ।" ଜୀବନ ବିଷୟରେ ତଥା ପ୍ରକୃତ ସାହିତ୍ୟ ସମ୍ବନ୍ଧରେ କଣ ଏକଥା ସତ୍ୟ ନୁହେଁ ? ଯେଉଁ ଯୁଦ୍ଧ ଚାଲିଛି, ଏହି ବହି ଖଣ୍ଡିକ ସେଥି ହେବ ଏକ ମହତ୍ ଦାନ—ଆଜି ସେ ଯୁଦ୍ଧ ଆମ ଘରର କେତେ ନିକଟକୁ ଆସି ଯାଇଛି ! ସେ ଯୁଦ୍ଧ ଫାସିଷ୍ଟବାଦର ଅମାନୁଷିକ ବର୍ବରତା ବିରୁଦ୍ଧରେ ।

—ସ୍ୟାମୁଏଲ୍ ସାଇଲେନ୍

## ★ ଟିକିଏ ଲେଖା

ବ୍ରେଣ୍ଡେନ୍‌ବ୍ରୁକ୍‌ର ବନ୍ଦୀଶାଳାରେ ମୋର ଜଣେ ବନ୍ଦୀସାଥୀ ଠାରୁ ଶୁଣିଲି ମୋର ସ୍ୱାମୀ ଜୁଲ୍‌ୟୁସ୍ ଫୁଚିକ୍ ବର୍ଲିନର ଏକ ନାଜୀ ବଧ୍ୟସ୍ଥଳରେ ୧୯୪୩ ସାଲ୍ ଅଗଷ୍ଟ ୨୫ ତାରିଖରେ ପ୍ରାଣଦଣ୍ଡରେ ଦଣ୍ଡିତ ହୋଇଛନ୍ତି ।

ତାଙ୍କର ଅଦୃଷ୍ଟରେ ପରେ କଣ ଘଟିଲା ସେ ପ୍ରଶ୍ନ ପଚାରି ଶୁଣିଛି ବନ୍ଦୀଶାଳାର ଚତୁର୍ଦ୍ଦିଗବେଷ୍ଟିତ ଉଚ୍ଚ ପ୍ରାଚୀରର ପ୍ରତିଧ୍ୱନି ମାତ୍ର ।

ଫାସିଷ୍ଟମାନେ ନିର୍ଯ୍ୟାତନ ଉପରେ ନିର୍ଯ୍ୟାତନ ଭିତ୍ର ଯେଉଁ ବନ୍ଦୀମାନଙ୍କୁ ମାରଦେବାର ସମୟ ପାଇ ନ ଥିଲେ ୧୯୪୫ ସାଲରେ ମେ ମାସରେ ହିଟ୍‌ଲର ଜର୍ମାନୀର ପରାଜୟ ଘଟିବାପରେ ସେମାନେ ମୁକ୍ତିଲାଭ କଲେ । ମୁଁ ସେମାନଙ୍କ ଭିତରୁ ଜଣେ ।

ମୋର ମୁକ୍ତି ସ୍ୱଦେଶକୁ ଫେରିଆସି ସ୍ୱାମୀଙ୍କର ତଲାସ କଲି । ମୋପରି ହଜାର ହଜାର ଲୋକ ଠାକୁ ଠା ତଲାସ କରୁଥିଲେ ସେମାନଙ୍କର ସ୍ୱାମୀ, ସ୍ତ୍ରୀ, ସନ୍ତାନ, ପିତାମାତାଙ୍କର ଖୋଜଖବର ପାଇବାକୁ । ଆକ୍ରମଣକାରୀ ଜର୍ମାନୀର ଅସଂଖ୍ୟ ନିର୍ଯ୍ୟାତନ-ନରକକୁ ସେମାନଙ୍କୁ ବ ଟଣା ହୋଇଥିଲା ।

ଶୁଣିଲି, ୧୯୪୩ ସାଲ ସେପ୍‌ଟେମ୍ବର ୮ ତାରିଖରେ ତାଙ୍କର ଦଣ୍ଡାଦେଶ ହେବାର ଚଉଦ ଦିନ ପରେ ତାଙ୍କୁ ହତ୍ୟା କରା ହୋଇଛି ।

ଏକଥା ବି ଶୁଣିଲି ପ୍ରେଗ୍‌ର ପ୍ୟାନ୍‌କ୍ରାଟ୍‌ସ୍ ବନ୍ଦୀଶାଳାରେ ଜୁଲିୟସ୍ ଫୁଚିକ୍ କିଛି ଲେଖିଯାଇଛନ୍ତି । କୋଲିନ୍‌ସ୍କି ନାମରେ ଜଣେ ଚେକ୍ ପହରିବାଲା ତାଙ୍କ ଗାରଦକୁ କାଗଜ ଆଉ ପେନ୍‌ସିଲ ଆଣି ଦେଉଥିଲା, ତାପରେ ସେ ଗୋପନରେ ଖଣ୍ଡିଏ ଖଣ୍ଡିଏ କରି କାଗଜ ନେଇଯାଉଥିଲା ବାହାରକୁ । ମୁଁ ସେହି ପହରିବାଲା ସାଙ୍ଗରେ ଦେଖା କରି ମୋର ସ୍ୱାମୀ ପ୍ୟାନ୍‌କ୍ରାଟ୍‌ସ୍ ବନ୍ଦୀଶାଳାରେ ଥିଲାବେଳେ ଯାହା କିଛି ଲେଖି ଯାଇଥିଲେ ତାକୁ ସଂଗ୍ରହ କଲି । ସେ ଯେଉଁ କେତେଖଣ୍ଡ କାଗଜ ଲେଖିଯାଇଥିଲେ ବନ୍ଧୁ ବିଶ୍ୱସ୍ତ ଲୋକଙ୍କଠାରୁ ତାହା ଆଣି ଆଜି ପାଠକମାନଙ୍କୁ ଦେଉଛି ଉପହାର—ଜୁଲିୟସ୍ ଫୁଚିକ୍‌ଙ୍କ ଜୀବନକାଳ କାର୍ଯ୍ୟାବଳୀର ଶେଷ ଅଧ୍ୟାୟ ।

—ଅଗଷ୍ଟିନା ଫୁଚିକ୍

ସଂଘ ଲାଇବ୍ରେରୀ
ନଂ.........
ତା.........


# ★ ଭୂମିକା

ଅଗଣାର ପେଟ୍‌ଟେରେକ୍ ବ୍ୟାଙ୍କ ପ୍ରାସାଦର ଗୋଟାଏ କୋଠରୀରେ 'ଆଟେନ୍‌ସନ୍' ଭଙ୍ଗୀରେ ବସି ଶରୀରକୁ ଏକବାରେ ସଳଖ କରି ଆଣ୍ଠୁ ଦୁଇଟାକୁ ଦୁଇହାତରେ ଚିପି ଧରି ସାମନାରେ ଝୁଲଦଆ ଧରି ଆସୁଥିବା କାନ୍ଥଟା ଆଡ଼କୁ ଗୃହିଁ ବସି ରହିବା—ଆଉ ଯାହା ହେଉ ପଛେ—ଭାବରାଜ୍ୟରେ ବିଚରଣ କରିବାର ଉପଯୁକ୍ତ ଅବସ୍ଥା ନୁହେଁ । କିନ୍ତୁ ମନକୁ ଏପରି 'ଆଟେନ୍‌ସନ୍' ଭଙ୍ଗୀରେ ବସାଇ ରଖିବ—ସାଧ୍ୟ ଅଛି କା'ର ?

ପେଟ୍‌ଟେରେକ୍ ପ୍ରାସାଦର ଏହି ହଲ୍‌ଟାର ନାମ 'ସିନେମା' ବୋଲି କିଏ କେବେ ଦେଇଥିଲା କେଜାଣି । ଜର୍ମାନାଏ ଏହାକୁ 'ଘରୋଇ ବନ୍ଦୀଶାଳା' ବୋଲି କହୁଥିଲେ କିନ୍ତୁ 'ସିନେମା' ନାମକରଣଟା ପ୍ରକୃତରେ ସୁପ୍ରଯୁକ୍ତ । ପ୍ରଶସ୍ତ ହଲ୍‌ରେ ଛଅ ଧାଡ଼ି ବେଞ୍ଚ । ଯେଉଁମାନଙ୍କୁ ତଦନ୍ତ ପାଇଁ ଅଣାଯାଇଛି ସେମାନେ ତା' ଉପରେ ବସିଛନ୍ତି, ନିଶ୍ଚଳ ଭାବରେ । ସେମାନଙ୍କ ଆଖି-ସାମନା ଫାଙ୍କା କାନ୍ଥଟା ଯେପରିକି ପର୍ଦ୍ଦାଟି । ଶୁଣାଣି, ନିର୍ଯାତନା ଆଉ ମୃତ୍ୟୁର ପ୍ରତୀକ୍ଷାରେ ଏଠି ବସି ବସି ସେମାନେ ପର୍ଦ୍ଦା ଉପରେ ନିରୀକ୍ଷଣ କରୁଛନ୍ତି ଦୃଶ୍ୟ ପରେ ଦୃଶ୍ୟ—ଏଭଳି ଦୃଶ୍ୟ କୌଣସି ଚଳଚ୍ଚିତ୍ରରେ ବୋଧହୁଏ ଉଠାହୋଇନାହିଁ, ଜଣଙ୍କର ସମଗ୍ର ଜୀବନର ଚିତ୍ର, ଅଥବା କ୍ଷୁଦ୍ର ମୁହୂର୍ତ୍ତର ଛବି···ମା, ସ୍ତ୍ରୀ, ସନ୍ତାନ,

ଚୂର୍ଣ୍ଣୀଭୂତ ଗୃହ, ଧ୍ୱସ୍ତ ଜୀବନ, ଜୀବନର ସାହସୀ ସଙ୍ଗୀର ଛବି ଅଥବା ବିଶ୍ୱାସଘାତକତାର ଛବି । ଯାହାକୁ ମୁଁ ସେହି ନାଗା ବିଦ୍ରୋହୀ ଇମ୍ଫାହାର ଦେଇଥିଲି ସେହି ଲୋକଟିର ଛବି; ଯେଉଁ ରକ୍ତ ପୁଣି ବୋହି ଆସିଥିଲା, ଯେଉଁ ହାତ ଚିରବିଶ୍ୱସ୍ତତାରେ ମୋ ହାତକୁ ଦୃଢ଼ମୁଷ୍ଟିରେ ଚାପି ଧରିଲା—ତାହାର ଛବି । ସଂସ୍କୃତିହୀନତା ବା ଦୃଢ଼ସଂକଳ୍ପ, ଘୃଣା ବା ପ୍ରେମ, ଭୟ ଆଉ ଆଶାରେ ପୂର୍ଣ୍ଣସମୃଦ୍ଧ ଛବି । ଜୀବନ ଅତକୁ ପଛ କରି ଆମେ ବସି ରହିଥାଉଁ, ପ୍ରତିଦିନ ଆମେ ପ୍ରତ୍ୟେକ ଆପଣାର ଆଖି ସାମନାରେ ମରିଯାଉଥିଲୁଁ । କିନ୍ତୁ ସମସ୍ତଙ୍କର ପୁନର୍ଜନ୍ମ ତ ହେଲା ନାହିଁ ।

ଜୀବନର ଚଳଚ୍ଚିତ୍ର ଏହିପରି କେତେ ଶତଥର ଦେଖିଛୁ —ସହସ୍ର ସହସ୍ର ଘଟଣା ସଂବଳିତ । ଏଥର ଲେଖିବାକୁ ବସିବି । ଶେଷ ହେବା ଅଗରୁ ଯଦି ଆତତାୟୀର ଫାଶ ମୋର ଶ୍ୱାସରୋଧ କରିଦିଏ, ତେବେ ଲକ୍ଷ ଲକ୍ଷ ଲୋକ ଅଛନ୍ତି ଯେଉଁମାନେ ଲେଖିବେ "ଏହାର ମଧୁର ପରିସମାପ୍ତି ।"



# ★ ଚବିଶ ଘଣ୍ଟା

ଆଉ ପାଞ୍ଚ ମିନିଟ ପରେ ଘଣ୍ଟାରେ ବାଜିବ ଦଶ । ସୁନ୍ଦର, ଶାନ୍ତ ବାସନ୍ତୀ ସନ୍ଧ୍ୟା... ଏପ୍ରିଲ ୨୪ ତାରିଖ ୧୯୪୨ । ମୁଁ ଭୁଲିଛି ସମ୍ପୂର୍ଣ୍ଣ ଶ୍ରେଷ୍ଠ ଲୋକ ବୋଲି ଛଳନା କରି ଯେମିତି ଦୂର ଠାରେ ନୂ ତଗତରେ । ଜେଲ୍‌ନେକର୍‌ଙ୍କ ଘରେ ଯିବାକୁ ହେବ । ଦଶଟାଠାରୁ ସନ୍ଧ୍ୟା ଆଇନ; ତା ପରେ ଘରେ ଫାଟକ ବନ୍ଦ ହୋଇଯିବ । ସେଠି ମୋର 'ସହକାରୀ' ମିଚେଲ୍ ଅପେକ୍ଷା କରିଥିବ । ମୁଁ ଜାଣେ ତାର ଏଥର ମୋତେ କହିବାକୁ ସେପରି କିଛି ଜରୁରୀ କଥା ନାହିଁ କି ମୋର ବି ତାକୁ ସେପରି କିଛି କହିବାର ନାହିଁ । କିନ୍ତୁ ଭେଟ ହେବା ସମୟ ଯେତେବେଳେ ଠିକ୍ ହୋଇଛି, ଦେଖା କରିବାକୁ ନଗଲେ ସେମାନଙ୍କର ମନରେ ଆଶଙ୍କା ହୋଇ-ପାରେ । ଯାହାଙ୍କ ଘରକୁ ଯାଉଛି ତାଙ୍କୁ ଅଧିକ ଉଦ୍‌ବିଗ୍ନ କରିବାକୁ ମୁଁ ଚାହେଁନା । ସ୍ୱାମୀ ସ୍ତ୍ରୀ ସେ ଦୁହେଁ ବେଶ୍ ଅଚ୍ଛା ଲୋକ ।

ଚା ପିଆଲାଏ ଦେଇ ସେମାନେ ମୋର ଅଭ୍ୟର୍ଥନା କଲେ । ମିଚେଲ୍ ସେଠି ଥିଲା— ଆଉ ପିଟ୍ ଡମ୍ଫ ମଧ୍ୟ ।...ଏ ଏକ ଅନାବଶ୍ୟକ ବିପଦ ସୃଷ୍ଟି କରିବା କଥା ଖାଲି ।

— କମ୍ରେଡ୍‌ଗଣ, ଆପଣମାନଙ୍କ ସାଙ୍ଗରେ ଦେଖା କରିବାକୁ ଇଚ୍ଛା, କିନ୍ତୁ ଏପରି ଭାବରେ ଏକ ସଙ୍ଗରେ ନୁହେଁ । ଗୋଟିଏ ଘରେ ଏତେ ଲୋକ ଜମା ହେବାର ଅର୍ଥ, ଜେଲ୍ ଓ ମୃତ୍ୟୁର ପଥ ପ୍ରଶସ୍ତ କରିବା । ଗୋପନ ଆନ୍ଦୋଳନର ଆଇନ କାନୁନ ମାନି ଆପଣଙ୍କୁ ଚଳିବାକୁ ପଡିବ, ନୋହିଲେ ଆମ ସଙ୍ଗରେ କାମ କରିବା ଛାଡି ଦିଅନ୍ତୁ । ଆପଣମାନେ ନିଜକୁ ତ ବିପନ୍ନ କରୁଛନ୍ତି, ଅନ୍ୟମାନଙ୍କୁ ମଧ୍ୟ । ବୁଝିଲେ ତ ।

—ମୁଁ ବୁଝିଲି ।

—ଆପଣମାନେ କଣ ଆଣିଛନ୍ତି ?

—'ଲାଲ୍ ଅଧିକାର'ର ସେ ପହିଲା ସଂଖ୍ୟା ପାଇଁ ଗୋଟିଏ ଲେଖା ।

—ଭଲ ମେରିକୋ, ତୁମେ ?

—ନୂଆ କିଛି ନାହିଁ, କାମ ଭଲ ଚାଲିଛି ।

—ବେଶ୍ । ସେ ପହିଲା ପରେ ପୁଣି ଦେଖା ହେବ । ଖବର ଦେବି । ଅଚ୍ଛା ଆସନ୍ତୁ ଏବେ ।

—କମ୍ରେଡ୍, ଆଜି ପିଅନ୍ତୁ ଏ ଚା ।

—ନା, ନା, ମିସେସ୍ ଜେଲ୍ନେକ୍ । ଏଠି ସୁଦ୍ଧା ଆମେ ବହୁତ ଲୋକ ଜମା ହୋଇଛୁ ।

—ଆଜି ଗୋଟିଏ ପିଅନ୍ତୁ ଅନ୍ତତଃ !

ସନ୍ଧ୍ୟାବେଳା ଠୁ ଉପରୁ ବାମ ଉଠେ । ବାହାରେ କିଏ ଦୁଆରେ ତାଙ୍କ ଘଣ୍ଟି ବଜାଇଲା । ଏତେ ରାତିରେ ? କିଏ ହୋଇ-

ପାରେ ? ଅଗନ୍ତୁକମାନେ ସତାର କରିବାକୁ ନାହିଁ। କବାଟରେ ଧକ୍କା ମାରୁଛନ୍ତି। ସମ୍ଭବତଃ ପୋଲିସ୍ ବହି। ମୋଟେ ପାଢ଼ନ୍ତି ନାହିଁ।

"ଦରଜା ଖୋଲ। ପୁଲିସ।"

ଚଟାପଟ ଝରକା ବାଟେ। ଘଲାଅ। ମୋ ପାଖରେ ପିସ୍ତଲ ଅଛି, ମୁଁ ତାଙ୍କୁ ଅଟକେଇ ରଖିବି। ନା, ଆଉ ବେଳ ନାହିଁ। ଗେଷ୍ଟାପୋ ଲୋକଗୁଡ଼ାକ ଝରକା ତଳେ ଛିଡ଼ାହୋଇଛନ୍ତି ତାଙ୍କ ପିସ୍ତଲ ଘରଆଡ଼କୁ ଲକ୍ଷ୍ୟ କରି। ଗୁଣ୍ଡାମାନେ କବାଟ ଭାଙ୍ଗି ଦେଇ ଘର ଭିତରେ ପଶି ଘର ଭିତରକୁ ଧାଇଁ ଆସିଲେ। ଏକ, ଦୁଇ, ତିନି— ନ'ଜଣ। ମତେ ସେମାନେ ଦେଖି ପାରି ନାହାନ୍ତି। ଯେଉଁ ଦୁଆରବାଟେ ସେମାନେ ଘରେ ପଶିଲେ ସେଇ କବାଟ ଆଢୁଆଳରେ ମୁଁ ଥିଲି। ସେମାନଙ୍କ ପଛପଟୁ ମୁଁ ଅନେକଗୁଡ଼ିଏ ଗୁଳି କରି ପାରନ୍ତି। କିନ୍ତୁ ଘରେ ଦୁଇଟି ସ୍ତ୍ରୀଲୋକ ଆଉ ତିନିଜଣ ପୁରୁଷ ଅବସ୍ଥିତ। ନ'ଟା ପିସ୍ତଲ ସେଇମାନଙ୍କ ଆଡ଼କୁ ଉଦ୍ୟତ। ମୁଁ ଗୁଳି କଲେ ମୋ ଆଗରୁ ମୋର ପାଞ୍ଚ ବନ୍ଧୁ ଗୁଳିରେ ଟଳି ପଡ଼ିବେ। ଯଦି ନିଜକୁ ବି ଗୁଳି କରେ ତେବେ ବି ସେମାନେ ନିଶ୍ଚୟ ଗୁଳି ଚଳେଇବେ···ଆଉ ସେ ପାଞ୍ଚଜଣଯାକ ମରିବେ ନିଶ୍ଚୟ। ଯଦି ମୁଁ ଗୁଳି ନ କରେ ତେବେ ସେମାନେ ଛ ମାସ କି ବର୍ଷେ ଜେଲରେ ରହିବେ, ତାପରେ ବିପ୍ଳବ···ଆଉ ସେମାନେ ମୁକ୍ତ ହେବେ, ଜୀଇ କରି ଫେରି ଆସିବେ। କେବଳ ମିରେକ୍ ଆଉ ମୁଁ ଜୀବନ ନେଇ ଫେରି ପାରିବୁ ନାହିଁ। ସେମାନେ ଆମ ଉପରେ ଚଳେଇବେ ନିର୍ଯାତନା। ମୋଠାରୁ କୌଣସି କଥା ବାହାର କରି ପାରିବେ ନାହିଁ ସେମାନେ, କିନ୍ତୁ ମିରେକ୍‌ଠାରୁ ? ଯେ ସ୍ପେନରେ

ଲଢ଼ାଇ କରନ୍ତୁ, ଛ ବର୍ଷ ଯେ ଫ୍ରାନ୍‌ସର ବନ୍ଦୀ ଶିବିରରେ କଟାଇ ଆସିଲା, ଯେ ଗୋପନରେ ଯୁଦ୍ଧ ଭିତରେ ଫ୍ରାନ୍‌ସରୁ ପ୍ରେଗ୍‌କୁ ଆସିଲା, —ନା, ସେ କେବେହେଁ କିଛି କହିବ ନାହିଁ । ନିଷ୍ପତ୍ତି ନେବାକୁ ହେବ ଦୁଇ ସେକେଣ୍ଡ ଭିତରେ । ହୁଏତ ତିନି ସେକେଣ୍ଡ ? ...

ଯଦି ମୁଁ ଗୁଳି ଚଳାଏ ତେବେ କାହାକୁ ରକ୍ଷା କରିପାରିବି ନାହିଁ, ଖାଲି ମୁଁ ରକ୍ଷା ପାଇବି ନିର୍ଯାତନାରୁ—କିନ୍ତୁ ମୋର ପାଞ୍ଚଟି ବନ୍ଧୁଙ୍କର ପ୍ରାଣବଳି ଦେବାକୁ ପଡ଼ିବ । ସତେ ? ହଁ । ତେବେ ସେଇ ହେଲା ସିଦ୍ଧାନ୍ତ । ଘର କଣରୁ ଆସିଲି ବାହାରି ।

"ଠମ୍ପଇରେ, ଅଜଇଣେ !"

ପହିଲି ଭୁଷି ... ଖୁବ୍ ଜୋରରେ, ଛାତ ଥରେଇ ଦେବା ଭଳି ।

"ହାତ ଟେକ ।"

ଆଉ ଗୋଟାଏ ମୁଥ, ଅନ୍ତୁରି ଗୋଟାଏ ।

ଅନ୍ତୁରି ଭୁଷି ଆଉ ଗୋଇଠା ।

"ଚାଲ ।"

ସେମାନେ ମୋତେ ଠେଲି ଗୋଟାଏ ମଟର ଗାଡ଼ିରେ ପୂରାଇଲେ । ପିସ୍ତଲ ଉଠାହୋଇ ରହିଥାଏ ସର୍ବଦା ମୋଆଡ଼କୁ ଲକ୍ଷ୍ୟ କରି । ଗାଡ଼ିରେ ମୋ ଉପରେ ସୁରୁ ହୋଇଗଲା ।

—ତୋ ନାଁ କ'ଣ ?

—ଅଧ୍ୟାପକ ହୋରେକ୍ ।

—ମିଛ କହୁଚୁ ।

—ଜାଣି ହେଲେଇ ଟିକିଏ ହଲଚଲ ହେଲି ।

—ଚୁପ କରି ବସ, ନୋହିଲେ ଗୁଳି ଚଳିବ ।

—ବେଶ୍, ଗୁଳି କର ।

ନା, ଭୁଷେ ଚଳିଲା ।

କଡ଼ରେ ଗୋଟାଏ ମଟର ଚଳିଗଲା । ମଟର ବୋଧହେଲା ଗାଡ଼ିଟି ସଜା ଯାଇଛି ଧନୀମାନଙ୍କ ପାଇଁ । ବିବାହ ମଟର—ଏତେ ସାଜରେ ? କିନ୍ତୁ ଏ ମୋର କିର ବାଉଳା ।

ପେଚେକ୍ ପ୍ରାସାଦ । ଗେଷ୍ଟାପୋଙ୍କର ପ୍ରଧାନ ଘାଟି । କେବେ ଭାବି ନ ଥିଲି ଜୀବନ୍ତ ଅବସ୍ଥାରେ ଏହା ମଧ୍ୟରେ ପ୍ରବେଶ କରିବି । ସେମାନେ ମୋତେ ପାଞ୍ଚ ମହଲା ଉପରକୁ ଦୌଡ଼େଇ ନେଲେ । ଏ ସେହି ପ୍ରସିଦ୍ଧ ୨—କ ବିଭାଗ କମ୍ୟୁନିଷ୍ଟ ବିରୋଧୀ ତଦନ୍ତ ଅଫିସ । ମୁଁ କୌତୂହଳୀ ହୋଇ ଉଠିଲି ।

ଗିରଫଦାରୀ ବିଭାଗର ଭାରପ୍ରାପ୍ତ କମିସର ଅଫିସର, ପାତଳା ଅଳ ଡେଙ୍ଗା ହୋଇ, ପାକେଟରେ ରିଭଲଭର ଭର୍ତ୍ତି କରି ମତେ ନେଇଗଲା ତା ଅଫିସକୁ । ସିଗାରେଟରେ ନିଆଁ ଧରେଇ ଦେଲା ।

—ତୁମେ କିଏ ?

—ଅଧ୍ୟାପକ ହୋରେକ୍ ।

—ମିଛ କହୁଛ ।

ତା ହାତ ଘଡ଼ିରୁ ଜାଣିଲି ବାଜିଛି ଏଗାରଟା ।

—ଏହାକୁ ତଲାସ କର ।

ମୋର ପୋଷାକ ପତ୍ର କାଢ଼ି ତଲାସ କଲେ ।

—ଖଣ୍ଡେ ରେସନକାର୍ଡ ମିଳିଛି ।

—ନାମ ?

—ଅଧ୍ୟାପକ ହୋରେକ୍ ।

—ସେଇ ନାମରେ ତଲାସ କର ।

ସେମାନେ ଫୋନ୍ କଲେ ।

—ନା, ସିମିତି ନାଁ ରେଜେଷ୍ଟର କରା ଯାଇ ନାହିଁ । ଜାଲି ଟ୍ରଙ୍କ କାର୍ଡ ।

—ଏ ଟ୍ରଙ୍କ-କାର୍ଡ କିଏ ଦେଲା ତୁମକୁ ।

—ପୁଲିସ, ସଦରଥାନା ।

ତାପରେ ତେଙ୍ଗାର ପହିଲି ପାହାର···ଦୁଇ, ତିନି···ଗଣିବ ନା କଣ ?

ନା, ବାପଧନ, ଗଣିବାର ଲୋକ ନାହିଁ, ତୋର ଗଣତି ନେବାକୁ କେହି ନାହିଁ ।

—ତୋ ନାଁ ? କହ; ତୋ ଠିକଣା ? କହ । କାହାକାହା ସାଥିରେ ତୋର ସମ୍ପର୍କ ? କହ, ତାଙ୍କ ଠିକଣା ? କଥା କହ, କଥା କହ, କଥା କହ, ନୋହିଲେ ପିଟିବୁଁ ।

କେତେ ମାଡ ମଣିଷ ସହିପାରେ ?

ବେତାରଯନ୍ତ୍ର ଅଧଘଣ୍ଟା ବୋଲି ଘୋଷଣା କଲା । ଏବେ ଷ୍ଟିଟ୍‌ଗ୍ରୁପ୍‌ଙ୍କ ନିଷ୍ଟମ୍ଭ ବନ୍ଦ ହେଉଥିବ, ଶେଷ ଗରାଖଙ୍କ ଘରକୁ ଫେରୁଥିବେ । ପ୍ରେମିକପ୍ରେମିକା ଘରର ଦୁଆରମୁହଁରେ ଛୁଟା ନେଉଥିବେ, ପରସ୍ପରଠାରୁ ବିଦାୟ ଗ୍ରହଣ କରିବାକୁ ମନ ବଳୁ ନଥିବ । ସେଆ ଘଟିଲା, ତେଙ୍ଗା ଅଫିସର ଘର ଭିତରକୁ ପଶି ଆସିଲା, ମୁହଁରେ ତାର ଉତ୍ଫୁଲ୍ଲ ହସ ।

—ସବୁ ଠିକ ଅଛି ତ, ସମ୍ପାଦକ ମହାଶୟ ?

ସେକଥା ଏମାନଙ୍କୁ କିଏ କହିଲା ? ଟେଲିଫୋନ୍ ? ଟ୍ରଙ୍କ୍ ? ନା, ସେମାନେ ତ ମୋ ନାଁ ଜାଣନ୍ତି ନାହିଁ ।

—ଦେଖୁଛୁ ତ, ଆମେ ସବୁ ଜାଣୁଁ । ଏଥର କଥା କୁହ। ଅବୁଝା ହୁଅ ନାହିଁ ।”

ସେମାନଙ୍କର ବିଶେଷ ଅଭିଧାନରେ ‘ଅବୁଝା ନହେବା’ ଅର୍ଥ ବିଶ୍ୱାସଘାତକତା କରିବା ।

ମୁଁ ବୁଝିବାର ହେବି ନାହିଁ ।

—ତାକୁ ବାନ୍ଧି ପକାଇ ଆଉ ଗୋଡ଼ାକେତେ ଦିଅ ।

ଘୋଡ଼ାଏ ବାଜିଲା । ଶେଷ ମଟରଗାଡ଼ିଗୁଡ଼ିକ ଫେରି ଯାଉଛି । ପଥ ଜନଶୂନ୍ୟ, ବେତାର ତାର ଶେଷ ବିଜ୍ଞପ୍ତି ଶ୍ରୋତାମାନଙ୍କ ନିକଟରୁ ବିଦାୟ ନେଉଛି ।

—କେନ୍ଦ୍ରୀୟ ସମିତିର ଆଉ କିଏ ସଭ୍ୟ ? ତମର ବେତାର-ବାର୍ତ୍ତା ଯନ୍ତ୍ର ଗୁଡ଼ାକ କେଉଁଠି ? ତମ ଛାପାଖାନା କେଉଁଠି ? କଥା କୁହ ! କଥା କୁହ ! କଥା କୁହ !

ଏବେ ମୁଁ ପାହାରଗୁଡ଼ିକ ଗଣି ପାରୁଛି । ମୁଁ ଓଠ କାମୁଡ଼ୁଛି—ଓଠରେ ଖାଲି ଯାହା ଯନ୍ତ୍ରଣା ବୋଧ କରୁଛି ।

—ତା ଯୋତା ଖୋଲି ନିଅ ।

ସତ, ମୋର ପାଦ ଦିଟାକୁ ବର୍ତ୍ତମାନ ସୁଦ୍ଧା ଛେଚା ଛେଚା ଅବଶ କରିଦେଇନି । ମୁଁ ଅନୁଭବ କରୁଛି···ପାଞ୍ଚ, ଛଅ, ସାତ··· ପାହାରଗୁଡ଼ାକ ପ୍ରତିଥର ଯେପରି ଯାଇ ମଗଜରେ ଝୁଙ୍କି ଯାଉଛି । ଘଣ୍ଟାରେ ବାଜିଛି ଦୁଇ । ପ୍ରେଗ୍ ନିଦ୍ରାମଗ୍ନ । କେଉଁଠି ହୁଏତ ଶିଶୁଟିଏ କାନ୍ଦି ଉଠୁଥିବ, କାହିଁ ପୁରୁଷ ତାର ସ୍ତ୍ରୀର ନିତମ୍ବରେ ମୃଦୁ ଚପେଟାଘାତ କରୁଥିବ ।

—କହ ! କହ !

ରକ୍ତାକ୍ତ ମାଢ଼ିଗୁଡ଼ାକ ଜିଭରେ ଅନୁଭବ କରୁଛି, ଗଣିବାକୁ ଚେଷ୍ଟା କରୁଛି କେତୋଟା ଦାନ୍ତ ଉପୁଡ଼ି ଯାଇଛି । ଠିକ୍ ଗଣିପାରୁ

ନାହିଁ । ବାର, ପନ୍ଦର, ସତର ? ନା, ମୋର "ଶୁଣାଣି" କାର୍ଯ୍ୟରେ ନିଯୁକ୍ତ ଅଫିସରମାନଙ୍କ ସଂଖ୍ୟା ତ ସେତିକି । ତାଙ୍କ ଭିତରୁ କେତେକ ବେଶ କ୍ଳାନ୍ତ ହୋଇ ପଡ଼ିଲେଣି, ଦେଖା ଯାଉଛି । କିନ୍ତୁ ତେବେ ବି ମୃତ୍ୟୁ ଆସୁ ନାହିଁ । ସନ୍ଧ୍ୟା ସମୟ । ସହରର ତଳିରୁ ଫେରସ୍ତ ହୋଇ ଆସୁଛି । ବଗିରୁବାଲାମାନେ ଟ୍ରକ ବଜାରକୁ ଚଳେଇ ନେଉଛନ୍ତି, ରାସ୍ତା ଝାଡ଼ୁଦାରମାନେ ତାଙ୍କ କାମକୁ ବାହାରିଲେଣି । ହୁଏତ ଆଉ ଗୋଟିଏ ସକାଳ ଦେଖିବା ଯାଏ ବଞ୍ଚିବି !

ସେମାନେ ମୋର ସ୍ତ୍ରୀକୁ ଧରି ପହଞ୍ଚିଲେ ।

—ତୁମେ ଚିହ୍ନ ୟାଙ୍କୁ ?

ସେ ଯେପରି ଦେଖି ନପାରିବ ସେଥିପାଇଁ ମୋର ମୁହଁ ଛଡେ କଡ଼େ ଜମି ଥିବା ରକ୍ତକୁ ମୁଁ ଢାଙ୍କି ଦେଲି ।...କିନ୍ତୁ ଏ ଗାଲି ନିର୍ବୋଧତା, କାରଣ ମୋ ମୁହଁର କୋଉଠୁ ଯେ ରକ୍ତ ବାହାରୁ ନାହିଁ ଏମିତିସ୍ଥାନ ନାହିଁ, ଆଙ୍ଗୁଠି ଅଗରୁ ରକ୍ତ ଚୁହୁଛି ।

—ୟାଙ୍କୁ ଚିହ୍ନ ?

—ନା, ଚିହ୍ନେ ନାହିଁ ।

ସେ ଏତକ କହୁଛି ମନର ଆତଙ୍କ ପ୍ରକାଶ ନକରି, ପଲକରେ ବି ନୁହେଁ । ଖାଣ୍ଟି ସୁନା । ସେ ରକ୍ଷା କରୁଛି ଆମର ପ୍ରତିଶ୍ରୁତି । ମତେ କଦାପି ଚିହ୍ନିବ ନାହିଁ । ହୁଏତ ଏଇଥି ଆଉ ସେ ପ୍ରତିଶ୍ରୁତି ରକ୍ଷା କରିବାର ଅର୍ଥ ନାହିଁ । କିଏ ଏମାନଙ୍କୁ ମୋ ନାଁ କହିଲା ?

ସେମାନେ ତାକୁ ନେଇ ଗଲେ । ମୁଁ ତାକୁ ଜଣାଇଲି ବିଦାୟ ସମ୍ଭାଷଣ, ଆଖିରେ ଯେତେଦୂର ପାରେ ଉତ୍ଫୁଲ୍ଲତା ଫୁଟାଇ, ହୁଏତ ସେ ଦୃଷ୍ଟିରେ ପ୍ରସନ୍ନତା ନଥିଲା । ମୁଁ ଜାଣେନା ।

୬ଟା ବାଜିଲା । ସିନ୍ଦୁର ଫାଟୁଛି; ନା, ନାହିଁ ! ମୂଦା ହରକା ଗୁଡ଼ାକ ସେ ପ୍ରଶ୍ନର ଜବାବ ନଦିଅନ୍ତୁ । ମୃତ୍ୟୁ ଆସିବାକୁ

ଡେ଼ରି କରୁଛି । ମୁଁ କଣ ଆଗେଇ ଯିବି ତା ସାଙ୍ଗରେ ସାକ୍ଷାତ କରିବାକୁ ? କାହିଁକି ବା ?

ପଛଆଡେ କାନ୍ଥ ଉପରେ ଯାଇ ବାଡେ଼ଇ ହୋଇ ଗଲି; ଚଟାଣରେ ପଡ଼ିଗଲି । ସେମାନେ ମୋତେ ଗୋଇଠା ମାରୁଛନ୍ତି । ବୁଟ୍ ପିନ୍ଧି ମତେ ଚକଟି ଦେଇ ଯାଉଛନ୍ତି । ତାହେଲେ ଏଥର ଚଞ୍ଚଳ ମୃତ୍ୟୁ ଆସିଯିବ । ସଇତାନ ଅଫିସରଟା ମତେ ଦାଢ଼ି ଧରି ଟେକିଦେଲା ଆଉ ମୁଠାଏ ଉପୁଡ଼ା ଦାଢ଼ି ଦେଖାଇଲା । ମୁହଁରେ ତାର ସଇତାନି ହସ । ବାସ୍ତବିକ ହସର କଥା । ଆଉ ତ ମୋତେ ଯନ୍ତ୍ରଣା ବୋଧ ହେଉନି !

ପାଞ୍ଚଟା ବାଜିଲା—ଛଅ—ସାତ—ଦଶ । ଦ୍ୱିପ୍ରହର ହେଲା, ଶ୍ରମିକମାନେ ସେମାନଙ୍କର କାରଖାନା ବେଞ୍ଚ ପାଖରେ ବସି କାର୍ଯ୍ୟରତ, ପିଲାଏ ସ୍କୁଲରେ । ଲୋକେ ଦୋକାନରେ ବିକାକିଣା କରୁଛନ୍ତି, ଘରେ ସମସ୍ତେ ମଧ୍ୟାହ୍ନ ଭୋଜନ କରୁଛନ୍ତି । ହୁଏ ତ ମା ଏଇ ମୁହୂର୍ତ୍ତରେ ମୋ କଥା ଭାବୁଛନ୍ତି । ସମ୍ଭବତଃ ମୋର ସଂଗୀମାନେ ମୋର ଗିରଫ ହେବା କଥା ଜାଣିଗଲେଣି ଓ ନିଜେ ଯେମିତି ଧରା ନପଡନ୍ତି ସେଥିପାଇଁ ସତର୍କ ହୋଇଗଲେଣି·····ଯଦି ସବୁ କହି ଦିଏ ତେବେ କଣ ହବ···ନାଁ, ନାଁ, ମୁଁ କେବେ କହିବି ନାହିଁ । ମୋ ଉପରେ ଆସ୍ଥା ରଖିପାର, ସଙ୍ଗୀଗଣ । ଯାହା ହେଉ, ଅନ୍ତିମ ସମୟ ଆଉ ବେଶି ଦୂରରେ ନୁହେଁ । ଏ ସବୁ ଦୁଃସ୍ୱପ୍ନ, ଏକ ଭୟଙ୍କର ବିହ୍ୱଳ ଦୁଃସ୍ୱପ୍ନ ! ଯାହାର ଗୋଡରୁ ମୁଣ୍ଡଯାଏ, ତାପରେ ହୋସ୍ ଫେରାଇ ଆଣିବାକୁ ପାଣି ଢାଳି ଦିଅନ୍ତି । ତାପରେ ଅଧିକ ମାଡ ଓ ଚିତ୍କାର । "କହ ! କହ ! କହ !" ତେବେ ବି ମୁଁ ମରୁ ନାହିଁ । ମା, ବାବା ! ସହ୍ୟ କରିବାର ଏତେ ଶକ୍ତି କାହିଁକି ଦେଇଥିଲ ମୋତେ ?

ଅପରାହ୍ନ । ୫ଟା ସମୟ । ଏତେବେଳକୁ ସେମାନେ ସମସ୍ତେ କ୍ଳାନ୍ତ ହୋଇ ପଡ଼ିଲେଣି । ତାଙ୍କ ପାହାର ଗୁଣ୍ଡାକରେ ପୂର୍ବ ପ୍ରଚଣ୍ଡତା ନାହିଁ, କ୍ଷିପ୍ରତା ନାହିଁ ଆସୁଛି ଦୀର୍ଘ ବ୍ୟବଧାନରେ; ଅବସନ୍ନଭଳି । ହଠାତ ଦୂରରୁ, କାହିଁ କେତେ ଦୂରରୁ ଏକ ଧୀର ଶାନ୍ତ ସ୍ୱର ଭାସି ଆସେ ନା, ଯେତେ ଶାପୁତେଇବା ପର ଦୟାମିଶ୍ରିତ ।

"ଯଥେଷ୍ଟ ହୋଇଛି ।"

ତାର କିଛିକ୍ଷଣ ପରେ ଗୋଟାଏ ଟେବୁଲ ସାମନାରେ ବସିଲି । ଟେବୁଲଟା ସତେ ଯେମିତି କାହିଁ ତଳକୁ ଖସିଯାଉଛି, ପୁଣି ମୋ ପାଖକୁ ଉଠି ଆସୁଛି । କିଏ ଜଣେ ପାଣି ଆଣିଲା, ମତେ ପାଣି ମଦଏ ଦେଲା । କିଏ ଜଣେ ମତେ ଖଣ୍ଡେ ସିଗାରେଟ୍ ଧରେଇ କିନ୍ତୁ ତାକୁ ଉଠାଇ ପାରିଲି ନାହିଁ । କିଏ ଜଣେ ମତେ ଚା ପିଆଇବାକୁ ଚେଷ୍ଟା କଲା, କିନ୍ତୁ ପାରୁନାହିଁ ବୋଲି କହିଲା । ତାପରେ ସେମାନେ ମତେ ଅଧା ଟେକେଇ ଟେକେଇ ଅଧା ଠେଲି ଠେଲି ତଳ ମହଲକୁ ନେଇଯାଇ ଗୋଟାଏ ଗାଡ଼ିରେ ଚଢ଼େଇଲେ । ଗାଡ଼ି ଚାଲିଲାବେଳେ ଜଣେ ତା ପିସ୍ତଲ ମୋ ଆଡ଼କୁ ବରାବର ରଖି ପହରା ଥାଏ । ମୋର ଏ ଅବସ୍ଥାରେ ପିସ୍ତଲ ! ହାସ୍ୟକର କଥା । ରାସ୍ତାରେ ଆମ କଡ଼ରେ ଚାଲିଗଲା ଗୋଟାଏ ଗାଡ଼ି—ଫୁଲ ଫୁଲମାଳରେ ସଜ୍ଜିତ ବିଭାଘର ମଟର ଗାଡ଼ି—କିନ୍ତୁ ଏ ମୋର ସ୍ୱପ୍ନ ହୋଇପାରେ । ହୁଏତ ସ୍ୱପ୍ନ, ନହେଲେ ଜାଗରଣ, ନୋହିଲେ ମୁଁ ମରୁଛି—ବା ମରଣ ସ୍ୱପ୍ନ । ମୁମୂର୍ଷୁ ଅବସ୍ଥା ତ କଠିନ ଆଉ ଏତେ ସହଜ । ସହଜ ବା କଠିନ କିଛି ବି ନୁହେଁ । ଏଇ ତୁଳା ପର ହାଲୁକା । ନିଦ୍ରା ଘଣ୍ଟାଏ ମାରିଲେ ଏ ସବୁ ଉଡ଼ିଯିବ ।

ସବୁ ଭୁଲିଯାଉଛି ? ନା, ବର୍ତ୍ତମାନ ସୁଦ୍ଧା ଯାଇ ନାହିଁ । ପୁଣି ମୁଁ ଉଠି ଛିଡ଼ା ହୋଇଛି, ସତକୁ ସତ ଛିଡ଼ା ହୋଇଛି । ଏକା ଏକା

କାହାର ସାହାଯ୍ୟ ନନେଇ । ଠିକ୍ ମୋ ସାମନାରେ ଗୋଟାଏ ଅପରିଷ୍କାର ହଳଦିଆ ପାଚିର, ରଞ୍ଜିତ···କେଉଁଥିରେ ? ରକ୍ତରେ, ସେଇପରି ତ ଦେଖା ଯାଉଛି······ହଁ, ସତ ତ ରକ୍ତ । ଗୋଟିଏ ଆଂଗୁଠି ଉଠେଇ ସେଥିରେ ମାରିଲି······ହଁ, ସଦ୍ୟ ରକ୍ତ······ଏ ମୋର ରକ୍ତ······ ।

ପଛପଟୁ କିଏ ମୁଣ୍ଡରେ ଆଘାତ କଲା । ମତେ ଦୁଇ ହାତ ଉପରକୁ ଟେକି ଆଣ୍ଠୁ ଭାଂଗି ବସିବାକୁ ହୁକୁମ ଦେଲା । ବସ-ଉଠ —ବସ । ତୃତୀୟଥର ମୁଁ ତଳେ ପଡ଼ିଗଲି ।

ଜଣେ ଦୀର୍ଘକାୟ ଏସ୍-ଏସ୍ ଲୋକ ମୋ ସାମନାରେ ଛିଡାହୋଇ ମତେ ଉଠିବାକୁ ଗୋଇଠା ମାରୁଛି । ଗୋଇଠା ମାରିବା ବର୍ତ୍ତମାନ ସମ୍ପୂର୍ଣ୍ଣ ନିରର୍ଥକ । ଆଉଜଣେ ମୋ ମୁହଁ ଧୋଇ ଦେଲା । ମୁଁ ଗୋଟାଏ ଟେବୁଲ ସାମନାରେ ବସିଛି । ଜଣେ ସ୍ତ୍ରୀଲୋକ ମତେ କିଛି ଔଷଧ ଲଗେଇଦେଲା ଆଉ ପଚାରିଲା କେଉଁଠି ବେଶୀ ବ୍ୟଥା । ମୁଁ କହିଲି, ମୋତେ ବୋଧ ହେଉଛି ସବୁ ବ୍ୟଥା ମୋର ହୃଦୟରେ ।

"ତୋର ହୃଦୟ ବୋଲି କିଛି ନାହିଁ," ଡେଙ୍ଗା ଏସ୍ ଏସ୍ ଲୋକଟି କହିଲା ।

"ଅଲବତ ଅଛି ।" ମୁଁ ଜବାବ ଦେଲି । ହଠାତ୍ ମନେ ମନେ ଗର୍ବ ଆସିଲା । ବର୍ତ୍ତମାନ ସୁଦ୍ଧା ହୃଦୟରପକ୍ଷ ସମର୍ଥନ କରିବାକୁ ଶକ୍ତି ଅଛି ତ !

ପୁଣି ସବୁ ଉଭେଇଗଲା । ପାଚିର, ଔଷଧପତ୍ର ଧରିଥିବା ସ୍ତ୍ରୀଲୋକ, ସେହି ଡେଙ୍ଗା ଏସ୍-ଏସ୍ ଲୋକ—ସବୁ ।

ମୋର ଯେତେବେଳେ ଚେତନା ହେଲା, ଦେଖିଲି ଗୋଟାଏ ଗାରଦର କବାଟ ମୋ ଆଗରେ ଖୋଲା ହୋଇଛି । ଜଣେ ମୋଟା ଏସ୍‌-ଏସ୍‌ ଲୋକ ମତେ ଭିତରକୁ ଘୋଷାରି ନେଲା, ମୋର ଛିଣ୍ଡା କାମିଜଟା ଖୋଲି ପକାଇଲା । ମତେ ଗୋଟାଏ ଛଣ ଗଦା ଉପରେ ଶୁଆଇଦେଲା । ସେ ହାତ ଦେଇ ମୋର ଫୁଲି-ଉଠିଥିବା ଶରୀରକୁ ଦେଖିଲା, ତାପରେ ଶେକ ଦେବାର ହୁକୁମ ଦେଲା ।

"ଦେଖ ତ," ଅନ୍ୟ ଗୋଟାଏ ଲୋକକୁ ସେ ମୁଣ୍ଡ ହଲେଇ କହିଲା । "ଏମାନେ କିପରି ପକ୍‌କା କାମ କରନ୍ତି, ଦେଖତ !"

ପୁଣି ଦୂରରୁ, କାହିଁ କେତେ ଦୂରରୁ ଭାସି ଆସିଲା ସେଇ ଶାନ୍ତ ସଂଯତ କଣ୍ଠସ୍ୱର, ପିଠିରେ ହାତ ବୁଲାଇଲା ଭଳି ଦିଶୁଥାଏ ।

"ଭୋର ପର୍ଯ୍ୟନ୍ତ ସେ ଟାକି ପାରିବ ନାହିଁ ।"

ଆଉ ପାଞ୍ଚ ମିନିଟ୍‌ ପରେ ବାଜିବ ଦଶଟା । ସୁନ୍ଦର, ଉଷ୍ମ ବାସନ୍ତ ସନ୍ଧ୍ୟା, ଅପ୍ରେଲ୍‌ ୨୪, ୧୯୪୨ ।

## ମୁମୂର୍ଷ

ସୂର୍ଯ୍ୟର ତାପ ପୁଣି ତାରାର ଜ୍ୟୋତି
ଲିଭିଯାଏ ଯେବେ, ମିଳାଇଯାଏ···

ଦୁଇ ଜଣ ଲୋକ, ପ୍ରାର୍ଥନାରତ ଯୋଡ଼ହସ୍ତ ନମ୍ରମୂର୍ତ୍ତି, ଜଣଙ୍କ ପଛରେ ଜଣେ ଧୀର ପଦକ୍ଷେପରେ ବୃତ୍ତାକାରରେ ବୁଲୁଛନ୍ତି ଗୋଟିଏ ଗୀର୍ଜାର ଉପାସନାମନ୍ଦିର ଭିତରେ । ଅନଭ୍ୟସ୍ତ ସ୍ୱର, କିନ୍ତୁ ଥାଣିହୋଇ ଗାଉଛନ୍ତି ଏକ ଶୋକ ଗାଥା ।

ଘନଅନ୍ଧେ ଆତ୍ମା ମେଲୁଛି ପକ୍ଷ,
ଉଡ଼ିଯିବ ପରା ଊର୍ଦ୍ଧ୍ୱେ ସ୍ୱରଗପଥେ, ସ୍ୱରଗପଥେ···

ଜଣେ କିଏ ମରିଯାଇଛି । କିଏ ? ମୁଁ ମୁଣ୍ଡ ଦୁରେଇ ଶବାଧାର ଆଉ ଶବକୁ ଦେଖିବାକୁ ଚେଷ୍ଟା କଲି । ଦୁଇଟି ମହମବତୀ ଊର୍ଦ୍ଧ୍ୱକୁ ଶିଖା ଟେକି ତା ମୁଣ୍ଡ ନିକଟରେ ଜଳୁଥିବ ।

···ରାତ୍ରି ତୁଟିଛି ଯହିଁ ଚିରଛନ୍ଦେ,
ଚିରଭାସ୍ୱର ଦେବାଳୟ ଭିତରେ···

ଏବେ ଆଖି ଉପରକୁ ଟେକି ଏପଟେ ସେପଟେ ଚାହିଁ ପାରିଲି । ଏଠି ଆଉ କେହି ନାହାନ୍ତି । ସେଇ ଦୁଇଜଣ ଓ ମୋତେ ଛାଡ଼ି ଆଉ କାହାକୁ ମୁଁ ଦେଖିପାରୁ ନାହିଁ । କାହାପାଇଁ ସେମାନେ ଗାଉଛନ୍ତି ଏ ଶୋକଗାଥା ?

ଜଳେ ଯହିଁ ତାର ଜ୍ୟୋତି ଅନିର୍ବାଣ,
ଚିହ୍ନୁ ସେହି ଜନ, ଚିହ୍ନୁ ସେହି ଜନ ।···

ଅନ୍ତ୍ୟେଷ୍ଟି—ହଁ ଅନ୍ତ୍ୟେଷ୍ଟି କ୍ରିୟା—କିନ୍ତୁ ତାହାକୁ ସେମାନେ କବର ଦେଉଛନ୍ତି ? ଦେଖେଁ, ଆଉ କିଏ ଅଛୁ—କେବଳ ସେ ଦୁଇଜଣ ଆଉ ମୁଁ । ଆଉ ମୁଁ ? ତାହେଲେ ତ ଏ ମୋର ଅନ୍ତ୍ୟେଷ୍ଟି କ୍ରିୟା ? କିନ୍ତୁ ଶୁଣ ତୁମେ, କିଛି ଗୋଟାଏ ଭୁଲ ହେଉଛି । ମୁଁ ମରି ନାହିଁ । ବର୍ତ୍ତମାନ ବି ବଞ୍ଚିରହିଛି । ଦେଖିପାରୁ ନାହଁ ତମ ଆଡ଼କୁ ଚାହିଁ ହେଉଛି । କଥା କହୁଛି । ନା, ବର୍ତ୍ତମାନ ମତେ କବର ଦିଅ ନାହିଁ ।

ତେଜି ଏହି ଧରା ଅନ୍ତିମ ବିଦାୟ ମାଗେ
ଅନ୍ତିମ ବିଦାୟ···

ସେମାନେ ଶୁଣୁନାହାନ୍ତି । କାଲ ନା କଅଣ ? ମୁଁ କଣ ବଡ ପାଟିରେ କଥା କହୁନାହିଁ ? ନା ସତକୁ ସତ ମୁଁ ମରିଯାଇଛି ବୋଧହୁଏ ?···ଆଉ ସେମାନେ ଅଶରୀରୀର କଥା ଶୁଣିବାକୁ ଅକ୍ଷମ । ମୋର ଶରୀର କଣ ଏଇଧରର ତଳକୁ ମୁହଁମାଡ଼ି ପଡ଼ିଥିବ, ଆଉ ମୁଁ ଦେଖୁଥିବି ମୋର ଅନ୍ତ୍ୟେଷ୍ଟି ? ବଡ଼ କୌତୁକ କଥା ତ !

କେବେ କେବେ ତାର ଅକୂଳ ଅଗ୍ରହେ
ଛୁଟେ ଊର୍ଦ୍ଧ୍ୱ ମାର୍ଗେ, ସ୍ୱର୍ଗ ମହାପଥେ·· ।

ବର୍ତ୍ତମାନ ମନେ ପଡ଼ୁଛି । କିଏ ଜଣେ ମତେ କଷ୍ଟମଷ୍ଟେ ଟେକି ଧରି ପୋଷାକ ପିନ୍ଧାଇବାକୁ ଚେଷ୍ଟା କରୁଥିଲା । ତାପରେ ଶବାଚ୍ଛାଦନ ଆବୃତ୍ତି କରି ମୋତେ ନେଇଗଲେ, ସେମାନଙ୍କର ଗୋର-ବଧା କୋଠାର ଗନ୍ଧ ବାଜି ଉଠୁଥିଲା ବାରଣ୍ଡାରେ । ତାପରେ······ ସେତିକି । ଆଉ ମୋର ମନେ ନାହିଁ ।

...ଶାଶ୍ୱତ ସେ ଶିଖା ଜଳେ ଚିରନ୍ତରେ ଯହିଁ—

କିନ୍ତୁ ଏ ସବୁ ଘଟି ନ ପାରେ । ମୁଁ ବର୍ତ୍ତମାନ ସୁଦ୍ଧା ଜୀବିତ । ମୁଁ ଏବେ ବି ଅସ୍ପଷ୍ଟ ବ୍ୟଥା ଓ ତୃଷା ଅନୁଭବ କରୁଛି । ମୃତ ବ୍ୟକ୍ତି ତ ଆଉ ତୃଷାର୍ତ୍ତ ହୁଅନ୍ତି ନାହିଁ । ଦେହର ସମସ୍ତ ଶକ୍ତି ପ୍ରୟୋଗ କରି ହାତ ଟିକିଏ ସଞ୍ଚାଳନ କରିବାକୁ ଚେଷ୍ଟା କଲି । ଗୋଟାଏ ଅଦ୍ଭୁତ, ଅସ୍ୱାଭାବିକ ସ୍ୱର ବାହାରିଆସିଲା କଣ୍ଠରୁ ।

"ପାଣି ।"

ଅବଶେଷରେ ! ସେ ଚାରିଜଣିଆକ ବୃତ୍ତାକାରରେ ପରିକ୍ରମଣ ବନ୍ଦ କଲେ । ତାପରେ ମୋ ଉପରକୁ ଝୁଙ୍କି ପଡ଼ିଲେ ସେମାନେ । ଜଣେ ମୋ ମୁଣ୍ଡକୁ ଟେକି ଧରି ମୋ ଓଠ ପାଖରେ ଗୋଟିଏ ଜଳପାତ୍ର ଧରିଲା ।

—ବାବା, ତମର କିଛି ଖାଇବା ଦରକାର । ଦୁଇଦିନ ହେଲା ଖାଲି ପାଣି ପିଇ ରହିଛ ।

ସେ କଣ କହିଲେ ମତେ? ଏ ମଧ୍ୟରେ ଦୁଇଦିନ ଗତ ହୋଇଗଲାଣି ? ଆଜି କି ବାର ?

—ସୋମବାର ।

ସୋମବାର । ଅଉ ମୁଁ ଗିରଫ ହେଲି ଶୁକ୍ରବାର ଦିନ ।

ଉଃ, ମୁଣ୍ଡଟା କେତେ ଭାରି ଲାଗୁଛି । ଆଃ, ପାଣି କି ଥଣ୍ଡା । ନିଦ । ଟିକେ ଶୋଇପଡ଼ । ଏକ ବିଦ୍ୟୁଜ୍ଜାଲ ନାଇଁର ବନ୍ଧରେ ଅନିଶ୍ଚ ସ୍ପନ୍ଦନ । ନାଇଁର...ମୋର ପରିଚିତ ଶ୍ଳେଟ ପାହାଡ଼ଗୁଡ଼ିକ ମଧ୍ୟରେ ଅବସ୍ଥିତ ପ୍ରାନ୍ତର ବକ୍ଷରେ ଗ୍ରେକ୍‌ସନ ପର୍ବତର ନିମ୍ନଦେଶରେ ବନ ବିଭାଗର କର୍ମଚାରୀର ଘର ନିକଟରେ ଗଛର ଝାଉଁପତ୍ର ଭିତରେ ଲାଗିରହେ ଝିର୍ ଝିର୍ ଗାନ...

ନିଦ୍ରା କି ମଧୁର !··· ତା ପରେ ଯେତେବେଳେ ନିଦ ଭାଙ୍ଗିଲା ସେତେବେଳକୁ ମଙ୍ଗଳବାର ସନ୍ଧ୍ୟା । ଗୋଟାଏ କୁକୁର ମୋ ଉପରକୁ ଝୁଙ୍କି ପଡ଼ିଛି । ଶିକାରୀ କୁକୁର । ତାର ମୁହଁର ବୁଦ୍ଧିଦୀପ୍ତ ଅନୁସନ୍ଧିତ୍ସୁ ଚକ୍ଷୁ ଦୁଇଟା ମୋ ଆଡ଼କୁ ଚାହିଁଛି । ସେ ପଚାରିଲା :

—କେଉଁଠି ରହୁଥିଲ ?

ନା, ନା, କୁକୁର ନୁହେଁ । ଏ ଆଉ କାହାର ସ୍ୱର । ହଁ, ଆଉ କିଏ ସେଠି ଛିଡ଼ା ହୋଇ ରହିଛି । ଉଚ୍ଚା ବୁଟ ଦେଖି-ପାରୁଛି, ଅସ୍ପଷ୍ଟ ହେଲେ ଉଚ୍ଚା ବୁଟ, ଅଦ୍ଭୁତ ହେଲେ, ଆଉ ଗୋଟାଏ ସୈନିକର ପ୍ୟାଣ୍ଟ । ଆଉ ବେଶି ଉପରକୁ ଦେଖି ପାରୁନାହିଁ । ମୁଣ୍ଡ ଉପରକୁ ଉଠାଇବାକୁ ଚେଷ୍ଟା କଲେ ମୁଣ୍ଡ ଘୂରେଇ ଯାଉଛି । ଓଃ କିଏ ଶୀତର କଥା, ମୁଁ ଶୁଏଁ··· ।

ବୁଧବାର ।

ଯେଉଁ ଦୁଇଜଣ ଶୋକଗାଥା ବୋଲୁଥିଲେ ସେମାନେ ଟେବୁଲ ନିକଟରେ ବସି ଗୋଟାଏ ମାଟିପାତ୍ରରେ କଣ ଖାଉଛନ୍ତି । ଏଇକ୍ଷଣି ଦୁଇଜଣଙ୍କୁ ସ୍ପଷ୍ଟ ଭାବରେ ଦେଖି ପାରୁଛି । ଜଣେ ଅନ୍ୟ ଜଣଙ୍କଠାରୁ ବୟସରେ ଛୋଟ, ଆଉ ସେମାନେ ସନ୍ନ୍ୟାସୀ ନୁହନ୍ତି । ଏଇଟା ମଠର କୋଠରି ନୁହେଁ, ଜେଲ୍ । ଚଟାଣର କାଠପଟା ଗୁଡାକ ଅଗ୍ନି ସାମନାରେ ଲମ୍ବି ଯାଇଛି, ଆଉ ଦୂରରେ ଏକ ପ୍ରାନ୍ତରେ ଗୋଟାଏ ମଜବୁତ କବାଟ, କିମିତିକା ଅଶୁଭ-ସୂଚକ ।

ତାଲାରେ ଗୋଟାଏ ଚାବି ଘୂରିଲା । ସେ ଦୁଇଜଣ ଲୋକ ତଦ୍ଦଣ୍ଡ ସିଧା ହୋଇ ଛିଡ଼ା ହେଲେ । ଏସ୍ ଏସ୍ ପୋଷାକ ପିନ୍ଧି ଦୁଇଜଣ ଲୋକ ଭିତରକୁ ଆସିଲେ ଏବଂ ମଇଳା ପୋଷାକ

ପିଟାଇ ଦେବାକୁ ସେମାନଙ୍କୁ ହୁକୁମ ଦେଲେ । ପ୍ରତି ଗଣ୍ଡିରେ ପ୍ରତି କଟଣରେ କେତେ ବେଦନା ଲୁକ୍କାୟିତ ଥିଲା ଜାଣି ପାରୁ ନଥିଲି । ମତେ ଗୋଟାଏ ଷ୍ଟ୍ରେଚରରେ ଶୁଆଇ ତଳ ମହଲାକୁ ନେଇଗଲେ, ଲମ୍ବା ବାରଣ୍ଡାରେ ସେମାନଙ୍କର ବୁଟ ଶବ୍ଦ ପ୍ରତି-ଧ୍ୱନିତ ହେଉଥାଏ... ଏଇ ତା ହେଲେ ସେଇ ବାଟ; ଯେଉଁ ବାଟରେ ସେମାନେ ଆଗରୁ ଥରେ ମତେ ବୋହି ଆଣିଥିଲେ ଯେତେବେଳେ ମୁଁ ଶେଷକୁ ସଂଜ୍ଞାଶୂନ୍ୟ ହୋଇପଡ଼ିଲି । କିନ୍ତୁ ଏ ବାଟ ପଡ଼ିଛି କେଉଁଠିକି ? କେଉଁ ନରକରେ ଏହାର ସମାପ୍ତି ?

ପ୍ୟାନକାଟ୍ସ ପୁଲିସ ଜେଲଖାନାର ଅଭ୍ୟର୍ଥନାଗାର ... ସହାନୁଭୂତିଶୂନ୍ୟ...ମଳିନ । ସେମାନେ ମତେ ଚଟାଣ ଉପରେ ଥୋଇଲେ । ନୂଆ ଜର୍ମାନ ପ୍ରଶ୍ନକୁ ଜଣେ କିଏ ଚେକ୍ ଭାଷାରେ ଅନୁବାଦ କରି ମତେ କହିଲା—ଦୋଭାଷୀର ସ୍ୱରରେ ବନ୍ଧୁତ୍ୱର ଛଳନା ଫୁଟାଇ ।

—ତାକୁ ତୁମେ ଚିହ୍ନ ?

ହାତରେ ମୁଁ ମୋର ଥୋଡ଼ିକୁ ଉପରକୁ ଟେକି ଧରିଲି । ଷ୍ଟ୍ରେଚରଆଡ଼କୁ ମୁହଁ କରି ଛିଡ଼ା ହୋଇଥିଲେ ଜଣେ ତରୁଣୀ, ମୁହଁଟି ଟିକିଏ ଓସାରିଆ । ସେ ସଳଖ ହୋଇ ଛିଡ଼ା ହୋଇଥିଲା ଗର୍ବରେ । ମସ୍ତକ ଉନ୍ନତ, ଦର୍ପପୂର୍ଣ୍ଣ ନୁହେଁ, ଉଦାର । କେବଳ ତାର ଚକ୍ଷୁ ଦୁଇଟା ନିମ୍ନାଭିମୁଖ ଥିଲା—ମତେ ଦେଖିବା ଓ ଦୃଷ୍ଟିଦ୍ୱାରା ସମ୍ଭାଷଣ ଜଣାଇବା ପାଇଁ ଯେତିକି ଦରକାର ଠିକ୍ ସେତିକି ।

—ମୁଁ ତାକୁ ଜାଣେ ନାହିଁ ।

ମନେ ପଡୁଛି, ଥରେ ମାତ୍ର ତାଙ୍କୁ ଦେଖିଥିଲି, ସେ ବି ମୁହୂର୍ତ୍ତିକ ପାଇଁ । ପେଷ୍ଟେରେକ୍ ବିଲ୍‌ଡିଂରେ ସେହି ଦୁର୍ଦ୍ଦିନ ମାନିରେ । ଆଜି ଦ୍ୱିତୀୟଥର ପୁଣି ଦେଖାହେଲା । କିନ୍ତୁ ହାୟ, ତୃତୀୟଥର ତ ଆଉ ଦେଖା ହେବ ନାହିଁ ! ସଗର୍ବରେ ସେ ଯେ ଏଠି ମୁଣ୍ଡଟେକି ଛିଡ଼ା ହୋଇ ରହିଛନ୍ତି ଏଥିପାଇଁ ତା ହାତରେ ହାତ ଯୋଡ଼ି ସମ୍ବର୍ଦ୍ଧନା ଜଣାଇବା ତ ଚଳିବ ନାହିଁ । ସେ ଅର୍ନେଷ୍ଟ ଲେଞ୍ଜିରର ସ୍ତ୍ରୀ । ୧୯୪୨ ସାଲରେ ଯେତେବେଳେ ପହିଲେ ସାମରିକ ଆଇନ ଜାରି ହେଲା, ସେତେବେଳେ ସେ ସ୍ୱାମୀଙ୍କୁ ହତ୍ୟା କରାହେଲା ।

—କିନ୍ତୁ ଏହାଙ୍କୁ ତୁମେ ନିଶ୍ଚୟ ଚିହ୍ନ ।

ଆନିଚ୍‌କା ଚମକିଲା ! ହେ ଭଗବାନ୍ ! ଆନିଚ୍‌କା, ତୁମେ ଏଠିକି କିପରି ଆସିଲ ? ମୁଁ ତ ତମର ନାମ କହି ନାହିଁ, ମୋ ସାଙ୍ଗରେ ତ କୌଣସି ସମ୍ପର୍କ ନଥିଲା । ତମକୁ ମୁଁ ଚିହ୍ନେ ନାହିଁ, ବୁଝିଲ, ମୁଁ ତମକୁ ଚିହ୍ନେ ନାହିଁ ।

—ନା, ତାଙ୍କୁ ମୁଁ ଚିହ୍ନେ ନାହିଁ ।

—ଆରେ, ଇମିତି ଅବୁଝା ହୁଅ ନା ।

—ନା, ତାଙ୍କୁ ମୁଁ ଚିହ୍ନେ ନାହିଁ ।

"ଜୁଟେକ୍, ବର୍ତ୍ତମାନ ଆଉ ସେଥିରେ କିଛି ନାହିଁ" । ଅନିଚ୍‌କା କହିଲା । ତାର ଅଙ୍ଗୁଳିରେ ଖଣ୍ଡେ ରୁମାଲକୁ ମୋଡୁଛି—ତଦ୍ଦ୍ୱାରା ତାର ଉତ୍ତେଜନା ବୁଝାପଡୁଛି, "ସେଥିରେ ଆଉ କିଛି ଲାଭ ନାହିଁ । ମତେ ଜଣେ ଚିହ୍ନାଇ ଦେଇ ସାରିଲାଣି ।"

"କିଏ ?"

"ଚୁପ୍ କର !" ସେମାନେ ତାଙ୍କୁ କହିବାକୁ ଦେଲେ ନାହିଁ । ମୋ ଉପରେ ହୁଙ୍କି ପଡ଼ି ଯେମିତି ହାତ ବଢ଼ାଇଦେଲା, ସେମାନେ ତାଙ୍କୁ ଜୋରରେ ଧକ୍କାମାରି ଦୂରେଇଆ କରି ଦେଲେ ।

"ଆନିଚ୍କା !"

ଆଉ ସେମାନଙ୍କର ସ୍ୱର ଶୁଣି ପାରୁନାହିଁ । ଉଦାସୀନ-ଭାବରେ ମୁଁ ଅତି ଦୂରସ୍ଥ କାହାଁର କଣ୍ଠ ଯେପରି ବୋଧ ହେଉଛି, ଦୁଇଜଣ ଏସ୍ ଏସ୍ ଲୋକ ପୁଣି ସେଲ୍‌କୁ ମୋତେ ବୋହି ନେଇ ଯାଉଛନ୍ତି । ଉଃ, କି କଷ୍ଟରେ ଉପରେ ହିଁ ଦେଉଛନ୍ତି ଷ୍ଟ୍ରେଚରକୁ । ଘଷି ଘଷି ମତେ ପଚାରୁଛନ୍ତି, ସେକଟରେ ଧଉଁ ଦେଇ ମରିବାକୁ ମୁଁ ରାଜି କି ନା !

ଗୁରୁବାର ।

ପୁଣି ସବୁ ଦେଖି ପାରୁଛି, ବୁଝି ପାରୁଛି । ମୋର ସାଥୀ କଏଦୀଙ୍କ ମଧ୍ୟରୁ ଜଣଙ୍କର ବୟସ ଟିକିଏ କମ୍, ତାର ନାମ କାରେଲ୍ । ଆଉ ଆରଜଣକ ବୃଦ୍ଧ, କାରେଲ୍ ତାଙ୍କୁ 'ବାପା' ବୋଲି ଡାକେ । ସେମାନେ ମତେ ସେମାନଙ୍କ ନିଜ ସମ୍ବନ୍ଧରେ କ'ଣ କହୁଛନ୍ତି କିନ୍ତୁ ସେସବୁ ମୋର ମୁଣ୍ଡମଧ୍ୟରେ ଗୋଳମାଳିଆ ହେଇଗଲା । ସେମାନେ ଗୋଟାଏ ଖଣି ବିଷୟରେ କ'ଣ କହୁଥିଲେ, ବେଞ୍ଚରେ କେତେକ ପିଲା ବସିଥିଲେ । ସେ କଥା ବି ଘଣ୍ଟାଟାଏ ବାଜିବାର ଶୁଣିଲି, କେଉଁଠି ନିଆଁ ଲାଗିଚି ବୋଧହୁଏ । ସେମାନେ କହନ୍ତି, ରୋଜ ଜଣେ ଡାକ୍ତର ମତେ ଦେଖିବାକୁ ଆସେ ଆଉ ଆସେ ଏସ୍ ଏସ୍ ଅଫିସର । ମୋର ଅବସ୍ଥାଟା ସେପରି ସଙ୍ଗୀନ ନୁହେଁ, ଅଳ୍ପ ମୁଁ ଶୀଘ୍ର ସମ୍ପୂର୍ଣ୍ଣ ଭଲ ହୋଇଯିବି ବୋଲି ସେମାନେ କହନ୍ତି । 'ବାପା' ଏକଥା କହେ ଆଉ କାରେଲ୍ ସେଇ

କଥା ଉପରେ ଏତେ ଜୋରଦେଇ ଏପରି ଉତ୍ସାହପୂର୍ଣ୍ଣ ଭାବରେ ସମର୍ଥନ ଜଣାଏ ଯେ 'ମୋର ଏତେ ଦୁର୍ଦ୍ଦଶା ମଧ୍ୟରେ ବି ମୁଁ ଭୁଲିନପାରେଁ, ସେମାନେ ତାହା ମିଛ କହୁଛନ୍ତି । ତୁମେ ବେଶ୍ ବଢ଼ିଆ ଲୋକ ! ହାୟ ସେମାନଙ୍କ କଥା ବିଶ୍ୱାସ କରିପାରୁ ନାହିଁ ଯାହା !

ଅପରାହ୍ଣ ।

ଗାରଦର ଦରଜା ଖୋଲିଲା । କନେଷ୍ଟବଲ ପୁରାପୋଷାକରେ ଭିତରେ ଢୁକିଲା ଯେଉଁ କୁକୁରଟା । ସେ ମୋ ମୁଣ୍ଡ ପାଖରେ ଆସି ଛିଡ଼ା ହେଲା, ତା'ପର କଳାକଳା ଆଖି କରି ମୋ ଆଡ଼କୁ ଅନେଇଲା । ଅନୁରି ଦୁଇ ହଳ ଓଜନଦାର ବୁଟ୍ । ବର୍ତ୍ତମାନ ଜାଣିପାରୁଛି ହଳେ କୁକୁରର ମାଲିକ ଧ୍ୟାନ୍ ହାଠସ୍ ଜେଲଖାନାର ସୁପରିନ୍‌ଟେଣ୍ଡେଣ୍ଟ; ଆଉ ହଳକର ମାଲିକ ଗେଷ୍ଟାପୋର କମ୍ୟୁନିଷ୍ଟ ବିରୋଧୀ ବିଭାଗର କର୍ତ୍ତା; ମୋର ପ୍ରଥମ ଦିନର ଜେରାର ଭାର ଥିଲା ତାହାରି ଉପରେ । ଭାରିଆ ବେସାମରିକ ଜ୍ୟାକେଟ ଓ ପାଇଜାମା । ମୋର ଦୃଷ୍ଟି ଉପରକୁ ସେମାନଙ୍କ ଆଡ଼େ ଉଠିଲା—ହଁ, ଚିହ୍ନି ପାରୁଛି । ଏ ବୃଦ୍ଧ ଢେଙ୍ଗା ପାତଳା ଅଫିସର ଚଢ଼ାଉ କରିଥିବା ଦଳର ନେତୃତ୍ୱ କରୁଥିଲା ସେଦିନ । ଚୌକିରେ ବସିପଡ଼ି ସେ ପଚାରିବାକୁ ଆରମ୍ଭ କରିଦେଲା ।

—ତେବେ ତ ଆସିଗଲେ । ଏଥର ଅନ୍ତତଃ ନିଜକୁ ରକ୍ଷାକର । କୁହ, କଥା କୁହ ।

ସେ ମତେ ଗୋଟିଏ ସିଗାରେଟ୍ ଦେଲା । ମୋର ଲୋଡ଼ାନାହିଁ ସେଥିରେ । ଅସହ୍ୟ ବୋଧହେଲା ।

—ବନ୍ଧୁସାଥ୍ ମାନଙ୍କ ସାଙ୍ଗରେ କେତେଦିନ ଥିଲ ?

ବିକଷାସ୍ ମାନଙ୍କ ସାଙ୍ଗରେ । ଅତିରିକ୍ତ ହୋଇଗଲା । କିଏ ଏମାନଙ୍କୁ କହିଲା ?

—ଦେଖୁଛ ତ, ଆମେ ସବୁ ଜାଣୁ, ଏଥର କହି ପକାଅ ।

ଯଦି ସବୁ ଜାଣ, ମୁଁ ଆଉ ଅଧିକା ତମକୁ କାହିଁକି କହିବି ? ମୋର ଜୀବନ ବୃଥା ନଷ୍ଟ କରି ନାହିଁ, ଶେଷ ଦିନ କେଇଟା ବ୍ୟର୍ଥ କରି ଦେବାକୁ ମୁଁ ରାଜି ନୁହଁ ।

ତଦନ୍ତ ଚାଲିଲା ଘଣ୍ଟାଏ କାଳ । ସେ ଯାଠିକର ଉଠେନାହିଁ; ଧୈର୍ଯ୍ୟ ସହକାରେ ସେ ବାର ବାର ଗୋଟାଏ ପ୍ରଶ୍ନ ପଚାରେ, ଆଉ ଯେତେବେଳେ ଉତ୍ତର ନପାଏ, ପଚାରେ ଆଉ ଏକ ପ୍ରଶ୍ନ, ତାପରେ ଆଉ ଗୋଟାଏ, ଯେପରି ଅନ୍ତ ନାହିଁ ତାର ।

—ବୁଝି ପାରୁନାହଁ । ଜାଣୁନ, ଏ ଭ୍ରମର ଶେଷ । ତୁମେ ସମସ୍ତ ହାରି ଯାଇଛ ।

—ନା, ମୁହିଁ ଖାଲି ହାରି ଯାଇଛି ।

—କମ୍ୟୁନିଜମ୍ ର ଜଗୁଆଳିରେ ବର୍ତ୍ତମାନ ମୁକ୍ତି ଉପର ବିଶ୍ୱାସ ?

—ସ୍ୱତଃସିଦ୍ଧ ।

“ଏ ତଥାପି ବିଶ୍ୱାସ କରୁଛି ?” ମୁଖ୍ୟ କର୍ତ୍ତା ଜର୍ମାନୀରେ ପଚାରିଲା । ଡେଙ୍ଗା ଅଫିସରଟି ଅନୁବାଦ କରି ପଚାରିଲା—ସେ ଏବେ ବି ବିଶ୍ୱାସ ରଖିଛି ରୁଷିଆ ଜିତିବ ?

—ସ୍ୱତଃସିଦ୍ଧ । ଅନ୍ୟଥା ହୋଇନପାରେ ।

ମୁଁ କ୍ଲାନ୍ତ । ହୁସିଆର ରହିବାଲାଗି ସମସ୍ତ ଶକ୍ତିସଂଗ୍ରହ କରିଥିଲି । ଏବେ ମୋର ଚେତନା ବେଗେ ତୁଟି ଯାଉଛି, ଠିକ୍ ଯେପରି ଗଭୀର କ୍ଷତମୁଖରୁ ରକ୍ତଧାର ଛୁଟେ ।

ମୁଁ ଅନୁଭବ କରୁଛି ସେମାନେ ଯେପରି ହାତ ବଢ଼ାଇ ଦେଉଛନ୍ତି—

ସମ୍ଭବତଃ ମୋର କପୋଳଦେଶରେ ମରଣର ଛାପ ଦେଖୁଛନ୍ତି । ମାମଦେବା ପୂର୍ବରୁ ଧାତ୍ରୀଙ୍କ ବଧୂକୁ ଚୁମା ଦେବ—ଏପରି ନୀତି ପ୍ରଚଳିତ ଅଛି ତ ପୁଣି !

ସନ୍ଧ୍ୟା ।

ଦୁଇଜଣ ବ୍ୟକ୍ତି ଗ୍ରାମଫୋନ୍ ବୃତ୍ତାକାରରେ ବୁଲୁଛନ୍ତି, ଯାନ୍ତ୍ରିକ ପଟ୍ଟରେ ଅଙ୍କ କଟେଣି, ଶୋକଗାଥା ଗାଉଛନ୍ତି; କର୍କଶ କମ୍ପନ ସ୍ୱରରେ ।

ସ୍ୱର୍ଣ୍ଣର ଦୀପ ପୁଣି ତାହାର ଜ୍ୟୋତି
ଲିଭିଯାଏ ଯେବେ, ମିଳାଇ ଯାଏ...

ଆଚ୍ଛା ରେକର୍ଡ ଦେଇ, ବନ୍ଦକର । ଗୀତଟି ରେମଣ୍ଡଙ୍କର ମୋଇ-ପାଠେ । କିନ୍ତୁ ଅଳ,ରତ୍ର ପାହିଲେ ଯେ ମଇ ପହିଲା । ଅଜାତାର ଅଗିଲା ସନ୍ଧ୍ୟା । ମଇ ପହିଲା...ସବୁଠାରୁ ସୁନ୍ଦର ଅଛି ଅନନ୍ଦର ଦିନ, ଛୁଟିର ଦିନ । ମନପ୍ରାଣ ଲଣିଥ କରୁଛି ଗୋଟାଏ ଗାଇବାକୁ ଚେଷ୍ଟା କଲି, କିନ୍ତୁ ସମ୍ଭବତଃ ଆନ୍ତର ବିଷାଦମୟ ହୋଇ ସେ ସ୍ୱର, କାହିଁକି ନା, କାଠେକ୍ ମୁଣ୍ଡ ବୁଲେଇ ନେଲା, 'ବାପା' ଅଖି ପୋଛିଲା । କିନ୍ତୁ କାଏ ଶୁଣେନି ତାଙ୍କ କଥା, ମୁଁ ଗାଇ ଚାଲିଛି, ସେମାନେ ବି ଯୋଗ ଦେଲେ ଧୀରେ ଧୀରେ । ଶେଷ ନିଃସ୍ୱ ମନରେ ଶୋଇ ପଡ଼ିଲି ।

ମଇ ପହିଲା ଦିନ ଭୋର ।

ଗିର୍ଜାଘରର ଘଣ୍ଟାରେ ଭଣାଟା ବାଜିଲା । ଏଇ ଶୁଣନ୍ତ ମୁଁ ତା ସ୍ପଷ୍ଟ ଶୁଣିପାରିଲି । ମୋର ସମ୍ପୂର୍ଣ୍ଣ ସଜ୍ଞା ଫେରି ଆସିଛି । ଜାନ୍ଲାର ବାତାୟନ ପଥରେ ବିଶୁଦ୍ଧ ପବନ ଖିଲଖିଲ ବହୁଛି,

ଚନ୍ଦ୍ରାଣର ଛଣ ମସିଣା ଗୁଡ଼ିକରେ ଖେଳିଯାଉଛନ୍ତି । ମୁଁ ଛଣଉପରେ ଶୋଇଛି—ଏକଥା ମୁଁ ହଠାତ୍ ଅନୁଭବ କଲି । ନିଃଶ୍ୱାସ ନେବାକୁ କଷ୍ଟ ହେଉଛି, ମୋ ଦେହର ପ୍ରତ୍ୟେକ ସ୍ଥାନରେ ଯେପରି ସହସ୍ର ବେଦନା ଜଡ଼ୀଭୂତ । ହଠାତ୍ ଝରକା ଖୋଲିଦେଲେ ଯେପରି ସୂର୍ଯ୍ୟ ଦେଖାଯାଏ, ସେହିପରି ମୁଁ ସ୍ପଷ୍ଟ ଦେଖି ପାରୁଛି ଯେ ମୋର ଅନ୍ତିମ ସମୟ ଉପସ୍ଥିତ । ମୁଁ ମୁମୂର୍ଷୁ ।

ହେ ମରଣ ! ତୁମେ ଆସିବାରେ ବଡ଼ ଡେରି କଲ । ଏକ ସମୟରେ ଆଶା ଥିଲା ବହୁ, ବହୁ ବର୍ଷ ପରେ ତମ ସଙ୍ଗରେ ହେବ ମୋର ପରିଚୟ । ଆଶା କରିଥିଲି ସ୍ୱାଧୀନ ମନୁଷ୍ୟ ହୋଇ ବଞ୍ଚିବି, କେତେ କାମ କରିବି, କେତେ ଭଲ ପାଇବି । ମନ ଖୁସିରେ ଗୀତ ଗାଇବି ଆଉ ପୃଥିବୀ ସାରା ଘୂରି ବୁଲିବି । ମୁଁ ଯୌବନରେ ପଦାର୍ପଣ କରିଛି ମାତ୍ର, ଦେହରେ ମୋର ଅମିତ ଶକ୍ତି । ଏବେ ଆଉ ତ ଶକ୍ତି ନାହିଁ । ସବୁ କୁଆଡ଼େ ଉଭେଇ ଯାଇଛି ।

ଜୀବନକୁ ମୁଁ ଭଲ ପାଇଥିଲି, ତାହାର ସୌନ୍ଦର୍ଯ୍ୟର ସନ୍ଧାନରେ ମୁଁ ଅବତୀର୍ଣ୍ଣ ହେଲି ସଂଗ୍ରାମ ଭୂମିରେ । ହେ ଜନଗଣ, ତୁମ୍ଭମାନଙ୍କୁ ଭଲ ପାଇଥିଲି ଓ ତୁମ୍ଭେମାନେ ପ୍ରତିଦାନରେ ଯେତେବେଳେ ମୋତେ ଭଲପାଇଛ, ମୋ ପ୍ରାଣରେ ତାହା ଆନନ୍ଦ ଦେଇଛି । ଯେତେବେଳେ ତୁମେ ମୋତେ ଭୁଲ ବୁଝିଛ, ମୋତେ କଷ୍ଟ ଲାଗିଛି । ଯେବେ କାହାର କ୍ଷତି କରି-ଥାଏ ମୋତେ କ୍ଷମା କର; ଯଦି କାହାକୁ ଆନନ୍ଦ ପ୍ରଦାନ କରିଥାଏ, ଭୁଲିଯାଅ । ମୋ ନାମ ସଙ୍ଗରେ ଯେପରି କଦର୍ଯ୍ୟତା ଜଡ଼ିତ ନ ରହେ । ତୁମ୍ଭମାନଙ୍କ ନିକଟରେ ଏହି ମୋର ଶେଷ ଅନୁରୋଧ । ବାପା, ମା, ଭଉଣୀ, ସ୍ତ୍ରୀ ମୋର, ଆଉ

ବନ୍ଧୁବର୍ଗଣ—ଏବଂ ଯେଉଁମାନଙ୍କୁ ମୁଁ ଭଲପାଏଁ ସମସ୍ତଙ୍କ ନିକଟରେ ମୋର ଏଇ ଅନୁରୋଧ । ଯଦି ମନେ କରୁଥାଅ ଚକ୍ଷୁର ଅଶ୍ରୁଦ୍ୱାରା ବିଷାଦର ମ୍ଳାନ ରେଣୁ ଧୋଇଦେଇ ପାରିବ, ତେବେ କ୍ଷଣିକ ଲାଗି କାନ୍ଦିପାର କିନ୍ତୁ ଅନୁଶୋଚନା କରନାହିଁ । ମୁଁ ଆନନ୍ଦ ପାଇଁ ବଞ୍ଚିଥିଲି; ଆଜି ଜୀବନ ଦେଉଛି ସେହି ଆନନ୍ଦ ଲାଗି । ମୋର କବର ଉପରେ ବିଷାଦର ମୂର୍ତ୍ତି ସ୍ଥାପନା କଲେ ମୋପ୍ରତି ଅବିଚାର କରିବ ସିନା !

ମଇ ପହିଲା ! ଏହି ସାମ୍ରାଜ୍ୟ ବେଳାରେ ଆମେ ସହରତଳି ଅଞ୍ଚଳରେ ଜାଗି ଉଠୁ ଆଜ ଆମର ପତାକା ସଜାଉଁ । ଏତିକି-ବେଳକୁ ମସ୍କୋର ରାଜପଥରେ ପ୍ରଥମ ବାହିନୀଟି ମଇଦିବସ ପରେଡ଼୍ ପାଇଁ ତାଙ୍କ ଜାଗାରେ ଆସି ଛିଡ଼ା ହୋଇଥିଲେ । ଆଜି ଠିକ୍ ଏଇ ମୁହୂର୍ତ୍ତରେ ଲକ୍ଷ ଲକ୍ଷ ମନୁଷ୍ୟ ସ୍ୱାଧୀନତା ପାଇଁ ଲଢୁଛନ୍ତି ଶେଷସଂଗ୍ରାମ, ହଜାର ହଜାର ବ୍ୟକ୍ତି ଜୀବନଦାନ କରୁଛନ୍ତି ସେଇ ସଂଘର୍ଷରେ । ମୁଁ ତାଙ୍କ ଭିତରୁ ଜଣେ । ସେମାନଙ୍କ ସାଙ୍ଗରେ କାନ୍ଧ ମିଳାଇ ଘାଟିଦୋଳରେ ଆଜିଯାଏ ଅଛି, ଶେଷ ସଂଗ୍ରାମର ଜଣେ ସୈନିକ ।

କିନ୍ତୁ ମନରେ ତ ଆନନ୍ଦ ନାହିଁ । ମୋର ଶ୍ୱାସରୁଦ୍ଧ ହୋଇ ଆସୁଛି । ନିଃଶ୍ୱାସ ମାରି ପାରୁ ନାହିଁ । ମୋ ଛାତିର ଘଡ଼ ଘଡ଼ ଶବ୍ଦ ମୁଁ ଶୁଣି ପାରୁଛି । ମୋର ସାଥୀ କମ୍ରେଡ଼ଙ୍କୁ ଉଠେଇ ଦେବି କି ? ଆଳେ ଟିକିଏ ପାଣି ପିଇଲେ···କିନ୍ତୁ ସୁରେଇରୁ ତ ସବୁ ପାଣି ସରିଛି । ମୋଠାରୁ ମୋଟେ ଛ ପାହୁଣ୍ଡ ଦୂରରେ ଗୋଦାମ କଣିକୁ ସେଇ ପାଇଖାନାରେ ତେର ପାଣି ଅଛି । ସେ ପାଣି ପାଖକୁ ଯିବାକୁ ମୋର ଶକ୍ତି ହେବ ତ ?

ପେଟେଇ ପେଟେଇ ଗଲି, ନିଃଶବ୍ଦରେ, ଅଃ କି ନିଃଶବ୍ଦରେ ସତେ ଯେପରି ତାହାଙ୍କୁ ଜାଗ୍ରତ ନ କରିବା ଉପରେ ହିଁ ନିର୍ଭର କରୁଛି ମୁକ୍ତିର ସମସ୍ତ ଗୌରବ । ଶେଷରେ ଯାଇ ପହଞ୍ଚିଲି ସେଠି । ରଙ୍କ ଭଳି ପାଇଖାନାର ସେପାଖେ ପଶିଗଲି ।

କେତେ ବେଳ ଏଥିରେ ଗଲା ଜାଣେ ନାହିଁ, ପେଟେଇ ପେଟେଇ ଫେରି ଯିବାକୁ କେତେ ବା ସମୟ ଲାଗିଲା ଜାଣେ ନାହିଁ। ପୁଣି ଚେତା ହଜି ଯାଉଁଛି । ହାତରେ ନାଡ଼ି ଦେଖିବାକୁ ଖୋଜିଲି କିନ୍ତୁ କିଛି ପାଇଲି ନାହିଁ । ମୋର ହୃତପିଣ୍ଡ ଯେପରି ମୋର ତଣ୍ଟି ପାଖକୁ ଚାଲି ଆସିଲା, ତାପରେ ହଠାତ୍ ତଳକୁ ଖସି ପଡ଼ିଲା । ସାଙ୍ଗେ ସାଙ୍ଗେ ମୁଁ ମଧ୍ୟ ଅବଶ ହୋଇ ପଡ଼ିଲି; କେତେବେଳ ପଡ଼ି ରହିଲି କିଏ ଜାଣେ । ମଝିରେ ଶୁଣିଥିଲି କାଠରକାର ଶବ୍ଦ ।

“ବାପା, ବାପା, ଶୁଣୁଛନ୍ତି ? ବନ୍ଦୀର ଅଣ୍ଟାଗୁଣ୍ଡ ବୋହୁଲାଣି ।” ସକାଳେ ଡାକ୍ତର ଆସିଥିଲେ । କିନ୍ତୁ ଏସବୁ ଜାଣିଲି ବହୁତ ପରେ । ସେ ଆସିଲେ, ପରୀକ୍ଷା କଲେ ଆଉ ମୁଣ୍ଡ ହଲେଇଲେ । ତାପରେ ହାସପାତାଲକୁ ଫେରି ଗଲେ, ପୂର୍ବଦିନ ସନ୍ଧ୍ୟାରେ ମୋ ନାମରେ ଯେଉଁ ମଲ୍ଲ ରିପୋର୍ଟ ସେ ପୂରଣ କରିଥିଲେ ତାକୁ ଠିକ୍ ପଢ଼େଇଲେ ଜ୍ୟୋତିଷଙ୍କ ଭଳି ନିଶ୍ଚିତ କଣ୍ଠରେ ସେ କହିଲେ ।

“ଘୋଡ଼ାର ତାକତ୍ ତାର ।”

# ନଂ ୨୬୨ ଗାରଦ

କବାଟଠାରୁ ଝରକା, ଆଉ ଝରକା ପାଖରୁ କବାଟ ସାତପାଦ, ସେଇଠା ମୁଁ ଠିକ୍ ରୂପେ ଜାଣେ ।

ଏଇତକ ବାଟ କେତେଥର ମୁଁ ଏପାଖ ସେପାଖ ହେଉଛି ମୋର ଘ୍ୟାନ୍‌କାଠର୍ ଗାରଦର ପାଇନକାଠ ଚଟ୍ଟା ଉପରେ । ନଗରବାସୀମାନଙ୍କର ଆତ୍ମଘାତୀ ମୀତ ଚେକ୍ ଜାତିର କି ଛତ କରିବ ତାହା ମୁଁ ଅତି ସ୍ପଷ୍ଟ ବୁଝି ପାରୁଥିଲି ବୋଲି ବୋଧହୁଏ ଏଠାରେ ଆଜି ଏଇ ଗାରଦରେ ବସିରହିଛି । ଆମର ଜାତି ବର୍ତ୍ତମାନ ଫାଶରେ ବନ୍ଧା ହୋଇ ପଡ଼ି ରହିଛି । ମୋର ଗାରଦର ସମ୍ମୁଖରେ ପାଦ ଚାରଣ କରୁଛନ୍ତି ଜର୍ମାନ ରକ୍ଷୀଦଳ । ବାହାରେ ସେଠେ କେଉଁଠି ରାଜନୈତିକ ନିମ୍ନ ବିଶ୍ୱାସଘାତକତାର ସୂତା କାଟୁଛି । ଆଖି ଖୋଲିବାକୁ ମନୁଷ୍ୟକୁ କେତେ ଶତାବ୍ଦୀ ଲାଗେ ? ଅଗ୍ରଗତିର ପଥରେ ଆଗୁଆର ହେବାକୁ ମନୁଷ୍ୟକୁ କେତେ ସହସ୍ର ବନ୍ଦୀଶାଳାର ଗାରଦ ପାର ହେବାକୁ ହୋଇଛି ? ଆଉ ପାର ହେବାକୁ ପଡ଼ିବ ? ହେ ନେଜରୁଦାର ଖ୍ରୀଷ୍ଟଶିଷ୍ୟଗଣ, ମନୁଷ୍ୟର ମୁକ୍ତିପଥର ଶେଷ ନାହିଁ । କିନ୍ତୁ ଅବଶେଷରେ ମଣିଷ ଜାଗି ଉଠିଛି; ଉଠିଛି ।

ସାତ ପାହୁଣ୍ଡ ଆଗକୁ, ସାତ ପାହୁଣ୍ଡ ପଛକୁ । ଗୋଟାଏ ପଟେ କାନ୍ଥକୁ ଲଗି ଜଣା ଖଟିଆ ଟିଏ, ଆଉ ଗୋଟାଏ ପଟେ ଗୋଟାଏ କଦର୍ଯ୍ୟ ମାଟିଆ ଥାଳ । ତା ଉପରେ ମାଟିର ଗୋଟାଏ ଘଡ଼ା । ହଁ,

ଏସବୁ ଜାଣେ । ଜେଲଖାନାଗୁଡ଼ାକରେ ବର୍ତ୍ତମାନ ଯନ୍ତ୍ର ଯୁଗର ଅଭ୍ୟାସ ଲାଗିଛି । ମଧ୍ୟସ୍ଥଳରେ ଉତ୍ତାପର ବ୍ୟବସ୍ଥା ଅଛି, ଆଗକାଳର ବାଲଟି ବଦଳରେ ରେନଷ୍ଟୋ ପାଇଖାନା - ତାଲାଗୁଡ଼ିକ ମଧ୍ୟ ଯନ୍ତ୍ର ଚାଳିତ । ପ୍ରଧାନ କଥା ଲୋକଗୁଡ଼ାକ-ବିଜ୍ କ୍ଲୁଲ୍ ଯନ୍ତ୍ରଚାଳିତ । ଗୋଟାଏ ବୋତାମ ଚିପି ଦେଲେ ଦୁଆର ତାଲାରେ ଗୁଡ଼ି ଘୂରିବ କର୍କଶ ଶବ୍ଦ କରି ନୋହିଲେ ଉଣ୍ଡି ଗୃହଂବାର ଫାଙ୍କ ଗାରଦ ଭିତରକୁ ଖୋଲିଯିବ—ଆଉ କଏଦୀମାନେ କ୍ରୁଦ୍ଧ ପଶୁ ଛୁଆ ହେବେ, ସେତେବେଳେ ସେମାନେ ଯାହା କରୁଥାଆନ୍ତୁ ପଛକେ । କବାଟ ଯିମିତି ଖୋଲିବ, ଗାରଦର କଏଦୀମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ଜଣଙ୍କ ଏକ ନିଃଶ୍ୱାସରେ ଚିତ୍କାର କରି ଉଠିବ ।

" ହୁସିୟାର ! ଦୁଇଶ ସତଷଠି ନମ୍ବର ଗାରଦ । ଛଅଜଣ କଏଦୀ ସବୁ ଠିକ୍ ।"

ଦୁଇଶ ସତଷଠି ନମ୍ବର ଆମର ଗାରଦ । କିନ୍ତୁ ଯନ୍ତ୍ରଗୁଡ଼ାକ ଆଜି ଠିକ୍ ଭାବରେ କାମ କଲା ନାହିଁ । କେବଳ ଦୁଇଜଣ କ୍ରୁଦ୍ଧ ପଶୁ ଛୁଆ ହେଲେ । ଝରକା ତଳେ ମୁଁ ଛଣ ମସିଣାରେ ଚୂପ କରି ଶୋଇ ରହିଛି ମୁହଁମାଡ଼ି···ସପ୍ତାହେ, କି ଦୁଇ ସପ୍ତାହ ବା ମାସେ କି ଛ ସପ୍ତାହ ହେଲା ପଡ଼ି ରହିଛି ସେହିପରି । ମୋର ଯେପରି ପୁନର୍ଜନ୍ମ ହୋଇଛି । ବର୍ତ୍ତମାନ ମୁଁ ମୁଣ୍ଡ ବୁଲେଇ ପାରୁଛି । ହାତ ଟେକି ପାରୁଛି, କହୁଣିରେ ଭରାଦେଇ ଉଠିପାରୁଛି, ଲେଉଟି ପିଠିମାଡ଼ି ଶୋଇବାକୁ ଚେଷ୍ଟା ମଧ୍ୟ କରିଥିଲି । ଚଞ୍ଚଳ ଚଞ୍ଚଳ ଲେଖିପାରୁଛି, ଆଗେ ତ ଏତେ ଚଞ୍ଚଳ ପାରୁ ନଥିଲି ।

ଗାରଦରେ ପରିବର୍ତ୍ତନ ହୋଇଛି । ଦୁଆରେ ଛଅ ଜଣଙ୍କ ବଦଳରେ ଦୁଇଜଣଙ୍କର ନାମ । କାଠେରକ୍ ଅନ୍ତର୍ଦ୍ଧାନ ହୋଇ-

ଯାଉଛି । କାରେଲ୍ ଥିଲା ମୋର ଅନ୍ତେଷ୍ଟିରେ ଶୋକଗାଥା ଗାଉଥିଲେ ଯେଉଁ ଦୁଇଜଣ ତାଙ୍କର ମଧ୍ୟରୁ ଅଳ୍ପବୟସ୍କ ଯୁବକଟି—ସହୃଦୟତାର ମୂର୍ତ୍ତି ମାତ୍ର ରହିଯାଇଛି । ତାକୁ ଅଧା ସ୍ୱପ୍ନରେ ମୁଁ ଦେଖିପାରେ ଯାହା, ମନେ ପଡ଼େ ଆଉ ସହିତ ତାର ଅବସ୍ଥାନର ଶେଷ ଦୁଇଟି ଦିନ । ସେ ତା ବିରୁଦ୍ଧରେ ଅଭିଯୋଗର କଥା ଭିନ୍ନ ଭିନ୍ନ କରି ବାରଂବାର ଆବୃତ୍ତି କରୁଥିଲା । ଆଉ ମୁଁ ପ୍ରତିଥର ତାର କାହାଣୀର ମଝିରେ ଶୋଇ ପଡ଼ୁଥିଲି ।

ତାର ନାମ କାରେଲ୍ ମାଲେଡ଼ସ । ଆଗେ ହୁଡଲିଡ୍ସ ନିକଟବର୍ତ୍ତୀ କୌଣସି ଲୁହା-ଖଣି (ଖଣିର ନାଁ—ଖିଙ୍କର)ରେ ମିସ୍ତ୍ରୀ କାମ କରୁଥିଲା । ସେ କେତେକ ବିସ୍ଫୋରକ ପଦାର୍ଥ ନେଇ ଆସିଥିଲା । ଗୋପନ-ଯୁଦ୍ଧରେ ସେ ଗୁଡ଼ାକ ଆବଶ୍ୟକ । ଦୁଇ ବର୍ଷ ଆଗେ ସେ ଗିରଫ ହୋଇଥିଲା ଆଉ ବିଚାର ପାଇଁ ଯାଉଛି ସମ୍ଭବତଃ ବର୍ଲିନକୁ । ଦଳେ ତ ଯାଉଛନ୍ତି, କାଏ ଜାଣେ କି ଶାସ୍ତି ହେବ । ତାର ସ୍ତ୍ରୀ ଆଉ ଦୁଇଟି ପିଲା ଅଛନ୍ତି—ତାଙ୍କୁ ସେ ଖୁବ୍ ଭଲପାଏ— କିନ୍ତୁ···'ଏ ମୋର କର୍ତ୍ତବ୍ୟ; ଏଥିଲାଗି ମୁଁ ଦୋଷର କଳ୍ପି କରି ପାରି ନ ଥାନ୍ତି ।'

ମୋ ଖଟଆରେ ଦୟା ମନେ ଶୁଆଇ ଦେବାକୁ ଚେଷ୍ଟା କରୁଥିଲା ସେ । ମୁଁ ଖାଇପାରୁ ନଥିଲି । ଶନିବାର—ମୁଁ ଏଠିକି ଆଠଦିନ ହେଲା ଆସିଲିଣି ? — ଟେ । ଗା ଶେଷ ଗୁଲି ଗୁଲିଲା । ପୁଲିସ୍-ମାଷ୍ଟରଙ୍କୁ ଖବର ଦେଲି ଯେ ମୁଁ ଏଠିକି ଆସିବା ଦିନୁଁ କିଛି ଖାଇନାହିଁ । ଏସ୍. ଏସ୍. ପୋଷାକ ପିନ୍ଧି ପ୍ୟାନ୍ କ୍ରାଟସ ଜେଲଖାନାରେ ସଦା ଉପସ୍ଥିତ ଯେଉଁ ଅଫିସର ପୁଲିସ-ମାଷ୍ଟର ଯାହାର ହୁକୁମ ନ ପାଇଲେ କେହି ଡାକ୍ତରଙ୍କର ଆସୁନଥାଏ ର

ବ୍ୟବସ୍ଥା କରିବାର କୁ ନାହିଁ । ସେ ନେଇ ଆସିଲ ମଗ୍‌ରେ ମଟର ମଲ୍ଲିଙ୍କ ସୁପ୍ ଆଉ ସେତକ ନ ଚେକିବାଯାଏ ମୋ ପାଖରେ ଛିଡ଼ା ହୋଇ ରହିଲା । କାରେକ୍ ମଣ୍ଡା ଖୁସି, ଜୋର କରି ଖୁଆଇବା ପାଇଁ ଆପତ୍ତି କରି ସେ ସଫଳ ହୋଇଛନ୍ତି । ପରଦିନ ରବିବାର ପାଳି; ମଟର ସୁପ୍ ସେ ନିଜେ ମତେ ପିଆଇଲା ।

କିନ୍ତୁ ମୁଁ ବେଶି ଖାଇପାରୁ ନଥିଲି । ମୋର ସଡବିସଡ ଖାତି ରବିବାରର ଗୁଲାସ ( ମାଂସ ଝୋଳ )ର ଅଧସିଦ୍ଧ ଆଳୁ ମଧ୍ୟ ଚୋବାଇବାକୁ ଅକ୍ଷମ । ତଣ୍ଟି ଫୁଲିଯାଇଛି ଏମିତି ଯେ କଟିନ ଖାଦ୍ୟ କିଛି; ଯେତେ ଶ୍ଳେଷ୍ମ ହେଉଛି ପଟେଇ ଗଳାଧଃକରଣ କରିବାକୁ ନାରାଜ ।

"ଗୁଲାସ ବି ନୁହେଁ । ସେ ଗୁଲାସ ଖାଇବ ନାହିଁ ।" କାରେକ୍ ଆପତ୍ତି କରେ ଆଉ ଝପର୍ଣ୍ଣ ହୋଇ ମୁଣ୍ଡ ହଲାଏ ।

ତାପରେ ସେ ନିଜେ 'ବାପା' ସାଙ୍ଗରେ ଭାଗ କରି ଖାଇଦିଏ ମୋର ଖାଇବା ଜିନିଷତକ ।

ଯେଉଁମାନେ ୧୯୪୨ ସାଲରେ ପ୍ୟାନ୍‌କ୍ରାଟସ୍‌ର ଅତିଥି ହୋଇ ନାହାନ୍ତି, ସେମାନେ ଗୁଲାସର ସ୍ୱାଦ ବୁଝିବେ ନାହିଁ । ତୁମେ କେବେ ବୁଝିପାରିବ ନାହିଁ । ସେହି ଦୁର୍ଦ୍ଦିନରେ ଯେତେବେଳେ କ୍ଷୁଧାରେ ଅମର କରଛି ଜଳୁଥିଲା, ଯେତେବେଳେ ସାପ୍ତାହିକ ଧାରସ୍ନାନ ସମୟରେ ମନୁଷ୍ୟଗୁଡ଼ାକ ଚର୍ମପରିବୃତ କଙ୍କାଳ ପରି ଦେଖାଯାଉଥିଲେ, ସେତେବେଳେ ତମର ଘନିଷ୍ଠତମ ବନ୍ଧୁ ତମର ଖାଦ୍ୟ ଚୋରାଇବାକୁ ଦ୍ୱିଧା କରୁ ନଥିଲା । ବସ୍ତୁତଃ ନହେଲେ ବି ଅନ୍ତତଃ ଲୋଲୁପ ଦୃଷ୍ଟିରେ । ସେତେବେଳେ ଶୁଖିଲା ଘନିପରିବାର ଘାଣ୍ଟ ଆଉ ପାଣିରେ ଗୋଳା ଟମାଟୋ ରସ ମଧ୍ୟ

ଉପାଦେୟ ଖାଦ୍ୟ । ସେଇ ଦୁର୍ଦ୍ଦିନରେ ଆମର ଖାଇବା ପାତ୍ରରେ ଆଳୁ ଦେଖୁଥିଲୁଁ ସପ୍ତାହରେ ଦୁଇଥର । ଗୁରୁବାର ଆଉ ରବିବାରରେ ଆଳୁ ଉପରେ ଏକଚାମଚ ଗୁଲାସର ଝୋଲ ଆଉ ମାଂସର ପତଳା ଟୁକୁରା କେତେଖଣ୍ଡ । ଚମତ୍କାର ସ୍ୱାଦ—କିନ୍ତୁ ସ୍ୱାଦଠାରୁ ତହିଁରେ ଥିଲା ଅଧିକ ମୂଲ୍ୟ—ସେ ଥିଲା ମନୁଷ୍ୟର ଜୀବନର ବାସ୍ତବ ସ୍ମାରକ । ଗେଷ୍ଟାପୋ କଏଦୀଖାନାର ଅସ୍ୱାଭାବିକତା ମଧ୍ୟରେ ଏହା ଥିଲା ଯେପରି କେତେକଟା ସଭ୍ୟତାନୁମୋଦିତ ଓ ସ୍ୱାଭାବିକ ଜୀବନର ଦାନ । କି ଅପୂର୍ବ ଆନନ୍ଦରେ ଗୁଲାସ ବିଷୟରେ ଆମେ କଥାବାର୍ତ୍ତା ହେଉଥିଲୁ । ମୁମୂର୍ଷୁର ଦୈନନ୍ଦିନ ଭାତ ସଙ୍ଗରେ ଏକ ଚାମଚ ମାଂସର ଝୋଲ ଯେ କେତେ ମୂଲ୍ୟବାନ୍ ହୋଇପାରେ ତାହା କିଏ ବୁଝିବ ।

ଦୁଇମାସ ଅତୀତ ହେବା ପରେ ବୁଝିଲି, ଗୁଲାସ ଖାଇବାକୁ ମୁଁ ଅସ୍ୱୀକାର କରିବାରେ କାରେଲ୍ କାହିଁକି ଆତଙ୍କିତ ହୋଇଥିଲା । ମୁଁ ଗୁଲାସ ଖାଇବାକୁ ମଧ୍ୟ ଚାହେଁ ନାହିଁ, ଏହା ତ ମୋର ଆସନ୍ନ ମୃତ୍ୟୁର ସବୁଠାରୁ ସ୍ପଷ୍ଟ ପ୍ରମାଣ ।

ପରଦିନ ରାତିରେ । ରାତି ଦୁଇଟା ସମୟରେ ସେମାନେ କାରେଲ୍‌କୁ ନିଦରୁ ଉଠାଇଲେ । ପାଞ୍ଚ ମିନିଟ ମଧ୍ୟରେ ପ୍ରସ୍ତୁତ ହୋଇ ଯିବାକୁ ହେବ, ସତେ ଯେପରି ସେ ମୁହୂର୍ତ୍ତିକ ପାଇଁ ବାହାରକୁ ଟିକେ ଯାଉଛନ୍ତି, ସତେ ଯେପରି ଏହା ଜୀବନର ଅନ୍ତିମ ଯାତ୍ରା ନୁହେଁ । ଆଉ ଗୋଟାଏ କଏଦୀଖାନାକୁ, ବନ୍ଦୀଶିବିରକୁ ବା ଫାଶିକାଠକୁ—କିଏ ଜାଣେ କେଉଁଠାକୁ ଯାଉଛନ୍ତି ? ସେ ମୋର ଖଟିଆ ପାଖରେ ଆଣ୍ଠୁ ମାଡ଼ି ବସିଲା । ଟିକିଏ ଡେରି କରୁଛନ୍ତି । ମୋର ମୁଣ୍ଡକୁ ଦୁଇହାତରେ ଚାପିଧରି ଚୁମ୍ବନ କଲା । ପୋଷାକପିନ୍ଧା

ରକ୍ଷୀଙ୍କର ବର୍ବର ଚିତ୍କାର ଶୁଭାଗଲା ବାରଣ୍ଡାରେ—ପ୍ୟାନକ୍ରାଟସ୍ ଜେଲଖାନାରେ ଭାବୋଚ୍ଛ୍ୱାସର ସ୍ଥାନ ନାହିଁ । କାରେକ୍ ବାହାରକୁ ଦୌଡ଼ିଗଲା, ପୁଣି ତାଲା ବନ୍ଦ····ଗାରଦରେ ରହିଲୁ ଆମେ ଦୁଇଜଣ ।

ପୁଣି କଣ ଆମର ଦେଖାସାକ୍ଷାତ ହେବ ? ଏଥର ପାଳି କାହାର ? ଦୁଇଜଣଙ୍କ ମଧ୍ୟରୁ କିଏ ଆଗେ ଯିବ ? କେଉଁଠାକୁ ପୁଣି ? ତାକୁ ନେବାକୁ କିଏ ଆସିବ ? ଏସ, ଏସ, ପୋଷାକ ପିନ୍ଧା ରକ୍ଷୀ—ନା ପୋଷାକ ପରିଚ୍ଛଦଶୂନ୍ୟ ମୃତ୍ୟୁ ?

ଜେଲଖାନାର ଏହି ପ୍ରଥମ ବିଦାୟ ପରେ ଯେଉଁ ଭାବନା ଆମକୁ ଅଭିଭୂତ କରିଥିଲା ମନରେ ତାହାର ପ୍ରତିଧ୍ୱନିର ଅନୁସରଣରେ ମୁଁ ବର୍ତ୍ତମାନ ଏହା ଲେଖୁଛି । ବର୍ଷେ ବିତିଗଲାଣି । ବନ୍ଧୁର ବିଦାୟବେଳେ ଯେଉଁ ଭାବନା ଉପୁଜିଲା ହୋଇଥିବ, ତାର ପୁନରାବୃତ୍ତି ଘଟିଛି ବାରମ୍ବାର, କେତେବେଳେ ବ୍ୟାଧି ମାତ୍ରା ବେଶି ହୋଇଛି, କେତେବେଳେ ବା କମ୍ । ଆମ ଗାରଦ ଦୁଆରେ ଦୁଇଟି ନାମରୁ ପୁଣି ତିନୋଟି ହେଲା, ପୁଣି ଦୁଇ ହୋଇଗଲା—ତାପରେ ତିନି, ଦୁଇ, ତିନି, ଦୁଇ—ନୂତନ କଏଦୀଙ୍କର ଆଗମନ ଓ ପ୍ରସ୍ଥାନ ଚାଲିଛି ଏପରି । ଦୁଇଜଣ କେବଳ ଦୁଇଶ ସତଷଠି ନମ୍ବର ଗାରଦର ପୁରାତନ ଓ ବିଶ୍ୱସ୍ତ ବାସିନ୍ଦା:

'ବାପା' ଆଉ ମୁଁ !

'ବାପା' ଷାଠିଏ ବର୍ଷ ବୟସ୍କ ଜଣେ ଶିକ୍ଷକ । ନାମ ଜୋସେଫ୍ ପେଶେକ୍ । ଯେଉଁସବୁ ଶିକ୍ଷକ ଗିରଫ ହୋଇଥିଲେ ତାଙ୍କ ମଧ୍ୟରେ ପ୍ରବୀଣ । ମୋ ଆସିବାର ପଞ୍ଚାଅଶୀ ଦିନ ଆଗରୁ ସେ ଆସିଥିଲେ, ଅପରାଧ ଷଡଯନ୍ତ୍ର, ସ୍ୱାଧୀନତା ଲାଭ ପରେ ଚେକ୍

ସ୍କୁଲଗୁଡ଼ିକ କିପରି ଉନ୍ନତ ହେବ ତାହାର ଗୋଟିଏ ଖସଡ଼ା ତିଆରି କରିବା ଦ୍ୱାରା "ଜର୍ମାନ ରାଇକ୍ ବିରୁଦ୍ଧରେ ଷଡ଼ଯନ୍ତ୍ର" ।

'ବାପା' ହେଉଛନ୍ତି......

ବାବୁ, ସବୁ କଥା ଲେଖି ପାରିବା କଣ କେବେ ସମ୍ଭବ ? ଏକ ଗାରଦରେ ଦୁଇ ଜଣ ଲୋକଙ୍କର ଏକବର୍ଷକାଳ ଜୀବନର ବର୍ଣ୍ଣନା ତ ଏକ ବିରାଟ ବ୍ୟାପାର । ଏଇ ସମୟ ମଧ୍ୟରେ 'ବାପା' ନାମର ଉଦ୍ଧୃତ ଚିହ୍ନ ଉଭେଇ ଯାଇଛି । ବିଭିନ୍ନ ବୟସର ଦୁଇ ଜଣ ବନ୍ଦୀ ପରସ୍ପରର କଥାବାର୍ତ୍ତାରୁ ପ୍ରିୟ ଭେନ୍ଗୁଡ଼ିକ, ଅଭ୍ୟାସଗତ ଭାବଭଙ୍ଗୀ ଏପରି କି କଣ୍ଠସ୍ୱର ବି ଗ୍ରହଣ କରିଥାନ୍ତି । ଆଜି ତୁମେ କହିପାରିବ ନାହିଁ; ଗାରଦର କେଉଁ ଜିନିଷଟା ତାଙ୍କର, କେଉଁଟା ବା ମୋର, ମୁଁ କଣ ନେଇ ଏଠିକି ଆସିଥିଲି, ସେ ବା କଣ ନେଇ କରି ଆସିଥିଲେ ।

ରାତି ପରେ ରାତି ସେ ମୋ ପାଖରେ ବସି ରହିଛନ୍ତି, ଅଜ୍ଞ ଥଣ୍ଡା ଓଦା ସେକିବା କପଡ଼ାରେ କେତେଥର ଆପଣା ମୁହଁଟାକୁ ଘଷଡ଼ାଇ ଦେଇଛନ୍ତି । ସେ ମୋ ଦେହର ଘାଉଗୁଡ଼ିକରୁ ପୂଜ ପରିଷ୍କାର କରିଦେଇଛନ୍ତି, କିନ୍ତୁ ପୂଜର ଗନ୍ଧ ଯେ ତାଙ୍କୁ ଲାଗୁଛି, ତା କେବେ ହେଲେ କାହାକୁ ଜାଣିବାକୁ ଦେଇନାହାନ୍ତି; ଅଥଚ ପୂଜ ଗନ୍ଧ ମୋ ଖଟିଆର ଗୁଡ଼ିଆଡ଼େ ପୂରି ରହିଛି । ସେ ମୋର ଜାମା ଧୋଇ ଦେଇଛନ୍ତି ଓ ରଫୁ କରିଦେଇଛନ୍ତି । ଯେତେବେଳେ ଆଉ ସିଲାଇ କରିବା ଚଳିବ ନାହିଁ, ସେ ନିଜର ଗୋଟାଏ ଜାମା ମୋତେ ପିନ୍ଧାଇ ଦେଇଛନ୍ତି । ଅଧଘଣ୍ଟାଏ ଶାରୀରିକ ବ୍ୟାୟାମର ଅବସରରେ ପଡ଼ିଲେ ଝକାଳେ ସେ ନିଜ ଜୀବନକୁ ବିପନ୍ନ କରି ଜେଲଖାନାର ଅଗଣାରେ ହୋଇଥିବା ଗୋଟିଏ ସୁନ୍ଦର ଟେଷ୍ଟ ଡେଙ୍ଗା

ଫୁଲ ଆଉ ଗୋଛାଏ ଘାସ ନେଇ ଆସିଥିଲେ ମୋ ପାଇଁ । "ଶୁଶ୍ରୀଣି" ପାଇଁ ସେମାନେ ଯେତେବେଳେ ମୋତେ ଗାରଦ ବାହାରକୁ ନେଇଯାଉଥିଲେ ତାଙ୍କର ଦୟାପୂର୍ଣ୍ଣ ଦୃଷ୍ଟି ମୋତେ ଅନୁସରଣ କରୁଥିଲା । ଫେର ଆସିଲେ ମୋର ନୂତନ କ୍ଷତସ୍ଥାନରେ ଓଦା ପଟି ସ୍ନେହରେ ବାନ୍ଧି ଦେଉଥିଲେ । ମୋତେ ଯେତେବେଳେ ଘରରେ ନେଇ ଯାଉଥିଲେ, ମୁଁ ନ ଫେରିବା ପର୍ଯ୍ୟନ୍ତ ସେ ଅନିଦ୍ରା ହୋଇ ରହୁଥିଲେ । ମୋତେ ନେଇ ଖଟିଆରେ ଶୁଆଇ ଦେଇ କମ୍ବଳ ମୋ ଉପରେ ଘୋଡେଇ ଦେଉଥିଲେ ।

ଏହିପରି ଭାବରେ ଆମର ସମ୍ପର୍କ ଗଢି ଉଠିଥିଲା ପ୍ରଥମ ଥରର ନିର୍ଯାତନ ପରଠାରୁ । ତାପରେ ମୁଁ ଯେତେବେଳେ ଉଠି ଛିଡ଼ା ହୋଇପାରିଲି ଏବଂ ପିତୃଋଣ ପରିଶୋଧ କରିବାକୁ ଚେଷ୍ଟା କଲି, ସେତେବେଳେ ସେ ସମ୍ପର୍କ ନଷ୍ଟ ହୋଇ ନାହିଁ ।

କିନ୍ତୁ ଏକା ଧାରାରେ ବସି ତ ସବୁ ଲେଖାଯାଇ ପାରେନାହିଁ । ଦୁଇଶ ସତଷଠୀ ନମ୍ବର ଗାରଦ ସେ ବର୍ଷ ପ୍ରାଣପୂର୍ଣ୍ଣ ଥିଲା । ତାହା ସେ ବର୍ଷଟି ତମାମ ଆପଣା ମନଖୁସିରେ କହୁଥିଲେ । କିନ୍ତୁ କଥା ଏବେ ସରିନାହିଁ—ତେଣୁ ଆଶାର ଝଙ୍କାର ଶୁଣିବାକୁ ମିଳୁଛି ।

ଦୁଇଶ ସତଷଠୀ ନମ୍ବର ଗାରଦ ପ୍ରାଣପୂର୍ଣ୍ଣ ଥିଲା । ମଝିରେ ମଝିରେ ଦରଜା ଖୋଲୁଥିଲା ଆଉ ଆମକୁ ତଲାସ କରାଯାଉଥିଲା ଘଣ୍ଟାକୁ ଘଣ୍ଟା; କାରଣ କମ୍ୟୁନିଷ୍ଟ ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ପାଇଁ ହୁକୁମ ଥିଲା । ଖାଲି କୌତୂହଳ ବି ଏହାର ଅନ୍ୟ ଏକ କାରଣ । ଯାହାଙ୍କୁ ମରିବାର ଆଶଙ୍କା କରାଯାଉ ନ ଥିଲା ଏପରି ଲୋକ ଏଠି ବହୁତ ମରିଛନ୍ତି କିନ୍ତୁ ଯାହାର ମରିବାର ଆଶା ସମସ୍ତେ କରିଛନ୍ତି ସେ ବଞ୍ଚି ରହିଛି—ସେପରି ଦୃଷ୍ଟାନ୍ତ ବିରଳ ।

ଅନ୍ୟ ଓ୍ୱାର୍ଡ଼ରୁ ରକ୍ଷୀମାନେ ଆସି କେବେ ଜୋରରେ କଥାବାର୍ତ୍ତା କରୁଛନ୍ତି, କେବେ ବା ନିଃଶବ୍ଦରେ ମୋର କମ୍ବଳ ଟେକି ଦେଖିଛନ୍ତି, କେହି ବା ବିଶେଷଜ୍ଞଙ୍କ ଭଳି ମୋର କ୍ଷତସ୍ଥାନ ଗୁଡ଼ିକ ପରୀକ୍ଷା କରନ୍ତି । ତା ପରେ ସ୍ୱଭାବ ଅନୁଯାୟୀ କେହି ବା କରୁଛନ୍ତି ଉପହାସ ବା କାହାର ସ୍ୱରରେ ଦେଖାଦେଉଛି ଟିକିଏ ବନ୍ଧୁତ୍ୱର ଆବାଜ । ତାଙ୍କ ଭିତରୁ ଜଣଙ୍କୁ ଆମେ 'ଗୁମ୍ଫିବାଜ' ବୋଲି ଡାକୁଁ । ଅନ୍ୟମାନଙ୍କ ଠାରୁ ସେ ଆସେ ଘନ ଘନ ଆଉ ବଡ଼ଗାଏଁ ହସି ପଚାରେ, 'ଲାଲ ସଇତାନ'ର କିଛି ଦରକାର କି ? ନା, ଧନ୍ୟବାଦ, କିଛି ଦରକାର ନାହିଁ । କିଛି ଦିନ ପରେ 'ଗୁମ୍ଫିବାଜ' ଆବିଷ୍କାର କଲା ଯେ 'ଲାଲ ସଇତାନ'ର କିଛି ଦରକାର—ସେ ହେଉଛି ଦାଢ଼ି ଖିଅର ହେବା । ସେ ଗୋଟାଏ ବାରିକ ଡାକି ନେଇ ଆସିଲା ।

ଆମ ଗାରଦ ବାହାରର ପ୍ରଥମ କଏଦୀ, ଯାହା ସାଙ୍ଗରେ ଆମର ପରିଚୟ ହେଲା, ସେ ଏହି ବାରିକ । କମ୍‌ରେଡ୍ ବବେକ୍ । କିନ୍ତୁ ଗୁମ୍ଫିବାଜର ସଦିଚ୍ଛା-ପ୍ରଣୋଦିତ ଦୟା ନିଷ୍ଠୁରତାରେ ପରିଣତ ହେଲା । 'ବାପା' ମୋର ମୁଣ୍ଡକୁ ଧଇଲେ, ଆଉ ବବେକ୍ ମୋ ଖଟିଆ ପାଖରେ ଅଣ୍ଟୁ ମାଡ଼ି ବସି ଦାଢ଼ି ଖିଅର କରିବାକୁ ଲାଗିଲା ତାର ଦନ୍ତୁହା ଖୁରରେ । ହାତ ତାର କମ୍ପୁଛି, ଆଖି ଲୋତକପୂର୍ଣ୍ଣ, କାହିଁକି ନା ତାର ବିଶ୍ୱାସ ସେ ଗୋଟାଏ ମୁର୍ଦାରକୁ ଖିଅର କରୁଛି । ମୁଁ ତାକୁ ଅଭୟ ଦେଲି ।

"ଡର ନାହିଁ । ଯେତେବେଳେ ପେଚ୍‌ଚେକ୍ ବିଲ୍‌ଡ଼ିଂର ସେଇ ନିର୍ଯାତନା ସହି ବଞ୍ଚିପାରିଛି, ତାପରେ ଖିଅର ନିଶ୍ଚୟ ସହି ପାରିବ ।" କିନ୍ତୁ ଆମେ ଦୁଇଜଣଯାକ ଦୁର୍ବଳ । ତେଣୁ ଟିକିଏ ରହି ବିଶ୍ରାମ ନେବାକୁ ପଡ଼ିଲା, ତାକୁ ଆଉ ମୋତେ ।

ଦୁଇ ଦିନ ପରେ ଆଉ ଦୁଇଜଣ କଏଦୀଙ୍କ ସାଙ୍ଗରେ ମୋତେ ନେଇଗଲେ । ପେଚ୍‌ଚେକ୍ ବିଲ୍‌ଡିଂର ଅଫିସର ଭଦ୍ରଲୋକଗଣ ଅସନ୍ତୁଷ୍ଟ ହୋଇ ପଡ଼ିଛନ୍ତି । ସେଇ ସେମାନେ ମୋ ପାଇଁ ଲୋକ ପଠାଉଛନ୍ତି ଆଉ ପୁଲିସ ମାଷ୍ଟର ସ୍ଲିପ୍ ଲେଖିଦେଉଛନ୍ତି 'ସ୍ଥାନାନ୍ତରର ଅନୁପଯୁକ୍ତ ।' ତେଣୁ ସେମାନେ ଏଥର ହୁକୁମ ଦେଲ, ଯାହା ହେଉ ପଛକେ ପଠାଅ । "ମାରଫତଦାର" ବା "ଘର-ଲୋକ"ଙ୍କ ପୋଷାକ ପିନ୍ଧା ଦୁଇଜଣ କଏଦୀ ଷ୍ଟ୍ରେଚରରେ ନେଇ ଆମ ଗାଡ଼ିର ଅଗରେ ଛିଡ଼ାହେଲେ । 'ବାପା' କୌଣସି ରକମ କଷ୍ଟମଷ୍ଟେ ମୋତେ ପୋଷାକ ପିନ୍ଧାଇଦେଲେ । ମାରଫତଦାରମାନେ ମୋତେ ଷ୍ଟ୍ରେଚରରେ ଶୁଆଇ ନେଇଗଲେ । ସେମାନଙ୍କ ମଧ୍ୟରୁ ଜଣେ କମରେଡ୍ ସ୍କୋରେପା, ତାଙ୍କୁ ଔଦାର୍ଯ୍ୟରେ ସମସ୍ତେ ଶ୍ରଦ୍ଧାରେ 'ବାବା' ବୋଲି ଡାକନ୍ତି । ଆଉ ଦ୍ୱିତୀୟ ଜଣଙ୍କ—, ଯେତେବେଳେ ସିଡ଼ିରେ ଓହ୍ଲାଇଲାବେଳେ ମୁଁ ଷ୍ଟ୍ରେଚରରୁ ଖସିଆସେ, ସେ ମୋ ଉପରକୁ ଆଉଜି ଆସି କହେ, "ଟାଣି କରି ଧର ।" ତାପରେ ଫୁସ୍ ଫୁସ୍ କରି କହେ, "ଟାଣି କରି ଧର । ଦ୍ୱିବାଂ ଅର୍ଥ ।"

ଏଥର ଆଉ ଅଭ୍ୟର୍ଥନାଗାରରେ ରହିଲି ନାହିଁ । ସେମାନେ ମୋତେ ନେଇ ଆସିଲେ ଗୋଟିଏ ଲମ୍ବା ହଲ୍‌କୁ, ଲୋକରେ ଭର୍ତ୍ତି । ଆଜି ଗୁରୁବାର, ଆତ୍ମୀୟମାନେ କଏଦୀମାନଙ୍କ ପାଇଁ ସଫା ପୋଷାକ ନେଇ ଆସିଛନ୍ତି । ଏବଂ ଧୋବାଘରେ ଦେବାକୁ ମଇଳାଗୁଡ଼ାକ ଘରକୁ ନେଇଯିବେ । ଆମର ଏହି ନିରାନନ୍ଦ ଯାତ୍ରା ଆଡ଼କୁ ସେମାନେ ଯେ ସହାନୁଭୂତି ପୂର୍ଣ୍ଣ ଦୃଷ୍ଟିରେ ଚାହିଁଛନ୍ତି ମୋତେ ତାହା ପସନ୍ଦ ହେଲାନାହିଁ । ମୁଣ୍ଡକୁ ହାତ ଉଠାଇଲି, ହାତ ମୁଷ୍ଟି-ବଦ୍ଧ । ସେମାନେ ଏହାକୁ ହୁଏତ ଅଭିବାଦନ ବୋଲି ମନେ

କରିବେ, ହୁଏତ ଏକ ଅର୍ଥଶୂନ୍ୟ ଭଙ୍ଗୀ । କିନ୍ତୁ ଆଉ ଅଧିକକୁ ଶକ୍ତି ନାହିଁ । ନା, ପଦେ କଥା ପାଇଁ କି ବି ନୁହେଁ ।

ଜେଲଖାନାର ଅଗଣାରେ ସେମାନେ ଷ୍ଟ୍ରେଚରକୁ ଗୋଟାଏ ଟ୍ରକ୍‌ରେ ନେଇ ଥୋଇଦେଲେ । ଦୁଇଜଣ ଏସ୍‌. ଏସ୍‌. ଲୋକ ଚାଳକ ପାଖରେ ବସିଛନ୍ତି, ଆଉ ଦୁଇଜଣ ମୋ ମୁଣ୍ଡ ପାଖରେ ଛିଡ଼ା ହୋଇଛନ୍ତି । ସେମାନଙ୍କର ହାତ ରିଭଲ୍‌ଭରର ଉନ୍ମୁକ୍ତ ଖୋଳ ମଧ୍ୟରେ । ଆମ ଗାଡ଼ି ଚାଲିଲା । ରାସ୍ତା ଖରାପ, ଗୋଟାଏ ଗାତରୁ ଆଉ ଗୋଟାଏ ଗାତକୁ ଡେଇଁ ଚାଲିଛି ଗାଡ଼ିର ଚକ । ଦୁଇଶ ଗଜ ନ ଯାଉଣୁ ମୁଁ ସଂଜ୍ଞାଶୂନ୍ୟ ହୋଇଗଲି । ଶେଷ ସ୍ମୃତିରେ ଏ ବୋଧ ଏକ ତାମସା—ତିରିଶ ଜଣ କଏଦୀଙ୍କୁ ଧରିବା ଭଳି ଗୋଟାଏ ପାଞ୍ଚଟନିଆ ଟ୍ରକ୍‌—କିନ୍ତୁ ଗୋଟାଏ ଲୋକ ପାଇଁ ତାହା ହେଲେ ଯୋଗ ଚାଲିଛି । ଦୁଇଜଣ ଏସ୍‌ ଏସ୍‌ ଲୋକ ସାମନାରେ, ଦୁଇଜଣ ପଛରେ । ସେମାନଙ୍କର ରିଭଲ୍‌ଭର୍‌ ଆଉ ଖାଣ୍ଡା ପରି ତୀକ୍ଷ୍ଣ ଚକ୍ଷୁ ସ୍ଥିର ଦେଖୁଛି ଗୋଟାଏ ମୃତ ଦେହକୁ । ଭୟ, କାଳେ ସେ ସେମାନଙ୍କ ହାତରୁ ଖସି ପଳାଇଯିବ !

ମୋର ଚେତନା ଥିଲା ବୋଲି ଶୁଣାଣି ହେଲା ନାହିଁ, ତେଣୁ ସେମାନେ ମତେ ପୁଣି ଗାଡ଼ିରେ ଫେରାଇନେଲେ ପ୍ୟାନ୍‌କ୍ରାଟସ୍‌କୁ । ପରଦିନ ହେଲା ଏକା ପ୍ରହସନର ପୁନରାବୃତ୍ତି । ପେଚେକ୍‌ ବିଲ୍‌ଡିଂରେ ପହଞ୍ଚିବା ପର୍ଯ୍ୟନ୍ତ ଚେତାଥିଲା । ଶୁଣାଣି ହେବା ସମ୍ଭବ ହେଲା ନାହିଁ । ଅଫିସର ଡାକ୍ତର୍‌ ମୋ ଦେହକୁ ଠିକ୍‌ଏ ଦେଖାଇବାର ଭାବରେ ଛୁଇଁ ଦେଲେ ଏବଂ ସେମାନେ ମୋତେ ଅଚେତନ ଅବସ୍ଥାରେ ଗାଡ଼ିରେ ନେଇ ଆସିଲେ ।

ତାପରେ କେତେଦିନ କଟିଲା, ଯେବେ ମୁଁ ବଂଚିଛି ବୋଲି ମୋର ସନ୍ଦେହ ହୋଇନାହିଁ । ବେଦନା—ଜୀବନର ଯାଆଁଳା

ପିଲ ସେ—ସେହି ସର୍ବଦା ନିଷ୍ଠୁର ଭାବରେ ସ୍ମରଣ କରେଇ ଦେଉଥାଏ ସେ କଥା । ସମସ୍ତ ଫ୍ୟାନ୍ କାନ୍ସ ଜାଣିଲା ଯେ ମୁଁ ବଂଚି ଯାଇଛି ଭୁଲରେ ନଜରରେ ପଡ଼ି ନ ଥିବାରୁ, ସମସ୍ତେ ଜଣେଇଲେ ଅଭିନନ୍ଦନ । ଘନ କାନ୍ଥ ଭେଦ କରି ତାହା ଭାସିଆସିଲା ସାଙ୍ଗଙ୍କ ଠୋକର ଶବ୍ଦଦ୍ୱାରା, ଖାଦ୍ୟ ପରିବେଷଣକାରୀ ରକ୍ଷୀମାନଙ୍କର ଆଖିର ଗୁହାଣୀରେ ।

କେବଳ ମୋର ସ୍ତ୍ରୀ ମୋର କୌଣସି ଖବର ପାଇନଥିଲା । ସେ ଆମର ତଳ ମହଲାରେ କେତେକ ନମ୍ବର ଛଡ଼ାରେ ଗାରଦରେ ବନ୍ଦିନୀ, ଏକଲା । ଆଶା ଅଉ ଆଶଙ୍କାରେ ଦିନ କଟାଉଚି । ଦିନେ ପାର୍ଶ୍ୱବର୍ତ୍ତୀ ଗାରଦରେ ଜଣେ ସ୍ତ୍ରୀଲୋକ ଶାରୀରିକ ବ୍ୟାୟାମ କରିବା ସମୟରେ ଚୁପ୍ କରି କହିଦେଲା ଯେ ମୁଁ ମରିଯାଇଛି, ପ୍ରଥମ ଥରର ଅତ୍ୟାଚାର ସହିନପାରି ଘାଉଡ଼ରେ ଗାରଦ ଭିତରେ ମରି ଯାଇଛି । ଏଇ ଦାରୁଣ ଆଘାତ ପାଇ ମୋର ସ୍ତ୍ରୀ ଅଗଣାରେ ସ୍ୱପ୍ନାବିଷ୍ଟ ପରି ଘୁରିବୁଲିଲା । ନାରୀରକ୍ଷୀ ତାର ମୁହଁରେ ବାରମ୍ବାର ଭୁଷି ମାରି ତାକୁ କଏଦୀ ଜୀବନର କାଏଦା ରକ୍ଷା କରିବାକୁ ଝାଡି ଭିତରକୁ ପେଲିଦେଲେ ବି ସେ ତାହା ଜାଣି ପାରିଲାନାହିଁ । ସେ ଦିନ ତାର ଦୁଇଟି ଅପୂର୍ବ ସୁନ୍ଦର ଚକ୍ଷୁ ଢାମନାରେ କି ଦୃଶ୍ୟ ଭାସି ଉଠିଥିଲା ? ସାରା ଦିନ ଗାରଦର କାନ୍ଥକୁ ଚାହିଁ ସେ କ'ଣ ଭାବୁଥିଲା ? ଏତେ ଦୁର୍ବଳ ଯେ କାନ୍ଦି ବି ପାରିଲା ନାହିଁ । ପରଦିନ ଅଉ ଏକ ଗୁଜବ୍ ଶୁଣିଲା ଯେ ସେମାନେ ମୋତେ ବାଡ଼େଇ କରି ମାରି ପକେଇ ନାହାନ୍ତି, କିନ୍ତୁ ଯନ୍ତ୍ରଣାରୁ ଖସିଯିବା ପାଇଁ ଗାରଦ ଭିତରେ ମୁଁ ଗଳାରେ ଦଉଡି ଦେଇ ମରିଛି ।

ସେ ଯେତେବେଳେ ଏପରି କଥାତକ ଶୁଣୁଥିଲା, ମୁଁ ସେତେବେଳେ ସେହି ଘୃଣ୍ୟ ଖଟିଆରେ ପଡି କାନ୍ଥଆଡକୁ ମୁହଁ

କରି ପ୍ରତି ସନ୍ଧ୍ୟାରେ ମୋର ଗୃହିଣୀର ପ୍ରିୟ ଗୀତ ଗାଉଥିଲି । କାହିଁକି, କାହିଁକି ସେ ଶୁଣି ପାରିବ ନାହିଁ ତ ଏତେ ଦରଦ ଦେଇ ସେ ଗୀତ ଗାଉଥିଲି !

ଆଜି କିନ୍ତୁ ସେ ଜାଣିଲଣି; ଶୁଣିପାରୁଛନ୍ତି ଆଜି ସେ ସଙ୍ଗୀତ— ଯଦିଓ ସେ ଦିନ ପୋଉଠି ଥିଲା ଆଜି ତ ଠାରୁ ବହୁ ଦୂରରେ । ଦୁଇଶ ସତଷଠୀ ନମ୍ବର ଗାରଦରେ ଗୀତ ବୋଲାହୁଏ ଏ କଥାରେ ରକ୍ଷୀମାନେ ବର୍ତ୍ତମାନ ଅଭ୍ୟସ୍ତ ହୋଇଗଲେଣି । ଆଉ କବାଟରେ ଧକ୍କା ମାରି ଚୁପ୍ ହେବାକୁ ସେମାନେ କହୁ ନାହାନ୍ତି ।

ଦୁଇଶ ସତଶଠୀ ନମ୍ବର ଗାରଦରେ ଗାନ ହୁଏ । ଜୀବନ ସାରା ଗୀତ ଗାଇଛନ୍ତି, ଆଜି ତାର ଶେଷ ପ୍ରାନ୍ତରେ ବନ୍ଦ କରି ଦେବାର କାରଣ ତ ଦେଖୁ ନାହିଁ—ଆଜି ପୁଣି ଯେତେବେଳେ ମୋର ଜୀବନରେ ନୀରବତା ଦେଖାଇଦେଇଛନ୍ତି । ଆଉ 'ବାପା' ସେମାନଙ୍କର କଥା ? ବିରଳ ତନିବ, ଗୀତ ଗାଇବାକୁ ଏକବାରେ ବାଇ । କଣ୍ଠ ନାହିଁ, ସୁର ଜ୍ଞାନ ନାହିଁ, ସ୍ମରଣଶକ୍ତି ନାହିଁ କିନ୍ତୁ ଗୀତ ତାଙ୍କର ଅତିଶୟ ପ୍ରିୟ—ସେ ଅନୁସାରେ ଅଛି ମାଧୁର୍ଯ୍ୟ ଅଛି ବଶ୍ୟତା । ଗୀତକୁ ସେ ଏତେ ଭଲ ପାଆନ୍ତି ବୋଲି ସେ ଯେତେବେଳେ ଗୋଟିଏ ସୁରରୁ ଆଉ ଗୋଟାକୁ ଚାଲିଯାନ୍ତି, ମୁଁ ତାର ଠିକ ପାଏ ନାହିଁ । କାନ ଯେତେବେଳେ 'ସା' ଶୁଣିବାକୁ ଚାହେଁ ସେ ସେତେବେଳେ ଜୋର କରି ହୁଏତ 'ଗା' ଗାଇ ଯିବେ । ଯେତେବେଳେ ମେଜାଜ ଭଲ ଥାଏ ଆମେ ଦୁହେଁ ଗୀତ, ଗାଉଁ । କେତେବେଳେ ବା ମନ ଭାବନାରେ ଭାରାକ୍ରାନ୍ତ ହେଲେ ଗୀତ ବାହାରି ପଡ଼େ । କୌଣସି କମରେଡ୍ ହୁଏତ ବିଦାୟ ନେଇଛନ୍ତି, ଆଉ ଦେଖା ହେବ ନାହିଁ—ସେତେବେଳେ ଗାଉଁ ଗୀତ । ପ୍ରାଚ୍ୟ ଯୁଦ୍ଧଭୂମିରୁ ସୁସମ୍ବାଦ ପାଇଲେ ସ୍ୱାଗତ କରାଇବାକୁ

ଗାଉଁ ଗୀତ । ଆନନ୍ଦ ନିମିତ୍ତ, ସାନ୍ତ୍ୱନା ନିମିତ୍ତ ମନୁଷ୍ୟ ଗୀତ ଗାଉଛନ୍ତି ଯୁଗେ ଯୁଗେ, ଆଉ ଯେତେଦିନ ମନୁଷ୍ୟ ହୋଇ ରହିବ, ସେତେ ଦିନ ଗାଇବ ମଧ୍ୟ ।

ସଙ୍ଗୀତ ବିନା ଜୀବନ ନାହିଁ, ଯେପରି ସୂର୍ଯ୍ୟଙ୍କୁ ଛାଡ଼ି ଜୀବନ ତିଷ୍ଠି ନ ପାରେ । ଏଠିକି ତ ସୂର୍ଯ୍ୟ ଆସିପାରୁ ନାହାନ୍ତି, ତେଣୁ ସଙ୍ଗୀତ ଦ୍ୱିଗୁଣ ଦରକାର । ଦୁଇଶ ସତଷଠୀ ନମ୍ବର ସେଲର ମୁହଁ ଉତ୍ତର ଆଡ଼କୁ । କେବଳ ଗ୍ରୀଷ୍ମ ସମୟରେ ଅସ୍ତଗାମୀ ସୂର୍ଯ୍ୟର ଶେଷ ରଶ୍ମି ଆମ 'ଗାରଦର ପୂର୍ବପଟ କାନ୍ଥର ଝରକା ରେଲିଂ ଛୁଇଁ ଦେଇଯାଏ, ମାତ୍ର କେତେକ ମୁହୂର୍ତ୍ତି ପାଇଁ । ସେଇ କେତେକ ମୁହୂର୍ତ୍ତି 'ବାପା' ତାଙ୍କର ଲୋଉହା ହୋଇଥିବା ଖଟିଆରେ ଭରା ଦେଇ ସୂର୍ଯ୍ୟଙ୍କର ସେଇ କ୍ଷଣିକ ଅସ୍ତିର ଆଗମନ ଦେଖନ୍ତି । ଏହାଠାରୁ ଶୋକାବହ ଦୃଶ୍ୟ ଆଉ ନାହିଁ ।

ସୂର୍ଯ୍ୟ ! ଉଦାର ସୂର୍ଯ୍ୟ କିପରି ତାଙ୍କର କିରଣର ଇନ୍ଦ୍ରଜାଲ ବିଛେଇ ଦିଅନ୍ତି, ମନୁଷ୍ୟର ଦୃଷ୍ଟି ସାମନାରେ କେତେ ବିସ୍ମୟକର ବ୍ୟାପାର ସୃଷ୍ଟି କରି ଦିଅନ୍ତି; କିନ୍ତୁ କେତେଜଣ ସେ ସୂର୍ଯ୍ୟର ଆଲୋକ ପାଆନ୍ତି । ଦିନେ ସେ ଆମ ସମସ୍ତଙ୍କୁ ଆଲୋକ ଦେବେ, ହଁ, ସମସ୍ତଙ୍କ ପାଇଁ ଉଠିବେ ଆକାଶରେ । ଆମେ ସମସ୍ତେ ତାଙ୍କର ଉଷ୍ମ କିରଣରେ ଜୀବନ ଯାପନ କରିବୁ । ଏଇ କଥା ଜାଣିବାରେ ବି ଆନନ୍ଦ । କିନ୍ତୁ ମୁଁ ଜାଣିବାକୁ ଚାହେଁ ନିହାତି ତୁଚ୍ଛ ଏକ ବିଷୟ ଆମ ଦୁଇଜଣଙ୍କୁ କଣ ସେ ଆଉ ଆଲୋକ ପ୍ରଦାନ କରିବେ ?

ଆମର ଗାରଦ ଉତ୍ତର ପଟକୁ, ଭାଗ୍ୟ ଅନୁଶସ୍ତ ମୃତ୍ୟୁସନ୍ନ ହୋଇଲେ ମଝିରେ ମଝିରେ ଗ୍ରୀଷ୍ମ ଦିନରେ ଆମେ ସୂର୍ଯ୍ୟାସ୍ତ ଦେଖିବାକୁ ପାଉ । 'ବାବା' ପୁଣି ଥରେ ସୂର୍ଯ୍ୟୋଦୟ ଦେଖିବାକୁ କି ବଳବତୀ ଇଚ୍ଛା ନ ହେଉଛି !

# ୪୦୦ ନମ୍ବର

ପ୍ରିନର୍ଜିନ୍‌ଙ୍କ ଏକ ବିଚିତ୍ର ଘଟନା— ଅଘଟାଣ ଓ ବର୍ତ୍ତମାନ ଘଟି । ଗାଢ଼ ନିଦ୍ରା ଉପଭୋଗ ପରେ କମନୀୟ ପ୍ରାତରେ ମୁଁ ଥିବା ଟେଲିଫୋନ ବାଜେ । ପ୍ରିନର୍ଜିନ୍‌ଙ୍କର ଦିନ ଅନ୍ୟ ଦିନମାନଙ୍କ ତୁଳନାରେ ସୁନ୍ଦର, ପ୍ରତି ଯେପରି ତୁମେ ଅଭୂତପୂର୍ବ ସୁନିଦ୍ରା ଉପଭୋଗ କରିଚ । ତୁମେ କଳ୍ପନା କରୁଥିଲ ଜୀବନର ଯେଉଁସବୁ ତୁମର ସ୍ୱପ୍ନଗୁଡ଼ିକ କିନ୍ତୁ ପ୍ରିନର୍ଜିନ୍, ଆଜି ସମସ୍ତ ପ୍ରତିଫଳିତ ଯାଉ ଦେଖାଗଲା ନାହିଁ, ସୁନ୍ଦର କାଳ ମଧ୍ୟରେ ଅଟକିଗଲା ପ୍ରତିଫଳନ ହୋଇ ଯାଉ ସମସ୍ତ ସଞ୍ଚ ତୁମ ସମ୍ମୁଖରେ ଉପସ୍ଥିତ ହୋଇ ଗଲା । ତୁମେ କଳ୍ପନା କରୁଥିଲ ଜୀବନକୁ ତୁମେ ଦୃଷ୍ଟି ଦେଖି ପାରିଛ ବହୁଦିନ ପରେ, କିନ୍ତୁ ପ୍ରିନର୍ଜିନ୍ ତୁମ ସମ୍ମୁଖରେ ଠିକ୍ ଏକୋ-ଟେଲିଟେଲ ପୂର୍ବଦିନ ଆଜ ଅନୁଭବ ଦେଲୁ । ଏ ଘଟଣା ଚେଷ୍ଟା ସମାଗମ କଲା । ସେ ଯେପରି ଚେତନାରେ ପରିବର୍ତ୍ତନ ମଧ୍ୟରେ ଅଦ୍ଭୁତ ଜୁଲୁଳଭି ସଙ୍ଗୀତ ଘଟେ, ଯେମିତି ।

ଏଠି ମଧ୍ୟ ତୁମର ସେହି ଉପଲବ୍ଧି ଅଭିଜ୍ଞତା, ଅତିଶୟ ଚୋଖା ହଠାତ୍ ଦେଖିଲ । ଯୋଗାଯୋଗ ଜୀବନ ପରି ତୁମର ପରି-ବର୍ତ୍ତନ ସମ୍ଭବ ଓ ଟେଲିଫୋନ ବେଳେ ନା, ତା ଆଗେ ।

ଅବଚେତନରେ ଦିନେ ଯେମିତି ଆମ ନେଇ ଯାଉଛି ତାହାର ଆଡ଼କୁ । ସେମାନେ ତୁମକୁ ଦେଖି ପାରି ନେଇଯାଆନ୍ତି କିନ୍ତୁ ଫେରେ ନାହିଁ । କେବଳ ଅନୁଭବ ହୁଏ ସୋପାନରେ, କିନ୍ତୁ ସେଇଟି ପ୍ରଭାବ ସବୁ । ଧାରଣା ଟେଲିଂ ଟେଲିଂ, ଡିଡ୍‌ରେ ଟେଲିଂ, ଗୁଞ୍ଜନ ପରି ଯାଉଛି, ବୁଲି କରି ନୁହେଁ । ଉଠିଲା କବୁତରୀ ସାଥୀମାନେ ତୁମକୁ ସ୍ୱାଗତରେ ପରି

ଜେଲର ବସ୍ ନିକଟକୁ ନେଇ ଯାଅନ୍ତି । ତୁମେ ଦଶ ବାରଜଣ ବସିଛ ସେଠି ଏକ ଅନ୍ଧକାରମୟ ଗାରେଜରେ । ଗାରେଜଟା ସହଜରେ ଏଠୁ ସେଠିକି ସ୍ଥାନାନ୍ତରିତ କରାଯାଇପାରେ । ଅଚିହ୍ନା ଲୋକମାନେ ତୁମଆଡ଼କୁ ଚାହିଁ ମୁରୁକେଇ ହସୁଛନ୍ତି ଏବଂ ତୁମେ ସେହିପରି ହସ ଦ୍ୱାରା ତାହାର ଉତ୍ତର ଦେଉଛ । ତୁମ କାନରେ କିଏ ଜଣେ ଫୁସ୍ ଫୁସ୍ କରି କଣ କହିଲା, ତୁମେ ଜାଣିନାହିଁ ଲୋକଟା କିଏ । ତାହାର ଜଣଙ୍କର ହାତ ମୁଠେଇ ଧରିଲ କିନ୍ତୁ କାହାର ହାତ ଜାଣି ନାହିଁ । ବସ୍ ହଠାତ୍ ମୋଡ଼ ବୁଲି ପେଟ୍‌ଚେକ୍ ବିଲ୍ଡିଂର ପ୍ରାଙ୍ଗଣରେ ପହଞ୍ଚୁଛି । ତୁମର ନୂଆ ସାଥୀମାନେ ତୁମକୁ ଠେଲି ଠେଲି ଓହ୍ଲେଇ ନେଲେ । ଗୋଟାଏ ବଡ଼ ଘର ଭିତରେ ତୁମେ ସମସ୍ତେ ଆସି ପହଞ୍ଚିଲ । କାନ୍ଥଗୁଡ଼ାକରେ କିଛି ବି ସାଜସଜ୍ଜା ନାହିଁ । ପାଞ୍ଚଧାଡ଼ି ବେଞ୍ଚ ପଡ଼ିଛି । ବେଞ୍ଚ ଉପରେ ଉପରେ ବସିଛନ୍ତି କେତୋଟି ମୂର୍ତ୍ତି ସିଧାସଳଖ । ହାତ ଦୁଇଟା ଆଣ୍ଠୁ ଉପରେ ସତେ ଯେପରି ଜଡ଼ିତ । ପାଙ୍ଗା କାନ୍ଥକୁ ଚାହିଁ ରହିଛନ୍ତି ଅପଲକ ନେତ୍ରରେ, ସ୍ଥାଣୁ ଭଳି— ଏଇଟା ହେଉଛି ତୁମ ନୂତନ ଜୀବନର ଏକ କ୍ଷୁଦ୍ର ଅଂଶ, ଯାହାକୁ ସେମାନେ ସିନେମା ବୋଲି ଡାକନ୍ତି । ଏହାର ପର୍ଦ୍ଦା ଉପରେ ତୁମେ ତମର ଜୀବନକୁ ଶତ ଶତ ବାର ପର୍ଯ୍ୟାଲୋଚନା କରିବ ।

### ମଇ ମାସର ବିରତି, ୧୯୪୩

ଆଜି ୧୯୪୩ ସାଲର ମଇମାସ ପହିଲା । ଟିକିଏ ବିରାମ ମିଳିଛି । ଲେଖିବାର ସୁଯୋଗ ମିଳିଛି । କି ସୌଭାଗ୍ୟ—ପୁଣି କ୍ଷଣକ ଲାଗି କମ୍ୟୁନିଷ୍ଟ ସଂପାଦକ ମୁଁ । ମେ ପ୍ୟାରେଡ ବିଷୟରେ ଲେଖୁଛି । ଲେଖୁଛି ନୂତନ ପୃଥିବୀର ସାମରିକ ଶକ୍ତି ବିଷୟରେ ।

ଘର ଘର ପତାକା କଥା ଶୁଣିବାକୁ ଆଶା କରନାହିଁ, ସେଇ ରକମର କିଛି ବି ନୁହେଁ । କୌଣସି ଉତ୍ତେଜନାମୟ ଘଟନା ଯାହା ଶୁଣିବାକୁ ଲୋକଙ୍କୁ ଏତେ ଭଲ ଲାଗେ, ସେ କଥା ବି କହି ପାରିବି ନାହିଁ । ତାଠାରୁ ସରଳ ଆଜିର ବ୍ୟାପାର । ଆଉ ଆଜି ବର୍ତ୍ତମାନଙ୍କରେ ମଇ ପହିଲାରେ ପ୍ରେଗ୍‌ର ପ୍ରତି ପଥରେ ଯେଉଁ ହଜାର ହଜାର ଶୋଭାଯାତ୍ରୀ ଭରପୁର ହୋଇ ଯାଆନ୍ତି, ଏଠି ସେ ବିସ୍ଫୋରକ ତରଙ୍ଗ ନାହିଁ । ମସ୍କୋର ରେଡ୍ ସ୍କୋୟାରରେ ଦେଖିଛି ଲକ୍ଷ ଲକ୍ଷ ଲୋକଙ୍କର ଅପୂର୍ବ ଜନସମୁଦ୍ର, ତା ଏଠି ନାହିଁ । ଏଠି ଲକ୍ଷ ତ ଦୂରର କଥା, ଶହେ ବି ହେବେ ନାହିଁ । କେବଳ ମାତ୍ର କେତେଜଣ ସାଥୀ । ତେବେ ବି ମନେହୁଏ ଏହାର ମୂଲ୍ୟ କମ୍ ନୁହେଁ । ଏଥିରେ ପରିଦୃଷ୍ଟ ହୁଏ ଏକ ନୂତନ ଶକ୍ତି । ଏମାନେ ନାତ୍ସୀ ଅଗ୍ନି ପରୀକ୍ଷାରେ ପାଉଁଶ ହୋଇଯାଇ ନାହାନ୍ତି ବରଂ ଇସ୍ପାତର ଦୃଢ଼ତା ପାଇଛନ୍ତି । ଏ ଯେପରି ଯୁଦ୍ଧ କ୍ଷେତ୍ରରେ ଟ୍ରେଞ୍ଚର ଦୃଶ୍ୟ । ଆମେ ସାମରିକ ସଂଘର ପୋଷାକ ପିନ୍ଧି ଛିଡ଼ା ହୋଇଛୁ ।

ପରୀକ୍ଷା ଗୁଡ଼ିକ କ୍ଷୁଦ୍ର କ୍ଷୁଦ୍ର ଘଟଣା ନେଇ । ଏପରି ସାମାନ୍ୟ ନଜ ମୋର ସନ୍ଦେହ ହେଉଛି ଯେଉଁମାନେ ଯୁଦ୍ଧର ଅଗ୍ନିକୁଣ୍ଡ ମଧ୍ୟ ଦେଇ ଯାଇ ନାହାନ୍ତି ସେମାନେ ବୋଧହୁଏ ପଢ଼ି କରି ବୁଝି ପାରିବେ ନାହିଁ । ସମ୍ଭବତଃ ତୁମେ ବୁଝି ପାରିବ । ମତେ ବିଶ୍ୱାସ କର । ଏଇଠିହିଁ ଶକ୍ତିର ଜନ୍ମ ।

ଆମର ପାଖ ଗାରଦରୁ ଆସୁଛି ପ୍ରଭାତୀ ସମ୍ଭାଷଣ ଅଙ୍ଗୁଳିର ଟକ୍ ଟକ୍ ଶବ୍ଦରେ ବିଥୋଭେନର ଗୋଟାଏ ସୁର । ଆଜି ଏଇ ଶବ୍ଦ ଅଧିକ ସ୍ପଷ୍ଟ, ଉତ୍ସବର ଉନ୍ମାଦନା ଭରା, କାନ୍ଥ ଚୁଡ଼ାକ ଯେପରି ଚଢ଼ା ଗଳାରେ କଥା କହୁଛନ୍ତି ।

ଆମର ସନ୍ତ୍ରୀଠାରୁ ଭଲ ପୋଷାକ ପିନ୍ଧୁଛୁଁ । ସନ୍ତ୍ରୀ ଗାର୍ଡରେ ଏକା ବ୍ୟାପାର ।

ପ୍ରାତଃଭୋଜନ ବଣ୍ଟନ ଜାକଜମକରେ ଶେଷ ହୋଇଛି । ଓ୍ୟାର୍ଡରମାନେ ଗାର୍ଡର ଉନ୍ମୁକ୍ତ ଦରଜା ସାମନାରେ କଳା କଫି, ରୁଟି ଆଉ ପାଣି ଧରି ବୁଲୁଛନ୍ତି । କମରେଡ୍ ସ୍କୋରେପୋ ଦୁଇଟା ଜାଗାରେ ତିନିଟା ରୁଟି ଦେଇଗଲା, ତାର ମନର ଦାନର ଉପହାର ସେ । ହୁସିଆର ଆତ୍ମାର ଉପହାର, ନିଜର ଅନୁଭୂତି ପ୍ରକାଶର ଏଇ ସରଳ ପଥ ସେ ଖୋଜି ବାହାର କରିଛି । ରୁଟିକୁ ଧରିବାକୁ ଗଲାବେଳେ ରୁଟିତଳେ ଆମ ଆଙ୍ଗୁଳିକୁ ଆଙ୍ଗୁଳି ବାଜିଲା. ଅଳ୍ପ ହେଉ ପଛକେ ମୃଦୁସ୍ପର୍ଶ ଲାଗିଲା । କଥା କହିବାର ସାହସ ନାହିଁ—ଏପରି କି ଅକ୍ଷର ଅଭିବ୍ୟକ୍ତି ମଧ୍ୟରେ ପଡ଼ିବ । କିନ୍ତୁ ମୂକ ବ୍ୟକ୍ତି ମଧ୍ୟ ଅଙ୍ଗୁଳି ସାହାଯ୍ୟରେ ସୁନ୍ଦରକଥା କହିପାରେ ।

ଆମ ଝରକାର ନିମ୍ନଦେଶରେ ନାରୀ କଏଦୀମାନେ ବୁଲୁଛନ୍ତି ତାଙ୍କର ବ୍ୟାୟାମ କରିବାକୁ । ମୁଁ ଟେବୁଲ ଉପରକୁ ଉଠି ରେଲିଂ ଭିତରେ ଦେଖୁଛି । ସମ୍ଭବତଃ ସେମାନେ ଉପରକୁ ଚାହିଁବେ । ହଁ ଚାହିଁଲେ । ମୋତେ ଦେଖି ମୁଷ୍ଟିବଦ୍ଧ ହାତ ଉଠାଇ ଜଣାଇଲେ ଅଭିବାଦନ । ପୁଣି ମଧ୍ୟ । ପ୍ରାଙ୍ଗଣଟା ଯେପରି ସଜୀବ ହୋଇ ଉଠିଛି—ଅନ୍ୟ ଦିନ ତୁଳନାରେ ସତ ଆନନ୍ଦମୟ । ପହରାବାଲା ଦେଖିପାରୁ ନାହିଁ—ହୁଏତ ଦେଖିବାକୁ ଇଚ୍ଛା କରୁନାହିଁ । ମଇ ଦିବସ ପ୍ୟାରେଡର ଏ ମଧ୍ୟ ଅଙ୍ଗବିଶେଷ ।

ଏଥର ଆସିଲା ଆମର ପାଳି । ବ୍ୟାୟାମ ସମୟରେ ମୋତେ ନେତୃତ୍ୱ ଦେବାକୁ ହେବ । ସାଥିଗଣ, ଆଜି ମଇ ପହିଲା । ଆଜି ନୂଆ କିଛି ଆରମ୍ଭ କରାଯାଉ—ରକ୍ଷୀମାନେ ଦେଖନ୍ତୁ ବା ନ ଦେଖନ୍ତୁ

ଖାଉଛୁ ଭରିନାହିଁ । ପ୍ରଥମ ଉତ୍ସବ ତ ହାଲୁଆ ପିଠିବା ଖେଳ—ଏକ ଧୂଳ, ଏକ ଧୂଳ । ଦ୍ୱିତୀୟ ଶତ୍ୟଗଠା ଉତ୍ସବ । ହାଲୁଆ ଅଛି ତା—ଏଥରେ ଲୋକେ ବୁଝିପାରୁଛନ୍ତି । ଯାହାର ସମସ୍ତଙ୍କ ମୁହଁରେ ହର୍ଷ, କାର୍ଯ୍ୟରେ ପ୍ରତି ଅଙ୍ଗ ସଞ୍ଚାଳନରେ ଉଦ୍ଦୀପନା । ଏଇ ଆମର ମନ ଖୋଲିବାର ଉତ୍ସବ । ଏଇ ମୁକ୍ତ ଅଭିନୟ ଆମର ମନ ଖୋଲିବାର ଶପଥ । ଆମେ ଅଟଳ ରହିବୁ, ଆମେ ମରଣ ଅଭିମୁଖେ ଯାତ୍ରୀ ହେଲେ ମଧ୍ୟ ।

ଗୁଣି ଗାଉ ଦେଇ ଫେରିଲୁ । ୯ଟା ବେଳ । କେମ୍ପ୍‌ଲାନ୍‌ର ଘଡ଼ିଘରେ ଏବେ ଯିଏଣି ବାଜିଠା । ରେଡ଼ିଓ ଷ୍ଟେସନ୍‌ର ଦ୍ୟାରେଡ଼ି ଆସୁ ଶୋଇଯାଉଛୁ । ଚୁଲିଆଏ ବାବା, ସେମାନେ ଅନ୍ତର୍ଜାତିକ ସଙ୍ଗୀତ ଗାଉଛନ୍ତି । ପୃଥିବୀର ଚାରିଆଡ଼େ ଅନ୍ତର୍ଜାତିକ ସଙ୍ଗୀତର ଧ୍ୱନି, ଆମର ଗାଁରେ ସେ ସୁର ବାଜି ଉଠୁ । ଆମେ ଗାଉଛୁ, ଗୋଟାଏ ପଛକୁ ଆଉ ଗୋଟାଏ ପୁଟ୍ଟିଛୁ ବିପ୍ଲବୀ ସଙ୍ଗୀତ । ନୌସଙ୍ଗ ରହିବାକୁ ଆମେ ଚାହୁଁ ନା—ବା ଆମେ ନୌସଙ୍ଗ ରହି ନାହୁଁ । ଯେଉଁମାନେ ପୃଥିବୀରେ ବିପ୍ଲବର ସଙ୍ଗୀତ ମୁକ୍ତକଣ୍ଠରେ ଗାଇପାରନ୍ତି ଆମେ ତ ସେମାନଙ୍କ ଦଳର । ସେମାନେ ତ ନିବେଦନ କରୁଛନ୍ତି. କି ଆମର ମନ.....

× × ×

କାରାଗାରେ ବନ୍ଦୀ, ଯାଧି ହେ ମୋର
ଭାଙ୍ଗି ପାରିବ ଛୁଡ଼ା କଠୋର;
ଚରଣ ମିଳାଇ ନ ପାରିଲେ ନାହିଁ
ଏକାହିଁ ଲଢ଼ାଇ ଏକାହିଁ ସୁର ।

ହଁ, ଆଜନ ଟଙ୍କୁ ତୁମ ସାଥିକ !

ଦୁଇଶ ସତଷଠୀ ନମ୍ବର ଗାରଦଠରେ ୧୯୪୩ ସାଲର ମଇ ଦିବସ ଉତ୍ସବ ପାଳନର ପରିସମାପ୍ତି ବୈଠକରେ ହେଲା ବୋଲି ଆମେ ଭାବିଲୁଁ । କିନ୍ତୁ ଏତିକିରେ ଶେଷ ହେଲା ନାହିଁ । ନାରୀ କଏଦୀଙ୍କ ନାରୀ ଓ୍ୟାର୍ଡର ଅଗଣାରେ ପଦଯୋଗ କରି ବୁଲିଛନ୍ତି । ଲାଲ ଫୌଜର ଯାତ୍ରା ସଙ୍ଗୀତ ମୁହଁରେ ଗୁମୁରି ବଜାଇ ଗାଉଛନ୍ତି । ତାପରେ ଗାଇଲେ ପାର୍ଟିଜାଂକା ଆଉ ଅନ୍ୟାନ୍ୟ ସୋଭିଏଟ ଗୀତ । ପୁରୁଷମାନଙ୍କ ଗାରଦର ସାହସ ସଙ୍ଗେ ସଂମିଶ୍ରିତ କରୁଛନ୍ତି ତାହାର ନିର୍ଭୀକତା । ଚେକ ପୁଲିସର ପୋଷାକପିନ୍ଧା ଲୋକଟି —ଯେ ମୋତେ କାଗଜ ଆଉ ପେନ୍‌ସିଲ ଆଣିଦେଇଥିଲା—ସେ ପହରା ଦେଉଛି ବାହାରେ ଛିଡ଼ା ହୋଇ ଯେପରି ମୋ ଲେଖିବା ସମୟରେ କେହି ହଠାତ ଆସି ମୋ ଉପରେ ନଜର ନପକାନ୍ତି । ଆଉ ଜଣେ ଚେକ୍ ପ୍ରହରୀ—ସେ ମୋତେ ଲେଖିବାକୁ ଉତ୍ସାହିତ କରୁଛି, ଆଉ ଲେଖା ସରିଗଲେ ସେ କାଗଜ ଗୁଡ଼ାକ ନେଇଯାଏ ଲୁଚେଇ କରି ରଖିବାକୁ, ଉପଯୁକ୍ତ ସମୟ ଆସିଲେ ସେଗୁଡ଼ିକ ଛପା ହେବ । ଏଇ କାଗଜ ଖଣ୍ଡିକ ପାଇଁ ତାର ହୁଏତ ମୃତ୍ୟୁକାଠ ହୋଇପାରେ, ତେବେ ବି ସେ ଜୀବନକୁ ବିପନ୍ନ କରୁଛି, ଆଜିର କାରାପ୍ରାଚୀରର, ଅନ୍ତରାଳ ଆଉ ଆଗାମୀ ଦିନର ସ୍ୱାଧୀନତାର ବ୍ୟବଧାନ ଭିତରେ କାଗଜର ସେତୁ ନିର୍ମାଣ କରୁଛି । ସମସ୍ତେ ଏକହିଁ ସଂଗ୍ରାମ ଲଢୁଛନ୍ତି—ଅସୀମ ସାହସରେ, ଯେଉଁଠି ଆଉ ପଛକେ, ଯୋଉ ହତିଆର ହେଉନା କାହିଁକି । ସେମାନେ ଏ ବିଷୟରେ ଏତେ ନିରାଡ଼ମ୍ବର ଆଉ ସରଳ, ଏପରିକି ଶୋଚନା ବି ନାହିଁ, ତୁମର କେବେ ମନେ ହେବ ନାହିଁ ଯେ ଏ ମରଣପଣ ଯୁଦ୍ଧ । ଏ ଯୁଦ୍ଧରେ ସେମାନେ ବିଜୟୀ ହେବେ କି ମୃତ୍ୟୁବରଣ କରିବେ ତା ଏ ପର୍ଯ୍ୟନ୍ତ……

ଦଶଥର କୋଡ଼ିଏ ଥର ବମ୍ବାରୀ ବାହିନୀର ମଇ ଦିବସ ପ୍ୟାରେଡ଼ ତୁମେ ଦେଖିଥିବ । ଚମତ୍କାର ସେ ପ୍ୟାରେଡ଼ । କିନ୍ତୁ ଯୁଦ୍ଧରେହିଁ ତୁମେ ସେମାନଙ୍କର ଶକ୍ତିର ପରିଚୟ ପାଇବ, ବୁଝି ପାରିବ ସେମାନେ ଅଜେୟ । ତୁମେ ଯାହା ଭାବିଥିଲ ତାଠାରୁ ମୃତ୍ୟୁ ଅନେକ ସହଜ, ଆଉ ବଞ୍ଚିବା ଲାଗି ଠାଇ ଥାଏ ନାହିଁ । କିନ୍ତୁ ଯୁଦ୍ଧ ତମର ଧାରଣା ଠାରୁ ଅନେକ ନିଷ୍ଠୁର, ଏଥିରୁ ସ୍ଥିର ରହି ନିର୍ମୂଳ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ଲୋଡ଼ା ଅସୀମ ଶକ୍ତି । ତୁମେ ଏଇ ସୈନ୍ୟବାହିନୀକୁ ଅଗ୍ରସର ହେବାର ଦେଖିଛ, କିନ୍ତୁ ସବୁ ବେଳେ ବୁଝି ପାରିନାହିଁ କେତେ ଏହାର ଶକ୍ତି; ତାର ଆଘାତ କେତେ ନିରନ୍ତର ଆଉ ନ୍ୟାୟସଙ୍ଗତ ।

ଆଜି ତୁମେ ବୁଝିପାରିଛ ।

୧୯୪୩ ସାଲର ମଇ ଦିବସର ପ୍ୟାରେଡରେ ।

୧୯୪୩ ସାଲର ମଇ ମହିନା ମୋ କଥା ସ୍ରୋତରେ ମୁହୂର୍ତ୍ତିକ ପାଇଁ ବାଧା ସୃଷ୍ଟି କରିଛି । ତା ତ ହେବାର କଥା । ଉତ୍ସବ ଦିନରେ ମନୁଷ୍ୟର ଭାବନା ଭିନ୍ନ ଧରଣର ହେବ । ଆଉ ଆଜିର ଆନନ୍ଦର ଉପଲବ୍ଧି ହୁଏତ ମୋର ସେହି ସ୍ମୃତିକୁ ବିକୃତ କରି ଦେଇପାରେ ।

ପେଟ୍ରେକ୍ ବିଲ୍ଡିଂର 'ସିନେମା' କଦାପି ଉପଭୋଗର ବସ୍ତୁ ନୁହେଁ । ଏହା ଉତ୍ପୀଡ଼ନଶାଳାର ପ୍ରବେଶଦ୍ୱାର । ଏହିଠାରୁ ତୁମେ ଚିତ୍କାର ଆଉ ଗଁ ଗଁ ଶୁଣିପାରିବ, ଭାବିବ—କିଏ ଅଛି ତମ ଭାଗ୍ୟରେ କେଜାଣି ! ଦେଖିବ ଶକ୍ତିସମର୍ଥ ଆଉ ସୁସ୍ଥକାୟ ବ୍ୟକ୍ତି ଏହା ମଧ୍ୟରେ ପ୍ରବେଶ କରୁଛନ୍ତି—ଦୁଇ ତିନି ଘଣ୍ଟା ପରେ ଫେରି ଆସିଲେ ଏକବାରେ ଭାଙ୍ଗିଚୁରି ଯନ୍ତ୍ରଣାରେ ପଙ୍ଗୁ ହୋଇ । ପ୍ରବେଶ

କଲବେଳକୁ ଏକ ଦୀପ୍ତ ସ୍ୱର ତାଙ୍କୁ ଜଣାଇଥିଲା ବିଦାୟ ସମ୍ଭାଷଣ—ସେଇ ଫେରଆସିଲା, ବେଦନାରେ ତାର କଣ୍ଠରୁଦ୍ଧ ହୋଇଆସୁଛି, ଭଗ୍ନସ୍ୱର ଆଉ ଜ୍ୱରାକ୍ରାନ୍ତ । କେତେବେଳେ ଏହାଠାରୁ ଖରାପ ଅବସ୍ଥା ଆଖିରେ ପଡେ । ତୁମେ ଦେଖିଲ ଦୁଇଟି ସ୍ୱଚ୍ଛ ଚକ୍ଷୁ ତମଆଡ଼କୁ ସହଜ ଭାବରେ ଚାହିଁ ଗୃହ ମଧ୍ୟକୁ ପ୍ରବେଶ କଲା, ଫେର ଆସିଲା ଯେତେବେଳେ ଆଉ ତମ ମୁହଁ ଆଡକୁ ଚାହିଁବାକୁ ସାହସ କରୁନାହିଁ ସେ । ଉତ୍ପୀଡ଼ନ—ଶାଳା-ହୁଏତ କ୍ଷଣକ ପାଇଁ ତାର ଆସିଥିଲା ଦୁର୍ବଳତା, ଭୟ ଆଉ ଅବ୍ୟବସ୍ଥିତ ଭାବ । ହୁଏତ ନିଜକୁ ରକ୍ଷା କରିବାର ଦୁର୍ଦ୍ଦମନୀୟ ଇଚ୍ଛା ଜାଗି ଉଠିଥିଲା । ତାର ଅର୍ଥ କାଲି ପୁଣି ସେମାନେ ନୂତନ ଶିକାର ନେଇ ଆସିବେ, ବିଭୀଷିକାର ପର୍ଯ୍ୟାୟ ଆରମ୍ଭ ହେବ ସେମାନଙ୍କର ଜୀବନରେ । ସେମାନଙ୍କର ସାଥି ଶତ୍ରୁ ନିକଟରେ ତାଙ୍କୁ ଧରେଇ ଦେଇଛି ।

ଜଣେ ତାର ସାହସ ଓ ବିବେକ ହରାଇଛି ଓ କାହାର ଶରୀର ପଙ୍ଗୁ ହୋଇଯାଇଛି । ଏ ଦୁଇଟି ଦୃଶ୍ୟ ମଧ୍ୟରେ ପ୍ରଥମଟି ଅଧିକ ମର୍ମନ୍ତୁଦ । ଯଦି ମରଣ ଆସି ତୁମର ଆଖି ବୁଜିଦିଏ,(ମରଣର ପଦର୍ମ ପ୍ରବେଶ ତ ଏଠି ଲାଗି ରହିଛି) ପୁନର୍ଜନ୍ମ ଯଦି ତୁମର ଇନ୍ଦ୍ରିୟଗୁଡ଼ିକୁ ସଜୀବ କରିଦିଏ, ସେତେବେଳେ ବିନା ବାକ୍ୟରେ ବୁଝିବ କିଏ ଦୋଦୁଲ୍ୟମାନଚିତ୍ତ ହୋଇଛି—କିଏ ବିଶ୍ୱାସଘାତକତା କରିଛି—କିଏ ଏକ ମୁହୂର୍ତ୍ତିକ ପାଇଁ ମଧ୍ୟ ମନରେ ଆତ୍ମସମର୍ପଣ କରିବା ଚିନ୍ତାକୁ ସ୍ଥାନ ଦେଇଛି—ଆଉ ବିଚାରିଛି ତାର ସାଥୀମାନଙ୍କ ମଧ୍ୟରୁ ଅପ୍ରଧାନ କର୍ମୀମାନଙ୍କ କଥା କହିଦେଲେ ଭଲ ହେବପରି ! ଯେଉଁମାନେ ଏହିପରି ଦୁର୍ବଳ ହୋଇ ପଡ଼ନ୍ତି, ସେମାନେ କରୁଣାର

ଯାନ୍ତି । କମରେଡ୍‌ର ଜୀବନ ବିନିମୟରେ ଯେଉଁ ଜୀବନ ସେମାନେ ପାଇବେ, ତାହା କିଭଳି ସେମାନେ ଜାଣିବେ ।

ପ୍ରଥମ ଯେଉଁ ଦିନ ସିନେମାକୁ ଆସି ବସିଥିଲି ସେତେବେଳେ ହୁଏତ ଏହି ଚିନ୍ତା ମୋ ମନକୁ ଆସି ନାହିଁ, କିନ୍ତୁ ଏଇ ଚିନ୍ତା ମୋ ମନକୁ ସେଟି ବହୁବାର ଆସିଛି । ସେଦିନ ସକାଳେ--ଅଲଗା ପରିବେଷ୍ଟନୀ ମଧ୍ୟରେ ଏହି ଚିନ୍ତାହିଁ ଉପସ୍ଥିତ ହେଲା, ଉପଲବ୍ଧିର ରୂପ ୪୦୦ ନମ୍ବର ପ୍ରକୋଷ୍ଠରେ ।

ବେଶୀ ସମୟ ସିନେମାରେ ବସି ନାହିଁ, ଘଣ୍ଟାଏ ଖଣ୍ଡେ, ହୁଏତ ଦେଢ଼ଘଣ୍ଟା ହେବ । ହଠାତ୍ କେହି ମୋର ନାଁ ଧରି ଡାକିଲା । ଦୁଇଜଣ ବେସାମରିକ ଲୋକଙ୍କ ଦାୟିତ୍ୱରେ ମୁଁ ରହିଲି । ଫ୍ରେଞ୍ଚ୍ ଭାଷାରେ କଥା କହୁଥିଲେ ସେମାନେ । ସେମାନେ ମୋତେ ଲରୀରେ ଚଢ଼ାଇ ପାରିସହରର ଗୋଟାଏ ବଡ଼ ଘରକୁ ନେଇଗଲେ । ଦୁଆରେ ଲେଖାଥିଲା ନମ୍ବର ୪୦୦ ।

ପ୍ରଥମେ ଏକା ବସିରହିଲି କାନ୍ଥ ନିକଟରେ ଗୋଟାଏ ଏକୁଟିଆ ଚୌକିରେ । ଚତୁଃପାର୍ଶ୍ୱକୁ ଦୃଷ୍ଟିପାତ କଲି, ମନରେ ମୋର ଏକ ଅଦ୍ଭୁତ ଅନୁଭୂତି । ଉପସ୍ଥିତ ମୁହୂର୍ତ୍ତ ଜୀବନରେ ଘଟିଥିଲା ଆଉଥରେ କେବେ । ଆଗରୁ କେବେ ଏଠିକି ଆସିଛି କି ? ନା, କେବେ ତ ନୁହେଁ । କିନ୍ତୁ ଏହା ତ ସତ୍ୟ । ଏଇ ଘର ମୁଁ ଚିହ୍ନେ, ଜ୍ୱର ବାଉଳାର ନିର୍ମମ ସ୍ୱପ୍ନରେ ଦେଖିଛି ଏଇ ଘର — ମୋ ନିକଟରେ ସେ ବିକୃତ ବିଭୀଷିକାର ରୂପ ନେଇ ଦେଖା ଦେଉଥିଲା, କିନ୍ତୁ ତେବେ ବି ଚିହ୍ନିବାକୁ କଷ୍ଟ ହେଉନାହିଁ । ବର୍ତ୍ତମାନ ତ ଦିନର ପୂର୍ଣ୍ଣ ଆଲୋକରେ ଝଲମଲ କରୁଛି, ସୁନ୍ଦର ଦେଖାଯାଉଛି, ରଙ୍ଗ ଫୁଟି ଉଠୁଛି ସ୍ପଷ୍ଟ । ଟୋଲନି ଗିର୍ଜା, ଲୋହଡ଼ନାର ସବୁଜ ଉଦ୍ୟାନ ଆଉ ପ୍ରାସାଦ ଏହାର ବିସ୍ତାରିତ ବାତାୟନ ଭିତରେ ଦେଖାଯାଉଛି ।

ମୋର ସ୍ୱପ୍ନର ଘର ଥିଲା ଅନ୍ଧାରୁଆ, ଦାରିଦ୍ର୍ୟ ପୀଡ଼ିତ, ମ୍ଳାନ, ହତଶ୍ରୀ, ସେଠି ମନୁଷ୍ୟ ସ୍ଥାନ ପର ଦଖଲ । ହଁ ମନୁଷ୍ୟ ଥିଲେ ନିଶ୍ଚୟ । ବର୍ତ୍ତମାନ ତ ପାଙ୍କା । ଗୋଟାଏ ଦେଲୁ ଆଉ ଗୋଟାଏ—ଏହିପରି ଛଡା ବେଶି । ଯୋଉ ମ୍ୟାନହେଲ୍ହାନ ଆଉ ବଡ଼ରକମ୍ ମୂର୍ତ୍ତିରେ ଭରା । ଉଜ୍ଜ୍ୱଳ ହରିଦ୍ରାବର୍ଣ୍ଣ ଚିତ୍ରରେ । ସ୍ୱପ୍ନରେ ଦେଖିଥିଲି ଏଠି ବହୁ ଲୋକଙ୍କର ଭିଡ଼ । କେଉଁଠିରେ ଲାଗାଲାଗି ହୋଇ ବସିଛନ୍ତି, ସେମାନଙ୍କର ମୁଖ ମ୍ଳାନ, ଉଦ୍‌ଭ୍ରାନ୍ତ । କବାଟ ପାଖରେ ଜଣେ ଠିଆ ହୋଇଥିଲା, ଦେହରେ ତାର ଉତ୍ପୀଡନର ଛାପ; ପରିଧାନ ତାର ଶ୍ରମିକର ନୀଳ ପୋଷାକ । ପାଣି ପିଇବାକୁ ବ୍ୟାକୁଳ—ପିପାସାରେ ଅସ୍ଥିର । ଏଥର ସେ ଲୋକଟି ପଡ଼ିଲା ତାହାଣରେ ସତେ ଯେପରି ପାବନୀ ପଡ଼ିଲା ।

ହଁ, ଏଇଆ ଦେଖିଥିଲି କାଲି ବର୍ତ୍ତମାନ ବୁଝିପାରୁଛି ସେ ସ୍ୱପ୍ନ ନୁହେଁ । ସେଇ ପ୍ରକାଶମୟୀ ସ୍ୱପ୍ନ ଘଟିଥିଲା ବାସ୍ତବରେ ।

ଯେଉଁ ଦିନ ଗିରଫ ହେଲି ସେହି ଦିନରେ, ପ୍ରାୟ ସୁଶୀଳ ସମୟରେ ଘଟିଥିଲା ଏହି ବ୍ୟାପାର । ସେମାନେ ମୋତେ ଏଠିକି ଧରିଆଣି ଆସିଥିଲେ—ପୁଲିସ ଦପ୍ତର ହୋଇ ଯାଉ, ତା ମୁଁ ଜାଣିବି କିପରି—ସେମାନେ ପେଟଭରି ଖାଇବା ନେବାକୁ ଦା ଆଉ ଜଣଙ୍କ ପାଖରେ ଲାଗିବାକୁ ଦୁଇଁଥିଲେ ପେଟଭରିବାକୁ ମୋତେ ଏଠିକି ନେଇ ଆସିଥିଲେ ।

ମୋର ପାଦ ଅନାବୃତ ଥିଲା । ଫୁଲିଲା ପାଦକୁ ଚାହିଁଲି ତଡ଼ାଶ କି ଦୁଇର ଅଶ୍ରୁ ଲୁହାଇ ମନେ ଅଛି ମୋର ।

ବୋଧହୁଏ ସେଠି ସେ ଦିନ ସଭାରେ ଲିଖିଥିଲି ଲାଙ୍ଗଳର କାରଖାନାର ଶ୍ରମିକମାନେ... ଦେଶୀ ଯୋଦ୍ଧାମାନଙ୍କର ସେ ଦିନର

ଚମ୍ପା ଶିକାର । ଗୀତା ଭେରିଅଲ୍ ଦିଶା ଯେଉଁ କ୍ଲେକ୍ଟ କବାଟ ପାଖରେ ଥିଲି, ସେ କମ୍ରେଡ୍ ବାର୍ନ୍ ତାଙ୍କର ପାର୍ଟି ସେଲ୍ ର ଭିତରେ । ଏମାନ ଶିଳ୍ପୀର ଧାରଣା କାରଣ ଯେ । ମୋର ଏଥି ଅନୁଭୂତି ମିଳିଲା ତାହାଙ୍କୁ ଦୋଷୀ କରିହେବ ନାହିଁ ତୁହେଁ ନାହିଁ ବୋଲି କହିବାକୁ ହେଉଛି । ମୋର ସଙ୍ଗୀମାନଙ୍କର ଭୀରୁତା ବା ବିଶ୍ୱାସଘାତକତାରେ ମୁଁ ପଡ଼ି ନାହିଁ । ବରଂ ଅସାବଧାନତା ପାଇଁ ମୋର ଅନୁଭୂତି ଏହାର କାରଣ । ପ୍ରତିବାଦ ଆନ୍ଦୋଳନର ନେତାମାନଙ୍କ ସଙ୍ଗରେ ତାଙ୍କ ସେଲ୍ ର ଯୋଗସୂତ୍ର ସ୍ଥାପନ କରିବାକୁ ଚେଷ୍ଟା କରିଥିଲେ କମ୍ରେଡ୍ ବାର୍ନେ । ତାର ଦଳ କମ୍ରେଡ଼ ନେଲିନେଲ୍ ଗୋପନ ଆନ୍ଦୋଳନରେ ମାତ୍ର ବିନ୍ଦୁଏରେ ଥିଲେ ଥିଲେ ତାଙ୍କ ସହିତ ଯୋଗସୂତ୍ର କରିବା ପାଇଁ । ମତେ ପ୍ରାରମ୍ଭରେ ପ୍ରଥମ ଖାତାରେ ତାଙ୍କର ଯୋଗସୂତ୍ର ସ୍ଥାପନ କରି ଦେବାକୁ ପ୍ରସ୍ତାବ କରୁଥିଲେ ନାହିଁ । ଏ ଗୋଟାଏ ଭୁଲ । ପ୍ରଥମ ଦିନ ଦେଖାଇବା ମାନେରେ ମିଶିଥିଲି କମ୍ରେଡ୍ ବାର୍ନେଙ୍କଠାରୁ କାଗଜ ଲିଖିତ ନେଲିନଙ୍କର ନାମ ଜାଣି ପାରିଲା । ତେଣୁ ନେଲିନେଲଙ୍କ ପଢ଼ିବାର ଚେଷ୍ଟାରେ ଥିଲେ ପଡ଼ିଲେ, କୌଣସି ବାତ କାମ ନ କରି ନେଇଥିଲେ (ଅଧିକ ନୂତନ ହେଲା ବଡ଼ ବଡ଼ ପାଗଳରେ ବନ୍ଦୀମାନଙ୍କରେ ସେମାନେ କାମ କରୁଥିଲେ) ଅଲି ପୁଣି ପୀଡ଼ିମାନଙ୍କର ନୀଚ ବନ୍ଧୁଙ୍କ ଗୋଟାଏ ସାମାନ୍ୟ କାମରେ ଧରା ପଡ଼ିଲେ ସେମାନେ । ମୁଁ ସେହିଦିନ ସନ୍ଧ୍ୟାରେ ଯେତେବେଳେ ଯାଉଥିଲି, ତେବେ ସେହିପରି ସେମାନେ ପୋଲିସରେ ବାଲିଙ୍ଗରେ ଗୋଟିଏ କରି ସ୍ଥିର କରିଥିଲେ ସେ ସମୟ ସମ୍ବନ୍ଧରେ ନେଲିନେଲ୍ ପଢ଼ିବାକୁ ପଢ଼ିଲେ । ସେତିକି ସେମାନେ ସେ ଏବେ ଦଳବଳ ନେଇ ଯାଉଥିଲେ ତା ବାଲିକୁ ଏକ ଅଟକି କରିଲେ । ଏହି

ଘରରେ କିଛି ଅଗରୁ ପାଇଁ ନ ଥିଲା, ଜେଲ୍‌ନେକ୍ ପରିବାରକୁ ଧରି ହୋଇଥାନ୍ତା ତା ପରଦିନ । କିନ୍ତୁ ତାଂକରସ ସେଲ୍‌ର ମେମ୍ବରମାନଙ୍କୁ ପଗଡ଼ କରି ଗେଷ୍ଟାପୋ ଦଳ ଉତ୍ସାହରେ ଉଦ୍ଧାନ୍ତ । ସେଠୁ ସେମାନେ ଜେଲ୍‌ନେକ୍‌ଙ୍କ ପାଖକୁ ଛୁଟିଲେ, କେବଳ ଗୋଟାଏ ସୂତ୍ର ତାଙ୍କର ଉଦ୍ଦେଶ୍ୟ । ସେମାନଙ୍କ ଆବିର୍ଭାବରେ ଆମେ ଯେପରି ବିସ୍ମିତ ହେଲୁଁ, ମତେ ସେଠି ଦେଖି ସେମାନେ ସେହିପରି ବି ବିସ୍ମିତ ହୋଇଗଲେ । କାହାକୁ ସେମାନେ ଧରୁଛନ୍ତି ସେ କଥା ପର୍ଯ୍ୟନ୍ତ ସେମାନେ ଜାଣି ନଥିଲେ । ହୁଏ ତ କେବେ ବି ଜାଣି ପାରି ନଥାନ୍ତେ, କିନ୍ତୁ ଠିକ ସେହିଦିନଠୁଁ ସେମାନେ...

୪୦୦ ନମ୍ବରରେ ବସି ବହୁତ ସମୟ ଗଡ଼ିଯିବା ପରେ ଏଇ ପ୍ରଥମ ଚିନ୍ତା କରିବାର ସୁଯୋଗ ମିଳିଲା । ସେତେବେଳକୁ ମୁଁ ଆଉ ଏକାକୀ ନାହିଁ, ଦେଖୁଁଗୁଡ଼ାକ ପ୍ରସ୍ତୁତ ହୋଇ ଯାଉଛି, ମୁହଁକଟେ କାନ୍ଥକୁ ଲାଗି ଥାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି । ବିସ୍ମୃତିର ଘଟଣାବହୁଳ ସମୟ ଛୁଟିଛି ଦ୍ରୁତ ଗତିରେ । କେତେଗୁଡ଼ିଏ ଘଟଣା ଏପରି କାଂଭୂତକିମାକାର ଯେ ସେ ଗୁଡ଼ାକ ମୁଁ ବୁଝିପାରିଲି ନାହିଁ, ଅନ୍ୟଗୁଡ଼ାକ କୁତ୍ସିତ ଏବଂ ସେଗୁଡ଼ାକ ମୁଁ ବୁଝିପାରିଥିଲି ଇଚ୍ଛା କରି ।

ପ୍ରଥମ ବିସ୍ମୃତିର ଘଟଣା ଅଦ୍ଭୁତ ବା କୁତ୍ସିତ ନୁହେଁ । କିନ୍ତୁ ସେଥିରେ ଥିଲା ଦୟା, ଅତି କ୍ଷୁଦ୍ର ଓ ସାମାନ୍ୟ, ତଥାପି ମୁଁ ତାକୁ ଭୁଲି ପାରିବ ନାହିଁ । ଯେଉଁ ଗେଷ୍ଟାପୋ ଚରିତ ମତେ ନଜରରେ ରଖିଥିଲା—ମନେ ପଡ଼ୁଛି ମୋର ଗିରଫ ପରେ ସେଇ ମୋର ପକେଟ ଉଲଟ ପାଲଟ କରି ଦେଖିଥିଲା—ସେ ଏବେ ମୋତେ ଖଣ୍ଡେ ଖଣ୍ଡିଆ ଜଳନ୍ତା ସିଗାରେଟ ପକେଇ ଦେଲା ।

ଛଅ ସପ୍ତାହ ପରେ ଏଇ ପ୍ରଥମ ସିଗାରେଟ୍ । ସଂସାରକୁ ଦ୍ୱିତୀୟ ଥର ପାଇଁ ଲେଉଟିଥିବା ବ୍ୟକ୍ତିପାଇଁ ଏହା ପ୍ରଥମ ସିଗାରେଟ୍ । ଉଠେଇ ନେବି କି ? ନା, ସେ ଭାବିବ ଗୋଟାଏ ସିଗାରେଟ୍ ଦେବ ମତେ କିଣି ନେଇଛି । କିନ୍ତୁ ସିଗାରେଟ୍‌କୁ ସେ ଯେଉଁ ଦୃଷ୍ଟିରେ ଚାହୁଁଛି ତାହା ତ ସରଳ, ସେ କାହାକୁ କିଣି ନେବାକୁ ଚାହେଁ ନାହିଁ । ତେବେ ବି ଶେଷ ପର୍ଯ୍ୟନ୍ତ ତାକୁ ଠାଣିପାରିଲି ନାହିଁ । ନବଜାତ ଶିଶୁମାନେ ସେପରି ପକ୍କା ଧୂମପାୟୀ ନୁହଁନ୍ତି ।

ଦ୍ୱିତୀୟ ବନ୍ଧୁ—ଚାରିଜଣ ଲୋକ ସାମରିକ କାଏଦାରେ ଗୋଡ଼ ପକେଇ ଘର ଭିତରକୁ ପଶି ଆସି ଚେକ୍ ଭାଷାରେ ଉପସ୍ଥିତ ସମସ୍ତଙ୍କୁ ସମ୍ଭାଷଣ ଜଣେଇଲେ । ମୁଁ ମଧ୍ୟ ବାଦ ପଡ଼ିଲି ନାହିଁ । ଟେବୁଲର ସେ ପାଖେ ସେମାନେ ବସିପଡ଼ି ତାଙ୍କର କାଗଜପତ୍ର ରଖିଲେ, ବେଶ୍ ଆରାମରେ ସିଗାରେଟ ଲଗେଇଲେ, ସତେ ଯେପରି ସେମାନେ ଅଫିସର ଗୋଟିଏ ଗୋଟିଏ । ମୁଁ କିନ୍ତୁ ତାଙ୍କୁ ଚିହ୍ନେ—ଅନ୍ତତଃ ତିନିଜଣଙ୍କୁ ଜାଣେ—ଏ କିଣ ସମ୍ଭବ ସେମାନେ ଗୋଷ୍ଟାପୋ ବିଭାଗରେ ଅଛନ୍ତି ? ହୋଇପାରେ—କିନ୍ତୁ ଏ ଛଅ ଜଣ କି ? ସେ ଲୋକଟି ଟେରିଙ୍ଗ୍‌ଲ ବା ଆଉ ଦୁଇ ନାମ ଅନୁସାରେ ରେନେକ୍; ଇଞ୍ଜିନିଅର ଓ ପରେ ବହୁଦିନ ଧରି ସମ୍ପାଦକ ଥିଲା. ଟିକିଏ ଲେଙ୍ଗୁଳା କିନ୍ତୁ ବାରୁଷ୍ଟ । ନା, ଅସମ୍ଭବ । ଆଉ ଜଣକର ଆଖି ଭିନ୍ନକୋଣି, ମୁଣ୍ଡବାଳ ଏକଦମରେ ଧଳା ପାଲିଟି ଯାଇଛି ସତ, ତେବେବି ସଜାଗ ଅଛି, ଏବେବି ଚେହେରା ସୁନ୍ଦର ଅଛି । ସେ ଥିଲା ଠାକୁର, ଅତି ଯୋଦ୍ଧା । ନା, ଏ ଅସମ୍ଭବ । ଅନ୍ୟ ଜଣଙ୍କ ଭାଇସନ୍ ରେଟ୍‌ଜିକ୍ । ଉତ୍ତର ବୋହେମିଆ ଖଣି ଅଞ୍ଚଳର ଜଣେ ଇଟାକାରଖାନାର । ତାପରେ ସେ ପାର୍ଟିର ଜିଲ୍ଲା

ସମ୍ପାଦକ ଥିଲା—କିନ୍ତୁ ମୁଁ ତାକୁ ଚିହ୍ନେ । ଉତ୍ତର ଅଞ୍ଚଳରେ ଆମେ ଦୁହେଁ ଏକା ସଙ୍ଗରେ ଏତେ ସଂଗ୍ରାମ କରିଯାଇଥିବା ପରେ, କିପରି ତାର ଚିଠି ନେଇଁ ଦେଲା ? ନା, ଅସମ୍ଭବ ! କିନ୍ତୁ ସେମାନେ ଏତେ-କଣ ପଚାରିଲେ ?

ମୁଁ ଏହି ପ୍ରଶ୍ନର ଉତ୍ତର ଖୋଜି ସ୍ଥିର କରିନାହିଁ ଏହି ସମ୍ମୁଖରେ ଅନ୍ୟମାନେ ଆସି ପହଞ୍ଚିଲେ । ମିରେକ୍, ଜେଲିନେକ ପଣ୍ଡିତ, ପ୍ରେଡ଼ିନୋଭଙ୍କୁ ସେମାନେ ନେଇ ଆସିଲେ । ମୁଁ ମୋ ସାଙ୍ଗରେ ସେମାନେ ପରିଚୟ ହୋଇଥିଲେ ମୁଁ ଜାଣେ । କିନ୍ତୁ ପାଭେଲ ଦୋଯାନେକ୍ ଏଠି କାହିଁକି ? ଶିଳ୍ପୀ-ସାହିତ୍ୟିକ ସେ, ବୁଦ୍ଧିଜୀବୀମାନଙ୍କ ଭିତରେ କାମ କରିବାରେ ମିରେକ୍‌କୁ ସାହାଯ୍ୟ କରୁଥିଲେ ସେ । ମିରେକ୍ ଓ ମୋ ବ୍ୟତୀତ ତାଙ୍କ କଥା ଆଉ କିଏ ଜାଣେ ଭଲା ? ଆଉ ସେହି···ଦାଢ଼ିଥିବା ଯୁବକ ଜଣଙ୍କ କାହିଁକି ଛଳନା କରୁଛୁ ଯେ ଆମେ ପରସ୍ପରକୁ ଚିହ୍ନୁ ନାହିଁ ବୋଲି ? ତାଙ୍କୁ ତ ମୁଁ ଯଥାର୍ଥେ ଜାଣେନି ନାହିଁ । ସେ କିଏ ହୋଇପାରନ୍ତି ? ଆରେ ଷ୍ଟାଇଗ ତ ! ଷ୍ଟାଇଗ ? ଡାକ୍ତର ବୋହୁମିଲ୍ ଷ୍ଟାଇଗ ? ହା ଭଗବାନ ! ସେମାନେ ତା ହେଲେ ଡାକ୍ତରମାନଙ୍କର କମିଟିକୁ ମଧ୍ୟ ଭେଦ କରିଛନ୍ତି । ମିରେକ ଆଉ ମୋ ବ୍ୟତୀତ ତାଙ୍କ ବିଷୟ ଆଉ କିଏ ଜାଣିଥିଲା କି ? ଗାରଦରେ ମୋତେ ନିର୍ଯାତନା ଦେଲାବେଳେ ସେମାନେ ବୁଦ୍ଧିଜୀବୀମାନଙ୍କର ଦଳ କଥା ପଚାରୁଥିଲେ ମୋତେ ? ବୁଦ୍ଧିଜୀବୀମାନଙ୍କ ଭିତରେ ମୁଁ କାମ କରେ ବୋଲି ସେମାନେ ଜାଣିଲେ କିପରି ? ମିରେକ୍ ଆଉ ମୋ ବ୍ୟତୀତ ଏ ବ୍ୟାପାର ଆଉ କିଏ ଜାଣିଥିଲା ?

ଉତ୍ତର ଖୋଜି ପାଇବା କଷ୍ଟକର ନଥିଲା—କିନ୍ତୁ ସେ ଏକ ନିର୍ମମ ଆଘାତ—ମିରେକ୍ କିନ୍ତୁ କହୁଛି, ଆମ ସମସ୍ତଙ୍କୁ ଧରେଇ

ଦେଇଛୁ । କ୍ଷଣିକ ନିମିତ୍ତ ଆଶା ହେଲା ମିଟରନ୍ ହୁଏ ତ ସତ୍ୟ କହୁ ନାହାନ୍ତି କିନ୍ତୁ ଅଳ୍ପ ସମୟ ପରେ ସେମାନେ ଆଉ ଦଳେ କଏଦୀ ଅଣି ହାଜର କଲେ । ଏଥର ବୁଝିପାରିଲୁ ସେ କ'ଣ କହୁଛନ୍ତି ।

ଜାପାନ୍ ବନ୍ଦୀ କମିଟିରେ ଯେଉଁ ସବୁ ରେଳ୍ ବୁଦ୍ଧିଜୀବୀ ଥିଲେ ସେମାନଙ୍କ ମଧ୍ୟରୁ କେହି ବାଦ୍ ପଡ଼ିନାହାନ୍ତି । ଲେଫ୍ଟ ଡଲପମିର ଭାଇସ୍, ଅଧ୍ୟାପକ ଟେଲବାର୍ ଅଜ ତାଙ୍କ ପୁଅ, ନବେଦେଶ୍ ଭାନ୍‌କଲଡେକ୍, ଛଟ୍‌ଦେଶରେ ତାଙ୍କୁ ଚେହ୍ନି ହେଉ ନାହିଁ । ବଚ୍ଚେନା ପାଲଯାଟେନାହି, ଲିନ୍‌ସିଂଗ୍ ଏଲ୍‌ବାଲ୍ ଅଜ ଶିଳ୍ପୀ ଡୋଗ୍ରାନ୍ । ମିଟରନ୍ ନିଷ୍ଠୁର ବୁଦ୍ଧିଜୀବିମାନଙ୍କ ମଧ୍ୟରେ ଆମର କଥା ସବୁ ମିଟରଲ କହୁଦେଇଛୁ ।

ମେଟ୍ରୋନ୍ କାର୍ଡ଼'ରେ ପ୍ରଥମ ଅଭିଜ୍ଞତା ମୋ ନିକଟରେ ଅପ୍ରୀତିକର ନ ଥିଲା କିନ୍ତୁ ଏ ଅଧାତ ଯେ ହେଉଛି, ମୋ ପକ୍ଷରେ ଅସହନୀୟ ! ମୁଁ ଆଶା କରିଥିଲି ହୁଏତ, ବିଶ୍ୱାସଘାତକତା ନୁହେଁ । ପ୍ରକୃତିବୃତ୍ତିରେ ବନ୍ଦୀନ କରିବାକୁ ଦେଖିଲି ତାକୁ, ତା ସମ୍ମୁଖରେ ଠିକ ପାଠଶାଳା କରୁ ମଧ୍ୟ ଭାବିଲି । ମନେ ମନେ ଭାବିଲି, ନା, ମିଟରନ୍ ଏ କାମକୁ ନାହିଁ, ସେମାନେ ବି ଏହା ଭିତରେ ଅଛନ୍ତି । ବିଶ୍ୱାସଘାତକତା ସେ କରୁଛନ୍ତି । ନା, ନା, ଏ ଲୋକମାନେ ଜେଣୁ ଓ ବା ଦୁର୍ବଳତା ନୁହେଁ, ସମ୍ପୂର୍ଣ୍ଣରେ ନିଜର ମନୁଷ୍ୟର ଭୂମିକା ମଧ୍ୟ ନୁହେଁ । ଏ ଘୁଣାକ ଦୁଃଖ ଜନେଇଥିଲୁ । ବର୍ତ୍ତମାନ ବୁଝିଲି, ସେମାନେ ପ୍ରଥମ ଦିନରେ ହିଁ କରେ ମୋର ନାମ ଜାଣିଲେ । ବୁଝିଲି କେବେ ଆଉ ନିଜଦ୍ୱାରା ଏଡ଼ି ଅଛିଲୁ । ମିଟରନ୍‌କୁ ପୂର୍ବଥର ତାଙ୍କ ଘରେ ଦେଖିଛୁ । ବର୍ତ୍ତମାନ ଜାଣିଲି ତାହାଙ୍କ କ୍ରୋଧଟେକ୍ ଅଜ ତାଙ୍କର ଏଡ଼ି ଅଛନ୍ତି ।

ଏହାପରେ ପ୍ରାୟ ପ୍ରତିଦିନ ସେମାନେ ମୋତେ ୪୦୦ ନମ୍ବରକୁ ନେଇଯାଆନ୍ତି । ସେହି ନୂତନ ବନ୍ଦୀର ଅବସ୍ଥାର । ମର୍ମନ୍ତୁଦ ଓ ଭୟଙ୍କର ତା ସବୁ । ଏଠି ସେହି ସାହସୀ ବୀର ଯେ ସ୍ପେନର ସୀମାନ୍ତରେ ଲଢିଛି, ବୁଲେଟକୁ ଭୟ ନାହିଁ, ଗ୍ରାନ୍ସର ବନ୍ଦୀଶିବିରରେ ନିଷ୍ଠୁର ଉତ୍ପୀଡ଼ନରେ କେବେ ମୁଣ୍ଡ ନୁଆଁଇ ନାହିଁ । ଆଉ ଆଜି ଗେଷ୍ଟାପୋର ଚାବୁକ୍ ସାମନାରେ ସେ ଭୟରେ ମ୍ଳାନ ହୋଇଗଲା, ନିଜକୁ ବଞ୍ଚାଇବା ପାଇଁ ଅନ୍ୟକୁ ଧରାଇ ଦେଲା । କେତେ ଲୋକଦେଖାଣିଆ ତାର ବିଶ୍ୱାସ ଓ ସାହସ— ସାମାନ୍ୟ କେତୋଟା ଅତ୍ୟାଚାରରୁ ରକ୍ଷା ପାଇବା ନିମିତ୍ତ ସେ ସବୁ ଭାଙ୍ଗି ପଡ଼ିଲା । ଏକ ଆଦର୍ଶର ବିଶ୍ୱାସୀ କମ୍ରେଡ୍ ସହିତ ଥିଲାବେଳେ ସେ ଥିଲା ଶକ୍ତିମାନ୍ । ସେମାନଙ୍କ କଥା ଭାବି ସେ ପାଉଥିଲା ଶକ୍ତି । କିନ୍ତୁ ଯେତେବେଳେ ସେ ଆକ୍ରମଣକାରୀ ଶତ୍ରୁଙ୍କ ଭିତରେ ଏକାକୀ, ସେ ସମ୍ପୂର୍ଣ୍ଣ ହରାଇବସିଲା ତାର ଶକ୍ତି । ନିଜର କଥା ଭାବିବାକୁ ଯାଇ ସେ ହରାଇଲା ସବୁ, ନିଜକୁ ବଞ୍ଚାଇବା ନିମିତ୍ତ ସେ ବଳି ଦେଲା ତାର ସାଥୀମାନଙ୍କୁ । ଶତ୍ରୁ ନିକଟରେ ସ୍ୱୀକାର କଲା ବଶ୍ୟତା, ଆଉ ଭୀରୁତା ହେତୁ ଆସିଲା ବିଶ୍ୱାସଘାତକତା ।

ସେ ଭୁଲିଗଲା ତା ଘରୁ ମିଳିଥିବା କାଗଜପତ୍ରର ସାଙ୍କେତିକ ଲିପିର ପାଠୋଦ୍ଧାରଠାରୁ ମୃତ୍ୟୁ ଶ୍ରେୟସ୍କର । ସେ ତାଙ୍କୁ ଗୋଟି ଗୋଟି କରି ସବୁ କହିଦେଲା । ନାଁ, କେଉଁଠି ତାଙ୍କର ଗୁପ୍ତ ରହିବା ସ୍ଥାନ, ତାର ଠିକଣା, ସେ ସବୁ ବତାଇଦେଲା । ଜଣେ ଗେଷ୍ଟାପୋ ଚର ନେଇ ସେ ଷ୍ଟାଇନ୍‌ଙ୍କ ସଙ୍ଗରେ ଦେଖା କରିବାକୁ ଗଲା । ଡ୍ୱୋରାକ୍ ଘରକୁ ପୁଲିସ ପଠାଇଲା । ସେଠାରେ ଭକ୍ଲାଭେକ ଆଉ କୋପାଟେକର ଦେଖା କରିବାର କଥା ଥିଲା । ସେ ଅଜିକୁ

ତାଙ୍କ ହାତକୁ ଟେକିଦେଲା । ଯେଉଁ ସାହସିନୀ ବାଳିକା ଲୁଚ୍ଚା ତାକୁ ଭଲ ପାଉଥିଲା ସେ ତାକୁ ବି ଧରାଇ ଦେଲା । କେତେଟା ମାସ ମାଡ ଖାଇ ସେ ଯାହା ଜାଣିଥିଲା ତାର ଅର୍ଦ୍ଧେକ କହିଦେଲା । ଯେତେବେଳେ ଭାବିଲା ମୁଁ ମରିଯାଇଛି, ଆଉ କାହାର ପାଖରେ ତାକୁ ଦାୟୀ ହେବାକୁ ପଡ଼ିବ ନାହିଁ, ସେତେବେଳେ ବାକୀତକ ମଧ୍ୟ କହିଦେଲା ।

ଏଥିଦ୍ୱାରା ସେ ମୋର କ୍ଷତି କରି ପାରିନାହିଁ । ମୁଁ ତ ଯୋଗ୍ଲୋପୋ ହାତରେ—ଆଉ କି କ୍ଷତି ମୋର ହୋଇପାରେ ? କିନ୍ତୁ ତାର ଜବାନବନ୍ଦୀରେ ଅନେକ ଗୁଡ଼ାଏ ଷଡ଼ଯନ୍ତ୍ରର ଭିତ୍ତି ସୃଷ୍ଟି ହେଲା । ଅନେକ ପ୍ରମାଣ ଆବିଷ୍କୃତ ହେଲା ଆଉ ସେଥିରେ ମୁଁ ଜଡ଼ିତ ହୋଇ ପଡ଼ିଲି । ଏପରି ସବୁ କଥା ସେ ପ୍ରକାଶ କରିଦେଲା ଯାହା ଶୁଣି ସେମାନେ ଭାରି ଖୁସି । ଏଥିପାଇଁ କଣ ମୁଁ ଆଜି ଅନ୍ୟାନ୍ୟ ଦଳର ଅଧିକାଂଶ ସାମରିକ ଅଭିଜ ସମ୍ମୁଖରେ ବସି ରହିଥିଲି ? ସେ ଆଉ ମୁଁ ଗୁଳିଗଲା ପରେ ଆମର ଦଳ ଆଉ ତିଷ୍ଠି ପାରି ନଥାନ୍ତା । କିନ୍ତୁ ସେ ଯଦି ମୁହଁ ବୁଜି ରହିଥାନ୍ତା ଅନ୍ୟ ଦଳଗୁଡ଼ାକ ତ ବଞ୍ଚିପାରିଥାନ୍ତେ । ତାର ଓ ମୋର ମୃତ୍ୟୁର ବହୁ ପରେ ମଧ୍ୟ ସେମାନେ ତ କାମ କରି ପାରିଥାନ୍ତେ ।

ଯେ ଝିଅ ସେ କେବଳ ତାର ନିଜ ଜୀବନ ତ ହରାଏ ନାହିଁ, ହରାଏ ଅନ୍ୟର ଅନେକ ବେଶୀ । ଏହି ଲୋକଟା ଗୋଟାଏ ଅଦ୍ଭୁତ ସୈନ୍ୟବାହିନୀକୁ ପରିତ୍ୟାଗ କଲା, ଆଉ ଅତି ନୀଚ ଶତ୍ରୁ ନିକଟରେ ଆତ୍ମସମର୍ପଣ କଲା । ସେ ବଞ୍ଚିଥିଲେ ମଧ୍ୟ ମୃତ, କାରଣ ସେ ଦଳରୁ ବହିଷ୍କୃତ । ପରେ ସେ ନିଜକୁ ସଂଶୋଧିତ କରିବାକୁ ଚେଷ୍ଟା କରିଥିଲା କିନ୍ତୁ ତାକୁ ଆଉ ଗ୍ରହଣ କରି ହୋଇନାହିଁ । ଏହି ବହିଷ୍କାର କମ୍ୟୁପାଖାନାରେ ଅଧିକ ଅସହନୀୟ ବୋଧ ହୁଏ ।

ବନ୍ଦୀଜୀବନ ଅର୍ଥ ନିଃସଙ୍ଗତା ଏକା କଥା ବୋଲି ଲୋକଙ୍କ ମନରେ ଅନେକ ସମୟରେ ଧାରଣା ହୁଏ—କିନ୍ତୁ ସେ ଗୋଟାଏ ମସ୍ତ ଭୁଲ କଥା । ବନ୍ଦୀ ତ ନିଃସଙ୍ଗ ନୁହେଁ । କଏଦୀଖାନା ତ ଏକ ଗୋଷ୍ଠୀ, କଠୋର ଭାବରେ ଅବରୋଧ ରଖିଲେ ବି ମନୁଷ୍ୟ କେବେ ଦଳରୁ ବିଚ୍ଛିନ୍ନ ହୋଇ ପଡେ ନାହିଁ—ସେ ନିଜେ ଅଲଗା ହୋଇ ନଯିବା ପର୍ଯ୍ୟନ୍ତ । ଦାସମାନଙ୍କର ଭ୍ରାତୃତ୍ୱ-ବନ୍ଧନ ନିଷ୍ପେଷଣ ଯୁଗ ତଳେ ଅଧିକ ଦୃଢ଼ ହୋଇ ଉଠେ, ଅଧିକ ପ୍ରଗାଢ଼ ହୁଏ, ଅଧିକ ପ୍ରାଣପୂର୍ଣ୍ଣ ହୁଏ । ତାହା କାନ୍ଥ ଭେଦ କରି ପାରେ, କାନ୍ଥ ଡେଇଁଉଠେ, କଥା କହେ; ହାତର ଠକ ଠକ ଶବ୍ଦରେ ହିଁ ଦିଏ ସଂକେତ । ପ୍ରତି ଓ୍ୱାର୍ଡ଼ର ଗାରଦଗୁଡ଼ିକ ଭ୍ରାତୃତ୍ୱର ଆଲିଙ୍ଗନ ପାଶରେ ଅବଦ୍ଧ-କାରଣ ସେମାନଙ୍କର କର୍ତ୍ତବ୍ୟ ଏକ, ଦୁଶ୍ଚିନ୍ତା ମଧ୍ୟ ଏକ, ଏକା ରକ୍ଷୀଦଳ ସେମାନଙ୍କୁ ପହରା ଦିଅନ୍ତି, ବ୍ୟାୟାମ-ଚର୍ଚ୍ଚା ସମୟରେ ସେମାନେ ସମସ୍ତେ ମୁକ୍ତ ପବନରେ ଆସି ଏକତ୍ର ହୁଅନ୍ତି । ଯେତେବେଳେ ବାହାରର ଦେଖାହୁଏ, ଗୋଟିଏ କଥା, ଗୋଟିଏ ଭଙ୍ଗୀ ଖବର ଦେବା ବା କାହାରି ଜୀବନ ରକ୍ଷା ପକ୍ଷରେ ଯଥେଷ୍ଟ । ସେମାନେ ଏକ ସଙ୍ଗରେ ଶୁଣାଣି ନିମିତ୍ତ ଯାଆନ୍ତି; ଅଣ ‘ସିନେମା’ଘରେ ଏକ ସଙ୍ଗରେ ବସନ୍ତି ଏବଂ ଏକ ସଙ୍ଗରେ ଫେରନ୍ତି । ତେଣୁ ସେମାନେ ଭ୍ରାତୃତ୍ୱ ସୂତ୍ରରେ ବନ୍ଧା । ଏ ଭ୍ରାତୃତ୍ୱରେ କଥା ଅଳ୍ପ ହୁଏ କିନ୍ତୁ କାମ ହୁଏ ଢେର ବେଶି । ମୁହୂର୍ତ୍ତକ ପାଇଁ ହାତ ଚିପି ଧରିବା ବା ଗୋଟାଏ ସିଗାରେଟ ଦେବା—ଏତିକି ମାତ୍ର । କିନ୍ତୁ ଏଇ ଘଟଣା ତ ତୁମ୍ଭର ଗଣ୍ଡୀକୁ ଭାଙ୍ଗି ଦେଇପାରେ, ଯେଉଁ ନିଃସଙ୍ଗତା ତୁମ୍ଭଙ୍କୁ ଧ୍ୱଂସ କରିଦେବାକୁ ବସିଥିଲା, ସେଥିରୁ ତୁମକୁ ଦେଇପାରେ ଶକ୍ତି । ଗାରଦ ଟୁଙ୍କାଙ୍କର ହାତ ଅଛି, ଯେତେବେଳେ ଉତ୍ପୀଡ଼ିତ ହୋଇ ଫେରି ଆସ, ସେତେବେଳେ ଅନୁଭବ କରିବ

ତୁମେ ଯେପରି ପଡ଼ି ନ ଯିବ ସେଥିପାଇଁ ସେମାନେ ତୁମକୁ ଧରି ରଖିଛନ୍ତି । ଯେତେବେଳେ ସେମାନେ ତୁମକୁ ଉପବାସରେ ମାରିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ସେଇ ତୁମ ପାଟିରେ ଦେଇଯାଏ ଖାଦ୍ୟ । ଗାରଦଜଗୁଆଳଙ୍କର ଆଖି ଅନ୍ଧ । ଯେତେବେଳେ ତୁମେ ମୃତ୍ୟୁଦଣ୍ଡ ଗ୍ରହଣ କରିବାକୁ ଚାଲିଛ, ସେତେବେଳେ ସେ ଚକ୍ଷୁର ଦୃଷ୍ଟି ତୁମେ ଅନୁଭବ କରିବ । ତୁମକୁ ଯୋଦ୍ଧା ହୋଇ ଚାଲିବାକୁ ହେବ, ତୁମେ ଯେ ସେମାନଙ୍କର ଭାଇ । ଠେଲି ଠେଲି ଚାଲିକରି ସେମାନଙ୍କୁ ଦୁର୍ବଳ କରି ଦେବାତ ତୁମ ଦେଇ ହେବ ନାହିଁ । ଏ ଭ୍ରାତୃତ୍ୱ ଷଡ଼ ଯନ୍ତ୍ର, ଚକ୍ରାନ୍ତ, କିନ୍ତୁ ତା ତ ଅଜେୟ । ଏହି ଭ୍ରାତୃତ୍ୱର ସାହାଯ୍ୟ ବିନା ତୁମେ ତୁମର ଅଭିଶପ୍ତ ଦଶାର ଦଶଭାଗରୁ ଭାଗେ ବି ବହନ କରି ପାରିବ ନାହିଁ । କେବଳ ତୁମେ ନୁହଁ, କେହି ବି ପାରିବେ ନାହିଁ ।

ଏଇ କାହାଣୀକୁ ଆଗେଇ ନେବା ପାଇଁ ମୁଁ ଯେବେ ସମର୍ଥ ନ ହୁଏ (କାରଣ ଅନେକ ତ ଆଉ ଦିନ ବା ଘଣ୍ଟା ଜଣା ନାହିଁ) ଏହି ୪୦୦ ନମ୍ବର ଅସ୍ତ୍ର ବାରମ୍ବାର ଦେଖା ଦେବ ମୋର କାହାଣୀରେ, ଠିକ୍ ଯେପରି ତାହା ଏହି ପରିଚ୍ଛେଦର ଶିରୋଭାଗରେ ସ୍ଥାନ ପାଇଛି । ପ୍ରଥମେ ମୁଁ ଏହାକୁ ଗୋଟାଏ କୋଠରୀ ବୋଲି ଭାବୁଥିଲି ଏବଂ ସେଠି ମୋର ପ୍ରଥମ ଦିନର ଭାବନା ଗଭୀର ଦୁଃଖଦାୟକ ଥିଲା । କିନ୍ତୁ ଏ ତ କୋଠରୀ ନୁହେଁ, ଏକ ସଂଘବଦ୍ଧ ସ୍ଥିରପ୍ରତିଜ୍ଞ ଯୁଯୁତ୍ସୁ ଦଳ; ଯୁଝୀ ଦଳ କହିଲେ ଚଳେ ।

୧୯୪୦ ସାଲରେ ଯେତେବେଳେ ଗେଷ୍ଟାପୋର କମ୍ୟୁନିଷ୍ଟ ବିରୋଧୀ ବିଭାଗର କାର୍ଯ୍ୟ ବଢିଯାଏ, ସେତେବେଳେ ଏହି ୪୦୦ ନମ୍ବରର ସୃଷ୍ଟି । ସ୍ଥାନୀୟ ଉପଦ୍ରବୀ ବିଭାଗର ଏହା କମ୍ୟୁନିଷ୍ଟ ଶାଖା, କମ୍ୟୁନିଷ୍ଟମାନଙ୍କର ପ୍ରତୀକ୍ଷା ଗୃହ । ଗେଷ୍ଟାପୋ କର୍ମଚାରୀମାନଙ୍କର

ପ୍ରଶ୍ନର ଉତ୍ତର ଦେବାକୁ ଯେପରି ବାରମ୍ବାର ଦୋତାଲାକୁ ପାଞ୍ଚ ତାଲାକୁ କମ୍ଯୁନିଷ୍ଟମାନଙ୍କୁ ଅଡ଼ାଇବାକୁ ନ ପଡ଼େ—ସେଥିପାଇଁ ଏହାର ସୃଷ୍ଟି । ସେମାନେ ଭାବିଥିଲେ ଏହାଦ୍ୱାରା ତାଙ୍କ କାର୍ଯ୍ୟ ସୁବିଧାରେ ହେବ; ଏହି ଶାଖା-ସିନେମା ଖୋଲିବାରେ ସେମାନଙ୍କର ସେହି ଧାରଣା ଥିଲା ।

ଦୁଇଜଣ କମ୍ଯୁନିଷ୍ଟଙ୍କୁ ଏକ ଯାଗାରେ ରଖ, ଦେଖିବ ପାଞ୍ଚ ମିନିଟ ମଧ୍ୟରେ ଏକ ସଂଘ ଗଠିତ ହୋଇଯାଇଛି । ବିଶେଷତଃ ସେମାନେ ଯଦି କମ୍ଯୁନିଷ୍ଟ ହୁଅନ୍ତି, ତା ହେଲେ ତ କଥା ନାହିଁ । ଆଉ ଏହି ସଂଘ ତୁମର ସବୁ କର୍ମଯୋଜନାକୁ ଓଲଟ ପାଲଟ କରିଦେବ । ୧୯୪୨ ସାଲରେ ଏହି ସିନେମାର ନାମକରଣ ହେଲା କମ୍ଯୁନିଷ୍ଟ କେନ୍ଦ୍ରୀୟ ଅଫିସ, ଅନେକ କିଛି ପରିବର୍ତ୍ତନ ଘଟିଲା । ହଜାର ହଜାର କମରେଡ୍ ପୁରୁଷ ଓ ନାରୀ ଯେତେବେଳେ ଯାହାଙ୍କର ପାଳି ପଡ଼ିଲା ଏହାର ବେଞ୍ଚରେ ଆସି ବସିଲେ । କିନ୍ତୁ ଗୋଟିଏ କଥାର ପରିବର୍ତ୍ତନ ହେଲା ନାହିଁ—ଯେଉଁ ସଂଘଶକ୍ତି ସଂଗ୍ରାମରେ ନିବେଦିତ ହୋଇଥିଲା, ଅଜ ଶେଷ ଜୟଲାଭ ବିଷୟରେ ସୁନିଶ୍ଚିତ—ସେ ରହିଲା ଅସ୍ପୃଷ୍ଟ ।

୪୦୦ ନମ୍ବର ବନ୍ଧକ୍ଷେତ୍ରରେ ସବା ସାମନା ଶ୍ରେଣୀ । ଗୁରିଆଡ଼େ ଖବର ଖେଳିଛନ୍ତି, ଗୁଳି ବୃଷ୍ଟି ଗୁଲିଛି କିନ୍ତୁ କେହିତ ଭାବୁନାହାନ୍ତି ଆତ୍ମସମର୍ପଣ କଥା । ଏଠି ଲଲଙ୍ଗଣ୍ଡା ଉଡ଼ୁଛି ପବନରେ । ଏହି ସଂଘଶକ୍ତିରୁ ପ୍ରକାଶିତ ହେଉଛି ସମଗ୍ର ଜାତିର ସ୍ୱାଧୀନତା ସଂଗ୍ରାମର ଏକତା ।

ଅସଲ ସିନେମାରେ ଉଚା ଉଚା ବୁଟପିନ୍ଧା ଏସ୍. ଏସ୍ ରକ୍ଷୀଦଳ ମଟ ମଟ ହୋଇ ଏପାଖ ସେପାଖ ଯା'ଆସ କରୁଛନ୍ତି, ତୁମେ ଆଖି ପିଛୁଳାଲେ ବି ସେମାନେ ଚଲାର କରି ଉଠୁଛନ୍ତି ।

ଉପରେ ୪୦୦ ନମ୍ବରରେ ଚେକ୍ ଦାରୋଗା ଆଉ ପୁଲିସ ବିଭାଗର ଦଲାଲମାନେ କାମ ଉପରେ ଥାଆନ୍ତି । ଏମାନେ ଗେଷ୍ଟାପୋ ବିଭାଗରେ ଦୋଭାଷୀରୂପେ କାମ କରିବା ପାଇଁ ପହଞ୍ଚିଲେ ଢୁକି ଥିଲେ ସ୍ୱେଚ୍ଛାରେ, ବା ଉପରସ୍ଥ କର୍ମଚାରୀର ହୁକୁମରେ, ଏବେ ପାଲଟିଛନ୍ତି ଗେଷ୍ଟାପୋ ଅନୁଚର ନଚେତ୍ ଚେକ୍ ପୁଲିସ । କେତେବେଳେ ବା ଏହି ଦୁଇକାମ ମିଶାମିଶି ଭାବରେ କରୁଛନ୍ତି । ଅଣ୍ଟୁ ଉପରେ ହାତ ରଖି ଏକବାରେ ସଳଖ ହୋଇ ବସି ସାମନାକୁ ମିଥ୍ୟା ଚାହିଁ ରହିବାର ଏଠି ପ୍ରୟୋଜନ ନାହିଁ । ଆରାମ କରି ବସି ପାର, ଗୋଡ଼ଅଡ଼କୁ ଅଟେଇବା ବି ଚଳିବ, ହାତ ମଧ୍ୟ ଯେଉଁ ଭାବରେ ଇଚ୍ଛା ସେପରି ରଖିପାରିବ । ଏହାଠାରୁ ଅଧିକ ମଧ୍ୟ କରିଯାଇପାରେ—ଅବଶ୍ୟ ସେଇଟା ନିର୍ଭର କରେ ରକ୍ଷୀ-ମାନଙ୍କ ଉପରେ, ତିନି ପ୍ରକାରର ରକ୍ଷୀଦଳ ମଧ୍ୟରୁ ତୁମକୁ କେଉଁମାନେ ପହରା ଦେଉଛନ୍ତି ତାହା ଉପରେ ।

୪୦୦ ନମ୍ବରରେ ତୁମେ ମନୁଷ୍ୟରୂପକ ଜୀବର ଗଭୀର ଅନୁଶୀଳନ କରି ପାରିବ । ଆସନ୍ନ ମୃତ୍ୟୁ ଆମ ସମସ୍ତଙ୍କ ମୌଳିକତା ନଗ୍ନରୂପରେ ପ୍ରକାଶ କରେ । ସମସ୍ତଙ୍କର—ଏପରିକି ବାହୁରେ ଲଲଫିତା ବନ୍ଧା କମ୍ୟୁନିଷ୍ଟ ଯାହାଙ୍କର ତଦନ୍ତ ଚାଲିଛି ବା ସେମାନଙ୍କର ସହଯୋଗୀ ବୋଲି ଯେଉଁମାନଙ୍କୁ ସନ୍ଦେହ କରାଯାଉଛି ସେମାନେ—ଆମକୁ ପହରା ଦେବାକୁ ଯେଉଁମାନଙ୍କୁ ରଖାଯାଉଛି—ଯେଉଁମାନେ ନିକଟବର୍ତ୍ତୀ କୋଠରୀରେ ତଦନ୍ତରେ ସାହାଯ୍ୟ କରନ୍ତି ସେମାନେ ବି ଏହି ନଗ୍ନତାରୁ ବାଦ ପଡ଼ନ୍ତି ନାହିଁ । ଅନ୍ୟ କୋଠରୀରେ ଯେତେବେଳେ ଉତ୍ପୀଡ଼ନ ଚାଲେ ବାକ୍ୟହିଁ ତୁମର ଢାଲ, ତୁମର ହତିଆର କିନ୍ତୁ ଏହି ୪୦୦ ନମ୍ବରରେ କଥାର ଆଡ଼ୁଆଳରେ ଲୁଚି ରହିହେବ ନାହିଁ । ଏଠି

ସେମାନେ କଥାର ଓଜନ ମାନନ୍ତି ନାହିଁ । ତୁମ ଭିତରେ କଣ ଅଛି, ଧାତୁରେ ତୁମେ ଗଢ଼ା—ତାହାହିଁ ଦେଖନ୍ତି ସେମାନେ । ବର୍ତ୍ତମାନ ତୁମର ଜୀବନର ସାରବସ୍ତୁଟିହିଁ ଅଛି ମାତ୍ର । ଏତେଦିନ ଯାହା କିଛି ତୁମକୁ ସଂଯତ କରି ରଖିଥିଲା ବା ଦୁର୍ବଳ କରି ଦେଇଥିଲା, ତୁମର ଅସଲ ବ୍ୟକ୍ତିତ୍ୱକୁ ମଳିନାୟିତ କରିଥିଲା, ମୃତ୍ୟୁ ପୂର୍ବର ଝଡ଼ରେ ତା ସମସ୍ତ ଉଡ଼ିଯାଇଛି । କେବଳମାତ୍ର ରହିଲା କର୍ତ୍ତା ଓ କ୍ରିୟା । ବିଶ୍ୱସ୍ତ ପ୍ରତିରୋଧ କରେ, ବିଶ୍ୱାସଘାତକ ଧୋକା ଦିଏ, ବୀର ଲଢ଼େ, ଦୁର୍ବଳ ନିବର୍ତ୍ତିଯାଏ । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଭିତରେ ଅଛି ଶକ୍ତି ଆଉ ଦୁର୍ବଳତା, ସାହସ ଓ ଭୟ, ଦୋଳାୟମାନ ଚିତ୍ତବୃତ୍ତି ଓ ଦୃଢ଼ତା, ପବିତ୍ରତା ଆଉ କଳୁଷ, ଏଠି କିନ୍ତୁ ଦୁଇଟାରୁ ମାତ୍ର ଗୋଟିଏ ତିଷ୍ଠି ରହି ପାରିବ । ହଁ ବା ନା । କେହି ଯଦି ଚାଲାକି କରି ଦୁଇଟା ପ୍ରାନ୍ତର ମଧ୍ୟସ୍ଥଳରେ ରହିବାକୁ ଚାହେଁ, ସେ ତ ପରିଷ୍କାର ଧରାପଡ଼ିଯାଏ—ଟୋପିରେ ହଳଦିଆ ପରଟାଏ ଖୋସିଲେ ଠିକ୍ ଯେପରି ବାରି ହୋଇଯାଏ ବା ଶୋକ ଶୋଭାଯାତ୍ରାରେ କେହି ହାତରେ କରତାଳ ଧରି ନାଚିଲେ ହଠାତ୍ ଯେପରି ନଜରରେ ପଡ଼େ, ଠିକ୍ ସେହିପରି ।

ଏହି ଧରଣର ମନୁଷ୍ୟ ଅବଶ୍ୟ ଥିଲେ କଏଦୀଙ୍କ ଭିତରେ, ଚେକ୍ ଦାରୋଗା ଆଉ ଗୁଇନ୍ଦାମାନଙ୍କ ଭିତରେ ବି । ତଦନ୍ତ ସମୟରେ ରାଇଖର ଅଧିଷ୍ଠାତା ଦେବତାଙ୍କ ଉଦ୍ଦେଶ୍ୟରେ ମହମବତୀର ଅର୍ଘ୍ୟ ଦିଅନ୍ତି ସେମାନେ, ଆଉ ୪୦୦ ନମ୍ବରରେ ଅର୍ଘ୍ୟ ଦିଆଯାଏ ବଲ୍‌ସେଭିକ୍ ସଇତାନ ଉଦ୍ଦେଶ୍ୟରେ । ଜର୍ମାନ ଅଫିସର ସାମନାରେ ତୁମର ସମ୍ପାଦକାଙ୍କର ନାଁ ପ୍ରକାଶ କରିବାକୁ ଘୁଷି ମାରି ତମର ଦାନ୍ତ ଭାଙ୍ଗି ଦେଇପାରନ୍ତି, କିନ୍ତୁ ୪୦୦ ନମ୍ବରରେ ସେଇ ପୁଣି ତୁମର କ୍ଷୁଧା ନିବୃତ୍ତି ପାଇଁ ଦେଇ ପାରନ୍ତି ଏକ ଟୁକୁରା

ରୁହି । ତଦାରଖ ବାହାନାରେ ଥାଇ ସେମାନେ ତୁମ ଘରର ଯାହା କିଛି ମୂଲ୍ୟବାନ୍ ପଦାର୍ଥ ଚୋରି କରି ନେଇ ପାରନ୍ତି କିନ୍ତୁ ୪୦୦ ନମ୍ବରରେ ଏହି ଲୋକଟିର ଭାଗରୁ ତୁମ ପ୍ରତି ସହାନୁଭୂତି ଦେଖେଇ ସେହିମାନେ ଦେବେ ପୋଡ଼ା ଖଣ୍ଡିଏ ସିଗାରେଟ୍‌ଟାଏ । ଅନ୍ୟ ଧରଣର ଲୋକ ବି ଅଛନ୍ତି; ଉପରୋକ୍ତ କିସମଠୁଁ ଟିକିଏ ଫରକ । ନିଜେ ଇଚ୍ଛା କରି କେବେ ତୁମକୁ ଆଘାତ କରିବେ ନାହିଁ, ସାହାଯ୍ୟ ବି କରିବେ ନାହିଁ । ନିଜକୁ ବଞ୍ଚେଇବାର କଥା ସେମାନଙ୍କ ମନରେ ଜାଗ୍ରତ । ସେମାନେ ହେଉଛନ୍ତି ରାଜନୈତିକ ବାୟୁମଣ୍ଡଳର ଅସ୍ଥିରପରିବର୍ତ୍ତନଶୀଳ ତାପମାନ ଯନ୍ତ୍ର । ଯେତେବେଳେ ତାଙ୍କର ମିଜାଜ କଡ଼ା ଓ ହାକିମି, ସେତେବେଳେ ତୁମେ କହିଦେଇ ପାରିବ ଯେ ଜର୍ମାନମାନେ ଷ୍ଟାଲିନଗ୍ରାଡ଼ ଅଡ଼କୁ ଦ୍ରୁତ ଅଗ୍ରସର ହେଉଛନ୍ତି । ଯେତେବେଳେ ସେମାନେ ବନ୍ଦୀମାନଙ୍କ ସାଙ୍ଗରେ କଥା କହିବା ପାଇଁ ଉଦ୍‌ଗ୍ରୀବ, ତୁମେ ଜାଣିବ ଯେ, ଷ୍ଟାଲିନ୍‌ଗ୍ରେଡ଼ରେ ଜର୍ମାନମାନେ ପରାସ୍ତ ହୋଇଛନ୍ତି । ଯେତେବେଳେ ସେମାନେ ସେମାନଙ୍କର ଚେକ୍ ପୂର୍ବପୁରୁଷଙ୍କ କଥା ଉଠେଇବେ, ବା କହିବେ ଯେ ବାଧ୍ୟ ହୋଇ ସେମାନେ ଗେଷ୍ଟାପୋମାନଙ୍କ ସାଙ୍ଗରେ ମିଶିଛନ୍ତି—ସେତେବେଳେ ସ୍ପଷ୍ଟ ରୂପେ ବୁଝିବାକୁ ହେବ ଯେ ଲାଲଫୌଜ ରସ୍ତୋଭ ଉପରେ ଆସି ଚଢ଼ାଉ କରିଛନ୍ତି । ଆଉ ଏକ ଧରଣର ଜୀବ ବି ଅଛନ୍ତି । ତୁମେ ଯେତେବେଳେ ବୁଡ଼ିଯାଉଛ, ସେମାନେ ପକେଟରେ ହାତ ଭର୍ତ୍ତି କରି ନିଶ୍ଚିନ୍ତ ହୋଇ ରହି ପାରନ୍ତି; ତା ପରେ ଯେତେବେଳେ କୂଳକୁ ଉଠି ଆସିଲ ସେତେବେଳେ ସେମାନେ ବଢ଼େଇଦେବେ ହାତ ।

ଏହି ଧରଣର ଜୀବମାନେ ୪୦୦ ନମ୍ବରର ସଂଘଶକ୍ତି ଉପଲବ୍ଧି କରିପାରି ତାହାର ଅଡ଼କୁ ଆକୃଷ୍ଟ ହେବାକୁ ଚେଷ୍ଟିତ ଥିଲେ । କିନ୍ତୁ

ସେମାନେ ୫୦୦ ନମ୍ବରର ଅନ୍ତର୍ଭୁକ୍ତ ହୋଇ ପାରିଲେ ନାହିଁ । ଅଜବ ଏକ ଧରଣର ଜୀବ ଥିଲେ ସେମାନେ ଏହି ସଂଘଟନର କଥା ଅନୁମାନ ମଧ୍ୟ କରି ନଥିଲେ । ଏମାନଙ୍କୁ ମୁଁ କହିବି ନରହନ୍ତା ବୋଲି, କିନ୍ତୁ ନରହନ୍ତାମାନେ ତ ପୁଣି ମନୁଷ୍ୟ ଜାତିର ଅନ୍ତର୍ଗତ । ଏହି ପଶୁମାନେ ଚେକ୍ ଭାଷାରେ କଥାବାର୍ତ୍ତା କରନ୍ତି, ହାତରେ ଲଠି ଅଉ ବେତ; ଆମ ଉପରେ ଏପରି ଅତ୍ୟାଚାର କରନ୍ତି ଯେ, ଅନେକ ଜର୍ମାନ ଅଫିସର ବି ସେ ଦୃଶ୍ୟ ସମ୍ଭାଳି ନ ପାରି ପଳାଇ ଯାଆନ୍ତି—ନିଜ ଜାତି ବା ରାଇକ୍‌ର ଖାତିରରେ ପାଶବିକତାକୁ ରୂପ ଦେଖିବାକୁ ଶିଖିନାହାନ୍ତି ସେମାନେ । ସେମାନେ ଉତ୍ପୀଡ଼ନ ଓ ହତ୍ୟା କରିବାରେ ଆନନ୍ଦ ଲାଭ କରନ୍ତି । ସେମାନେ ଦାନ୍ତ ଉପାଡ଼ି ପକାନ୍ତି, କାନର ପର୍ଦ୍ଦା ଛିଣ୍ଡେଇ ପକାନ୍ତି, ଚକ୍ଷୁର ଡୋଳା ବାହାରକରି ଦିଅନ୍ତି, ତଳିପେଟରେ ଗୋଇଠା ମାରନ୍ତି, ବାଡ଼େଇ କରି ମୁଣ୍ଡର ବସ ବାହାରକରି ଦିଅନ୍ତି—ଅନ୍ୟ କୌଣସି କାରଣରୁ ନୁହେଁ କେବଳ ନିଜର ଅନ୍ତର୍ନିହିତ ନିଷ୍ଠୁରତାର ପରିତୃପ୍ତି ନିମିତ୍ତ । ପ୍ରତିଦିନ ଏମାନଙ୍କୁ ଦେଖିବାକୁ ପାଇବ, ଯେମାନଙ୍କର ଉପସ୍ଥିତି ସହ୍ୟ କରିବାକୁ ପଡ଼ିବ । ରକ୍ତ ଆଉ ଗଗନଭେଦୀ ଆର୍ତ୍ତନାଦ ଯେ ଉପସ୍ଥିତିର ସଙ୍କେତ । ସେମାନଙ୍କ ବିରୁଦ୍ଧରେ ତୁମର ଏକମାତ୍ର ଆତ୍ମରକ୍ଷାର ଉପାୟ, ନିଜର ଦୃଢ଼ ବିଶ୍ୱାସ—ସେମାନେ ଶେଷରେ ନ୍ୟାୟ ବିଚାରର ହାତରୁ ଖସିଯାଇ ପାରିବେ ନାହିଁ, ସେମାନଙ୍କର କୃତ ପାପର ଶେଷ ସାକ୍ଷୀଟିକୁ ମାରି ପକାଇଲେ ବି ଖସି ଯିବେ ନାହିଁ ।

ଏହି ଧରଣର ମନୁଷ୍ୟମାନଙ୍କ ସାଙ୍ଗରେ ଆଉ ଏକ ଦଳ ଥିଲେ ଯେଉଁମାନଙ୍କୁ ପ୍ରକୃତ ମନୁଷ୍ୟ ନ କହିଲେ ଅବିଚାର ହେବ । ସେହିମାନେ କଏଦୀମାନଙ୍କୁ ରକ୍ଷା କରିବାକୁ କଏଦୀ ଖାନାର ଅଭିନ

ସହଯୋଗ କରୁଥିଲେ, ସେହିମାନେ ୪୦୦ ନମ୍ବରର ଏହି ସଂଘ ଗଠନ କରିବାରେ ସାହାଯ୍ୟ କରିଛନ୍ତି । ସେମାନେ ସର୍ବାନ୍ତଃକରଣରେ ଏହି ଗୋଷ୍ଠିର ଅନ୍ତର୍ଭୁକ୍ତ, ସେମାନଙ୍କର ସାହସ ଏହି ଦଳକୁ ଶକ୍ତି ଯୋଗାଉଛି । ସେମାନଙ୍କର ମହତ୍ତ୍ୱ ଆହୁରି ଅଧିକ, କାରଣ ସେମାନେ ତ କମ୍ୟୁନିଷ୍ଟ ନୁହନ୍ତି, ବରଂ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଚେକ୍ ପୁଲିସମାନଙ୍କର ଦଲାଲ ହିସାବରେ ସେମାନେ କାମ କରି ଆସିଛନ୍ତି । କିନ୍ତୁ ଆଜି ସେମାନେ ସମଗ୍ର ଜାତି ପକ୍ଷରେ କମ୍ୟୁନିଷ୍ଟମାନଙ୍କର ପ୍ରୟୋଜନୀୟତା ବୁଝି ପାରିଛନ୍ତି । ଆକ୍ରମଣକାରୀ ବିରୁଦ୍ଧରେ ସେମାନଙ୍କୁ ଲଢିବାର ସେମାନେ ଦେଖିଛନ୍ତି । ଯେଉଁମାନେ କି ଏହି କଯେଦଖାନା ଭେତରେ ବସି ମଧ୍ୟ ଖାଣ୍ଟି ଓ ସଚ୍ଚା ରହିଲେ ତାଙ୍କୁ ସେମାନେ ସେହି ମୁହୂର୍ତ୍ତିରୁ ସାହାଯ୍ୟ କରି ଆସିଛନ୍ତି ।

ଗେଷ୍ଟାପୋମାନଙ୍କ ହାତରେ ପଡ଼ିଲେ ସେମାନଙ୍କ ଅବସ୍ଥା କ'ଣ ହେବ ଏ ବିଷୟରେ ଠିକଏ ଧାରଣା ଥିଲେ ଆମର ଯେଉଁ ସବୁ ସୈନିକ ବାହାରେ ଅଛନ୍ତି ତାଙ୍କ ଭିତରୁ ଅନେକେ ବିଚଳିତ ହୋଇପଡ଼ନ୍ତିଆନ୍ତି ନିଶ୍ଚୟ । କିନ୍ତୁ ଜେଲ ଭିତରେ ଏହି ବନ୍ଧୁମାନେ ଲୋକେ ପ୍ରତିଦିନ, ପ୍ରତି ଘଣ୍ଟାରେ ପ୍ରତ୍ୟକ୍ଷ କରୁଛନ୍ତି ସେହି ଭୀତି । ପ୍ରତି ଘଣ୍ଟାରେ ଏମାନେ ଆଶଙ୍କା କରୁଛନ୍ତି ଏଥର ବୋଧହୁଏ ସେମାନେ ବନ୍ଦୀମାନଙ୍କ ଦଳଭୁକ୍ତ ହେବେ ଓ ବନ୍ଦୀଙ୍କଠାରୁ ଅଧିକ ନିର୍ଯ୍ୟାତିତ ହେବ ତାଙ୍କ ଉପରେ ବୋଧହୁଏ । କିନ୍ତୁ ସେମାନେ ଟଳୁ ନାହାନ୍ତି । ଏମାନେ ସହସ୍ର ସହସ୍ର ଲୋକଙ୍କର ଜୀବନ ରକ୍ଷା କରିଛନ୍ତି । ଯାହାଙ୍କର ଜୀବନ ବଞ୍ଚି ପାରୁ ନାହାନ୍ତି, ସେମାନଙ୍କର ଦୁଃଖଭାର ଲାଘବ କରୁଛନ୍ତି । ଏମାନେ ପ୍ରକୃତ ବୀର ପଦବାଚ୍ୟ । ଏମାନେ ନ ଥିଲେ ଆଜି ହଜାର ହଜାର

• କମ୍ୟୁନିଷ୍ଟଙ୍କ ନିକଟରେ ୪୦୦ ନମ୍ବର ଯେଉଁ ରୂପ ଧାରଣ କରିଛି ତା ସମ୍ଭବ ହୋଇ ନ ପାରନ୍ତା; ଏ ଯେପରି ଅନ୍ଧକାରମୟ ଗୁହାରେ ଏକ ଆଲୋକସ୍ତମ୍ଭ, ଶତ୍ରୁର ପଶ୍ଚାଦ୍‌ଭାଗରେ ଏକ ଦୁର୍ଗ— ଆକ୍ରମଣକାରୀମାନଙ୍କ ଘାଟିର କେନ୍ଦ୍ରସ୍ଥଳରେ ସ୍ୱାଧୀନତା ସଂଗ୍ରାମର ଏକ ପୀଠ ।

---

# ଚରିତ୍ର ଚିତ୍ର

—ପ୍ରଥମ ପର୍ଯ୍ୟାୟ—

ଯେଉଁମାନେ ଇତିହାସର ଏହି ଅଧ୍ୟାୟରେ ବଞ୍ଚିରହିଛନ୍ତି ସେମାନଙ୍କ ନିକଟରେ ମୋର ଗୋଟିଏ ଅନୁରୋଧ—ଏହି ସଂଗ୍ରାମରେ ଯେଉଁମାନେ ଯୋଗ ଦେଲେ, ସେମାନଙ୍କୁ କେବେହେଲେ ପାଶୋରି ଦିଅ ନାହିଁ । ଭଲ ଓ ମନ୍ଦ ଉଭୟଙ୍କୁ ମନେ ରଖ । ତୁମର ପକ୍ଷ ସମର୍ଥନ କରି ବା ତାଙ୍କ ପକ୍ଷ ସମର୍ଥନ କରି ଯେଉଁମାନେ ପ୍ରାଣ ଦେଲେ, ସେମାନଙ୍କ ସମ୍ବନ୍ଧରେ ଯଥାସମ୍ଭବ ସମୁଦାୟ ତଥ୍ୟ ସଂଗ୍ରହ କର । କାଳକ୍ରମେ ବର୍ତ୍ତମାନହିଁ ଅତୀତ ଇତିହାସରେ ପରିଣତ ହେବ; କେତେଦିନପରେ ମହାନ୍ ଅଧ୍ୟାୟ ବୋଲି ଅଭିହିତ ହେବ ଏହି ଯୁଗ—ଏହି ଯୁଗ ଯାହାର ଇତିହାସ ଗଠିତ ଅଜ୍ଞାତନାମା ବୀରବର୍ଗଙ୍କ ଦ୍ୱାରା । ସେମାନେ ପ୍ରତ୍ୟେକଙ୍କର ଗୋଟିଏ ଗୋଟିଏ ନାମ ଥିଲା, ଆକାର ଥିଲା, ଥିଲା ଆଶା ଓ ଆକାଂକ୍ଷା । ଯାହାଙ୍କର ନାମ ଅମର ହୋଇ ରହିବ, ସେମାନଙ୍କଠାରୁ ଏହିମାନଙ୍କୁ ତ କମ୍ ନିର୍ଯ୍ୟାତନା ସହିବାକୁ ପଡ଼ି ନାହିଁ । ତେଣୁ ମୋର ଅନୁରୋଧ ତୁମ ସହିତ ତାଙ୍କର ଘନିଷ୍ଠତା ଟେଡିକୁ,

ସେମାନେ ସେଭଳି ଜଣାଶୁଣା, ତୁମର ପରିବାରର ଜଣେ, ହୁଏତ ତୁମର ଅଭିନ୍ନ ସତ୍ତା ।

ବୀରବଂଶଙ୍କୁ ସମୂଳେ ହତ୍ୟା କରାଯାଇଛି । ସେମାନଙ୍କ ମଧ୍ୟରୁ ଯେ କୌଣସି ଜଣଙ୍କୁ ବାଛି ନେଇ ନିଜର ପୁଅ ବା କନ୍ୟା ଭଳି ଭଲପାଅ । ଭବିଷ୍ୟତ ଗଢିବାରେ ଯେଉଁ ମହାତ୍ମାମାନେ ଜୀବନ ଉତ୍ସର୍ଗ କରିଛନ୍ତି ତାଙ୍କୁ ମହାପୁରୁଷ ମନେକରି ତାଙ୍କ ଲାଗି ଗର୍ବ ଅନୁଭବ କର । ଭବିଷ୍ୟତରେ ଯେଉଁମାନଙ୍କର ପ୍ରକୃତ ସତ୍ତା ନିହିତଥିଲା, ଭବିଷ୍ୟତକୁ କମନୀୟ କରିବା ଲାଗି ଯେଉଁମାନେ ପ୍ରାଣ ଉତ୍ସର୍ଗ କଲେ, ସେମାନେ ପ୍ରତ୍ୟେକଙ୍କର ଆକୃତି ଏଭଳି ଯେ ତାମ୍ବା ପଥରରେ ଖୋଦିତ ହେବାର ଯୋଗ୍ୟ । ଆଉ ଯେଉଁମାନେ ଅତୀତର ଧ୍ୱଂସ ଦ୍ୱାରା ବିପ୍ଳବ ବନ୍ୟା ବିରୁଦ୍ଧରେ ଏକ ସେତୁ ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ ସେମାନେ ଶୀତଳ ମାଠ ପୁତ୍ତଳିକା, ସେମାନଙ୍କ ସ୍ଥଳରେ ପଦମର୍ଯ୍ୟାଦାର ସୂଚନାସୂଚକ ସଙ୍କେତ ଯେତେ ଥାଉ ପଛେ, କିନ୍ତୁ ତୁମକୁ ଚିହ୍ନିବାକୁ ହେବ, ସେମାନଙ୍କୁ ସେମାନଙ୍କର ଯଥାର୍ଥ ପରିଚୟ ଜାଣିବାକୁ ହେବ । ଆଉ ଦେଖିବାକୁ ହେବ ସେମାନଙ୍କର ନୀଚତା, ନିଷ୍ଠୁରତା, ହାସ୍ୟକର ଅଭିବ୍ୟକ୍ତି; ଆମର ଭବିଷ୍ୟତ ପରିକଳ୍ପନାରେ ସେମାନେ ବି ଯୋଗାଇବେ ଉପାଦାନ ।

ନିମ୍ନରେ କେତେଗୁଡିଏ ତଥ୍ୟ ଦିଆଗଲା କିନ୍ତୁ ଏଗୁଡିକ ଜଣେ ପ୍ରତ୍ୟକ୍ଷଦର୍ଶୀର ବର୍ଣ୍ଣନା । ଏକ ସଙ୍କୀର୍ଣ୍ଣ ସୀମା ମଧ୍ୟରେ ବସି ମୁଁ ଯେତେଟା ପାରିଛି ଲେଖିଛି, ବର୍ଣ୍ଣନା ଗୁରୁତ୍ୱ ଏଥିରେ ନାହିଁ । ବ୍ୟକ୍ତିଗତ ମତାମତ ଉପରେ କେତେକ ମହାପୁରୁଷଙ୍କର ରୂପରେଖ । କ୍ଷୁଦ୍ର ଚରିତ୍ରର ଅଙ୍କନ ବି ସ୍ଥାନ ପାଇଛି ।

# ଜେଲିନେକ୍ ଦମ୍ପତି

ଜୋସେଫ୍ ଓ ମେରୀ ! ଜୋସେଫ୍ ମଠର କନ୍ଡକ୍ଟର ଆଉ ମେରୀ ଗୋଟିଏ ଗୃହକର୍ତ୍ତ୍ରୀ । ସେମାନଙ୍କର ଛୋଟ ଘରଟି ଦେଖିବା ଯୋଗ୍ୟ । ଆଧୁନିକ ସରଳ ଅନାଡ଼ମ୍ବର ଆସବାବପତ୍ର, ଗୋଟାଏ ବହିଥାକ, ମୂର୍ତ୍ତି, କାନ୍ଥଚିତ୍ର ଛବି—ଆଉ ଏତେ ପରିଷ୍କାର ପରିଚ୍ଛନ୍ନ ତୁମେ ତା ଧାରଣା କରିପାରିବ ନାହିଁ । ତୁମେ ଦେଖିଲେ କହିବ ମେରୀର ସମସ୍ତ ସତ୍ତା ଯେପରି ସେହି ଘରଟିରେ ଆବଦ୍ଧ, ବାହାର ଦୁନିଆର ସେ କିଛି ଜାଣେ ନାହିଁ । କିନ୍ତୁ ବହୁଦିନ ଧରି ସେ କମ୍ୟୁନିଷ୍ଟ ପାର୍ଟିରେ କାମ କରନ୍ତି, ସ୍ୱପ୍ନ ଦେଖନ୍ତି ସାମାଜିକ ନ୍ୟାୟନୀତିର । ଦୁଇଜଣଯାକ ଏକନିଷ୍ଠ କର୍ମୀ, ନୀରବରେ କାମ କରିଯାଇଛନ୍ତି—ଅନେକ ସମୟରେ ସେମାନଙ୍କ ଉପରେ ଗୁରୁ ଚାପ ପଡ଼ିଲେ ମୁଦ୍ଧା ସେମାନେ ପଛେଇ ଯାଇନାହାନ୍ତି ।

ତିନିବର୍ଷକାଳ ଛପି ରହିବାପରେ ଦିନେ ପୁଲିସ ଆସି ତାଙ୍କ ଘର ଭାଙ୍ଗି ପଶିଲା । ଲଗାଲଗି ଠିଆହୋଇ ମୁଣ୍ଡ ଉପରକୁ ହାତ ଟେକି ଛିଡ଼ାହେଲେ ସେମାନେ—ମର୍ମସ୍ପର୍ଶୀ ସେ ଦୃଶ୍ୟ ।

ମେ ୧୯, ୧୯୪୩

ଆଜି ରାତିରେ ମୋର ଗୁସ୍ତିନାକୁ ସେମାନେ ପୋଲାଣ୍ଡକୁ ନେଇଗଲେ "ଶ୍ରମ ଲାଗି" । ନେଇଗଲେ ଦାସତ୍ୱ ଚକରେ ବାନ୍ଧିବାକୁ, ଟାଇଫଏଡ୍‌ରେ ତାର ମୃତ୍ୟୁ ଘଟାଇବାକୁ । ସେ ଆଉ କେତୋଟି ସପ୍ତାହ ମାତ୍ର ବଞ୍ଚିବ, ସମ୍ଭବତଃ ଦୁଇ ବା ତିନି ମାସ । ମୋର ମକଦ୍ଦମା ବି ଏଥର ଅଦାଲତକୁ ଯାଉଛି । ପାନ୍‌କ୍ରାଟସରେ ଅହୁରି ପ୍ରାୟ ଚାରି ସପ୍ତାହ ଜମାନବନ୍ଦୀ ଚାଲିବ, ତାପରେ ଅନ୍ତିମ ଦିନ ଆଉ ଦୁଇତିନି ମାସ ପରେ । ଏହି ଲେଖାର ଆଉ ସମାପ୍ତି

ହେବନାହିଁ । ଯାହା ପାରିବି ଏହି କେତେ ଦିନ ମଧ୍ୟରେ ସୁଯୋଗ ପାଇଲେ ଲେଖିଦେବାକୁ ଚେଷ୍ଟା କରିବି । କିନ୍ତୁ ଆଜ ଲେଖିବାକୁ ମୁଁ ଅକ୍ଷମ । ଗୁସ୍ତିନା ଆଜ ମୋର ମନ ଓ ହୃଦୟକୁ ଆଚ୍ଛନ୍ନ କରି ରଖିଛି । ଉଦାର, ସହାନୁଭୂତିପ୍ରବଣ ତାର ମନ । ଏ ଜୀବନରେ ଭୀରୁତା ଥିଲା ସତ କିନ୍ତୁ ପ୍ରକୃତ ପକ୍ଷରେ ଶାନ୍ତି ଯାହାକୁ କହନ୍ତି ତା ତ ପାଇନାହିଁ । ଅଥଚ ତାହାର ବନ୍ଧୁତ୍ୱ ଥିଲା ମୋର ଏହି ଜୀବନରେ ଅମୂଲ୍ୟ, ଏକନିଷ୍ଠ ।

କେତେ ସନ୍ଧ୍ୟାରେ ସେ ଯେଉଁ ଗୀତ ସବୁଠୁ ଭଲ ପାଏ ତାହା ମୁଁ ଗାଇଛି । ସ୍ପେନିଶ୍‌ର ନୀଳାଭ ଭୂଖଣ୍ଡର ଗୀତ, ଭୂଖଣ୍ଡଦଳ ଚୁପଚାପ ଗାଉଛନ୍ତି ମୁକ୍ତିବାହିନୀର ସଂଗ୍ରାମର ଗୌରବମୟଗାଥା । କୋଷାକ ରମଣୀର କଥା, କିପରି ସେ ସ୍ୱାମୀ ପାଖରେ ଛିଡ଼ା ହୋଇ ସ୍ୱାଧୀନତା ସଂଗ୍ରାମ କଲା, ତାର ବୀରତ୍ୱକାହାଣୀ, ତାପରେ ଲଢ଼େଇ ପରେ କିପରି ତାକୁ ଆଉ ମାଟିରୁ ସେମାନେ ଉଠାଇ ପାରିଲେ ନାହିଁ ।

ହେ ମୋର ସାହସିକା କମ୍‌ରେଡ଼, ସେହି କ୍ଷୁଦ୍ର ଅଙ୍ଗରେ, ସେହି ସୁଠାମ ମୁଖମଣ୍ଡଳରେ କିପରି ଧାରଣ କରିଛ ଏତେ ଶକ୍ତି ! ସେହି ଅଦ୍ଭୁତ ଚିଲିଆ ନୟନରେ କି କୋମଳତା ! ଏହି ଅକ୍ଳାନ୍ତ ସଂଗ୍ରାମରେ ଆମେ ଆସିଛୁ ପ୍ରାୟ ସର୍ବଦା, ତାହାହିଁ ଆମକୁ ଶାଶ୍ୱତ ପ୍ରେମିକ-ପ୍ରେମିକା କରି ରଖିଛି । ପ୍ରଥମ ମିଳନ ଆଉ ପ୍ରଥମ ସୋହାଗର ଉତ୍ତେଜନାମୟ ମୁହୂର୍ତ୍ତମାନ କେତେଶତ ଥର ଆସିଛି ଆମ ଜୀବନରେ ! ଏକ ନାଡ଼ୀର ସ୍ପନ୍ଦନ ଉଠିଛି ଦୁଇ ହୃଦୟରେ, ଏକ ନିଃଶ୍ୱାସ ନେଇଛୁଁ ଶାନ୍ତି ଆଉ ଉଦ୍‌ବେଗରେ, ଉତ୍ତେଜନା ବା ଦୁଃଖରେ ।

ବର୍ଷ ବର୍ଷ ଧରି ଏକ ସଙ୍ଗରେ କାମ କରିଛୁଁ, ପରସ୍ପରକୁ ସାହାଯ୍ୟ କରିଛୁଁ, ବନ୍ଧୁ ଯେପରି ବନ୍ଧୁକୁ ସାହାଯ୍ୟ କରେ ସେହିପରି । ବର୍ଷ ବର୍ଷ ଧରି ସେ ଥିଲେ ମୋର ଲେଖାର ପ୍ରଥମ ପାଠିକା ଓ ସମାଲୋଚକ । ମୋର ଲେଖା ଉପରେ ତାହାର ଦୃଷ୍ଟି ଅନୁଭବ ନ କରି ମୁଁ କେବେ ଲେଖିପାରୁ ନଥିଲି । ବର୍ଷ ବର୍ଷ ଧରି ଆମେ ସଂଗ୍ରାମରେ ଛିଡ଼ା ହୋଇଛୁ ପାଖକୁ ପାଖ । ସେହି ସଂଗ୍ରାମରେ ଆମର ଜୀବନ ସମୃଦ୍ଧ ହୋଇ ଉଠିଛି । ଆମର ପ୍ରିୟ ଜନ୍ମଭୂମିରେ ହାତ ଧରାଧରି ହୋଇ ଆମେ ଘୁରିଛୁଁ ବର୍ଷ ପରେ ବର୍ଷ । ବହୁ ସଙ୍କଟ ପାର ହୋଇ ଆସିଛୁଁ ଆମେ, ବହୁ ଅଭାବର ମୁହୂର୍ତ୍ତ ବି କଟାଇଆସିଛୁଁ—କାରଣ ଆମେ ଧନଶାଳୀ ହେବାକୁ ପରମ ଐଶ୍ୱର୍ଯ୍ୟରେ ଆମର ଅନ୍ତର ଧନୀ ।

ଗୁସ୍ତିନା ? ମୋର ଗୁସ୍ତିନା କଣ ତାହା ଏଇଥିରୁ ଜାଣ: ବର୍ଷକ ଆଗେ ଜୁଲିୟସର ଅଧାଅଧିରେ ସାମରିକ ଆଇନ ଜାରି ହେଲା । ଆମର ଗିରଫ ହେବା ଛଅ ସପ୍ତାହ ପରେ ତାଙ୍କ ସହିତ ମୋର ପ୍ରଥମ ସାକ୍ଷାତ—ଏ ମଧ୍ୟରେ ସେତିକି ଦୁର୍ଯୋଗର ଦିନମାନ ସେ କଟେଇଛନ୍ତି ଗାରଦର ନିଃସଙ୍ଗତାରେ, ମୋର ମୃତ୍ୟୁ ସମ୍ବନ୍ଧରେ ନାନା ଗୁଜବ ଶୁଣି । ତାଙ୍କୁ ସେମାନେ ନେଇ ଆସିଥିଲେ ମୋର ମନର ଜୋର ଭାଙ୍ଗି ଦେବାକୁ ।

"ତାଙ୍କୁ ଟିକିଏ ବୁଝେଇ ଦିଅ ।" ବୋହ୍ମଗୀୟ କହି ଆମକୁ ସାମନାସାମନି ବସେଇ ଦେଇ କହିଲେ—"ତାଙ୍କୁ ଅବୁଝା ନ ହେବାକୁ କୁହ । ନିଜ କଥା ନ ଭାବୁ ପଛକେ, ଅନ୍ତତଃ ତମ କଥା ଭାବିବାକୁ କୁହ । ତମକୁ ମୁଁ ଏ କଥା ଭାବିବାକୁ ଏକ ଘଣ୍ଟା ସମୟ ଦେଲି । ତେବେବି ଯଦି ଜିଦ୍ ଧରେ, ତାହାହେଲେ ଆଜି ରାତରେ ଗୁଳି କରାହେବ—ତମ ଦୁହିଁଙ୍କୁ ।"

—କମିଥାର, ଏଇ କଥାକୁ ମୋର ଡର ନାହିଁ, ବରଂ ତାହାହିଁ ମୋର ଶେଷ ଓ ସର୍ବଶ୍ରେଷ୍ଠ କାମନା । ତାଙ୍କୁ ଯଦି ହତ୍ୟା କରିହେବ, ମତେ ମଧ୍ୟ ହତ୍ୟା କର ।

ଏଇ ମୋର ଗୁପ୍ତି ନା—ଗଭୀର ପ୍ରେମ ଅଜ ଶକ୍ତିର ଭଣ୍ଡାର !

ସେମାନେ ଆମକୁ ହତ୍ୟା କରିପାରନ୍ତି, ପାରିବେ ନାହିଁ କି ଗୁପ୍ତି ନା ? କିନ୍ତୁ ଆମର ପ୍ରେମ ବା ସମ୍ମାନ ତ ଆଉ କାଢି ନେଇ ପାରିବେ ନାହିଁ ।

ତୁମେ କଣ କଳ୍ପନା କରିପାରିବ, ଏଇସବୁ ପାର ହୋଇ ଆମର ଯଦି ପୁଣି ମିଳନ ହୁଏ, କିପରି ହେବ ସେ ଜୀବନ ? ସେଇ ସ୍ୱାଧୀନ ଜୀବନରେ ପୁଣି ଦେଖା, ସେଠି ରହିବ ସ୍ଫୂର୍ତ୍ତିର ସ୍ୱାଧୀନତା—କିପରି ହେବ ସେ ଜୀବନ ? ଆମର କାମନା ଯେତେବେଳେ ଲଭ କରିବ ସିଦ୍ଧି, ଯାହାପାଇଁ ଆମେ ଏତେଦିନ ଧୀର ଭାବରେ କାମ କରିଆସିଲୁଁ, ଯାହା ପାଇଁ ଆଜି ଆମେ ପ୍ରାଣ ଦେବାକୁ ଯାଉଛୁଁ—କିପରି ହେବ ସେ ଦିନ ? ଯେବେ ବା ଆମେ ମରିଥାଉଁ, ଆମେ ବଂଚି ଉଠିବୁଁ ତୁମମାନଙ୍କର ବିପୁଳ ଆନନ୍ଦର ଏକ ବିନ୍ଦୁ ହୋଇ । କାହିଁକି ନା, ଏହାର ପାଇଁ ତ ଆମେ ଆମ ଜୀବନ ଦେଲୁଁ । ସେଇତ ଆମର ଆନନ୍ଦ, ଅଜି ବିଦାୟ ବେଳରେ ପ୍ରାଣରେ ଆଘାତ ଲାଗୁଥିଲେବି—

କିନ୍ତୁ ସେମାନେ ଆମକୁ ବିଦାୟ ସମ୍ଭାଷଣ ଜଣାଇବାକୁ ଦେଲେ ନାହିଁ । ଆଲିଙ୍ଗନପାଶରେ ଅବଦ୍ଧ ହେବାକୁ ଦେଲେ ନାହିଁ ଅବକାଶ, ଏପରି କି ହାତ ଧରିବାକୁ ସୁଦ୍ଧା ଦେଲେ ନାହିଁ । କେବଳ ଯାହା, ବନ୍ଦୀମାନଙ୍କର ପଞ୍ଚାୟତ—ପ୍ୟାନ୍‌କ୍ରାଟସ ଓ କାରଟେଲର ସ୍କୋୟାର ଭିତରେ ତାଙ୍କର ଯୋଗାଯୋଗ ଅଛି—ସେହିମାନେ ନଡ଼ିରେ ମଡ଼ିରେ ଖବର ଆଣିଦିଅନ୍ତି ଆମର ପରସ୍ପରର

ଭାଗ୍ୟ ବିପର୍ଯ୍ୟ । ତୁମେ ବୁଝିପାରୁଛ ଗୁସ୍ତିନା, ମୁଁ ବି ଜାଣିଛି, ଆମର ଆଉ ଦେଖା ସାକ୍ଷାତର ସମ୍ଭାବନା ନାହିଁ । କିନ୍ତୁ ତେବେ ବି ଦୂର ଦୁରାନ୍ତରୁ ମୁଁ ଶୁଣିପାରୁଛି ତୁମର ସ୍ୱର, ତୁମେ ଡାକି କହି କହୁଛ—ବିଦାୟ ! ହେ ମୋର ପ୍ରିୟ, ବିଦାୟ ! ଯେତେ ଦିନ ପର୍ଯ୍ୟନ୍ତ ପୁଣି ମିଳନ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ବିଦାୟ !

ଯେତେଦିନ ପର୍ଯ୍ୟନ୍ତ ପୁଣି ଦେଖା ନ ହୋଇଛି ସେତେଦିନ ବିଦାୟ ଗୁସ୍ତିନା !

# ମୋର ଶେଷ ଉଇଲ

ଲାଇବ୍ରେରୀଟି ଛଡ଼ା ମୋର ଆଉ କିଛି ନ ଥିଲା । ଗେଷ୍ଟାପୋ-ମାନେ ସେଇଟିକୁ ନଷ୍ଟ କରି ଦେଇଛନ୍ତି ।

ମୁଁ ସାଂସ୍କୃତିକ ଓ ରାଜନୈତିକ ନାନା ସମସ୍ୟାମୂଳକ, ପ୍ରବନ୍ଧ, ସାହିତ୍ୟ ଓ ନାଟକର ସମାଲୋଚନାମାନ ଲେଖିଥିଲି । ଏ ମଧ୍ୟରୁ ବେଶୀ ଭାଗ ଥିଲା ସାମ୍ବାଦିକତା । ଏହି ଲେଖା ମଧ୍ୟରୁ ଅଧିକାଂଶ ଚଳନ୍ତି ଦିନର ସମସ୍ୟା ନେଇ । ସେ ଦିନ ଚାଲିଯାଇଛି, ସୁତରାଂ ତାହାର ଆଉ ମୂଲ୍ୟ ନାହିଁ । କେତେଗୁଡ଼ିଏ ଜୀବନ ସହିତ ଜଡ଼ିତ । ମୋର ଆଶା ଥିଲା ଗୁସ୍ତିନା ସେ ଗୁଡ଼ିକ ପ୍ରକାଶ କରିବ କିନ୍ତୁ ବର୍ତ୍ତମାନ ଆଉ ସେ ଆଶା ନାହିଁ । ତେଣୁ ମୁଁ ମୋର କମ୍‌ରେଡ଼ ଲାଡ଼ିଆ ଷ୍ଟୋଲକୁ ଅନୁରୋଧ କରୁଛି, ସେ ତା ଭିତରୁ ଭଲଗୁଡ଼ିକ ବାଛି ପାଞ୍ଚଖଣ୍ଡ ବହିରେ ଭାଗ କରି ପ୍ରକାଶ କରିବେ ।

୧ । ରାଜନୈତିକ ପ୍ରବନ୍ଧ ଓ ଆଲୋଚନା ।

୨ । ଦେଶର ଘଟଣାବଳୀ ସମ୍ବନ୍ଧରେ ବିବରଣୀ ।

୩ । ସୋଭିଏଟ୍ ଇଉନିୟନର କଥା ।

୪ ଓ ୫ । ସାହିତ୍ୟ ଓ ନାଟକ ସମ୍ବନ୍ଧରେ ଗବେଷଣା ଓ ଆଲୋଚନା ।

ଏ ଗୁଡ଼ିକରୁ ଅଧିକାଂଶ 'ଭୈରବୀ' (ସୃଜନୀ ସାହିତ୍ୟ), 'ରୁଦେ ପ୍ରଭ୍ଭା' (ସାମ୍ୟବାଦର ଅଧିକାର)ରେ ମିଳିପାରିବ। ଅନ୍ୟ-ଗୁଡ଼ିକ କମେନ୍, ପ୍ରାମେନ୍, ପ୍ରୋଲେକାଲ୍ଟ, ଦୋବା, ଦ ସୋସିଏଲିଷ୍ଟ, ଅଭାନ୍‌ଗାର୍ଡ ଏବଂ ଅନ୍ୟାନ୍ୟ ସାହିତ୍ୟିକ ଓ ରାଜନୀତିମୂଳକ ପତ୍ରିକାରେ ମିଳିବ।

ଜୁଲିୟାସ୍ ଦେୟାର ସମ୍ବନ୍ଧରେ ଯେଉଁ ଗବେଷଣା କରିଥିଲି, ତାର ପାଣ୍ଡୁଲିପି ଜିରଗାଲେଙ୍କ ନିକଟରେ ଅଛି। ପ୍ରକାଶକ ହ୍ରସା-ବରେ ତାଙ୍କ ସାହସ ନିମିତ୍ତ ତାଙ୍କୁ ମୁଁ ଭଲପାଏ। ଜର୍ମାନ ଅଧିକାର ବେଳେ ସେ ମୋର 'ବୋଜେନା ନେମ୍‌କୋଭା' ପ୍ରକାଶ କରିଥିଲେ। ସାବିନ୍ ଓ କାଲ୍ ନେରୁଦା ସମ୍ବନ୍ଧରେ କିଛି ଲେଖା ଲଚ୍ଚୁ ହୋଇଥିଲା ଯେଉଁ କୋଠାରେ ଜେଲିନେକ୍, ଭିସୁଲିସ୍ ଓ ସ୍ମୃନିକସାକି ରହୁଥିଲେ। ତାଙ୍କ ଭିତରୁ ଅଧିକାଂଶ ମରିଗଲେଣି।

ଚଳନ୍ତି ଯୁଗ ନେଇ ଗୋଟାଏ ଉପନ୍ୟାସ ଲେଖିବା ଆରମ୍ଭ କରିଥିଲି। ମୋର ପିତାମାତାଙ୍କ ନିକଟରେ ତାର ଦୁଇଟି ପରିଚ୍ଛେଦ ଅଛି, ଅନ୍ୟଗୁଡ଼ିକ ବୋଧହୁଏ ନଷ୍ଟ ହୋଇ ଯାଇଛି। ଗେଷ୍ଟାପୋ ଫାଇଲର କାଗଜପତ୍ର ମଧ୍ୟରେ ମୋର କେତେକ ଗଳ୍ପର ପାଣ୍ଡୁଲିପି ଦେଖିଛି।

ସାହିତ୍ୟର କେହି ଆଗାମୀ ଐତିହାସିକଙ୍କ ହସ୍ତରେ ଦେଇଗଲି ଜାନ ନେରୁଦାଙ୍କ ପ୍ରତି ମୋର ଶ୍ରଦ୍ଧା। ସେ ଆମ୍ଭମାନଙ୍କର ଶ୍ରେଷ୍ଠ କବି; ତାଙ୍କ ଦୃଷ୍ଟି ଆମ ଅପେକ୍ଷା ବହୁଦୂର ଭବିଷ୍ୟତକୁ ପ୍ରସାରିତ। ତାଙ୍କ ସମ୍ବନ୍ଧରେ ଏପରି କୌଣସି ଆଲୋଚନା ହୋଇନାହିଁ ଯଦ୍ୱାରା ତାଙ୍କୁ ଉପଲବ୍ଧି କରାଯିବ ବା ତାଙ୍କର ମୂଲ୍ୟ ନିର୍ଦ୍ଧାରଣ

କରାହେବ । ସର୍ବହରାର କବି ହିସାବରେ ତାର ଛବି ଏ ପର୍ଯ୍ୟନ୍ତ ଅଙ୍କା ହୋଇନାହିଁ । ସେ ସ୍ପେନ୍‌ର ଏକ ପ୍ରାନ୍ତରେ ଜନ୍ମ ହୋଇଥିଲେ । ସ୍ପେନ ଶ୍ରମଜୀବୀ ଜନତାର ଏକ କୁଳୀ । ତାଙ୍କର 'କବରର ଫୁଲ' ଲେଖି ନାଲମହଲ ଯୋଗାଡ଼ କରିଥିଲେ ହିଂହଫାର୍ ମିଲର ବେହିପାର୍ଶ୍ୱର୍ । ଯେଉଁ ପୃଷ୍ଠଭୂମିକା ବାଂଗାତ 'କବରର ଫୁଲ'କୁ '୧୮୯୦ ମେ ପହିଲ'ର କବି ନେରୁଦାଙ୍କୁ ବୁଝିବା କଷ୍ଟକର । ଅଧିକାଂଶ ଲୋକ ଏପରିକି ଶାଲିଦାଙ୍କ ପରି ବିଚକ୍ଷଣ ସମାଲୋଚକ ପର୍ଯ୍ୟନ୍ତ ମନେ କରନ୍ତି ଯେ, ତାଙ୍କର ସାମ୍ବାଦିକତା ତାଙ୍କର କବିତା-ଲେଖା ପଥରେ ଅନ୍ତରାୟ ହୋଇଥିଲା । ଏ ବାଜେ କଥା । ନେରୁଦା ସାମ୍ବାଦିକ ଥିଲେ ବୋଲି ତାଙ୍କ ପକ୍ଷରେ 'ଗାଥା', 'ସନେଟ', 'ଶୁକ୍ରବାରର ସ୍ରୋତ' ଏବଂ 'ସହଜ ସୁର' ପରି ବିଖ୍ୟାତ ରଚନା ସମ୍ଭବ ହୋଇଛି । ସାମ୍ବାଦିକତା କ୍ଳାନ୍ତିକର ଓ ମଣିଷକୁ ଲକ୍ଷ୍ୟଚ୍ୟୁତ କରେ, କିନ୍ତୁ ପାଠକ ସହିତ ତାହା ସ୍ଥାପନ କରେ, ପ୍ରତ୍ୟକ୍ଷ ଯୋଗ । କବିତା ସୃଷ୍ଟି କରିବାକୁ ଶିଖାଏ—ତେବେ ନେରୁଦାଙ୍କ ପରି ସର୍ବଶ୍ରେଷ୍ଠ ସାମ୍ବାଦିକ ହେବା ଦରକାର । ସମ୍ବାଦପତ୍ର ଲେଖି ଜାନ ନେରୁଦା ମୋଟା କବିତା ବହି ଲେଖି ପାରି-ଥାନ୍ତେ, କିନ୍ତୁ ଶତାବ୍ଦୀ ଶତାବ୍ଦୀ ଧରି ଯେ କବିତା ବଞ୍ଚି ରହି ନ ଥାନ୍ତା । ବର୍ତ୍ତମାନ ଯେ କେହି 'ସାନ୍ତନା' ଲେଖା ପରିସମାପ୍ତ କରିପାରେ, ଏଥିରେ ତାର ଶ୍ରମ ସାର୍ଥକ ହେବ ନିଶ୍ଚୟ ।

ମୋ ପ୍ରତି ପିତାମାତାଙ୍କର ଭଲପାଇବା ଓ ସେମାନଙ୍କର ସହଜ ସରଳ ଜୀବନ ଯାପନର ଉଦାରତା ବିବେଚନା କରି ମୁଁ ଇଚ୍ଛା କରୁଥିଲି ସେମାନଙ୍କର ଶେଷ ଜୀବନ କିପରି ସୁଖମୟ ହେବ । ଏହି ସଙ୍କଳ୍ପ ମୋର ଅଧିକାଂଶ ରଚନାକୁ ସାର୍ଥକ କରିଥିଲା । ମୁଁ ବୁଝେଁ, ମୁଁ ଚାଲିଗଲେ ସେମାନଙ୍କର ଜୀବନରେ

ଯେପରି ବିଷାଦ-ମେଘ ଘୋଟି ନ ଆସେ । "ଶ୍ରମିକ ମରଣଶୀଳ, କିନ୍ତୁ ତାର ଶ୍ରମର ଫଳ ବଞ୍ଚି ରହେ" ଆଉ ମୁଁ ସେହିମାନଙ୍କର ଚିରସଙ୍ଗୀ ହୋଇ ରହିବି, ସେହିମାନଙ୍କର ପରମସ୍ତ୍ରଲର ଆଲୋକ ଓ ଉଷ୍ଣତା ମଧ୍ୟରେ ।

ମୋର ଭଉଣୀ ଲିବା ଆଉ ଭେରାଙ୍କ ନିକଟରେ ମୋର ଅନୁରୋଧ, ଆମ ପରିବାରରେ ଆଜି ଯେ ଶୂନ୍ୟତା ଆସି ପହଞ୍ଚିଲା; ଯେପରି ତାଙ୍କର ହର୍ଷ ଆଉ ଗୀତ ଦ୍ୱାରା ସେ ଶୂନ୍ୟତା ପୂର୍ଣ୍ଣ କରି ଦେଇ, ବାପା ଓ ମା'ଙ୍କୁ ଖୁସିରେ ରଖିବାକୁ ଚେଷ୍ଟା କରିବେ । ସେମାନେ ଯେତେବେଳେ ପେଚେକ୍ ବିଲ୍‌ଡିଂରେ ମୋତେ ସାକ୍ଷାତ କରିବାକୁ ଆସିଲେ ବହୁତ ଅଶ୍ରୁପାତ କରିଥିଲେ, କିନ୍ତୁ ତାଙ୍କ ହୃଦୟରେ ଆନନ୍ଦ ମଧ୍ୟ ଥିଲା ଏବଂ ସେଥିଯୋଗୁଁ ତ ଆମେ ପରସ୍ପରକୁ ଏତେ ଭଲପାଉ । ସେମାନେ ସେମାନଙ୍କର ଚତୁର୍ଦ୍ଦିଗରେ ଆନନ୍ଦ ବିତରଣ କରି ଚାଲିଛନ୍ତି—ସେମାନଙ୍କର ଆନନ୍ଦ ଯେପରି କୌଣସି କାରଣରୁ ନ୍ୟୂନ ନ ହୁଏ ।

ଏହି ଶେଷ ସଂଗ୍ରାମରେ ଆଜି ଯେଉଁମାନେ ରହି, ସେମାନଙ୍କର ପ୍ରତ୍ୟେକଙ୍କର ମୁଁ କରମର୍ଦ୍ଦନ କରୁଛି, ଆଉ ଆମ ପରେ ଯେଉଁମାନେ ଆସିବେ ତାଙ୍କ ଲାଗି ମୁଁ ହସ୍ତପ୍ରସାରଣ କରୁଛି ମଧ୍ୟ । ଗୁସ୍ତିନା ଆଉ ମୋର ହାତ ସେମାନେ ମୁଠାରେ ଚାପି ଧରିବେ—ଆମେ ଆମର କର୍ତ୍ତବ୍ୟ କରିଛୁଁ ବୋଲି ।

ପୁନର୍ବାର କହୁଛି ଆମେ ଜୀବନ ଯାପନ କରିଛୁଁ ଆନନ୍ଦରେ—ତାହାରି ପାଇଁ ସଂଗ୍ରାମରେ ଅଗ୍ରସର ହୋଇଛୁଁ, ଆଉ ତାହାରି ପାଇଁ ପ୍ରାଣ ଦେଉଛୁଁ । ଆମର ନାମ ସଙ୍ଗରେ ଦୁଃଖ ଯେପରି ଜଡ଼ିତ ନ ରହେ ।

ମେ ୧୯, ୧୯୪୩ ଜୁ: ଫୁ:

## ମେ ୨୨-୧୯୪୩

ଦସ୍ତଖତ ଏବଂ ସିଲ ମୋହର ହୋଇଯାଇଛି । ଯେଉଁ ବାଗ୍ନରଙ୍କ ଉପରେ ତଦନ୍ତର ଭାର ଥିଲା, ସେ କାଲି ମୋ ସମ୍ବନ୍ଧରେ ରାୟ ଦେଇଛନ୍ତି । ମୁଁ ଭାବି ନ ଥିଲି ଏତେ ଶୀଘ୍ର ମକଦ୍ଦମା ଶେଷ ହୋଇଯିବ ବୋଲି । ସେମାନେ ଠିକ୍ ଏ ତରବରରେ କାମ ସାରୁଥିଲା ପରି ବୋଧ ହେଉଛି । ମୋର ସହ-ଅଭିଯୁକ୍ତ ବ୍ୟକ୍ତି ହେଉଛନ୍ତି ଲିଡା ପ୍ଲାଚ ଓ ମିରେକ୍ । ଦଲ ତ୍ୟାଗ କରି ମଧ୍ୟ ତାର ବିଶେଷ ସୁବିଧା ହୋଇନାହିଁ ।

ତଦନ୍ତକାରୀ ବାଗ୍ନରଙ୍କ ନିକଟରେ ସବୁ ଜିନିଷ ଉତ୍ତେଜନାଶୂନ୍ୟ ନିର୍ଭୁଲ ରୂପରେ ଦେଖା ଦେଲା । ଏପରି ଶୀତଳ ଯେ ଆମେ ଥରି ଉଠିଲୁଁ । କିନ୍ତୁ ଗେଷ୍ଟାପୋର କେନ୍ଦ୍ରସ୍ଥଳରେ ସମସ୍ତ ଜିନିଷ ବେଶ୍ ଜୀବନ୍ତ; ଭୀତିପ୍ରଦ ହେଲେ ମଧ୍ୟ ତାହା ଯେପରି ଜୀବନର ଏକ ଅଂଶ । ସେଠି ଥିଲା ଉନ୍ମାଦନା—ଏକ ଦିଗରେ ସଂଗ୍ରାମଶୀଳର ଉନ୍ମାଦନା, ଆଉ ଅନ୍ୟ ଦିଗରେ ଶିକାରୀର—ହିଂସ୍ର ପଶୁ ବା ସାଧାରଣ ଦସ୍ୟୁ ବୋଲି ତାଙ୍କୁ ଧରାଯାଇ ପାରେ । ଅପର ପକ୍ଷର ଅନେକଙ୍କର ଗୋଟାଏ ମତବାଦ ଅଛି; କିନ୍ତୁ ହାକିମଙ୍କ ସାମନାରେ ସରକାରୀ କାମ ବ୍ୟତୀତ ଆଉ କିଛି ନାହିଁ । ସେଇ ବିଶାଳକାୟ ଲୋକ, କୋଟରେ ତାର ବକାକ୍ରୁଶ ଲଗି ରହିଛି । କ୍ରୁଶ୍ ଯେଉଁ ବିଶ୍ୱାସର ପରିଚୟ ଦେଉଛି, ତାହା ଲୋକଟାର ଅନ୍ତରରେ ଆଦୌ ନାହିଁ । ସେଇଟା କେବଳ ଗୋଟାଏ ବହିଆବରଣୀ, ଯାହାର ଅନ୍ତରାଳରେ ଭଲଆ ହାକିମଟି ଆତ୍ମଗୋପନ କରୁଛି—ଦେଖିଲେ କରୁଣା ହୁଏ । ଏହି ଯୁଗରେ କୌଣସି ରକମ ସେ ବଂଚ ରହିବାକୁ ଚେଷ୍ଟିତ ।

ଅଭିଯୁକ୍ତ ବ୍ୟକ୍ତିମାନେ ତାହାକୁ ଭଲ କହନ୍ତି ନାହିଁ, ମନ୍ଦ ବି କହନ୍ତି ନାହିଁ । ତା ମୁହଁରେ ହସ ନାହିଁ, କି ମୁଖବିକୃତି ମଧ୍ୟ ନାହିଁ । କେବଳ ମାତ୍ର ସରକାରୀ କର୍ତ୍ତବ୍ୟ ସେ କରିଚାଲିଛି । ରକ୍ତ ପରିବର୍ତ୍ତିରେ ତାର ଶିରା ପ୍ରଶିରାରେ କ୍ଷୀଣ ଜଳଧାରା ପ୍ରବାହିତ ।

ସେମାନେ ସାକ୍ଷ୍ୟ ପ୍ରମାଣଗୁଡ଼ାକ ନକଲ କଲେ, ଆଇନକୁ କାଣ୍ଡି ଏ କାଣ୍ଡି ଏ ବୋଲିଲେ ଆଉ ଦସ୍ତଖତ୍ ମାରିଲେ । ବିଶ୍ୱାସ-ଘାତକତାର ଛଅଟି ଅଭିଯୋଗ ଅଣାହୋଇଥିଲା, ରାଇଖ୍ ବିରୁଦ୍ଧରେ ଷଡଯନ୍ତ୍ର, ସଶସ୍ତ୍ର ବିଦ୍ରୋହ ନିମିତ୍ତ ଉଦ୍‌ଯୋଗ—ଏହିପରି ଛଅଟି—ମତେ ସବୁ ମଧ୍ୟ ଜଣା ନାହିଁ । ଏ ମଧ୍ୟରୁ ଗୋଟାଏ ହେଲେ ତ ଯଥେଷ୍ଟ ।

ତେରମାସ ହେଲା ଏଠି ମୁଁ ମୋର ଓ ଅନ୍ୟମାନଙ୍କର ଜୀବନ ପାଇଁ ଲଢୁଛି, କେତେବେଳେ ତେଜର ସହିତ, କେତେବେଳେ ବା କୌଶଳ ଅବଲମ୍ବନ କରି । ତାଙ୍କ ପାର୍ଟିର ବକ୍ତୃତାମଞ୍ଚରୁ ନର୍ଡିକ୍ କୌଶଳର କଥା ଶୁଣାଯାଏ । କିନ୍ତୁ ମୋର ମନେ ହୁଏ ସେ ଦିଗରୁ ମୁଁ ତାଙ୍କୁ ପରାସ୍ତ କରିଛି । ମୁଁ ଯେ ଆଜି ପରାଜିତ ହୋଇଛି ତାର କାରଣ ଏକେ ଶଠତା, ତା ପରେ ତାଙ୍କ ହାତରେ ଅଛି ହତିଆର ।

ସେ ଦ୍ୱନ୍ଦ୍ୱଯୁଦ୍ଧ ସରିଯାଇଛି । ଏଇକ୍ଷଣି କେବଳ ମାତ୍ର ପ୍ରତୀକ୍ଷା । ଅଭିଯୋଗର ଫଳାଫଳ ବାହାରିବାକୁ ଦୁଇତିନି ସପ୍ତାହ ବାକି । ତାପରେ ରାଇଖ୍‌କୁ ଯାତ୍ରା, ବିଚାର ନିମିତ୍ତ ପ୍ରତୀକ୍ଷା, ଦଣ୍ଡାଦେଶ, ଅବଶେଷରେ ଫାଶି ପାଇଁ ଶହେ ଦିନର ପ୍ରତୀକ୍ଷା । ଏଇ ହେଲା ମୋର ଚାରି ପାଞ୍ଚ ବର୍ଷର ଭବିଷ୍ୟତ । ଏ ସମୟ ମଧ୍ୟରେ ଅନେକ କଥା ଘଟି ଯାଇ ପାରେ, ସମସ୍ତ ଜିନିଷ ବଦଳି

ଯାଇପାରେ । ବୋଧହୁଏ ତା ସମ୍ଭବ ହୋଇପାରେ । ଏଠି ରହି କିଛି ଅନୁମାନ କରି ପାରୁନାହିଁ । ବାହାରର ଘଟଣା ପ୍ରବାହର ଦ୍ରୁତ ପରିବର୍ତ୍ତନ ପୁଣି ଆମର ଅନ୍ତିମ କାଳକୁ ନିକଟବର୍ତ୍ତୀ କରି ଦେଇପାରେ । ତେଣୁ ଅମ୍ଭମାନଙ୍କର କୌଣସି ସାହାଯ୍ୟରେ ଆସିବ ନାହିଁ ।

ଯୁଦ୍ଧ ଅନ୍ତ ଆଶା ମଧ୍ୟରେ ଏ ଏକ ଦୌଡ଼ ଚାଲିଛି । ଏକ ରକମ ମୃତ୍ୟୁ ସଙ୍ଗରେ ଆଉ ଏକ ରକମର ମୃତ୍ୟୁର ଦୌଡ଼ । କିଏ ଆଗ ଉପସ୍ଥିତ ହେବ—ଫାଶିଜମ୍‌ର ମୃତ୍ୟୁ ନା ମୋର ମୃତ୍ୟୁ ? ଏ କଣ କେବଳ ମୋର ବ୍ୟକ୍ତିଗତ ପ୍ରଶ୍ନ ? ନା, ନା, ହଜାର ହଜାର ବନ୍ଦୀ, ଲକ୍ଷ ଲକ୍ଷ ସୈନିକ ଏହି ଏକା ପ୍ରଶ୍ନ ପଚାରୁଛନ୍ତି । ସାରା ଇଉରୋପର ଲକ୍ଷ ଲକ୍ଷ ଲୋକଙ୍କ ମୁଖରେ, ସାରା ପୃଥିବୀରେ ଏହି ଏକା ପ୍ରଶ୍ନ । କାହାର ବେଶୀ ଆଶା, କାହାର ବା କମ୍ । କିନ୍ତୁ ପ୍ରକୃତ କଥା କହିବାକୁ ଗଲେ, ଏହା ଭ୍ରାନ୍ତିପୂର୍ଣ୍ଣ । ପୁଞ୍ଜିବାଦର ଶେଷ ପ୍ରହର ପୃଥିବୀକୁ ଗ୍ରାସ କରିବାରେ ଯେଉଁ ବିଭୀଷିକା ଦେଖା ଦେଇଛି, ସେଥିରେ ପ୍ରତ୍ୟେକ ଉପରେ ବିପଦର ଆଶଙ୍କା ଅଛି— ଚରମ ବିପଦର । କେତେ ଶତ ସହସ୍ର ଲୋକ ମରିବେ— ଆଉ କେତେ ହଜାର ଲୋକ—ତେବେ ଯାଇଁ ଯେଉଁମାନେ ରହିବେ ସେମାନେ କହିପାରିବେ ଆମେ ଫାଶିଜମ୍ କବଳରୁ ବର୍ତ୍ତିଲୁ ।

ଏ କେତେକ ମାସର ବ୍ୟାପାର, ଅବିଳମ୍ବେ ଏ କେତେକ ଦିନର ବ୍ୟାପାର ହୋଇ ଉଠିବ । କିନ୍ତୁ ନିଷ୍ଠୁରତମ ହୋଇ ଉପସ୍ଥିତ ହେବ ସେ ଦିନଗୁଡ଼ିକ । କେତେଥର ଭାବିଛି ଯୁଦ୍ଧର ଶେଷ ମୁହୂର୍ତ୍ତରେ ଶେଷ ଗୁଳିଟିଏ ଖାଇ ଯେଉଁ ସୈନିକଟି ଟଳିପଡ଼େ, ତାର ଭାଗ୍ୟ କେଡ଼େ ନିଦାରୁଣ । କିନ୍ତୁ ସେ ଶେଷ

ସୈନିକ ଜଣେ ତ ପୁଣି ହେବ, ସର୍ବଶେଷରେ ଯିଏ ହେଲା ପଡ଼ିବ ! ଯଦି ମୁଁ ଜାଣିପାରନ୍ତି ମୁଁ ସେଇ ଶେଷ ସୈନିକ, ତେବେ ତ ଏଇ ମୁହୂର୍ତ୍ତରେ ଶୁଳ୍କ ଯାଆନ୍ତି ।

ଫ୍ରୋନ୍‌ନୋଟସ୍‌ରେ ଆଉ ବେଶୀ ଦିନ ମୋତେ ରହିବାକୁ ପଡ଼ିବନି । ତେଣୁ ଏ ଲେଖାଗୁଡ଼ିକୁ ଯେପରି ରୂପ ଦେବାକୁ ଭାବିଥିଲି ତାହା ହୋଇ ପାରିଲା ନାହିଁ । ମୁଁ ଅଳ୍ପରେ ସଂକ୍ଷିପ୍ତ କରି ଲେଖିବି । ଲୋକଙ୍କର ଚରିତ୍ରଗୁଡ଼ିକ ପ୍ରତି ନଜର ଦେବାକୁ ହେବ ଅଧିକ, ଇତିହାସର ପର୍ଯ୍ୟାୟ କଥା କମ୍ । ସେହି ବ୍ୟକ୍ତିମାନେହିଁ ଅଧିକ ପ୍ରୟୋଜନୀୟ ।

ମୁଁ ଜେଲିନେକ୍ ଦମ୍ପତିଙ୍କ ବର୍ଣ୍ଣନା ଆରମ୍ଭ କରିଥିଲି । ସରଳ ଲୋକ, ସ୍ୱାଭାବିକ ସମୟରେ ଏମାନଙ୍କ ଭିତରେ ବୀରତ୍ୱର ସନ୍ଧାନ ମିଳି ନ ଥାନ୍ତା । ସେମାନଙ୍କର ଗିରଫଦାରି ସମୟରେ ସେମାନେ ପାଖାପାଖି ଛିଡ଼ା ହୋଇଥିଲେ, ହାତ ମୁଣ୍ଡ ଉପରକୁ ଟେକିଛନ୍ତି—ଜେଲିନେକ୍ ମ୍ଳାନ, ଆଉ ତାଙ୍କ ପତ୍ନୀଙ୍କ ମୁହଁରେ ଯକ୍ଷ୍ମାରୋଗୀପରି ରକ୍ତାଭ ଆଭାସ । ତାର ଆଦର୍ଶ ଘରକରଣାକୁ ଯେତେବେଳେ ଗେଷ୍ଟାପୋମାନେ ପାଞ୍ଚ ମିନିଟ ମଧ୍ୟରେ ଛିନ୍ନଛତ୍ର କରି ଦେଲେ ସେତେବେଳେ ତାହାର ଚକ୍ଷୁରେ ଭୟର ସଞ୍ଚାର ଦେଖାଦେଇଥିଲା । ତାପରେ ସେ ଅସ୍ତେ ଅସ୍ତେ ମୁହଁ ବୁଲେଇ ତାର ସ୍ୱାମୀକୁ ପଚାରିଲା:

ଜୋ, ଏବେଯାଣି କଣ ହବ ?

ଜେଲିନେକ୍ କେବେ ବେଶୀଗୁଡ଼ାଏ ବକେ ନାହିଁ । କଥା ପାଇଁ ତାହାକୁ ଚରିଦିନ ଖୋଜିବାକୁ ପଡ଼େ । କଥାବାର୍ତ୍ତାରେ ସେ ଉତ୍ତେଜିତ ହୋଇଉଠେ । କିନ୍ତୁ ଆଜି ସେ ଶାନ୍ତସ୍ୱରରେ

ଉତ୍ତର ଦେଲା, କୌଣସି ଚେଷ୍ଟା ବା ଶୋଚନା ପ୍ରକାଶ ପାଇଲା ନାହିଁ ।

ମେସ୍ତ୍ର, ଏଥର ଆମେ ମରିବାକୁ ଯିବୁ ।

ଜେଲନେକ୍ ପତ୍ନୀ ଚିତ୍କାର କରି ଉଠିଲା ନାହିଁ ବା ଟିକିଏ କମ୍ପିତ ହେଲା ନାହିଁ । କମନୀୟ ଭଙ୍ଗୀରେ ସେ ତାର ଡାହାଣ ହାତ ତଳକୁ ଆଣି ସ୍ୱାମୀର ହାତକୁ ଚାପିଧରିଲା, ପିସ୍ତଲ ନଳୀର ସାମନାରେ ଛିଡ଼ା ହୋଇ ମଧ୍ୟ । ତାର ପୁରସ୍କାର ପାଇଲେ ସେମାନଙ୍କ ମୁହଁ ଉପରେ ପ୍ରଥମ ଆଘାତ । ଜେଲ୍‌ନେକ୍ ପତ୍ନୀ ତାର ଗାଲ ପୋଛି ପକେଇ ଚଡ଼୍‌ଚୋଉକାସମାନଙ୍କର ଅପାଦମସ୍ତକ ଚାହିଁଦେଲା, ତାପରେ ରସିକତା କଲା ପରି କହିଉଠିଲା:

"ଏତେ ସୁନ୍ଦର ଭେଣ୍ଡିଆ ଗୁଡ଼ାକ !" ସେ ଟିକିଏ ଉଚ୍ଚ ସ୍ୱରରେ କହିଲା, "ଏତେ ସୁନ୍ଦର ଅଥଚ ଏପରି ପଶୁ !"

ନାଭୂ'ଲ ତାର ଉତ୍ତର । କେତେକ ଘଣ୍ଟା ପରେ ସେମାନେ ତାକୁ 'ଚଦାନ୍‌କାସ୍ କମିସାର'ଙ୍କ ଅଫିସରୁ ବାହାର କରିଆଣିଲେ । ମାଡ଼ ହେତୁରୁ ପ୍ରାୟ ଅଚେତନ ଅବସ୍ଥାରେ କିନ୍ତୁ ମାଡ ଦେଇ କୌଣସି କଥା ତା ନିକଟରୁ ଆଦାୟ କରିପାରିଲେ ନାହିଁ । ସେତେବେଳେ ବା ତା ପରେ ସେ କିଛି କହି ନାହିଁ ।

ଶୁଣାଣିର ଅନୁପଯୁକ୍ତ ହୋଇ ଗାରଦରେ ମୁଁ ଯେତେ-ବେଳେ ପଡ଼ିରହିଲି ତା ଭିତରେ ତାଙ୍କର କଣ ଘଟିଛି ମୁଁ ଜାଣେ ନାହିଁ । ତେବେ ଏଇତକ ଜାଣେ, ସେମାନେ କିଛି ପ୍ରକାଶ କରି ନାହାନ୍ତି । ସେମାନେ ମୋର ନିର୍ଦ୍ଦେଶର ଅପେକ୍ଷା କରୁଥିଲେ । ଜେଲ୍‌ନେକ୍‌ଙ୍କୁ ଦେଢ଼ଦିନ ହାତଗୋଡ ଏକାଠି

ବାନ୍ଧି ସେମାନେ ଅବଶ୍ରାନ୍ତ ବାଡେଇଛନ୍ତି, କିନ୍ତୁ ମୋତେ ସେଠିକୁ ନ ନେବା ପର୍ଯ୍ୟନ୍ତ ଗୋଟିଏ ବୋଲି କଥା ସେ କହି ନାହିଁ । ମୁଁ ଚକ୍ଷୁର ସଂକେତରେ ମଝିରେ ମଝିରେ ଜଣେଇଛି, ଅମର ଏଇ ଜେଲରୁ ମୁକୁଳିବାକୁ କେତେ ପରିମାଣରେ କଥା କହିବା ଦରକାର ।

ତାର ସ୍ତ୍ରୀ ପରର ଦୁଃଖ ସହିପାରେ ନାହିଁ, ଆଉ ସହଜରେ ଦୟାବିଗଳିତ ହୋଇପଡ଼େ ବୋଲି ଗ୍ରେଟ୍ରାର ସେବା ଆଗରୁ ଜାଣିଥିଲି । କିନ୍ତୁ ଗେଷ୍ଟାପୋ ଘାଟିରେ କେତେବେଳେ ତାର ଚକ୍ଷୁରେ ଜଳ ଦେଖି ନାହିଁ । ତାର ଧରଣି ଥିଲା ତାର ଗର୍ବର ବସ୍ତୁ । କିନ୍ତୁ ଯେତେବେଳେ ବାହାରେ ଥିବା କମ୍ରେଡ୍‌ମାନେ ସାନ୍ତ୍ୱନା ଦେବାପାଇଁ ଖବର ପଠାଉଥିଲେ ଯେ କିପରି ତାଙ୍କର ଆଶୀର୍ବାଦପତ୍ର ପ୍ରେରଣ କରୁଛନ୍ତି ତାହା ସେମାନେ ଜାଣନ୍ତି ଓ ତାଙ୍କ ଉପରେ ସର୍ବଦା ନଜର ରଖୁଛନ୍ତି, ସେ ଉତ୍ତର ଦେଇଥିଲା:

—ଭୁଲିଯାଅ ସେ ଆଶୀର୍ବାଦପତ୍ର ! ଏହିସବୁ କଥାରେ ମୁଣ୍ଡ ଘୂରେଇ ସମୟ ନଷ୍ଟ କର ନାହିଁ । ଅନେକ ଭଲ ବଡ଼ କାମ କରିବାକୁ ରହିଛି । ଆମେ ଦୁହେଁ—ଅମର ସ୍ଥାନ ପୂର୍ଣ୍ଣ କରିବାକୁ ସେମାନଙ୍କୁ ବର୍ତ୍ତମାନ ଦ୍ୱିଗୁଣ କାମ କରିବାକୁ ପଡ଼ିବ । ଆଗେ ଏଇ ଜାଗାଟାକୁ ଘଡ଼ି ମାଜି ସଫା କରିବାକୁ ପଡ଼ିବ, ତାପରେ ଯଦି ବଞ୍ଚି ରହେଁ, ତେବେ ମୋ ନିଜ ଘରର ବାଗିଚା ମୁଁ ନିଜେ କରିପାରିବ ।

ପରେ ସେମାନେ ଜେଲ୍‌ନେଇ ଦମ୍ପତିଙ୍କୁ ନେଇଗଲେ, ଦୁଇଜଣଙ୍କୁ ଦୁଇ ଭିନ୍ନ ସ୍ଥାନକୁ । ସେମାନଙ୍କର ଭାଗ୍ୟ କିଣି

ହେଲ ବୁଝିବାକୁ ମୁଁ ଚେଷ୍ଟା କରିଛୁ ବୃଥାରେ, କାରଣ ଗେଷ୍ଟାପୋଙ୍କ ହାତୁଡ଼ରେ ପଡ଼ିଲେ କେତେ ଲୋକ ହଠାତ୍ ଅନ୍ତର୍ଦ୍ଧାନ ହୋଇ ଯାଆନ୍ତି—ହଜାର ହଜାର କବର ତଳେ ସେମାନେ ବିଲୁପ୍ତ ପଡ଼ନ୍ତି । ଏହି ଯେ ଭୟାନକ ବୀଜ ବୁଣା ହେଲା, ଏଥିରୁ ଦିନେ କି ରକମ ଫସଲ ଫଳିବ, କହ ଦେଖି !

ଜେଲ୍‌ନେକ୍ ପତ୍ନୀର ଶେଷ ବାଣୀ:

କର୍ତ୍ତା, ବାହାରେ ସେମାନଙ୍କୁ କହିବେ, ମୋ ପାଇଁ ଦୁଃଖ କରିବେ ନାହିଁ । ମୋର ଅଦୃଷ୍ଟ ଦେଖି ଘାବରେଇ ଯିବେ ନାହିଁ । କର୍ମୀଭାବରେ ମୋର କର୍ତ୍ତବ୍ୟ ମୁଁ କରିଛି ଏବଂ ଏଥର ମରିବ ମଧ୍ୟ ସେଇପରି ଭାବରେ ।

ସେ ଥିଲା ସାମାନ୍ୟ 'ଘରଣୀ' । ବେଶୀ ଲେଖାପଢ଼ା କେବେ ପାଇ ନ ଥିଲା । ସେ ଜାଣି ନ ଥିଲା ବହୁ ଶତାବ୍ଦୀ ଅଗର ସେହି ବୀରତ୍ୱବ୍ୟଞ୍ଜକ ବାଣୀ ସେ ଜାଣି ନ ଥିଲା :

ଯାତ୍ରୀ, ଲ୍ୟାକଡେମୋନୀୟମାନଙ୍କୁ କହିବ, କର୍ତ୍ତବ୍ୟର ଦାବୀ ପରିଶୋଧ କରିବାକୁ ଅମ୍ଭେମାନେ ଏଠାରେ ମୃତ୍ୟୁ ବରଣ କଲୁଁ ।

# ଭିସୁଶୀଲ୍ ଦମ୍ପତି

ଏକା କୋଠାରେ ଜେଲ୍‌ନେକଙ୍କ ଠିକ୍ ପାଖଘରେ ସେମାନେ ବାସକରୁଥିଲେ । ତାଙ୍କ ନାମ ମଧ୍ୟ ଜୋସେଫ୍ ଓ ମେରୀ । ଜେଲ୍‌ଅ ସରକାରୀ କର୍ମଚାରୀ ପରିବାର; ପ୍ରତିବେଶୀମାନଙ୍କଠାରୁ ବୟସରେ ଟିକିଏ ବଡ଼ । ପ୍ରଥମ ମହାଯୁଦ୍ଧ ବେଳେ ଯେତେବେଳେ ସୈନ୍ୟ ହିସାବରେ ତାଙ୍କୁ ଗୃହଣ କରାଯାଇଥିଲା ସେତେବେଳେ ଜୋସେଫ୍‌ର ବୟସ ଥିଲା ସତର, ନାସିଲ୍ ଅଞ୍ଚଳର ଏକ ଦୀର୍ଘକାୟ

9343

ତରୁଣୀ ଥିଲା ସେ । କେତେଟି ସପ୍ତାହ ପରେ ସେମାନେ ତାଙ୍କୁ ନେଇ ଆସିଲେ, ଆଣ୍ଠୁଟି ତାର ଏକ ବାଡ଼ିରେ ଚୂନା ହୋଇଯାଇଛି; ସେ ଆଣ୍ଠୁ ଆଉ ଆରୋଗ୍ୟ ହେଲା ନାହିଁ । ମେରୀ ସହିତ ତାଙ୍କର ପ୍ରଥମ ଦେଖା ହୁଏ ବ୍ରୁନୋର ଗୋଟାଏ ହାସପାତାଳରେ, ମେରୀ ସେଠି ଥିଲା ନର୍ସ । ତାଠାରୁ ଜୋସେଫ୍ ଆଠ ବର୍ଷ ବଡ଼, ଏକ ଅଶାନ୍ତିପୂର୍ଣ୍ଣ ଦାମ୍ପତ୍ୟଜୀବନ ସେ ସେତେବେଳେ ପରିତ୍ୟାଗ କରି ଆସିଛି । ଏହି ଦୀର୍ଘକାୟ ରେଲବାଇ କର୍ମୀ ଆଉ ସ୍ତ୍ରୀଲୋକଟି ଜଡ଼ିତ ହୋଇ ପଡ଼ିଲେ ଏପରି ଏକ ବନ୍ଧନରେ—ଯାହାକୁ ସାଧାରଣ ଭାବରେ ନିବିଡ଼ ବୋଲି କହିବାକୁ ହେବ ।

ମୋର ଧରାହେବାର କିଛିଦିନ ପରେ ସ୍ୱାମୀ ଧରାପଡ଼ିଲା । ତାକୁ ଏଠାରେ ଦେଖି ମୁଁ ପ୍ରଥମେ ଭୟ କରୁଥିଲି । ସେ ଯଦି କହିଦିଏ, କେତେ ଘାତ ହେବ ଆମ୍ଭମାନଙ୍କର । କିନ୍ତୁ ସେ କହିଲା ନାହିଁ । ସେ ଜଣେ ବନ୍ଦୀକୁ କେତେଖଣ୍ଡ ରାଜନୈତିକ ଇସ୍ତାହାର ପଢ଼ିବାକୁ ଦେଇଥିଲା—ସେଥିପାଇଁ ତାକୁ ଆଣା ହୋଇଥିଲା । ଇସ୍ତାହାରଠାରୁ ବେଶି ଦୂର ସେ ଆଗେଇ ନ ଥିଲା ।

କିଛି ଦିନ ଆଗରୁ ପାଙ୍କୋନା ଆଉ ଫିକ୍‌ସୋଭାର ଅପରଣୀ ଘଟଣାରୁ ଏହି କଥା ବାହାର ପଡ଼ିଲା ଯେ ହୋନିତା ରାନି ଶ୍ରୀମତୀ ଭୂଣୀଲେଭାର ଭଉଣୀ ଏଙ୍କେ ବାସ କରୁଛନ୍ତି । ସେଠୁ ସେମାନେ ମା ଭସ୍ତୀଲିଙ୍କୁ ଜେରା କରିବାକୁ ଧରି ନେଇ ଆସିଲେ, ମୋର ଗିରଫ ହେବାର ଦୁଇଦିନ ପରେ । ତା ପାଖରୁ ଆମ୍ଭମାନଙ୍କର କେନ୍ଦ୍ରୀୟ ପରିଷଦର ଶେଷ ସଦସ୍ୟ ସମ୍ବନ୍ଧରେ କିଛି ବାହାର କରିବାକୁ ସେମାନେ ଚେଷ୍ଟା କଲେ । ତୃତୀୟ ଦିନ ସେ ଅଧିଲା ୪୦୦ ନମ୍ବରକୁ, ସାବଧାନରେ ବସିଲା । ଅତି କଷ୍ଟରେ ଶରୀରରେ ବସିବାକୁ

ଭୀଷଣ ବ୍ୟଥା ହୁଏ । ମୁଁ ତା ଆଡ଼କୁ ଉଦ୍‌ବିଗ୍ନଭାବରେ ଚାହିଁଲି, ଉତ୍ସାହ ଥିଲା ସେ ଦୃଷ୍ଟିରେ । ସେ ଠିକ୍ ନାସଲ୍ ଅଞ୍ଚଳର ଲୋକର ଭଙ୍ଗୀରେ ପ୍ରତ୍ୟୁତ୍ତର ଦେଲା:

"ଯେତେବେଳେ ଅସ୍ୱୀକାର କରୁଛୁ, ସେତେବେଳେ ମୋର ପିଟିପିଟେଇ ଯେତେ ଖତବିଖତ କରନ୍ତୁ ପଛକେ, ମୋଠାରୁ କିଛି ବାହାର କରିପାରିବେ ନାହିଁ ।"

ମୁଁ ଏହି ଦମ୍ପତିଙ୍କୁ ଜାଣିଥିଲି—ସେମାନେ ପରସ୍ପରକୁ କେତେ ଭଲପାଉଥିଲେ, ଥରେ ଦୁଇଦିନ ପାଇଁ ଛଡ଼ାଛଡ଼ି ହେଲେ ଦୁହେଁଯାକ କିପରି ନିଃସଙ୍ଗ ବୋଧକରୁଥିଲେ । ବର୍ତ୍ତମାନ ତ ମାସ ମାସ ଚାଲିଯାଉଛି । ମିଚେଲ ଉପରେ ତାଙ୍କର ସେଇ ସୁନ୍ଦର ଘରେ ତାର ସ୍ତ୍ରୀ ବର୍ତ୍ତମାନ ଏକା ଏକା ଦୁଃଖରେ ଦିନ କାଟୁଛି ମୁଁ ବୁଝିପାରୁଛି । ଏହି ବୟସରେ ନିଃସଙ୍ଗତା ତ ମୃତ୍ୟୁଠାରୁ ଚଉଗୁଣ କଷ୍ଟକର । ଏହାରି ମଧ୍ୟରେ ତାର ସ୍ୱାମୀକୁ ଫେରେଇ ଆଣିବାକୁ ସେ କେତେ ଫନ୍ଦି ନ କରୁଛି । ତାହାକୁ ସେ ତାଙ୍କ ଜୀବନର ଏହି କ୍ଷୁଦ୍ର ଗାଥାମଧ୍ୟକୁ ଫେରାଇ ଆଣିବାକୁ ଚାହେଁ, ସେମାନେ ଏଠାରେ ଓଠାରେ ପରସ୍ପରକୁ ପ୍ଲେଟେ ବାବା ଓ ପ୍ଲେଟେ ମା ବୋଲି ଡକାଡକି ହୁଅନ୍ତି । କିନ୍ତୁ ସେ ଚଳିବାକୁ ଗୋଟାଏ ବାଟ ପାଇଛି—ଗୋପନ ଆନ୍ଦୋଳନର କର୍ମପନ୍ଥା, ଦୁଇଜଣଙ୍କର କାମ ସେ ଏକାକୀ କରୁଛି ।

୧୯୪୩ ସାଲ ନୂତନ ବର୍ଷର ପୂର୍ବ ଦିନ ସେ ଏକାକିନୀ ଟେବୁଲ ପାଖରେ ବସିଲା । ସ୍ୱାମୀ ତାର ଯେଉଁଠି ବସନ୍ତି ସେଠି ଥିଲା ତାଙ୍କର ଛବି । ରାତି ଅଧ ହେଲାରୁ ସେ ଶୂନ୍ୟ ଆସନର ସାମନାରେ ରଖାଯାଇଥିବା ଗିଲାସ ସଙ୍ଗେ ନିଜ ଗିଲାସ ଠିକେ ଛୁଆଁଇଦେଇ ସ୍ୱାସ୍ଥ୍ୟ ପାନକଲା ତାର ସ୍ୱାମୀ ଉଦ୍ଦେଶ୍ୟରେ—କାମନା

କଲା ସ୍ୱାମୀଙ୍କର ପ୍ରତ୍ୟାବର୍ତ୍ତନ—ସ୍ୱାମୀ ଯେପରି ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ବଂଚି ରହିବେ ଏଇଁ ଥିଲା ତାର ସବୁଠୁ ବଡ଼ କାମନା ।

ମାସକ ପରେ ସେ ବି ଗିରଫ ହେଲା । ୪୦୦ ନମ୍ବରର ଆମେ ଅନେକେ ଟିକିଏ ବିଚଳିତ ହୋଇପଡ଼ିଲୁଁ, କାରଣ ତାର ମଧ୍ୟସ୍ଥତାରେ ଆମେ ବାହାର ସଙ୍ଗେ ଯୋଗାଯୋଗ ସ୍ଥାପନ କରୁଥିଲୁଁ ।

ଗୋଟିଏ କଥା ବି ସେ ଖୋଲିଲା ନାହିଁ ।

ସେମାନେ ତାକୁ ମାରିଲେ ନାହିଁ । ସେ ସେତେବେଳେ ଏତେ ଅସୁସ୍ଥ ଯେ ବାଡ଼ିଆ ଖାଇଥିଲେ ସେ ମରିଯାଇଥାଆନ୍ତା । କିନ୍ତୁ ଅନ୍ୟର ସୃଷ୍ଟି ଭିତର ଥିଲା ତା ପ୍ରତି ନିର୍ଯ୍ୟାତନା—ତାର କଳ୍ପନା ଖେଳାଇ ।

ତାର ଗିରଫର କିଛିଦିନ ପରେ ତାର ସ୍ୱାମୀକୁ ପୋଲାଣ୍ଡ ଚାଲାନ କରାହେଲା କାମ କରିବାକୁ । ଏଥର ସେମାନେ କହିଲେ, "ଦେଖ, ସୁସ୍ଥ ମନୁଷ୍ୟ ପକ୍ଷରେ ବି କି ଦୁଃଖମୟ ସେ ଜୀବନ ! ତୁମର ସ୍ୱାମୀ ତ ପଙ୍ଗୁ । ଏ ଭଳି ଖଟଣି ସେମାନେ ସମ୍ଭାଳି ପାରିବେ ନାହିଁ । ସେ ସେଠି ନିଶ୍ଚୟ ମରିଯିବ । ତୁମେ ଆଉ ତାକୁ ଦେଖି ପାରିବ ନାହିଁ । ତା ପରେ ଏ ବୟସରେ ଆଉ କୁଆଡ଼େ ନୂଆ ସ୍ୱାମୀ ଖୋଜିବାକୁ । ଅବୁଝା ହୁଅ ନାହିଁ, କଣ ଜାଣି କହିଦିଅ । ଆମେ ତୁମକୁ ସଙ୍ଗେ ସଙ୍ଗେ ତୁମର ସ୍ୱାମୀଙ୍କୁ ଫେରାଇ ଦେବୁ ।

"ମୋର କୋ, ବାଗୁରା ଜୋ, ସେଠି କେଜାଣି ମରିଯିବ ! କିଏ ଜାଣେ କି ରକମ ସେ ମୃତ୍ୟୁ ? ମୋର ଭଉଣୀକୁ ସେମାନେ ହତ୍ୟା କରିଛନ୍ତି । ମୋର ସ୍ୱାମୀଙ୍କୁ ସେମାନେ ମାରିବେ, ଆଉ ମୁଁ ଏକା ପଡ଼ିରହିବି, ମୃତ୍ୟୁ ପର୍ଯ୍ୟନ୍ତ ଏକା । ଏ ବୟସରେ ଆଉ କାହାକୁ ମୁଁ ପାଇବି ? କିନ୍ତୁ ତାଙ୍କୁ ମୁଁ ବଞ୍ଚେଇ ପାରନ୍ତି । ଗୋଟିଏ

ମୂଲ୍ୟ ବିନିମୟରେ ସେମାନେ ତାଙ୍କୁ ଫେରାଇ ଦେବେ । ନା, ନା, ନା, ନା, ଯେ ଦାମ ଦେଲେ ମୁଁ ତ ଆଉ ରହିବି ନାହିଁ, ଆଉ ସେ ଭାବରେ ଯାହାଙ୍କୁ ମୁଁ ଫେରି ପାଇବି ସେ ତ ମୋର ସ୍ୱାମୀ ନୁହନ୍ତି ।

ସେ ଗୋଟାଏ କଥା ବି କହି ଦେଇନାହିଁ ।

ସେ ବି ଦିନେ ଅଦୃଶ୍ୟ ହୋଇଗଲା ଗେଷ୍ଟାପୋର ନାମହୀନ ଶୃଙ୍ଖଳ ଭିତରେ । ଆଜି ତାର ଅଳ୍ପଦିନ ପରେ ଖବର ଆସିଲା ଯେ ତାର ଜୋ ପୋଲାଣ୍ଡରେ ମରିଯାଇଛି ।

## ଲିଡ଼ା

ବାକ୍ସାସଙ୍କର ଘରକୁ ପ୍ରଥମେ ଯେଉଁ ଦିନ ଗଲି, ସେତେବେଳକୁ ସଞ୍ଜ ହୋଇଯାଇଥାଏ । ଜୋସେ ଏକା ଘରେ ଥିଲା, ଆଜି ଗୋଟିଏ ଛୋଟ ଝିଅକୁ ଦେଖିଲି, ଆଖିରେ ତାର ସଜୀବତା । ତାକୁ ଲିଡ଼ା ବୋଲି ଡାକୁଥିଲେ । ସେ ଏକାବେଳେରେ ଖୁବ୍ ମଣିଷ, ମୋର ଦାଢ଼ିକୁ ଏକ ଦୃଷ୍ଟିରେ ଚାହିଁ ରହିଥିଲା ଝିଅଟି, ବୋଧହୁଏ ଭାବୁଥିଲା ତାକୁ କିଛି ସମୟ ପାଇଁ ଆନନ୍ଦ ଦେବା ପାଇଁ ଗୋଟିଏ ନୂଆ ଜୀବ ଆସି ପହଞ୍ଚିଛି ।

ଆମ ଭିତରେ ଅଳ୍ପ ସମୟ ମଧ୍ୟରେ ବନ୍ଧୁତା ଜମି ଉଠିଲା । ବର୍ତ୍ତମାନ ଜାଣିଲି ଏଇ ଶିଶୁଟିର ବୟସ ଅଠେଇଶ ବର୍ଷ । ଭାରି ଆଶ୍ଚର୍ଯ୍ୟ ହେଲି । ଜୋସେର ସାବତ ଭଉଣୀ ! ତାର ବଂଶର ଉପାଧି ମ୍ଲାଚା (ଅର୍ଦ୍ଧ-ଜୀବିତ) କିନ୍ତୁ ତା ଭିତରେ ସେ ଗୁଣଟି ନାହିଁ । ସୌଖୀନ ଅଭିନୟ କରିବାରେ ତାର ଝୁଙ୍କ ଭାରି ।

ମୁଁ ତାର ବିଶ୍ୱାସଭାଜନ ହୋଇଗଲି । ସବୁ ସତ୍ତ୍ୱେ ମୁଁ ବୋଧ କଲି ଯେ ମୁଁ ପ୍ରୌଢ଼ । ତାର ଯୌବନସୁଲଭ ଦୁଃଖ ଆଉ ସ୍ୱପ୍ନର କଥା ସେ ମୋ ପାଖରେ କହୁଥିଲା, ତାର ଭଉଣୀ ବା ଭିଣେଇ କାହା ସହିତ କୌଣସି ବିଷୟରେ ତର୍କ ହେଲେ ସେ ମୋ ପାଖକୁ ମୀମାଂସା ପାଇଁ ଦୌଡ଼ି ଆସେ । ତରୁଣୀମାନେ ଯେପରି କୋପନସ୍ୱଭାବା ହୁଅନ୍ତି, ସେ ଥିଲା ସେଇପରି; ଆଉ ବେଶୀ ବୟସରେ ପିଲା ହେଲେ ପିଲା ଯେପରି ଚେହ୍ଲା ହୁଅନ୍ତି ସେଇପରି ।

ଛ ମାସ କାଳ ଗୋଟାଏ ଘରେ ରହିବା ପରେ ପ୍ରଥମ ଯେଉଁ ଦିନ ବାହାରିଲି ସେ ଥିଲା ମୋର ସଙ୍ଗୀ । ଗୋଟା ବୟସ୍କ ଲୋକଟାଏ ତାର ଝିଅକୁ ସାଙ୍ଗରେ ନେଇ ବୁଲିଲେ ତା ପ୍ରତି ଲୋକଙ୍କ ଦୃଷ୍ଟି ବେଶୀ ପଡ଼େ ନାହିଁ । ଏକୁଟିଆ ବୁଲିବାଠାରୁ ଏ ଭଲ । ଯେଉଁମାନଙ୍କୁ ଅତିକ୍ରମ କରି ଗଲି, ସମସ୍ତେ ତା ଆଡ଼କୁ ଚାହିଁଲେ; ମୋ ଆଡ଼କୁ ନୁହେଁ । ସେଇ କାରଣରୁ ମୋର ଭ୍ରମଣ ସମୟରେ ସେ ହେଲା ମୋର ସଙ୍ଗୀ. ପ୍ରଥମ ଯେତେବେଳେ ଗୁପ୍ତସଭାକୁ ଗଲି ସେ ଥିଲା ମୋ ସାଙ୍ଗରେ । ସେହି କାରଣରୁ ମୋର ପ୍ରଥମ ଗୋପନ ଆଶ୍ରୟ ମଧ୍ୟରେ ସେ ପାଇଥିଲା ପ୍ରବେଶାଧିକାର । ଏହିପରି —ଯୋଗାଯୋଗ ଅଭିଯୋଗରେ ବି ଏ କଥା କୁହାଯାଉଛି—ଏହିପରି ଭାବେ ସେ ସହଜରେ ହୋଇଥିଲା ମୋର ଗୁପ୍ତ ସମ୍ବାଦବାହିକା ।

ସେ ଗୁପ୍ତ ମନରେ କାର୍ଯ୍ୟ କରୁଛି, କାର୍ଯ୍ୟଟା କଅଣ ବା ତାର ତାତ୍ପର୍ଯ୍ୟ ନେଇ ସେ କେବେ ମୁଣ୍ଡ ଘୂରେଇ ନାହିଁ । କାମଟା ନୂଆ, ତା ଛଡ଼ା ଗୋଟାଏ ଆକର୍ଷଣ ବି ଅଛି—ସମସ୍ତେ ଏ କାମ କରନ୍ତି ନାହିଁ; ଆଉ ଏଥିରେ ଦୁଃସାହସିକତାର ଆସ୍ୱାଦ ଅଛି । ତାର କେବଳ ସେତିକି ଲୋଡ଼ା ।

ଯେତେଦିନ ଯାଏଁ ସେ ଛୋଟ ଛୋଟ କାମ କରୁଥିଲା, ତାକୁ ବିଶେଷ କିଛି କହି ନାହିଁ । ଯେତେ କମ କାରଣ ଯେତେ-ଭଲ, ଧରା ପଡ଼ିଲେ ନିଜକୁ ଭଲ କରି ସମର୍ଥନ କରିପାରିବ; ସେ ଯଦି ନିଜକୁ ଦୋଷୀ ମନେ କରିବ ତା ତ ସମ୍ଭବ ହେବନାହିଁ ।

ଲିଡ଼ା ଚଞ୍ଚଳ ଶିଖିଗଲା, କେଲନେକଙ୍କ ପାଖକୁ ଛୋଟିଆ ଛୋଟିଆ ଖବର ନେଇ ଦୌଡ଼ିବାଠାରୁ ସେ ତେର ବେଶୀ ଦାୟିତ୍ୱ ବହନ କରିବାକୁ ସମର୍ଥ । ଏଥର ସମୟ ହେଲା ସବୁ ବୁଝେଇ କହିବାର । ମୁଁ ତାକୁ ଶିଖେଇବାକୁ ଆରମ୍ଭ କଲି । ଯେପରିମତ ସ୍କୁଲ । ଲିଡ଼ା ଆନନ୍ଦରେ ଶିଖିଲା, ତାର ଶିଖିବାର ଇଚ୍ଛା ଉଗ୍ର । ବାହାରକୁ ଦେଖିବାକୁ ସେ ରହିଲା ସେଇପରି ପ୍ରଫୁଲ୍ଲ ଚଞ୍ଚଳମତି ବାଳିକା, ଚପଳ; କିନ୍ତୁ ଭିତରେ ଆସିଲା ତାର ପରିବର୍ତ୍ତନ । ସେ ପୂର୍ଣ୍ଣତା ଲାଭ କରିବାକୁ ଯାଉଛି, ଗଭୀରଭାବେ ଭାବିବାକୁ ଶିଖୁଛି ।

ଏଇ କାର୍ଯ୍ୟ ବସ୍ତୁତଃ ମିରେକ୍ ସଙ୍ଗେ ତାର ପରିଚୟ । ମିରେକ୍ ସେତେବେଳକୁ ଅନେକ କାମ କରୁଛି ଅଜ କାମ ବିଷୟରେ ଭଲରୂପେ କହିବାକୁ ସମର୍ଥ ହେଲାଣି । ଏହି ଲିଡ଼ାର ମନ ଉପରେ ଗଭୀର ପ୍ରଭାବ ପକାଇଲା । ମିରେକ୍‌ର ଚରିତ୍ରର ମୂଳଗତ ଲକ୍ଷଣଗୁଡ଼ିକ ସମ୍ବନ୍ଧରେ ହୁଏ ତ ସେ କିଛିର ଜାଣି ଦେଖି ନାହିଁ, ମୁଁ ନିଜେ ମଧ୍ୟ ସେ ଦିଗରୁ ଭୁଲ ବିଚାର କରିଥିଲି । ତାର କାର୍ଯ୍ୟ, ତାର ବିଶ୍ୱାସ ଅନ୍ୟାନ୍ୟ ଯୁବକମାନଙ୍କଠାରୁ ଲିଡ଼ାକୁ ତା ନିକଟକୁ ଟାଣିନେଲା ।

ପ୍ରେମର ଅଙ୍କୁର ହେଲା ଅଳ୍ପ ଦିନର ମେଳରୁ—ହୋଶି ତେର ।

୧୯୪୨ ସାଲର ପ୍ରଥମ ଭାଗରେ ସେ ପାର୍ଟିର ସଭ୍ୟା ହେବାକୁ ପଚାରିବାକୁ ଆରମ୍ଭ କଲା । ତାର ବୁଦ୍ଧିରେ ବ୍ରିଟିଆଭାବ

ଥିଲା । ଅଗେ ଭେବେ ଏପରେ ଦ୍ୱିଧାଭାବ ଦେଖି ନାହିଁ ତାଠି; ସେ କୌଣସି କଥାକୁ ଏପରେ ଗୁରୁତ୍ୱ ଦେଇ ନ ଥିଲା । ମୁଁ ବାପଯୁଝାଙ୍କୁ ଭାବିଲି ଭଲ ରକମ, ତାର ନିଷ୍ଠା ସେଇପରେ ଗୁରୁଲା । ତାଙ୍କୁ ପରୀକ୍ଷା କରି ଦେଖିବା ତଥାପି ମୋର ଇଚ୍ଛା ଥିଲା ।

୧୯୪୨ ସାଲର ଫେବୃୟାରୀ ମାସରେ କେନ୍ଦ୍ରୀୟ ପରିଷଦ ଦ୍ୱାରା ସେ ସିଧା ଭେଟ ପାଇ ପାଠିରେ ଢୁଉଁ ହେଲା । ଅମେ ସେ ରାତରେ ପ୍ରଚଣ୍ଡ ତୁଷାରପାତ୍ର ମଧ୍ୟରେ ଘରକୁ ଫେରୁଥିଲୁଁ । ସେ ଏକବାରେ ଚୂପଚାପ, ଅଥଚ ସେଇ ବେଶୀ ଗପେ ଅନ୍ୟବେଳେ । ଘର ପାଖରେ ଗୋଟାଏ ପଡ଼ିଆ ପାର ହେଉଁରୁ, ହଠାତ୍ ସେ ଛିଡ଼ା ହୋଇଗଲା । ଚାରିଆଡ଼ ନିସ୍ତବ୍ଧ; ତୁଷାରପାତର ଶବ୍ଦ ପର୍ଯ୍ୟନ୍ତ ଶୁଣାଯାଉଛି । ସେ ଧୀର ସ୍ୱରରେ କହିଲା:

"ମୁଁ ଜାଣେ ଏ ମୋର ଜୀବନର ଅତି ବିଶିଷ୍ଟ ଦିନ । ଆଜି ମୁଁ ମୋର ନିଜର ହୋଇ ନାହିଁ । ଅପଣଙ୍କ ନିକଟରେ ଶପଥ କରୁଛି, ଯାହା ଘଟୁ ପଛକେ ମୁଁ ଅପଣମାନଙ୍କୁ ହତାଶ କରିବି ନାହିଁ ।"

ତା ପରେ ଅନେକ ଘଟଣା ଘଟିଲା କିନ୍ତୁ ସେ ଆମକୁ ହତାଶ କଲା ନାହିଁ । ଉପର ନେତାମାନଙ୍କ ସାଙ୍ଗରେ ଅତିଶୟ ବିଶ୍ୱସ୍ତ ଯୋଗାଯୋଗ ସେଇହିଁ ରଖୁଥିଲା । ପେଜ୍ ଏବୁ ଦାଲ ପାର୍ଟିଠାରୁ ବିଚ୍ଛିନ୍ନ ହୋଇ ପଡ଼ନ୍ତିରୁ ସେମାନଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବା କାର୍ଯ୍ୟ ଥିଲା ତାର । ଏ କାମ କେତୁଠାରୁ ବିପଦସଂକୁଳ, ଦ୍ୱାୟିତ୍ୱର କାମ । କୌଣସି କର୍ମୀକୁ ଅପରିଚିତଙ୍କ ପୂର୍ବରୁ ସେଇ ଧାରଣା କରି ଦେଉଥିଲା । ଯେତେବେଳେ ଆମର ନେତାମାନେ ବା ଗୁପ୍ତ ଅଡ୍ଡା ବିପଦାପନ୍ନ ହେଉଥିଲା, କିଡ଼ୋ ଭଲ ମାଛ ପରି

ଖସିଯାଇ ସବୁ ଠିକ୍‌ଠାକ୍ କରି ଚାଲିଆସେ । ଆଗପରି ଚଞ୍ଚଳ ସେ, ଚପଳ ସ୍ୱଭାବରେ ଛୋଟ ବଡ଼ ସବୁ କାର୍ଯ୍ୟ କରୁଥିଲା । କିନ୍ତୁ ଚପଳତା ତଳେ ଏଥର ଦେଖାଦେଲା ଦୃଢ଼ ଦାୟିତ୍ୱବୋଧ ।

ଆମର ମାସକ ପରେ ସେ ଗିରଫ ହେଲା । ମିରେକ୍ ତାର ସ୍ୱୀକାରୋକ୍ତି ସମୟରେ ତାର ନାମ କହିଲା । ସେମାନେ ଅନୁସନ୍ଧାନ କରି ଜାଣିପାରିଲେ ଯେ ସେ ତାର ଭଉଣୀ ଅଉ ଭଣେଇଙ୍କ ଗୁପ୍ତ ସ୍ଥାନକୁ ଖସିଯିବାରେ ସାହାଯ୍ୟ କରିଛି । ସେ ମୁକ୍ତ ହେଲେଇ ଚପଳ-ସ୍ୱଭାବା ଝିଅର ଭୂମିକାରେ ଅଭିନୟ କରିଯାଉଥିଲା । ସେ ଯେ ବେଆଇନ କାମ ବିଷୟରେ କିଛି ଜାଣେ ନାହିଁ, ଏଇପରି ତାର ଭାବ । ତାର ସାଙ୍ଘାତିକ ପରିଣତି ସମ୍ବନ୍ଧରେ ସେ ଯେପରି ଅଜ୍ଞ ।

ସେ ଆମର ଅନେକ କଥା ଜାଣିଥିଲା, କିନ୍ତୁ କିଛି କହିଲା ନାହିଁ । ସବୁଠୁ ପ୍ରଧାନ କଥା, ସେ କାମ କରି ଚାଲିଥିଲା । ତାର ପରିବେଷ୍ଟନୀ ଅଉ ପଦ୍ଧତି ବଦଳିଗଲା । କାମ ମଧ୍ୟ ଭିନ୍ନ ପ୍ରକୃତିର, କିନ୍ତୁ ସେ କେତେବେଳେ ହାତ ବାନ୍ଧି ବସି ରହିନାହିଁ । ପାର୍ଟି ପ୍ରତି ତାର କର୍ତ୍ତବ୍ୟ ବଦଳି ଯାଇନାହିଁ । ତାକୁ ଯାହା କରିବାକୁ ଦିଆଯାଉଥିଲା ସେ ଚଟାପଟ କରି ଦେଉଥିଲା—ନିର୍ଭୁଲଭାବରେ ଓ ଅନୁରକ୍ତିର ସହିତ । ବାହାରର କାହାକୁ ରକ୍ଷା କରିବାକୁ, କୌଣସି ଜଟିଳ ବିଷୟକୁ ସରଳ କରିବାକୁ ଲିଡା ନିସ୍ପୃହତାପୂର୍ଣ୍ଣ ମୁଖରେ ସେ କାର୍ଯ୍ୟ ନିଜ ଉପରକୁ ନେଇ ଯାଉଥିଲା । ସେ ପ୍ୟାନ୍‌କ୍ରାଟସ୍ ସ୍ତ୍ରୀ ଲୋକ ବିଭାଗରେ ତତ୍ତ୍ୱାବଧାନକାରିଣୀ ଥିଲା । ବାହାରର କେତେ ଯେ ଅଜଣା ଲୋକଙ୍କୁ ସେ ଖବର ପଠେଇ ଗିରଫ କବଳରୁ ବଂଚେଇଛି ତାର ଇୟତ୍ତା ନାହିଁ । ଏକବର୍ଷ ଧରି ଏଇପରି ଚାଲିଲା; ପରେ ଦିନେ ତାର ସେହି ସମ୍ବାଦ-ପ୍ରେରଣ ଧରା ପଡ଼ିଲା । ତା ପରଠାରୁ ଏହି ଭୂମିକା ତାର ସାଙ୍ଗ ହେଲା ।

ବର୍ତ୍ତମାନ ସେ ଆମ ସାଙ୍ଗରେ ଚାଲିଛନ୍ତି ଗାଲିଖିଲୁ । ବାହାର ହେବ ତାର । ଆମ ମଧ୍ୟରୁ ତାହାରହିଁ କେବଳ ସ୍ୱାଧୀନତା-ଲାଭ ଦିନ ପର୍ଯ୍ୟନ୍ତ ବଞ୍ଚି ରହିବାର ନ୍ୟାୟସଙ୍ଗତ କାରଣ ଅଛି । ସେ ତରୁଣୀ. ଆମେ ଯଦି ନ ରହୁ, ତାକୁ ତୁମ୍ଭେମାନେ ଛାଡ଼ିବ ନାହିଁ । ବର୍ତ୍ତମାନ ଅନେକ ବିଷୟ ଶିଖିବାକୁ ହେବ ତାକୁ । ତାକୁ ଶିକ୍ଷା ଦେବ, ତାର ମନକୁ ପଙ୍ଗୁ ହେବାକୁ ଦିଅ ନାହିଁ, ସେ ଯେପରି ଅହଂକାରୀ ହୋଇ ନ ଉଠେ ବା ଯାହା ସମ୍ପନ୍ନ କରିଛି ସେତିକିରେ ସନ୍ତୁଷ୍ଟ ହୋଇ ନଯାଏ । ସେ ଅନଳ ମଧ୍ୟରେ ଉତ୍ତୀର୍ଣ୍ଣ ହୋଇ ଯାଇଛି ଏବଂ ଖାଣ୍ଟି ଧାତୁରେ ଯେ ସେ ଗଢ଼ା ତାର ପ୍ରମାଣ ସେ ଦେଇଛି ।

## ମୋର ଜମିଦାର

ଏଇ ଚରିତ୍ର-ଚିତ୍ରର ପର୍ଯ୍ୟାୟରେ ସେ ପଡ଼େ ନାହିଁ, କିନ୍ତୁ ସେ ଏକ କୌତୂହଳୋଦ୍ଦୀପକ ଲୋକ—ଅନ୍ୟ ସମସ୍ତଙ୍କଠାରୁ ଭିନ୍ନ—ତେଣୁ ତା ଉପରେ ଦୃଷ୍ଟି ପକାଇବା କଥା ।

ଦଶବର୍ଷ ଆଗରୁ ଭଲୋଗ୍ଦାର ଷ୍ଟେସନ କାଫେରେ ବସି ଯେତେବେଳେ ତୁମେ ଟେବୁଲରେ ଟଙ୍କା ଥାଳ କରିଦିଅ ବା ବଡ଼-ଘାଟିରେ ପ୍ରଧାନ ପରିଚାରକଙ୍କୁ ଡାକି କହୁଥିଲ "ବିଲ ଦରକାର", ସେତେବେଳେ ହଠାତ୍ ଡେଙ୍ଗା ଅଉ ଟେଙ୍ଗା ଗୋଟାଏ ଲୋକ ଆସି ତମ ଆଗରେ ଉପସ୍ଥିତ ହେଉଥିଲା, ସେ ପିନ୍ଧିଥାଏ ଗୋଟାଏ କଳା ଲମ୍ବିବାଲା କୋଟ । ଟେବୁଲଗୁଡ଼ାକ ଭିତରେ ସେ ନିଃଶବ୍ଦରେ ଚାଲି ଆସେ, ଯେପରି ବୁଡ଼ି ଅଣ୍ଟାଏ ପାଣି ପର୍ଯ୍ୟନ୍ତ ଆସୁଛି ସତେ, କିଛିକ୍ଷଣ ପରେ ସେ ତମର ବିଲ୍ ତମ ସାମନାରେ ହାଜର କରି ଦେଉଥିଲା । ଶିକାରୀ ପକ୍ଷୀପରି ନିଃଶବ୍ଦ ଦ୍ରୁତ ଗତି, ଅଉ ଯୋଡ଼ାଏ

ଅଙ୍ଗ, ଯାହା ଗୋଟାଏ ଗୃହାଣିରେ ସବୁ ଦେଖି ନେଉଥିଲା । ତମର ଖାଇବା ଜିନିଷର ଫରମାସି ଦେବାର ଦରକାର ପଡୁନଥିଲା । ସେ ପରିଚାରକଙ୍କୁ କହି ପାରୁଥିଲା, ତିନି ନମ୍ବର ଟେବୁଲରେ ସାଦା ଭଜି, ସର ଦରକାର ନାହିଁ, ବାଁ ପାଖର କଂରକା ଟେବୁଲରେ 'ପେସ୍ଟ୍ରି' ଆଉ 'ପିଗୁଲସ୍ ପେପର' । ଖରିଦଦାରଙ୍କ ପାଇଁ ସେ ଥିଲା ଚମତ୍କାର ପ୍ରଧାନ ପରିଚାରକ । ସାଥୀ କର୍ମୀମାନଙ୍କ ପାଇଁ ଉତ୍ତମ ସହକର୍ମୀ ।

ସେତେବେଳେ ମୁଁ ତାକୁ ଚିହ୍ନି ନଥିଲି । ଜେଲ୍‌ନେକ୍‌ଙ୍କର ଘରେ ବହୁଦିନ ପରେ ତା ସାଙ୍ଗରେ ପରିଚିତ ହେଲି । ପେନ୍‌ସିଲ୍ ବଦଳରେ ଗୋଟାଏ ପିସ୍ତଲ୍ ନେଇ ମୋ ଆଡ଼କୁ ଲକ୍ଷ୍ୟ କରି ସେ କହୁଥିଲା, "ଏଇଟା ଉପରେ ମୋର ସବୁଠାରୁ ଲୋଭ ବେଶୀ ।"

ସତ କହିବାକୁ ଗଲେ ତା ପରଠାରୁ ଆମେ ଦୁଇଜଣ ପରସ୍ପର ପ୍ରତି ଆକୃଷ୍ଟ ହୋଇ ପଡିଲୁଁ ।

ସହଜାତ ବୁଦ୍ଧି ଆଉ ଲୋକ ଚିହ୍ନିବାର କ୍ଷମତା ତାର ଥିଲା ଅସାଧାରଣ । ସେଥିପାଇଁ ପୁଲିସର ଅପରାଧ-ବିଭାଗର କାର୍ଯ୍ୟରେ ତାର ଉନ୍ନତି ହେଲା ଅସାଧାରଣ । ଛୋଟ ଅପରାଧୀ, ଆଉ ହତ୍ୟା-କାରୀମାନେ, ସମାଜଚ୍ୟୁତ ବହିଷ୍କୃତ ଲକ୍ଷ୍ମୀଛଡ଼ାଦଳ ତା ପାଖରେ ମନକଥା ଖୋଲି କହିବାକୁ ଦ୍ବିଧା କରୁ ନ ଥିଲେ । କାରଣ ନିଜକୁ ବଞ୍ଚାଇବା ସେମାନଙ୍କର ଏକମାତ୍ର ଚିନ୍ତା । କିନ୍ତୁ ଏହି ନିଜ-ଦେହଜଗା-ଦଳଙ୍କ ଭିତରୁ କମ୍ ଲୋକ ପୁଲିସର ରାଜନୈତିକ ବିଭାଗର କବଳରେ ପଡ଼ନ୍ତି । ଏଠି ପୁଲିସ ବୁଦ୍ଧି ସାଙ୍ଗରେ ଲଢ଼ାଇ କରେ ନାହିଁ । କେବଳ ଜଣେ ଗିରଫ ହେଲେ ଲୋକର

ଅକାଲ ଲଢ଼ାଇ ଚଳେ ଏକ ବୃହତ୍ତର ଶକ୍ତ ସାଙ୍ଗରେ । ଗୋଟାଏ ମତବାଦର ବିରୁଦ୍ଧରେ ଲଢ଼ାଇ ହୁଏ, ଲଢିବାକୁ ହୁଏ ଗୋଟାଏ ଦଳର ସମଷ୍ଟିଗତ ବୁଦ୍ଧି ବିରୁଦ୍ଧରେ । ଛଳଚାତୁରୀ ଆଁ ମାଉ କଦାପି ମତବାଦକୁ ଚୂର୍ଣ୍ଣ କରି ପାରେ ନାହିଁ ।

'ମୋର କମିସାର' ଭିତରେ ତୁମେ ଅନ୍ତରର କୌଣସି ଦୃଢ଼ ବିଶ୍ବାସ ଖୋଜି ପାଇବ ନାହିଁ । ଯଦି ଅନ୍ୟ କାହାର ଭିତରେ ଯେ ବିଶ୍ବାସ ଥାଏ ତାହା ବୁଦ୍ଧିହୀନତା ମିଶ୍ରିତ; ସେଥିରେ କୌଶଳ ନାହିଁ, ଲୋକ ଚହ୍ନିବାର ଜ୍ଞାନ ବା ଆଦର୍ଶ ନାହିଁ । ଯଦି ମୋଟ ଉପରେ ସେମାନେ ସଫଳ ହୋଇଥାନ୍ତି ତାର କାରଣ ସଂଗ୍ରାମ ବହୁଦିନ ଧରି ଚାଲିଛି, ଅତି ସଂକୀର୍ଣ୍ଣ ସୀମା ମଧ୍ୟରେ ଆବଦ୍ଧ ଅଛି । ହୁଏ ତ ଆଗର ଗୋପନ ସଂଗ୍ରାମଠାରୁ ଜଟିଳତର ପରିସ୍ଥିତି ହେଉଛି ତା ସମ୍ଭବ ହୋଇଛି । ରୁଷ ବଲଶେଭିକ୍‌ମାନେ କହନ୍ତି ଗୋପନ ଆନ୍ଦୋଳନର ସର୍ବୋଚ୍ଚ କର୍ମୀର ଆୟୁ ମାତ୍ର ଦୁଇ ବର୍ଷ । ମସ୍କୋ ଯଦି ତା ପକ୍ଷରେ ଅସହ୍ୟ ହୋଇ ଉଠେ, ପେଟ୍ରୋଗ୍ରାଡକୁ ସେ ଚାଲିଯାଇ ପାରେ, ସେଠୁ ଓଡେ଼ଶାକୁ ଯାଇ ଲକ୍ଷ ଲକ୍ଷ ନଗରବାସୀଙ୍କ ଭିତରେ ଲୁଚିଯାଇ ଯାଇପାରେ । ସେଠି କେହି ସେମାନଙ୍କୁ ଚହ୍ନିବ ନାହିଁ । କିନ୍ତୁ ଏଠି ଆମର ଅଛି ଖାଲି ପ୍ରେଗ୍; ଏକ ପ୍ରେଗ୍, ମାତ୍ର ପ୍ରେଗ୍ । ଏଠି ଅଧେ ଲୋକ ତୁମକୁ ଚହ୍ନନ୍ତି । ଶତ୍ରୁର ଗୁପ୍ତଚର ଏଠି ସାଲୁବାଲୁ । ତା ହେଲେ ବି ଆମେ ବର୍ଷ ବର୍ଷ ଧରି ତିଷ୍ଟି ରହିଚୁଁ, ଏପରି ଅନେକ କମ୍ରେଡ଼ ଅଛନ୍ତି ଯେଉଁମାନେ ପାଞ୍ଚବର୍ଷ ଗୋପନରେ କାମ କରିଛନ୍ତି, ଗେଷ୍ଟାପୋମାନେ ଏଠି ସେମାନଙ୍କୁ ଆବିଷ୍କାର କରି ପାରି ନାହାନ୍ତି । ତାର କାରଣ, ଆମେ ଅନେକ କଥା ଜାଣୁ । ହଁ, ଆମର

ଶତ୍ରୁ କ୍ରୁର ଓ ଶକ୍ତିଶାଳୀ ହେଲେ ମଧ୍ଯ ଧ୍ବଂସ ବ୍ୟତୀତ ଆଉ ଅଧିକ କିଛି ଶିଖିନାହିଁ ।

ସ୍ତ୍ରୁ-ଙ୍କ ବିଭାଗରେ ତିନି ଜଣ ଲୋକ କମ୍ୟୁନିଜମ୍‌ର ପ୍ରଧାନ ମୂଳୋତ୍ପାଟନକାରୀ ହିସାବରେ କାମ କରୁଛନ୍ତି, ଅଭ୍ୟନ୍ତରୀଣ ଶତ୍ରୁ ବିରୁଦ୍ଧରେ ସଂଗ୍ରାମରେ ସାହସ ଜମିଉ ପାଉଛନ୍ତି କଳା-ଧଳା-ଲାଲ ଫିତା—ସେମାନେ ହେଉଛନ୍ତି ଫ୍ରିଡ୍‌ରିଖ୍, କାହାର ଆଉ କମିସାର, ଜୋସେଫ୍ ବମ୍ । ସେମାନେ ହିଟଲରୀ ନ୍ୟାସନାଲ ସୋସିଆଲିଜମ୍ ସମ୍ବନ୍ଧରେ ବିଶେଷ କିଛି କହି ପାରିବେ ନାହିଁ କାରଣ ସେ ବିଷୟ ତାଙ୍କୁ ଖୁବ୍ କମ୍ ଜଣା । କୌଣସି ରାଜନୈତିକ ଆଦର୍ଶ ନେଇ ସେମାନେ ସଂଗ୍ରାମରେ ପ୍ରବୃତ୍ତ ନୁହନ୍ତି । ପ୍ରବୃତ୍ତି ନିଜର ସ୍ବାର୍ଥପାଇଁ । ନିଜେ ନିଜ ଧରଣରେ ଚଳାଉଛନ୍ତି ଯୁଦ୍ଧ ।

କାହାର ମଣିଷ ବୋଲି ଏତେ ଠିକେ, ଅତି ମାତ୍ରାରେ ବିଦ୍ବେଷୀ । ପୁଲିସ ବିଭାଗର ଧରଣଧାରଣ ସମସ୍ତଙ୍କଠାରୁ ବେଶୀ ଜଣା ତାଙ୍କୁ; ତାଠାରୁ ବେଶୀ ଜାଣେ ଟଙ୍କା ପଇସା ରୋଜଗାରର ଫନ୍ଦି ଫିକର । ପ୍ରେଗ୍‌ରୁ କିଛିଦିନ ପାଇଁ ବର୍ଲିନକୁ ବଦଳି ହୋଇ ଯାଇଥିଲା । ପୁଣି ଯୋଗାଡ଼ କରି ସେଠୁ ଚାଲିଆସି ଆସିଛି । ରାଇଖ୍‌ର ରାଜଧାନୀରେ ରହିବା ତାଙ୍କୁ ପୋଷେଇଲା ନାହିଁ । ଟଙ୍କା ରୋଜଗାର ଦୃଷ୍ଟିରୁ ଦେଖିଲେ ଏ ଯେ ନବାବୀ । ଡମସାଚ୍ଛନ୍ନ ଅଫ୍ରିକା ବା ପ୍ରେଗ୍‌ର ଔପନିବେଶିକ ଅଫିସର ହେବା ବର୍ଲିନରେ କାହିଁଠାରୁ ଢ଼େର୍ ଭଲ । ହାକିମି ତ ଚଳେ, ତା ସାଙ୍ଗକୁ ବ୍ୟାଙ୍କ୍ ଖାତାରେ ଅଙ୍କ ବଢ଼େ । କାହାର ଖୁବ୍ ଗର୍ବ ରଖିବା ଲୋକ; ଖାନାରେ ବସି ସେ ଜେରା ବା ତଦନ୍ତ କରେ—ସେ ଯେ କେତେ ଖାଣ୍ଟି ପାରେ ଦେଖାଇବାକୁ ଚାହେଁ । ଅଫିସର କାମରେ ଏଇ ନିଷ୍ଠା

ଦେଖାଇବାକୁ ପଡ଼େ, ଯଦ୍ଦ୍ବାରା ଲୋକେ ଅଫିସ ବାହାରେ ତାର ସ୍ୱାର୍ଥର ଖୋଜ ଖବର ନ ରଖିବେ। ଯେଉଁମାନେ ତା ହାତରେ ପଡ଼ନ୍ତି ସେମାନଙ୍କ ଉପରେ ଅମ୍ଭମାନଙ୍କର କରୁଣା ହୁଏ; ତା ଠାରୁ ବେଶୀ କରୁଣା ହୁଏ ସେମାନଙ୍କ ଉପରେ ଯେଉଁମାନଙ୍କର ବ୍ୟାଙ୍କରେ ପାସବହି ବା ଅନ୍ୟ କୌଣସି ରକମ ଟଙ୍କା ଜମା ଅଛି। ସେ ଲୋକ ବଞ୍ଚିଲ ମରିବ କାରଣ ତାର ବ୍ୟାଙ୍କ ପାସବହି ଆଉ ଜମା ଉପରେ ଜୀନ୍ଦାରର ପ୍ରଚଣ୍ଡ ଲୋଭ। ଏ ବିଷୟରେ ତା ଠାରୁ ପଟୁ ଜର୍ମାନ ଅଫିସର ଆଉ ଅଛନ୍ତି କି ନାହିଁ ସନ୍ଦେହ। ଏ ଦିଗରୁ ବିଚାର କଲେ ତାର ଚେକ୍ ସହକାରୀ ସ୍ପୋଲ୍ଲ ସାଙ୍ଗରେ ତଫାତ୍ ଅଛି ଅଳ୍ପ—ସୋଲ୍ଲ ଭଦ୍ର ଦସ୍ୟୁ, ତୁମଠୁ ଟଙ୍କା ପାଇଲେ ସେ ତୁମକୁ ପ୍ରାଣରେ ମାରିବ ନାହିଁ।

ଫ୍ରିଡରିଖ୍ ଡ଼େଙ୍ଗା, ରୋଗା, କପର ରକ୍ତହୀନ ଦେଖାଯାଏ। ତାର ଚକ୍ଷୁ ଦୁଇଟି ସଇତାନର, ମୁହଁରେ ମଧ୍ୟ ସଇତାନର ହସ। ୧୯୩୭ ସାଲରେ ଗେଷ୍ଟାପୋ ଗୁଇନ୍ଦା ହିସାବରେ ଆସିଲା ସେ ଚେକୋସ୍ଲୋଭାକିଆକୁ। ଯେଉଁସବୁ ଜର୍ମାନ କମ୍ୟୁନିଷ୍ଟ ଚେକ୍ ରିପବ୍ଲିକ୍‌ରେ ଆଶ୍ରୟ ନେଇଥିଲେ ସେମାନଙ୍କୁ ଧରି ଜର୍ମାନୀକୁ ଚାଲାନ ଦେବା ଥିଲା ତାର କାର୍ଯ୍ୟ। ମୂର୍ଦ୍ଧାରପ୍ରତି ତାର ଅଦ୍ଭୁତ ଆକର୍ଷଣ। କାହାରିକୁ ନିର୍ଦ୍ଦୋଷ ବୋଲି ସେ ଭାବିପାରେ ନାହିଁ। ତା ଅଫିସ ପିଣ୍ଡାକୁ ଯେ ଥରେ ଉଠିଲା ସେ ହେଲା ତା ପାଖରେ ଦୋଷୀ। ସ୍ତ୍ରୀ ଲୋକମାନଙ୍କୁ ସେ ଶୁଣାଇବାକୁ ଭଲପାଏ ଯେ, ସେମାନଙ୍କର ସ୍ୱାମୀମାନେ ବନ୍ଦୀ ଶିବିରରେ ମରିଗଲେଣି ବା ଫାସି-କାଠରେ ଝୁଲୁଛନ୍ତି। କାହାରିକୁ ଜେରା କରିବା ସମୟରେ ତାର ସେ ଦରଜା ଭିତରୁ ସାତଟା ପାଉଁଶ ମାଠିଆ ବାହାର କରି ଦେଖାଏ।

"ମୋ ନିଜ ହାତରେ ଏଇ ସାତଟାଙ୍କୁ ବାଡେଇ ବାଡେଇ ମାରିଛି, ତୁମକୁ ମିଶାଇ ଆଠ ହେବ ।"

ଏଥର ତାର ଡେ଼ସ୍କରେ ଆଠଟା ଢି଼ବା ଦେଖାଯିବ, କାରଣ ସେ ଜ୍ୟାନ୍ ଜିନ୍କିଙ୍କୁ ବି ପିଟି ପିଟି ମାରିଛି ।

ନାନା ମାମଲାର କାଗଜପତ୍ର ଫାଇଲ୍ ଘାଣ୍ଟିବାକୁ ତାଙ୍କୁ ଭଲ ଲାଗେ, ତା ପରେ ଗୋଟିଏ କଥାର ପୁନରାବୃତ୍ତି କରି କହେ:

"ଠିକ୍ ହେଲା । ମାମଲା ତୁଟିଲା ।"

ସ୍ତ୍ରୀଲୋକଙ୍କୁ ନିର୍ଯ୍ୟାତନ କରିବାକୁ ତାଙ୍କୁ ସବୁଠାରୁ ଅଧିକ ଭଲ ଲାଗେ ।

ପୁଲିସ କାମ ତୁଲାଇବାକୁ ତାର ବିଳାସୀ ମନ ଅନେକଟା ସାହାଯ୍ୟ କରୁଛି । ଖଣ୍ଡିଏ ସୁନ୍ଦର ସାଜସଜ୍ଜାପୂର୍ଣ୍ଣ ଘର ବା ଗୋଟାଏ ସଫଳ ବ୍ୟବସାୟ ଯଦି ତମର ଥାଏ, ତା ହାତରେ ତମର ମୃତ୍ୟୁ ହେବ ଶୀଘ୍ର; ଏ କଥା ଧ୍ରୁବ ।

ତାର ରେକ୍ ସହକାରୀ—ନରଜାନ, ଇଚ୍ଛାରେ ତାଠାରୁ ଅଧମୁଣ୍ଡେ ଶ୍ରେଷ୍ଠ—କେବଳମାତ୍ର ଏତିକି ପାର୍ଥକ୍ୟ ।

ମୋର କମିଶନର ବନ୍ଦର ଠେକା ବା ମୁନ୍ଦୋର ଉପରେ ଲୋଭ ନାହିଁ, ତା ବୋଲି ଏ ଦୁହିଁଙ୍କଠାରୁ ତାର ଶକ୍ତିର ତାଲିକା ଯେ ଖୁବ୍ କମ୍ ତା ନୁହେଁ । ଭାଗ୍ୟାନ୍ୱେଷୀ ସେ, ଜଣେ ବୋଲି ପରିଚିତ ହେବା ତାର ଇଚ୍ଛା । ଗେଷ୍ଟାପୋ ବିଭାଗର ପୁରୁଣା ଲୋକ ବି । ହିଟଲର ଅଭ ବେଜ୍ନର ଯେତେବେଳେ ଗୋପନ ପରାମର୍ଶ ହେଉଥିଲା ନେପୋଲିଅନ୍ ରୁମରେ, ସେ ସେଠି ପହରା ଦେଉଥିଲା । ହିଟଲରଙ୍କୁ ଯେଉଁ ସବୁ କଥା ବେକନ ଲାଜେ କହୁ ନାହିଁ ସେସବୁ ଯୋଗ କରିଦଏ ବମ୍ । କିନ୍ତୁ ମଣିଷ ଶିକାରର

ସୁଯୋଗ, ଲୋକଙ୍କର ଜୀବନମରଣର କର୍ତ୍ତାହେବା, ଗୋଟାଏ ଗୋଟାଏ ପରିବାରର ଧ୍ୱଂସ କାରିତ ହୁକୁମ—ଏ ସବୁ ପାଖରେ ସେ କଥା କିଛି ନୁହେଁ ।

ସବୁ ସମୟରେ ତାର ଚିତ୍ତବିନୋଦନ ପାଇଁ ଯେ ଏସବୁ ଦରକାର ପଡୁଥିଲା ତା ନୁହେଁ । ସେ ଗୃହଥିଲା ସମସ୍ତଙ୍କୁ ଚିପି ଯିବାକୁ, ପରିବାରକୁ ମୂଳପୋଛ କରିଦେବା ପାଇଁ ଏ ଇଚ୍ଛା ରୂପ ପାଉଥିଲା ଅଦ୍ଭୁତ ଭୟଙ୍କର ଭାବେ ।

ଗୁଇନ୍ଦାମାନଙ୍କର ସବୁଠୁ ବଡ଼ ଫାଶ ସେ ମେଲିଥିଲା । ସେ ଶିକାରୀ, ତା ସାଙ୍ଗରେ ଗୋଟାଏ ପ୍ରକାଣ୍ଡ କୁକୁରଦଳ । ସେ ଶିକାର ଚଳେଇଲା । ଶିକାରର ଆନନ୍ଦ ଉପଲବ୍ଧି ଲାଗି କେବଳ ସେ ବେଳେ ବେଳେ ଶିକାର କରୁଥିଲା । ଜେରା କରିବା ତା ପକ୍ଷରେ ଏକ ଆନନ୍ଦମୟ ବ୍ୟାପାର । ଗିରଫ ହୋଇ ଲୋକେ ତାର ହୁକୁମ ପାଇଁ ତା ଆଗରେ ଠିଆ ହୋଇ ରହିଥିବେ, ଏଥିରେ ତାର ଚରମ ଆନନ୍ଦ । ପରେ ସେ ପ୍ରେଗ୍‌ର ଦୁଇଶ କଣ୍ଟ୍ରାକ୍ଟର, ବାସ୍ ଅଡ୍ଡା ମଠର ଚାଳକଙ୍କୁ ଗିରଫ କଲା, ସେମାନଙ୍କୁ ସେ ରାସ୍ତା ମଝିରେ ଜମା କରି ରଖିଲା, ବାଟରେ ଚଲାଚଳ ବନ୍ଦ, ଯାନବାହନ ବ୍ୟବସ୍ଥା ଅଚଳ, ଭୟ ଓ ଗୃହଶିଳ୍ପ ସେଇଠି ଗଲା । ସେତେବେଳେ ତାର କି ଆନନ୍ଦ ! ଦେଢ଼ଶ ଜଣଙ୍କୁ ସେ ଛାଡ଼ିଦେଲା । ମନରେ ତାର ଆନନ୍ଦ ଯେ ଦେଢ଼ଶଟା ପରିବାର ତାକୁ ଦୟାଳୁ ବୋଲି ମନେ କରିବେ, ତା ବିଷୟରେ ଆଲୋଚନା କରିବେ !

ତାର ମାମଲାଗୁଡ଼ାକ ଛୋଟ ଧରଣର, କିନ୍ତୁ ତା ବୋଲି ତାର କଠିନତା କମ୍ ନୁହେଁ । ତାର ଦେହରୁ ନାନା ଶାଖାପ୍ରଶାଖା ମେଲିଛି ତଦନ୍ତ ସମୟରେ । ମୋ କଥା ଅବଶ୍ୟ ଏହା ଭିତରୁ ଅଲଗା । ମୁଁ ତା ହାତରେ ହଠାତ୍ ଧରାପଡ଼ିଗଲି ।

* *

"ମୋର ସବୁ ଠାରୁ ବଡ଼ ଅସାମୀ ତୁମେ"—ସେ ମୋତେ ଅନ୍ତରଙ୍ଗତାସହ ପ୍ରାୟ କହୁଥିଲା । ସେ ଗର୍ବିତ, ବଡ଼ ବଡ଼ ମାମଲାରୁ ଗୋଟାଏ ତାର ହାତରେ ପଡ଼ିଛି । ଏହାଦ୍ୱାରା ମୋ ଜୀବନର ଅଳ୍ପ କେତୋଟା ଦିନ ହୁଏତ ବଢ଼ିଯାଇପାରେ ।

ଆମେ ପରସ୍ପରକୁ ମିଛ କଥା ବେଶ୍ ଜୋରଦେଇ କହୁଥିଲୁଁ, ମିଛକହିବା ଅନବରତ ଚାଲିଥିଲା । ତେବେ ଦୁଇଜଣଙ୍କର ମିଥ୍ୟା କହିବାରେ ତଫାତ୍ ଥିଲା । ପାର୍ଥକ୍ୟ ଏଇଠି ଯେ ସେ ଯେତେବେଳେ ମିଛ କହୁଥିଲା ମୁଁ ବୁଝିପାରୁଥିଲି, କିନ୍ତୁ ସେ ମୋର ମିଥ୍ୟା ପ୍ରାୟ ଧରିପାରୁ ନ ଥିଲା । ଗୋଟାଏ ମିଥ୍ୟା କଥା ଧରା ପଡ଼ିଗଲେ ଦୁଇଜଣଯାକ ଚୁପଚାପ ରହିଯାଉଥିଲୁଁ, ଆମ ଭିତରେ ଏଇ ବୁଝାମଣା ହୋଇଯାଇଥିଲା । ମୁଁ ମନେ କରେଁ, ସେ ସତ୍ୟ ଅବିଷ୍କାର ପାଇଁ ଚିନ୍ତିତ ନୁହେଁ; ତାର ଚିନ୍ତା କିଭଳି ତାର ସବୁଠୁ ବଡ଼ ଏଇ ମାମଲାଟାକୁ ଦୋଷଶୂନ୍ୟ ବୋଲି ଦର୍ଶାଇପାରିବ ।

ଜେରା କରିବା ସମୟରେ ଗାଳି ଲାଠି ଆଦି ଅସ୍ତ୍ର ସେ ବ୍ୟବହାର କରୁନ ଥିଲା । ବରଂ ଲୋକ ଦେଖି ଭୟପ୍ରଦର୍ଶନଠାରୁ ବୁଝେଇସୁଝେଇ କହିବାକୁ ସେ ବେଶୀ ପସନ୍ଦ କରୁଥିଲା । ପ୍ରଥମ ଘାତ ଛଡ଼ା ସେ ମୋ ଉପରେ ଆଉ ଅତ୍ୟାଚାର କରିନାହିଁ । ଅତ୍ୟାଚାର କରିବାର ଦରକାର ପଡ଼ିଲେ ସେ ମୋତେ ଅନ୍ୟ ଜଣକୁ ପଠାଇ ଦେଉଥିଲା ।

ଅଉ ସମସ୍ତଙ୍କଠାରେ ତାର ଚବହଥିଲା ଅଧିକ କୌତୂହଳ, ଜଟିଳତା ପୂର୍ଣ୍ଣ; ଅନ୍ୟମାନଙ୍କଠାରୁ ତାର କଳ୍ପନାଶକ୍ତି ଅଧିକ ଥିଲା ଏବଂ ତାହାକୁ ସେ କାମରେ ଲଗାଇପାରୁଥିଲା । ବ୍ରାଜ୍ଞଙ୍କର କୌଣସି କାଳ୍ପନିକ ସଙ୍ଘରେ ଯୋଗଦାନ କରିବାକୁ ଆମେ ପ୍ରାୟ ଘୋଡ଼ାରେ ଚଢ଼ି ଚାଲିଯାଉଁ, ଜନତାସ୍ରୋତ ବହିଚାଲିଥାଏ ।

ସେ କହୁଉଠେ, ଯେପରି ତାଙ୍କୁ ଦେଖିକରି ତାର ମନରେ ଏଇ ଭାବ ଜାଗ୍ରତ ହୋଇଉଠୁଛି:

“ତୁମକୁ ଆମେ ଗିରଫ କରିଛୁଁ କିନ୍ତୁ ଦେଖ, ତାଙ୍କର କିଛି ପରିବର୍ତ୍ତନ ହୋଇନାହିଁ । ଆଗେ ଯେପରି ଚାଲୁଥିଲେ, ସେଇପରି ସେମାନେ ଚାଲିଛନ୍ତି ବାହାରେ । କେତେବେଳେ ହସୁଛନ୍ତି, କେତେ-ବେଳେ ବା ନିଜର ସମସ୍ୟା ନେଇ ଉଦ୍‌ବିଗ୍ନ ହୋଇ ଉଠୁଛନ୍ତି, ଠିକ୍ ଆଗ ପରି । ତୁମେ ଯେ ତାଙ୍କ ସାଙ୍ଗରେ ଥିଲ ଏ କଥା ବୋଧହୁଏ କାହାର ମନରେ ନାହିଁ । ପୃଥିବୀ ଚାଲିଛି, ଏମାନଙ୍କ ମଧ୍ୟରେ ତୁମର ପାଠକ-ପାଠିକା ଅଛନ୍ତି, କିନ୍ତୁ ସେମାନଙ୍କ ମୁହଁରେ ତୁମପାଇଁ କଣ ଟିକିଏ ଅଧିକ କୁଞ୍ଚିତରେଖାପାତ ହୋଇଛି ?”

କେତେବେଳେ କେତେବେଳେ ସାରା ଦିନ ଜେରା କରିବା ପରେ ସେ ମୋତେ ଗାଡ଼ିରେ ଚଢ଼େଇ ନେରୁଦା ଷ୍ଟ୍ରୀଟ ବାଟେ ନେଇଯାଉଥିଲା ରାଜପ୍ରାସାଦ ପର୍ଯ୍ୟନ୍ତ ।

“ଜାଣେ ତୁମେ ପ୍ରେଗ୍‌କୁ ଭଲପାଅ । ଦେଖ, ଏଠି କଣ ପୁଣି ଫେରି ଆସିବାକୁ ଚାହଁ ନାହିଁ ? କି ସୁନ୍ଦର ପ୍ରେଗ୍—ତୁମେ ଚାଲିଗଲେ ବି ସେ ସେଇପରି ସୁନ୍ଦର ରହିବ !”

ପ୍ରଲୁବ୍ଧକାରୀର ଭୂମିକାରେ ସେ ଭଲ ଅଭିନୟ କରେ । ଶେଷ ଗ୍ରୀଷ୍ମର ସନ୍ଧ୍ୟା ମୋ ଗ୍ଲାସରେ ତାର ହେମନ୍ତର ସଙ୍କେତ-ପ୍ରେଗ୍ ଉପରେ ପଡ଼ୁଥିଲା ସନ୍ଧ୍ୟାର ନୀଳାଭ ଜ୍ୟୋତି ଅତି କ୍ଷୀଣ କୁହୁଡ଼ି, ସୁପକ୍ୱ ଫଳଭରା ଦ୍ରାକ୍ଷାଲତା ପରି । ଅଙ୍ଗୁର ପରି ମାଦକତା ଭରା । ଏ ଦୃଶ୍ୟ ମୋର ଦେଖିବାର ବାସନା ହେଉଥିଲା ପୃଥିବୀର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ । କିନ୍ତୁ ତାକୁ ବାଧା ନ ଦେଇ ରହିପାରିଲି ନାହିଁ । କହିଲି:

"ତୁମେମାନେ ଚାଲିଗଲେ ପ୍ରେମ୍ ଅଙ୍କୁର ସୁନ୍ଦର ଦିଶିବ ।"

ସେ ହସିଲା, ସେ ହସରେ ନୀଚତା ନ ଥିଲା, ବିଶ୍ୱସ୍ତତାର ଭାବ । ସେ କହିଲା: "ତୁମେ ଆମକୁ ହିଂସା କରୁଛ ।"

ମଝିରେ ମଝିରେ ସେଇ ସନ୍ଧ୍ୟାର କଥା ମନେ ପଡ଼େ !

ଆମେ ଏଠୁ ଚାଲିଗଲେ…ତାହେଲେ ତୁମେ ଆମ୍ଭମାନଙ୍କର ବିଜୟର ଆଶା କରୁନାହଁ ?"

ସେ ସ୍ଥିରନିଶ୍ଚୟ ନୁହେଁ ବୋଲିହିଁ ମତେ ଏପରି ପଚାରୁଥିଲା । ଯେତେବେଳେ ମୁଁ ଅକ୍ଟୋବର ଶୋଭି ଏବଂ ଶକ୍ତିର କଥା କହୁଥିଲି ସେ ମନ ଦେଇ ଶୁଣୁଥିଲା । ମୋର "ଟେଜର" ସେତେବେଳକୁ ଶେଷ ହୋଇ ଆସିଥିଲା ।

## ପ୍ୟାଣ୍ଟଲୁନ୍ ବାନ୍ଧିବା ଫିତାର ଉପକଥା

ମୋର ସାମନା ଗାରଦର ଦୁଆର ପାଖରେ ପ୍ୟାଣ୍ଟଲୁନ୍ ବାନ୍ଧିବା ଫିତାଗୁଡ଼ାକ ଝୁଲୁଥିଲା । ପୁରୁଷମାନଙ୍କ ବ୍ୟବହାରର ସାଧାରଣ ଜିନିଷ । ଏଇ ଜିନିଷଟା କେବେ ଦେଖିଲେ ମତେ ଭଲ ଲାଗେ ନାହିଁ । କିନ୍ତୁ ଅଜି ଆମେ ସେଗୁଡ଼ିକ ଆଡ଼କୁ ଚାହିଁ ଆନନ୍ଦ ଲାଭ କରୁଛୁ । ଯେତେବେଳେ ଆମର ଗାରଦର କବାଟ ଖୋଲିଯାଏ, ସେଇଆଡ଼କୁ ଅନେଇ ଚାହୁଁ । ସେସବୁଡ଼ାକ ଭିତରେ ଯେପରି କ୍ଷୀଣ ଆଶା ମୁଁ ଦେଖିପାରେ ।

ଯେତେବେଳେ ସେମାନେ ତୁମକୁ ଗିରଫ କରନ୍ତି, ତୁମକୁ ପିଟି ପିଟି ଜୀବନକୁ ନାକଦମ୍ଭରେ ଆଣି ରଖିପାରନ୍ତି ବା ମାରିଦେଇ ପାରନ୍ତି କିନ୍ତୁ ପ୍ରଥମରୁ ସେମାନେ ତୁମର ନେକ୍‌ଟାଇ, କମରପଟି, ଅଉ ପ୍ୟାଣ୍ଟଲୁନ୍ ଫିତା କାଢ଼ି ନେବେ

ଯେପରି ତୁମେ ବେଙ୍କରେ ଦେଇ ନ ପାର [ ଅବଶ୍ୟ ବେଙ୍କରେ ଚଜିଲିଆ ବାନ୍ଧ ନରବା ଭଲ କଥା ଏ]। ଯେତେଦିନ ପର୍ଯ୍ୟନ୍ତ କୌଣସି ଗ୍ଲେହିଆ ଗେଷ୍ଟାପୋ ଅଦାଲତରୁ ତୁମକୁ ବେଠି ଖଟେଇବା ବା ବନ୍ଦୀଶିବିରକୁ ବା ଫାସି ପାଇଁ ଚାଲାନ କରିବାର ହୁକୁମ ନ ଆସିଛି ସେତେଦିନ ପର୍ଯ୍ୟନ୍ତ ମୁଣ୍ଡର ଏଇ ଫନ୍ଦଗୁଡ଼ିକ ଜେଲ୍ ଅଫିସରେ ଜମା ଥାଏ । ତା ପରେ ତୁମକୁ ଡ଼ାକି ଜିନିଷଗୁଡ଼ିକ ବେଶ୍ ଅଫିସ କାଏଦାରେ ଫେରାଇ ଦେବେ—ଇଚ୍ଛା କଲେ ଏ ଗୁଡ଼ାକ ତୁମେ ଗାରଦକୁ ନେଇ ପାର । ଗାରଦ କବାଟ ପାଖରେ ସେଗୁଡ଼ାକ ତୁମକୁ ଟାଙ୍ଗି ଦେବାକୁ ପଡ଼ିବ, କେବେ ବା ବାହାର ରେଲିଂରେ ଝୁଲେଇ ଦେବ । ତୁମକୁ ଚାଲାନ କରିବା ଗାଡ଼ି ଯେତେଦିନ ଯାଏଁ ନ ଛୁଟୁଛି, ସେତେଦିନ ଏ ଗୁଡ଼ାକ ଏଇପରି ଝୁଲୁଥିବ । ଗାରଦର ଜଣେ ବାସିନ୍ଦା ଅନିଚ୍ଛାରେ ଚାଲିଯିବା ପାଇଁ ପ୍ରସ୍ତୁତ ହେଉଛି ଏ ଗୁଡ଼ାକ ତାହାର ସାକ୍ଷ୍ୟ ଦେବ ।

ଯେଉଁ ଦିନ ଗୁସ୍ତିନାର ଭାଗ୍ୟ କଥା ଜାଣିପାରିଲି, ସେଇ-ଦିନ ସାମନା ଗାରଦର କବାଟ ପାଖରେ ଦେଖାଦେଲା ଫିତାଗୁଡ଼ାକ । ମୋର ସାମନା ଗାରଦର ବନ୍ଧୁଟି ମଧ୍ୟ ଯାଉଛି ବେଠି ଖଟିବାକୁ, ଗୁସ୍ତିନା ସାଙ୍ଗରେ ଏକାଗାଡ଼ିରେ । ସେ ଦଳ ବର୍ତ୍ତମାନ ପର୍ଯ୍ୟନ୍ତ ଯାଇ ନାହାନ୍ତି । ହଠାତ୍ ତାଙ୍କର ଯାତ୍ରା ସ୍ଥଗିତ ହୋଇଯାଇଛି । ସେମାନେ କହନ୍ତି ଯେଉଁଠାକୁ ଯାଉଛନ୍ତି ସେ ସ୍ଥାନ ବୋମାମାଡ଼ରେ ଛିନ୍ନଛତ୍ର ହୋଇଯାଇଛି । ସୁ ଖବର । କେବେ ଯିବେ କିଏ ଜାଣେ, ଆଜି ସନ୍ଧ୍ୟାରେ, ହୁଏତ କାଲି, ହୁଏତ ବା ଏକସପ୍ତାହ ବା ଦୁଇସପ୍ତାହ ପରେ । ଫିତାଗୁଡ଼ିକ ଏ ପର୍ଯ୍ୟନ୍ତ ଝୁଲୁଛି । ଯେତେବେଳଯାଏଁ ଏଗୁଡ଼ାକ ଦେଖୁଥିବି, ବୁଝିବି ଗୁସ୍ତିନା

କେତେବେଳେଯାଏଁ ପ୍ରେସ୍‌ରେ ଅଛି । ସେଥିପାଇଁ ଏଗୁଡ଼ାକ ଆନନ୍ଦ ଓ ସହାନୁଭୂତି ସହକାରେ ଦେଖୁଛି, ଫିତାଗୁଡ଼ାକ ଯେପରି ତାଙ୍କୁ ସାହାଯ୍ୟ କରୁଛି । ଦିନେ, ଦୁଇଦିନ, ତିନିଦିନର ବିଶ୍ରାମ ତାଙ୍କୁ ସେମାନେ ଦେଇଛନ୍ତି…… କିଏ ଜାଣେ ଏଇ କେତୋଟି ଦିନର ମୂଲ୍ୟ କେତେ ? ହୁଏତ ତାର ମୁକ୍ତିର ମୁହୂର୍ତ୍ତ ପହଂଚି ଯାଇପାରେ ଏହାର ଭିତରେ ।

ଏଇପରି ଭାବରେ ଆମେ ଏଠି ବଂଚିଛୁଁ । ଗତବର୍ଷ, ଗତମାସ, ଆଜି, ଆଗାମୀ କାଲି—ଆମର ଆଖି ଖାଲି ଆଗାମୀ କାଲି ଆଡ଼କୁ ଚାହିଁ ରହିଛି । କାଲିଠାରେହିଁ ଆମର ଆଶା ନିହିତ । ତୁମର ଭାଗ୍ୟ ନିର୍ଦ୍ଦିଷ୍ଟ ହୋଇ ଯାଇଛି, କାଲି ଛଅ ପଅରଦିନ ତୁମକୁ ଗୁଳି କରିଦେବ—କିନ୍ତୁ ସେଇ ପଅରଦିନ ଭିତରେ ଅନେକ କିଛି ଘଟିଯାଇ ପାରେ । ଆଗାମୀ କାଲି ପର୍ଯ୍ୟନ୍ତ ବଂଚି ରହ, ସବୁ ହୁଏ ତ ବଦଳିଯିବ । ସବୁ ଏଇପରି କ୍ଷଣିକ, କିଏ ଜାଣେ କାଲି କ'ଣ ଘଟିବ ? ଆଗାମୀ କାଲି ଚାଲିଯାଏ, ହଜାର ହଜାର ମନୁଷ୍ୟ ମରି ପଡ଼ନ୍ତି—ତାଙ୍କ ପାଇଁ ଆଉ ଆଗାମୀ କାଲି ରହିଲା ନାହିଁ । କିନ୍ତୁ ଯେଉଁମାନେ ବଂଚି ରହନ୍ତି, ସେମାନଙ୍କର ଆଶା ଅଦମ୍ୟ—କିଏ ଜାଣେ କାଲି କଣ ଘଟିବ ?

ମନର ଏପରି ଅବସ୍ଥାରେ ବାଜେ ଗୁଜବର ସୃଷ୍ଟି ହୁଏ । ପ୍ରତି ସପ୍ତାହରେ ଯୁଦ୍ଧ ସମାପ୍ତିର କାହାଣୀ ଶୁଣାଯାଏ—ଗୋଲପୀ ସ୍ୱପ୍ନଜଡ଼ିତ ଯେ । ସମସ୍ତେ ହସ ହସ ମୁହଁରେ ସେଇ ଏକା ଗପ କହନ୍ତି—ସେମାନଙ୍କ ହସର ଆଉ ସୀମା ନାହିଁ । ପ୍ରତି ସପ୍ତାହରେ ଷ୍ଟାନ୍‌କାଠସ୍‌ରୁ ଏକ ନୂତନ ଆଶାର କାହାଣୀ ଉଠେ, ସମସ୍ତଙ୍କ ଚଞ୍ଚଳ କରିଦିଏ । ଆମେ ତାକୁ ବିଶ୍ୱାସ କରିଯାଉ । ଏହାର

ବିଚ୍ଛିନ୍ନତରେ ତୁମକୁ ସଂଗ୍ରାମ କରିବାକୁ ହୁଏ, ମିଥ୍ୟା ତ ଭିତରର ଦୃଢ଼ତା ବଢ଼ାଏ ନାହିଁ, ବରଂ ପରିଣାମରେ ମନୁଷ୍ୟକୁ ଦୁର୍ବଳ କରିଦିଏ । ଆଶାବାଦ ଜଦାପି ମିଥ୍ୟାକୁ ଅବଲମ୍ବନ କରି ଗୁଳ୍ଫାରେ ନାହିଁ, କରିବା ଉଚିତ ମଧ୍ୟ ନୁହେଁ; ସତ୍ୟ ଉପରେ ତାହାର ଭିତ୍ତି, ସତ୍ୟରୁହିଁ ଯୁଦ୍ଧସମାପ୍ତିର ସ୍ପଷ୍ଟ ଛବି ଅଙ୍କି ପାରେ । ଯୁଦ୍ଧ ଶେଷ ହୋଇପାରେ ଏକମାତ୍ର ଉପାୟରେ—ସତ୍ୟକୁ ଆଶ୍ରୟ କରି । ସତ୍ୟ ପ୍ରତି ବିଶ୍ୱାସ ତୁମ ଅନ୍ତରରେ ଜାଗ୍ରତ ଅଛି । ଆଉ ଏହି ବିଶ୍ୱାସହିଁ ଦିନେ ନା ଦିନେ ନିର୍ଦ୍ଦିଷ୍ଟ ରୂପ ନେଇ ଦେଖା ଦେବ । ତା ପରେ ଏପରି ଏକ ଦିନ ଆସିବ, ଯେଉଁ ଦିନ ତୁମେ ଯେଉଁ ଜୀବନ ତ୍ୟାଗ କରିବାକୁ ଘୃଣା କରୁଛ, ଆଉ ଭୀତିପ୍ରଦ ମୃତ୍ୟୁ, ଏହାର ମଧ୍ୟବର୍ତ୍ତୀ ସୀମାରେଖା ପାର ହୋଇଯିବ ।

ମନୁଷ୍ୟ ଜୀବନରେ ଦିନସଂଖ୍ୟା ଖୁବ୍ ବେଶୀ ନୁହେଁ । ତେବେ ବି ତୁମେ ତାକୁ କଟାଇବାକୁ ଗୃହଁ ଦ୍ରୁତଗତିରେ, ଦ୍ରୁତତର କରିବାକୁ, ଯେତେଦୂର ସମ୍ଭବ ଦ୍ରୁତ କରିବାକୁ । ପଳାୟମାନ ସମୟ, ଅବାଧ ସମୟ ମନୁଷ୍ୟ ଜୀବନର କ୍ଷୟକାରୀ; ଅଥଚ ସେଇ ଏଠାରେ ତୁମର ପରମ ବନ୍ଧୁ । କି ଅଦ୍ଭୁତ !

ଅଗାମୀ କାଲି ବର୍ତ୍ତମାନ ଗତ । ଅଗାମୀ ପଅରଦିନ ଏହିକ୍ଷଣି ବର୍ତ୍ତମାନ—ସେ ମଧ୍ୟ ଚାଲିଗଲା । ତେବେ ବି ଚିଠାଗୁଡ଼ାକ ଝୁଲୁଛି ମୋର ସାମନା ଗାରଦର ଦୁଆର ପାଖରେ ।

# ଷଷ୍ଠ ପରିଚ୍ଛେଦ

## ସାମରିକ ଆଇନ ୧୯୪୨ ମସିହା

ମଇ ୨୬ ତାରିଖ, ୧୯୪୩ ମସିହା

ଠିକ୍ ବର୍ଷକ ଅଗର କଥା । ସେ ଦିନ ଆଉ ଥରେ ଉତ୍ପୀଡ଼ନ ପରେ ସେମାନେ ମୋତେ ସିନେମା ଗୃହକୁ ନେଇ ଆସିଲେ । ଏଇ ଆମର ଦୈନନ୍ଦିନଆ ଧରାବନ୍ଧା କାର୍ଯ୍ୟକ୍ରମ; ନ୪୦୦ମ୍ବରରୁ ତଳ ମହଲକୁ ନେଇଯାଆନ୍ତି ଖୁଆଇବାକୁ, ପ୍ୟାନ୍‌କାଠସ୍‌ରୁ ଏଇ ଖାଇବା ଜିନିଷ ଆସେ—ତା ପରେ ପୁଣି ନେଇଯାଆନ୍ତି ପାଞ୍ଚମହଲକୁ । କିନ୍ତୁ ସେଦିନ ଦିପହରେ ବ୍ୟତିକ୍ରମ ଘଟିଲା । ଦିପହର ପରେ ଆଉ ଫେରେଇ ନେଇଗଲେ ନାହିଁ ।

ବସିବ, ଖାଇବ । ବେଞ୍ଚଗୁଡ଼ିକରେ କସ୍ଟୋଡି ଭରି । ଗୁମ୍ଫ ଧରି ବ୍ୟସ୍ତ ସେମାନେ, ଖାଇବା ଜିନିଷ ଯୋଗାଉଛନ୍ତି । ଏହା ତ ମଣିଷର ଗୁଳିଗୁଳିଆ ପରି ଲାଗୁଛି ଅନେକଟା । କାଲି ଆମେ ସମସ୍ତେ ମରିବା ପରେ ଯେବେ ହଠାତ୍ କଂକାଳସାର ହୋଇ ପୁଣି ଦେଖା ଦେଉ, ମାଟିଗର୍ଭରେ ଗୁମ୍ଫରେ ଏଇ ମଧୁର ଝଙ୍କାର ହାଉଡ଼ି ଠକଠାକ ଶବ୍ଦରେ ପରିଣତ ହେବ ଦାନ୍ତଘାଟି ଖଟ୍ ଖଟ୍ ଶବ୍ଦ ଭରିବ । ଅଜି ସେ କଥା କେହି ଭାବୁନାହାନ୍ତି, ଏପରି କି ସେ ସନ୍ଦେହର ଛାୟାମଧ୍ୟ ନାହିଁ । କିଏ ଆଉ ହପ୍ତାଟେ, କିଏବା ମାସେ କିଏବା ଆଉ ବର୍ଷେ ବଞ୍ଚିବା, ତେବେ ବି ଆମେ ସମସ୍ତେ ଶରୀରଟାକୁ ପୁଷ୍ଟ କରିବାରେ ଲାଗିଛୁ ।

ଅଜି ପାର୍ଟୀଟା ଭଲ—ନିର୍ଦ୍ୱନ୍ଦରେ ବୋଧହୁଏ ଏହି କଥା କହାଯାଇପାରେ । ତାପରେ ହଠାତ୍ ଏ କଅଣ ହେଲା ? କିପରି

ଗୋଟାଏ ଅଦ୍ଭୁତ ପବନ ବହିଗଲା ପରି ! ସବୁ ଶାନ୍ତ କିନ୍ତୁ ସେ ଶାନ୍ତି ଅସହ୍ୟ । କେବଳ ବନ୍ଦୀମାନଙ୍କର ମୁଖମଣ୍ଡଳ ଦେଖି ବୁଝାପଡୁଥିଲା କିଛି ଗୋଟାଏ ବ୍ୟାପାର ଘଟିଛି । ଏଇ ଯେ, ସେମାନେ ଆମକୁ ବାହାରକୁ ଡାକି ଆଣି ଧାଡ଼ିକରି ଠିଆ କରେଇଦେଲେ, ତାପରେ ପ୍ୟାନ୍‌କ୍ରାଟସକୁ ନେଇଗଲେ ! ଦ୍ୱିପ୍ରହରବେଳେ ପ୍ୟାନ୍‌-କ୍ରାଟସ୍‌କୁ ଫେରିବା—ଆଗେ ତ ସେପରି କେବେ ଘଟି ନଥିଲା ! ବିନା ଉତ୍ପୀଡ଼ନରେ, ଓଳିଏ କଟିଗଲା ! କଥା କଣ ଜାଣିବାକୁ ଆମେ ଅସ୍ଥିର ହୋଇପଡୁଛୁ, ଉତ୍ତର କିଛି ଖୋଜି ପାଉ ନାହୁଁ । ଆଜି ଯେ ଓଳିକପାଇଁ ନିସ୍ତାର ମିଳିଲା ଏ ଭଗବାନଙ୍କର ଦାନ ପରି ବୋଧ ହେଉଛି । କିନ୍ତୁ ତା ତ ନୁହେଁ ।

ବାରଣ୍ଡାରେ ଦେଖା ହେଲା ଜେନେରେଲ୍ ଏଲିୟାସଙ୍କ ସହିତ । [ଆଗେ ପ୍ରୋଟେକ୍‌ଟରେଟ୍ ସରକାରର ପ୍ରଧାନମନ୍ତ୍ରୀ ଥିଲେ, ପରେ ପ୍ରାଣଦଣ୍ଡରେ ଦଣ୍ଡିତ ହୋଇଲେ) । ତାଙ୍କର ଚକ୍ଷୁ ଓ ମୁଖରେ ଉତ୍ତେଜନା, ରକ୍ଷୀଦଳର ବେଷ୍ଟନୀ ଭେଦ କରି ସେ ମୋତେ ଦେଖିନେଲେ, ନିକଟେଇ ଆସିଲେ, ଚୁପ ଚୁପ୍ କରି କହିଲେ;

ସାମରିକ ଅଇନ ଜାରି ହୋଇଯାଉଛି ।

ମୋର ଶିବାର ପ୍ରଶ୍ନର ଉତ୍ତର ଦେବାକୁ ତାଙ୍କୁ ସୁଯୋଗ ମିଳିଲା ନାହିଁ । ବନ୍ଦୀମାନେ ବିଶିଷ୍ଟ ସମ୍ବାଦ ଜାଣିବାର କେତେ ସମୟ ପାଆନ୍ତି ! ଏକ ମୁହୂର୍ତ୍ତର ଭଗ୍ନାଂଶରୁ ତ ବେଶୀ ନୁହେଁ ।

ପ୍ୟାନ୍‌କ୍ରାଟସର ରକ୍ଷୀମାନେ ଆମକୁ ପେଟରେକ୍‌ରୁ ସହଳ ଫେରିଆସିବାର ଦେଖି ନାରାଜ ହୋଇଗଲେ । ଯେଉଁ ରକ୍ଷୀଟି ମତେ ଗାରଦକୁ ନେଇଆସିଲା ସେ ମତେ ଅଭୟ ଦେଇ କଣ ଘଟିଛି ମୋଠାରୁ ଶୁଣିବାକୁ ଚାହିଁଲା । ସେ କେବେଠି କାଏ ମୋତେ ଛୁଇଁନାହିଁ । କିନ୍ତୁ ସେ ଖାଲି ମୁଣ୍ଡଟି ଟିକିଏ ହଲାଇଲା । ସେ

ସାମରିକ ଆଇନ ସମ୍ବନ୍ଧରେ କିଛି ଜାଣି ନ ଥିଲା—ଅଥବା ମୋର ପ୍ରଶ୍ନ ସେ ଶୁଣି ପାରିଲା ନାହିଁ । ହୁଏତ ହୋଇପାରେ—ଏଇ ଭାବରେ ମନର ଉଦ୍‌ବେଗ ଶାନ୍ତ କରିବାକୁ ପଡ଼ିଲା ।

ସେଦିନ ସନ୍ଧ୍ୟାରେ ସେ ପୁଣି ଆସି ମୋ ଗାରଦ ଭିତରକୁ ଚାହିଁଲା ।

"ତୁମେ ଠିକ କହୁଥିଲ । ହେଡ୍ରିକକୁ ହତ୍ୟା କରିବାକୁ ଚେଷ୍ଟା ହୋଇଥିଲା । ସେ ସାଙ୍ଘାତିକ ଅଘାତପ୍ରାପ୍ତ ହୋଇଛନ୍ତି । ପ୍ରେଗ୍‌ରେ ସାମରିକ ଅଇନ ଜାରି ହୋଇଯାଇଛି ।"

ପରଦିନ ସେମାନେ ଟାରଦାରେ ପୁଣି ଅମକୁ ଧାଡ଼ିକରି ଠିଆ କରେଇଦେଲେ, ପୁଣି ଉତ୍ପୀଡ଼ନକୁ ନେବେ ଅମକୁ । ଅମ ଦଳରେ କମରେଡ୍ ଭିକ୍‌ଟର ସିନେକ୍ ଅଛନ୍ତି । ପାର୍ଟିର କେନ୍ଦ୍ରୀୟ ପରିଷଦର ଶେଷ ଜୀବିତ ସଦସ୍ୟ । ୧୯୪୧ ମସିହା ଫେବ୍ରୁଅରୀ ମାସରେ ସେ ଗିରଫ ହୋଇଥିଲେ । ଏସ୍. ଏସ୍. ପୋଷାକ ପିନ୍ଧା ଗୋଟାଏ ଡେଙ୍ଗା ଲୋକ ପ୍ରହରୀ ତାଙ୍କ ଅଖି ଆଗରେ ଖଣ୍ଡେ ଧଳା କାଗଜ ହଲାଇବାକୁ ଲାଗିଲା: କାଗଜ ଦେହରେ ବଡ଼ ବଡ଼ ଅକ୍ଷରରେ ଛାପା **"ମୃତ୍ୟୁର ହୁକୁମନାମା"**

ତାର ମୁହଁରେ ହସ; ବର୍ବର ହସ !

"ଦେଖୁଛୁଟି ପ୍ରେ ଇହୁଦୀ ! ବଝିଲୁତ ! ତୋ ମୃତ୍ୟୁର ହୁକୁମନାମା କିମିତିକା···"ତାପରେ ସେ ନିଜର ଅଙ୍ଗୁଠିକି ବେକ ଗଣ୍ଠିପାଖରେ ବୁଲାଇ ଅଣି ଜଣାଇଦେଲା ଯେ ଭିକ୍‌ଟରର ମୁଣ୍ଡଟା ଏଇପରି ଉଡ଼ିଯିବ । ୧୯୪୧ ମସିହାରେ ସାମରିକ ଅଇନର ପ୍ରଥମ ଶହୀଦ ଅଟୋ ସାଇନେକ୍ । ୧୯୪୨ ମସିହାର, ସାମରିକ ଅଇନର ପ୍ରଥମ ବଳି ହେଲା ତାର ଭାଇ ଭିକ୍‌ଟର୍ । ସେମାନେ ତାକୁ ମାଉଥାଉ-

ସେନ୍‌କୁ ନେଇଗଲେ ‘ଉଡେଇ ଦେବାକୁ’, ଏଇଟା ତାଙ୍କର ବିଶୁଦ୍ଧ ପରିଭାଷା ।

ପ୍ରତ୍ୟହ ଫ୍ୟାକ୍‌ଟେରୀରୁ ଫେରେକ୍ ବନ୍ଦୀଙ୍କୁ ଗିଳିବା ଆଉ ଫେରି ଆସିବା ଆରମ୍ଭ ହେଲା ହଜାର ହଜାର ବନ୍ଦୀଙ୍କର । ନିତ୍ୟ ନୈମିତ୍ତିକ ବ୍ୟାପାର । ବସ୍ ଭିତରେ ଏସ୍ ଏସ୍ ରକ୍ଷୀମାନେ ହେଉ୍‌ଶଙ୍କ ‘ମୃତ୍ୟୁର ପ୍ରତିଶୋଧ’ ନେବାକୁ ଲାଗିଲେ । ଅଧମାଇଲ୍‌ଏ ନ ଯାଉଣୁ ପିସ୍ତଲ କୁନ୍ଦାରେ ବହୁ ବନ୍ଦୀଙ୍କର ମୁହଁ ଓ ପାଟିରୁ ରକ୍ତ ବୋହିଗଲେ । ଯେଉଁମାନେ ମୋର ସହଯାତ୍ରୀ ହୋଇଥିଲେ ସେମାନଙ୍କୁ ଅବଶ୍ୟ ବେଶୀ ଉତ୍ପୀଡ଼ନ ସହିବାକୁ ପଡୁ ନଥିଲା । କାରଣ ମୋ ଦାଢ଼ି ଉପରେ ସେମାନଙ୍କର ନଜର ପଡୁଥିଲା ବେଶୀ, ନାନା ରକମ ଅବାଚ୍ୟ ଉପହାସର ବସ୍ତୁ ଥିଲା ମୋର ଦାଢ଼ି, ତେଣୁ ମୋର ସହଯାତ୍ରୀମାନଙ୍କୁ ପିଟିବାର ଅବସର ନ ଥିଲା । ଗାଡ଼ି ଯେତେବେଳେ ଧକ୍କାଚକ୍କ ହୋଇଯାଏ, ରକ୍ଷୀମାନେ ମୋର ଦାଢ଼ି ଧରି ଝୁଲିପଡ଼ନ୍ତି ସଂଗେ ଜୋରରେ ସେଇଟା ବସ୍‌ର ଗତି । ଏଇଟା ଥିଲା ସେମାନଙ୍କର ଅବସର ବିନୋଦନର ପ୍ରିୟ ଖେଳ । ମୋର ଉତ୍ପୀଡ଼ନର ଏ ଥିଲା ଏକ ଅପ୍ୟୁଜନ । ରାଜନୈତିକ ପରିସ୍ଥିତି ବଦଳିବା ସଙ୍ଗେ ସଙ୍ଗେ ଉତ୍ପୀଡ଼ନର ପଦ୍ଧତି ମଧ୍ୟ ବଦଳି ଯାଉଥିଲା—କିନ୍ତୁ ଶେଷ ହେଉଥିଲା ସେଇ ଏକା ଧରଣରେ :

“ଭାଲ୍ ଯଦି ତୁମର ସୁବୁଦ୍ଧି ଫେରି ନ ଆସେ, ତୁମକୁ ଗୁଳି କରି ମରାଯିବ ।”

କିନ୍ତୁ ଏଥିରେ ତ ଆଉ ଭୟ କରିବାର କିଛି ନାହିଁ । ପ୍ରତି ସନ୍ଧ୍ୟାରେ ତୁମେ ଶୁଣିପାରିବ ସେମାନେ ବାରନ୍ଦାରେ ଠିଆ ହୋଇ ଡାକିଯାଉଛନ୍ତି କେତେ ନାଁ । ପଚିଶ, ପଚାଶ କି ଦୁଇଶହ ଲୋକଙ୍କର ହାତଗୋଡ଼ ଏକ ମୁହୂର୍ତ୍ତରେ ବନ୍ଧା ହୋଇଯିବ, ତାପରେ ତାଙ୍କୁ

ଗାଡ଼ିରେ ନେଇଯିବେ କଂସେଇଖାନାର ଜନ୍ତୁଙ୍କ ଭଳି ହତ୍ୟା କରିବାକୁ, ନେଇଯିବେ କୋବିଲିସିକୁ । ସେମାନଙ୍କ ବିରୁଦ୍ଧରେ ଅଭିଯୋଗ କଣ ? ପ୍ରଥମତଃ ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ମିଳି ନାହିଁ । ତାଙ୍କର ଗିରଫ ପରେ ପ୍ରଧାନ ପ୍ରଧାନ ବ୍ୟାପାର ସାଙ୍ଗରେ ସେମାନଙ୍କର ଯୋଗାଯୋଗ ଅବିଷ୍କାର କରି ହୋଇନାହିଁ, ତଦନ୍ତ କରବାର ଆଉ କୌଣସି ପ୍ରୟୋଜନ ନାହିଁ । ତେଣୁ ସେମାନଙ୍କୁ ହତ୍ୟା କରାଯାଇଅଛି । ଜଣେ କର୍ନେଲ୍ ନଅ ଜଣ ଲୋକଙ୍କ ପାଖରେ ଗୋଟାଏ ଷଡ଼ଯନ୍ତ୍ରମୂଳକ ଚିଠା ପଠି ଖୁଣ୍ଟାଉଥିଲା, ତାର ଫଳରେ ଦୁଇମାସ ଆଗରୁ ସମସ୍ତଙ୍କୁ ଗ୍ରେପ୍ତାର କରା ହୋଇଥିଲା । ବର୍ତ୍ତମାନ ସେମାନେ ମୃତ୍ୟୁ-ଗାରଦରେ ଅପେକ୍ଷା କରୁଛନ୍ତି-ପରଓ୍ୱାନା ଆସିଲେ ହେଲା । ଗୋପନ ଇସ୍ତାହାର ବାଣ୍ଟିବା ସନ୍ଦେହରେ ଜଣେ ସ୍ତ୍ରୀଲୋକଙ୍କୁ ଦୁଇମାସ ଆଗରୁ ଗ୍ରେପ୍ତାର କରା-ହୋଇଥିଲା । ସେ ତାର ଅପରାଧ ସ୍ୱୀକାର କରିନାହିଁ, ସେମାନେ ମଧ୍ୟ କୌଣସି ପ୍ରମାଣ ପାଇ ନାହାନ୍ତି । ତେବେ ବି ସେମାନେ ତାର ଘର ଭଉଣୀମାନଙ୍କୁ, ଭାଇମାନଙ୍କୁ, ବନ୍ଧୁମାନଙ୍କୁ କଏଦୀ କରିଛନ୍ତି, ସେମାନଙ୍କୁ ହତ୍ୟା ମଧ୍ୟ କରିବେ—ସନ୍ଦେହଭାଜନ ପରିବାର ଗୋଟାକୁ ଗୋଟା ଏହିପରି ସେମାନେ ନିର୍ମୂଳ କରିଦେଉଛନ୍ତି । ସାମରିକ ଆଇନର ଏହି ନୀତି । ଭୁଲକ୍ରମେ ଦିନେ ପୋଷ୍ଟଅଫିସର ଜଣେ ପିଅନକୁ ଗିରଫ କରି ଅଣାହୋଇଥିଲା, ସେ ବର୍ତ୍ତମାନ କାରାଗାରରେ ମୁକ୍ତିର ହୁକୁମ ପାଇଁ ଅପେକ୍ଷା କରୁଥିଲା । ତାର ନାମ ଡ଼କା ହେଲା । ତାକୁ ନେଇ ମୃତ୍ୟୁ-ଦଣ୍ଡ ଆଦେଶ ବନ୍ଦୀମାନଙ୍କ ଧାଡ଼ିରେ ଛିଡ଼ା କରାଇ ଦିଆଗଲା । ତା ପରେ ଗାଡ଼ିରେ ବସାଇ ଦେଇ ନେଇଗଲେ । ଗୁଳି କରି ହତ୍ୟା ମଧ୍ୟ କଲେ ତାକୁ । ପରଦିନ ଜଣାପଡ଼ିଲା ଯେ ଭୁଲ ହୋଇଯାଇଛି, ସେଇ ନାମବିଶିଷ୍ଟ ଆଉ

ଜଣଙ୍କୁ ଗୁଳି କରି ମାରିବାର କଥା ଥିଲା । ତାଙ୍କୁ ମଧ ଗୁଳି କରା ହେଲା, ବେଶ୍ ସବୁ ଠିକ୍ ! ବିଚାର କରି ଲୋକଟା ସେଇ ... ଆଗେ ସ୍ଥିର କରି ପରେ ଗୁଳି କରିବାକୁ ସମୟ ଅଛି କାହାର ; ଆଜି ସେ ବିଚାରର ଅବଶ୍ୟକତା ବା କଣ—ସମଗ୍ର ଜାତିଟାକୁ ହତ୍ୟା କରିବା ତ ସେମାନଙ୍କର ସଙ୍କଳ୍ପ !

ସେ ଦିନ ଶୁଣାଣିରୁ ଜେଲ୍‌କୁ ଫେରୁଥିଲି । ଦେଖିଲି ବାଙ୍କ ପାର୍ଶ୍ୱରେ ଭ୍ଲାଦିମିର୍ ଭାନ୍‌ଚୁରା ଠିଆ ହୋଇଛନ୍ତି—ଚେକ୍ ଔପ ନ୍ୟାସିକମାନଙ୍କ ମଧରେ ଜଣେ ପ୍ରତିଭାଶାଳୀ ଶିଳ୍ପୀ ସେ । ତାଙ୍କ ଜନପଦର ଛୋଟିଆ ପୁତୁଳାଟିଏ ତାଙ୍କର ଗୋଡ଼ ନିକଟରେ ଏପରି ଛଡ଼ାହେବାର ଅର୍ଥ କଣ ମୁଁ ଜାଣିଥିଲି; ସେ ମ ଜାଣିଥିଲେ । ମୁହୂର୍ତ୍ତିକ ନିମିତ୍ତ ତାଙ୍କର ହାତ ମୋ ମୁଠାରେ ଗୁପି ଧରିଲି । ଉପର ମହଲର ବାରଣ୍ଡାରୁ ତାଙ୍କୁ ବନ୍ଦୀମାନ ଦେଖିପାରୁଛନ୍ତି । ସେ ଛଡ଼ାହୋଇଛନ୍ତି । ମୁଣ୍ଡ ଟିକିଏ ନଇଁପଡ଼ିଛି ଅନେଇ ରହିଛନ୍ତି । ସୁଦୂରପ୍ରସାରଣୀ ତାଙ୍କର ଦୃଷ୍ଟି—ଆମ ଜୀବନର ଦରପାରକୁ ସେ ଦୃଷ୍ଟି ଚାଲିଯାଉଛି । ଅଧ ଘଣ୍ଟା ପରେ ସେମାନେ ତାଙ୍କର ନାଁ ଧରି ଡାକିଲେ··· ।

କିଛିଦିନ ପରେ ମିଲୋଶ୍ ଅପ ଛଡ଼ାହେଲେ ସେଇ କାର୍ଯ୍ୟ ସାମନାରେ—ବିପ୍ଳବର ସାହସୀ ଯୋଦ୍ଧା, ଗତ ଅକ୍ଟୋବର ମାସରେ ଗିରଫ ହେଲେ । ଉପୀଡ଼ନ ବା ବନ୍ଦୀଜୀବନରେ ସେ ଭାଙ୍ଗିଯାଇ ନାହାନ୍ତି । କାନ୍ଥ ଆଡ଼ୁ ମୁହଁ ବୁଲେଇ ସେ ପଛପଟେ ଛିଡ଼ା ହୋଇଥିବା ରକ୍ଷୀକୁ କଣ ବୁଝାଉଥିଲେ । ହଠାତ୍ ମୋତେ ଦେଖି ପକାଇ ହସିଲେ; ବିଦାୟ ସମ୍ଭାଷଣ ଜଣାଇବାକୁ ମୁଣ୍ଡ ଉପରକୁ ଟେକିଲେ । ତା ପରେ ପୁଣି ରକ୍ଷୀ ସାଙ୍ଗରେ କଥା କହିବାକୁ ଲାଗିଲେ ।

"ଏତଦ୍ଦ୍ୱାରା ତୁମମାନଙ୍କର କୌଣସି ସୁବିଧା ହେବ ନାହିଁ । ଆମ ମଧ୍ୟରୁ ଆହୁରି ଅନେକ ମରିବୁ, କିନ୍ତୁ ଶେଷରେ ତୁମ୍ଭମାନଙ୍କର ହେବ ପରାଜୟ..."

ତା ପରେ ଆଉ ଦିନେ ଦ୍ୱିପହର ସମୟରେ । ଆମ୍ଭେ ସେ ଦିନ ପେଟ୍ରେକ୍ ବିଲ୍ଡିଂର ତଳ ମହଲରେ ଖାଇବା ଲାଗି ଛୁଡ଼ା ହୋଇଥିଲୁଁ । ସେମାନେ ଏଲ୍‌ଷ୍ଟ୍ରାସ୍‌କୁ ନେଇ ଆସିଲେ, ତା କାଖରେ ଖଣ୍ଡେ ଖବରକାଗଜ । ସେ କାଗଜଖଣ୍ଡକ ଦେଖାଇ ହସିଲେ; ସେ କାଗଜରୁ ଏହାକ୍ଷଣି ପଢ଼ୁଛନ୍ତି ଏହି ହତ୍ୟାକାଣ୍ଡ ସଙ୍ଗେ ସେ ଜଡ଼ିତ ବୋଲି (ଅଥଚ ଆଜକୁ ଆଠମାସ ହେଲା ସେ ଜେଲଖାନାରେ ।

"ବୃଥା କଥା ।" ଏହା କହି ସେ ଖାଇବାକୁ ଲାଗିଲେ ।

ସେଦିନ ସନ୍ଧ୍ୟାରେ ପ୍ୟାନ୍‌କ୍ରାଟସ୍‌କୁ ଫେରି ଆସିବା ସମୟରେ ସେ ଏହି କଥା ଖେଳ ଆମ ସାଙ୍ଗରେ ଥଟ୍ଟା ନକଲ କରୁଥିଲେ । କିନ୍ତୁ ଘଣ୍ଟାକ ପରେ ତାଙ୍କୁ ଗାରଦରୁ ନେଇ ଯାଇ କୋବିଲସିର ବଧଭୂମିକୁ ସେମାନେ ଚାଲାନ କରିଦେଲେ ।

ଶବର ସ୍ତୂପ ଜମାହୋଇଛି, ବର୍ତ୍ତମାନ ଆଉ ଦଶ, କୋଡ଼ିଏ, ଶହେ କରି ଗଣିବାକୁ ହେଉନାହିଁ, ହଜାର ହଜାର କରି ଗଣିବାକୁ ପଡ଼ୁଛି । ପଶୁମାନଙ୍କର ନାକରେ ସଦ୍ୟ ରକ୍ତର ଗନ୍ଧ । ସେମାନେ 'କାମ' କରୁଛନ୍ତି ଅଧିକ ରାତି ପର୍ଯ୍ୟନ୍ତ ଏବଂ ରବିବାରରେ ମଧ୍ୟ । ସେମାନେ ବର୍ତ୍ତମାନ ସମସ୍ତେ ଏସ୍-ଏସ୍ ପୋଷାକ ପିନ୍ଧିଛନ୍ତି । ଏ ପେପର ସେମାନଙ୍କର ଉତ୍ସବ, ହତ୍ୟାର ଉତ୍ସବ । ସେମାନେ ଶ୍ରମିକ, ଶିକ୍ଷକ, କୃଷକ, ଲେଖକ, ପଦସ୍ଥ ରାଜକର୍ମଚାରୀ— ସମସ୍ତଙ୍କୁ ପଠାଇଲେ ମୃତ୍ୟୁମୁଖକୁ—ପୁରୁଷ, ସ୍ତ୍ରୀ, ଶିଶୁ ବି ବାଦ ପଡ଼ିଲେ ନାହିଁ । ପରିବାର ପରେ ପରିବାର ନିପାତ ହୋଇଗଲେ ।

ଗାଁ କୁ ଗାଁ ନିଶ୍ଚିହ୍ନ ଓ ଭସ୍ମୀଭୂତ ହୋଇଗଲା । ପ୍ଲେଗ୍ ରୋଗ ପରି ବ୍ୟାପିଗଲା ସାରା ଦେଶରେ ମୃତ୍ୟୁ । ତା ନିକଟରେ କୌଣସି ବାଛ ବିଚାର ରହିଲା ନାହିଁ ।

କିନ୍ତୁ ଏହି ବିଭୀଷିକା ମଧ୍ୟରେ ବି ମଣିଷ ବଂଚିଛନ୍ତି ।

ବିଶ୍ୱାସ କରି ହୁଏନାହିଁ କିନ୍ତୁ ତଥାପି ଲୋକେ ବଂଚିଛନ୍ତି । ଖାଉଛନ୍ତି, ଶୋଉଛନ୍ତି, ପ୍ରେମ କରୁଛନ୍ତି, କାମ କରୁଛନ୍ତି, ହଜାର ରକମ ଚିନ୍ତା କରୁଛନ୍ତି । ସେ ଭାବନାର ମୃତ୍ୟୁ ସଙ୍ଗେ କୌଣସି ସମ୍ବନ୍ଧ ନାହିଁ । ତାଙ୍କର ମନ ମଧ୍ୟରେ ଭୀଷଣ ଆନ୍ଦୋଳନ ଉଠୁଛି, କିନ୍ତୁ ସେମାନେ ତାକୁ ସହ୍ୟ କରୁଛନ୍ତି । ସେମାନେ ସେମାନଙ୍କର ମୁଣ୍ଡ ନୁଆଁଇ ନାହାନ୍ତି କି ନଇଁ ପଡ଼ୁନାହାନ୍ତି ।

ସାମରିକ ଆଇନ ଚାଲୁଥିବାବେଳେ ମୋର କମିସାର ମୋତେ ଦିନେ ଭ୍ରାନକ୍କୁ ନେଇଗଲା । ବିଳମ୍ବିତ ଅକାଶିୟାର ପୁଷ୍ପସ୍ତବକର ଗନ୍ଧରେ ଭରା ମଧୁର ଜୁନମାସ ରବିବାରର ସନ୍ଧ୍ୟା । ମଟରଗାଡ଼ି ଯିବାର ଶେଷ ମୁଣ୍ଡଠି ରାସ୍ତା ଅଣଓସାରିଆ ଫେରନ୍ତା ଧାଡ଼ି ଧାଡ଼ି ଭ୍ରମଣକାରୀ ଦଳଙ୍କ ଲାଗି ତାହା ଅପ୍ରଶସ୍ତ । ସେମାନେ ଉତ୍ଫୁଲ୍ଲ କ୍ଳାନ୍ତ ଅଥଚ ସେ କ୍ଳାନ୍ତିରେ ମାଧୁର୍ଯ୍ୟ ଅଛି; ସାରାଦିନ ସୂର୍ଯ୍ୟାଲୋକ, ସମୁଦ୍ର ଆଉ ପ୍ରେମିକ ପ୍ରେମିକାର ଆଲିଙ୍ଗନରେ କଟାଇଛନ୍ତି । କ୍ଳାନ୍ତି । ମୃତ୍ୟୁର ରେଖା ପଡ଼ିନାହିଁ ତାଙ୍କ ମୁହଁରେ । କିନ୍ତୁ ମୃତ୍ୟୁ ସେମାନଙ୍କ ଭିତରେ ବୁଲିବୁଲୁଛି । ମଝିରେ ମଝିରେ ସେମାନଙ୍କ ଭିତରେ କାହା କାହାକୁ ଲକ୍ଷ୍ୟ କରି ଦେଉଛି ଆଘାତ । ଠେକୁଆ ପରି ଆନନ୍ଦରେ କୁଦାମାରି ବୁଲୁଛନ୍ତି ସେମାନେ । ହାତ ବଢ଼ାଇ ସେମାନଙ୍କ ଦଳର ଗୋଟାକୁ ଧରିପକାଅ ତାର ମାଂସ ଚୁଖିବାକୁ । ଠେକୁଆ ଭଳି କ୍ଷଣକ ପାଇଁ ସେମାନେ ଉଦ୍‌ବେଗରେ କଣକୁ ଅଉଜାଯିବେ, ତା ପରେ ପୁଣି

ଛୁଟି ଚାଲିଛି—ଜୀବନର ଆନନ୍ଦରେ ତାଙ୍କର ପ୍ରାଣ ପରିପୂର୍ଣ୍ଣ ।

ଜେଲଖାନାର ପ୍ରାଚୀରଘେରା ଜୀବନରୁ ହଠାତ୍ ଆସି ପହଂଚିଗଲି ମାନବ ସମାଜର ଏହି ଉଦ୍ଦାମ ସ୍ରୋତ ମଧ୍ୟରେ । ଏମାନଙ୍କର ଆନନ୍ଦର ମଧୁର ଆସ୍ୱାଦ ମୋତେ ପ୍ରଥମେ ତିକ୍ତ ବୋଧ ହୋଇଥିଲା ।

କିନ୍ତୁ ତା ତ ହେବା ଉଚିତ ନଥିଲା ।

ଏଠି ଯାହା ଦେଖୁଛି ସେ ତ ଜୀବନ, ଯେଉଁଠାରୁ ଏହିକ୍ଷଣି ଆସିଲି ସେ ବି ତ ଜୀବନ । ଯେତେ ଉତ୍ପୀଡ଼ନ ହେଉ ପଛକେ ଜୀବନ ଅବିନଶ୍ୱର । ଜୀବନ ଏକ ପ୍ରାନ୍ତରେ ଆଘାତପ୍ରାପ୍ତ ହୋଇପାରେ କିନ୍ତୁ ଶତ ଶତ ପ୍ରାନ୍ତରେ ପୁଣି ପ୍ରସ୍ଫୁଟିତ ହୋଇ ଉଠିବ । ଏହାହିଁ ଜୀବନ । ମରଣଠାରୁ ଶକ୍ତିଶାଳୀ । ତା କଣ ତିକ୍ତ ହୋଇପାରେ ?

ଆମେ ଯେଉଁମାନେ ଗାରଦରେ ବନ୍ଦୀ—ବନ୍ଦୀଶାଳାର ଭିତରେ ଜୀବନ କଟାଉଛୁ—ଆମେ କଣ ଆମଜାତିର ଅନ୍ୟମାନଙ୍କଠାରୁ ଭିନ୍ନ ଧାତୁରେ ଗଢ଼ା ?

ମଝିରେ ମଝିରେ ପୁଲିସ ଗାଡ଼ିରେ ଚଢ଼ି ମୁଁ ଶୁଣାଣିକୁ ଯାଉଥିଲି । ପ୍ରହରୀର ବ୍ୟବହାର ବେଶ୍ ଭଲ ଥିଲା । ଝରକା ଭିତରେ ମୁହଁ ଗଳେଇ ରାସ୍ତା ଆଡ଼କୁ ଚାହୁଁଥିଲି । ଦୋକାନର ସାଜସଜ୍ଜା, ଫୁଲ ଦୋକାନ; ବାଟୋଇଙ୍କ ଭିଡ଼, ଷ୍ଟ୍ରୀଟଲାଇଟ—ଦେଖୁଥିଲି,ସବୁ । ଥରେ ମନକୁ ମନ କହିଲି; ଯେତେବେଳେ ନଅପୋଡ଼ା ସୁନ୍ଦର ପାଦ ଗଣିବି, ସେଦିନ ଜାଣିବି ଆଉ ମୋତେ ମୃତ୍ୟୁ ଆଦେଶ ହେବ ନାହିଁ । ତା ପରଠାରୁ ପାଦଗୁଡ଼ିକ ଉପରେ ରହିଲା

ମୋର ନଜର, ରେଖାମାନ ଯତ୍ନପୂର୍ବକ ବାହାର କରିବାକୁ । ପାଦକୁ ଅନେଇବାରେ ଅଦମ୍ୟ କୌତୁହଳ, ଯାହାଙ୍କୁ ବା ପସନ୍ଦ କରୁଥିଲି, କେଉଁଠା ବା ଭଲ ଲାଗୁ ନଥିଲା । ସେତେବେଳେ ଠିକ୍ ଭାବୁ ନଥିଲି ଯେ ତାହାର ଉପରେ ନିର୍ଭର କରୁଛି ମୋର ଜୀବନ । ସେତେବେଳେ କେବଳ ସୁଗଠିତ ପାଦରେଖା ଉପରେ ନଜର; ଜୀବନ ଉପରେ ନୁହେଁ ।

ସେମାନେ ମୋତେ ରୋଜ ଡେରାରେ ଗାଡ଼ିକୁ ନେଉ-ଥିଲେ । 'ବାବା' ପେପେଙ୍କ ସର୍ବଦା ଭାବୁଥିଲେ ମୁଁ ଆଉ ଫେରି ଆସିବି ନାହିଁ ବୋଲି । ଫେରି ଆସିଲେ ମୋତେ ଡାକିପକାଉଥିଲେ, ଆଜି ମୁଁ ସେ ଦିନର ଶୁଣା ଖବରମାନ ତାଙ୍କ ନିକଟରେ କହୁଥିଲି— ଗତ ରାତିରେ କୋଉଠିଆଡ଼ ବଧଭୂମିରେ କିଏ କିଏ ନିହତ ହୋଇଲେ ସେଇ ଖବର । ତାପରେ କ୍ଷୁଧା ଜ୍ୱାଳାରେ ଶୁଷ୍କ ଶାଗସବୁର ଜଘନ୍ୟ ମେଞ୍ଚାଏ ଖାଉଥିଲୁ । କେତେବେଳେ ଆନନ୍ଦରେ ଗୀତ ଗାଉଥିଲୁ, କେତେବେଳେ ବା ରାତିରେ ଦୁଃଖରେ ଅଭିଭୂତ ହୋଇ ତାସ ଖେଳୁଥିଲୁ । କ୍ଷଣକପାଇଁ ସେଇଖେଳରେ ଆମର ମନ ଭୁଲିଯାଏ ସବୁ । ଏହିପରି ସନ୍ଧ୍ୟାଟା କଟିଯାଉଥିଲା । କୌଣସି ମୁହୂର୍ତ୍ତରେ ଗୀତଧାର ଜବାବ ଖେଳିଯାଇପାରେ, ଆମର କାହାର ମୃତ୍ୟୁଦଣ୍ଡର ପରଓ୍ୱାନା ଆସି ହାଜର ହୋଇଯାଇପାରେ ।

"ତୁମେ ବା ସେ—ତଳ ମହଲକୁ ଚାଲ । ସବୁ ଜିନିଷପତ୍ର ନେଇ ଚାଲ । ଜଲଦି ।"

କିନ୍ତୁ ସାମରିକ ଆଇନ ଚାଲିଥିବା ସମୟରେ ଆମ ଦୁହିଁଙ୍କ ଭିତରୁ କାହାରିକୁ ଡାକରା ଆସିଲା ନାହିଁ । ଆମେ ସେହି ଭୀତିପୂର୍ଣ୍ଣ ଯୁଗ କଟେଇ ଆସିଲୁ । ସେତେବେଳର ଅନୁଭୂତ କଥା ଆଜି

ଭାବିଲେ ଅଶ୍ଚର୍ଯ୍ୟ ବୋଧହୁଏ । ମନୁଷ୍ୟ କି ଅଦ୍ଭୁତଭାବରେ ଗଢ଼ା— ଅସହନୀୟକୁ ସହିବାର ଶକ୍ତି ଆମ୍ଭମାନଙ୍କର ଅଛି ।

କିନ୍ତୁ ସେଇ ଦିନଗୁଡ଼ିକ ଯେଉଁ ଗମ୍ଭୀର ଦାଗ ରଖିଗଲା ଆମ ଜୀବନରେ, ତା ତ ପୋଛି ପକେଇହେବ ନାହିଁ । ଆମର ମସ୍ତିଷ୍କର ସୂକ୍ଷ୍ମ ତନ୍ତୁର ନିମ୍ନଭାଗରେ ଚଳଚିତ୍ରର ମୋଡ଼ାଭଳି ସେଗୁଡିକ ରହିଲା, ପରବର୍ତ୍ତୀ ବାସ୍ତବ ଜୀବନରେ ସେହି ମୋଡ଼ା ଗୁଡିକ ଖୋଲିଯିବ, ଉନ୍ମତ୍ତତାର ରୂପ ନେଇ—ଅବଶ୍ୟ ସେତେଦିନ ପର୍ଯ୍ୟନ୍ତ ଯଦି ବଞ୍ଚିଥାଉଁ । ଅଥବା ସେହିଗୁଡିକ ବିରାଟ କବରଖାନା ହୋଇ ଦେଖାଦେବ ଅବା ଶ୍ୟାମଳ ଉଦ୍ୟାନ ଆକାରରେ— ମନୁଷ୍ୟ ଜୀବନର ମହାମୂଲ୍ୟ ବୀଜ ପୋତା ହେବ ସେଠାରେ ।

ସେହି ମହାମୂଲ୍ୟ ବୀଜରୁ ଅଙ୍କୁର ହେବ, ସେହି ଅଙ୍କୁର ଜୀବନ ହୋଇ ଦେଖାଦେବ ଦିନେ ।

# ସପ୍ତମ ପରିଚ୍ଛେଦ

## ଚରକ ଚକ୍ର—ଦ୍ୱିତୀୟ ପର୍ଯ୍ୟାୟ

## ପ୍ୟାନକ୍ରାଟସ୍

ଜେଲ୍‌ଖାନାରେ ଜୀବନ ଦୁଇପ୍ରକାରର । ଗାରଦରେ ବନ୍ଦ, ପୃଥିବୀଠାରୁ ସମସ୍ତ ସମ୍ପର୍କ ବିଚ୍ଛିନ୍ନ—ତଥାପି ପୃଥିବୀ ସହିତ ସମ୍ବନ୍ଧ ଘନିଷ୍ଠ—ଅନ୍ତତଃ ରାଜବନ୍ଦୀମାନଙ୍କ କଥା କହିବାକୁ ଗଲେ ଏକଥା ଖଟେ—ସେ ଏକପ୍ରକାରର ଜୀବନ । ଆଉ ଏକ ଜୀବନ ଦେଖାଯାଏ ଗାରଦ ସାମନା ଲମ୍ବା ବାରନ୍ଦାରେ, ଅଶାନ୍ତିଃଶ୍ୱାସୀ ଅଂଧାର ଭିତରେ ଏକ ସୁସମ୍ବନ୍ଧ ଜୀବନ ଫୁଟି ଉଠିଛି—ଗାରଦର ଜୀବନଠାରୁ ବି ତାହା ଅଦ୍ଭୁତ ନିଃସଙ୍ଗ—ଲୋକ ଭର୍ତ୍ତି ବେଶ, ହେଲେ ବି ସେ ଜୀବନ ନିଃସଙ୍ଗତା ଜଡ଼ିତ । ସେଇ ଜୀବନ ବିଷୟରେ ଏଠି ସବୁଠୁ ଅଧେ କହିବି ।

ପେଟିକୋଟ ପ୍ରାଣୀ ଦୋସରା ପ୍ରକାରର, ଇତିହାସ ଭିନ୍ନ ଧରଣର । ତା ନ ହେଲେ ମୁଁ ସେ ବିଷୟରେ ଗବେଷଣା କରୁ ନ ଥାନ୍ତି । ବରଂ ମୁଁ ଦେଖିଥାଆନ୍ତି ଆମର ମଞ୍ଚସାମନାରେ ଦୃଶ୍ୟ-ସଜ୍ଜା, ଦେଖିଥାଆନ୍ତି ତାଉ ଉପରେ ଶକ୍ତ ଅନମନୀୟ ଆବରଣ, ଆଉ ଜାଣିଥାଆନ୍ତି ସେଇ ଆବରଣ ଗାରଦର ବାସିନ୍ଦାମାନଙ୍କୁ ଅବିରତ କିପରି ପେଷଣ କରୁଛି । ବର୍ଷେ ଏପରିକି ଛମାସ ଆଗରୁ ସେଇଆ ମୋର ଧାରଣା ଥିଲା । କିନ୍ତୁ ବର୍ତ୍ତମାନ ମୁଁ ଆବରଣ ଭିତରେ ଅନେକ ଗୁଡ଼ାଏ ଫାଙ୍କ ଆବିଷ୍କାର କରିଛି, ସେଇ ଫାଙ୍କ ଭିତରେ ନାନା ରକମ ମୁଖ ଦେଖାଯାଏ···ହତଭାଗା ଜିଜ୍ଞାସୁ ମୁଖ

ବା କିମ୍ଭୂତ କୌତୁକଆ ମୁଖ···ସବୁ ପ୍ରକାରର ମୁଖ । କିନ୍ତୁ ସେ ମୁଖ ମନୁଷ୍ୟଙ୍କର । ଶାସନର ପୀଡ଼ନ ହେଇ ମଳିନ ଜଗତର ପ୍ରତ୍ୟେକଙ୍କ ଉପରେ ଚୁପି ରହିଛି ଏକ ପାପ ପର—ଫଳରେ ତାଙ୍କ ଭିତରେ ଯାହା ବା ମାନବିକତା ଅଛି ତାହା ପରିସ୍ଫୁଟ ହୋଇ ଯାଉଛି । ଅନେକ କ୍ଷେତ୍ରରେ ତାର ପରିମାଣ ବି ନିତାନ୍ତ କମ, କେତେକଙ୍କଠି ଅପେକ୍ଷାକୃତ ଅଧିକ ମାନବିକତା ଦେଖାଯାଏ । ପରିମାଣଭେଦରେ ଏକ ଅନେକର ପାର୍ଥକ୍ୟ ପ୍ରକାଶ ପାଏ, ସେମାନଙ୍କ ମଧ୍ୟରେ ତରହର ବୈଶିଷ୍ଟ୍ୟ ସୃଷ୍ଟି ହୁଏ । କେତେଜଣ ନିଖୁଣ ମଣିଷ ଏଠି ବି ଅଛନ୍ତି ନିଶ୍ଚୟ । କିନ୍ତୁ ଶାସନ ଅତ୍ୟାଗ୍ରହୀ ହେବାରୁ ଯେ ସେମାନେ ଅନ୍ୟଙ୍କୁ ସାହାଯ୍ୟ କରୁଛନ୍ତି, ତାହା ନୁହେଁ ।

ଜେଲଖାନା ଏକ ଅପ୍ରୀତିକର ଅନୁଷ୍ଠାନ ହେଲେ ଗାରଦ ସାମନା ଗାରଦ ଭିତରର ସଂସାର ଠାରୁ ଅଦ୍ଭୁତ କୁତ୍ସିତ । ଗାରଦ ବନ୍ଧୁତ୍ୱର ଆବାସ—ସେ କି ଚମତ୍କାର ବନ୍ଧୁତ୍ୱ ! ଯୁଦ୍ଧ-କ୍ଷେତ୍ରରେ ଦୀର୍ଘକାଳବ୍ୟାପୀ ବିପଦ ମୁଖରେ—ଯେତେବେଳେ ତୁମର ଜୀବନ ଆଜି ମୋ ହାତରେ, କାଲି ହୁଏତ ମୋ ଜୀବନ ତୁମ ହାତରେ, ସେ ପରିସ୍ଥିତିରେହିଁ ଏଭଳି ବନ୍ଧୁତ୍ୱ ଦେଖାଯାଏ । କିନ୍ତୁ ଏଇ ଶାସନର ପରିବେଶରେ ଭିତରେ ବନ୍ଧୁତ୍ୱବନ୍ଧନ ଅତ୍ୟନ୍ତ କମ୍ ରହିପାରେ ନା ମଧ୍ୟ । ତାଙ୍କର ଚତୁର୍ଦ୍ଦିଗରେ ହୀନ ଗୁଇନ୍ଦାଗିରି ଘେରି ରହିଛି, ଜଣେ ଅନ୍ୟ ଜଣଙ୍କ ଉପରେ ନଜର ରଖୁଛି, ଯେଉଁମାନଙ୍କୁ ସେମାନେ ସରକାରୀ ଭାଷାରେ 'ଭେଦିଆ' ବୋଲି ଡାକନ୍ତି ସେମାନଙ୍କ ସହିତ ବି ସଦା-ସର୍ବଦା ସତର୍କ ହୋଇ ଚଳିବାକୁ ପଡ଼ିବ । ତାଙ୍କ ଭିତରେ ଯେଉଁମାନେ ସର୍ବୋତ୍କୃଷ୍ଟ,

ବନ୍ଧୁତ୍ୱ • ଗୁଡ଼ ଉଦ୍‌ଘାଟନ୍ତି ନାହିଁ—ସେମାନେ ତା ଖୋଜି ପାଆନ୍ତି ଗାରଦରେ ।

ଅନେକ ଦିନ ଯାଏଁ ସେମାନଙ୍କ ନାମ ଆମେ ଜାଣି ପାରି ନଥିଲୁଁ । ସେଥିରେ କିଛି ଯାଏଆସେ ନାହିଁ, ନିଜ ଭିତରେ ଆମେ ସେମାନଙ୍କର ଗୋଟାଏ ଗୋଟାଏ ଡାକନାମ ଦେଇଥିଲୁଁ । କାହାରି ନାମକରଣ ଆମେ କରିଛୁଁ ବା ଆମ ଆଗରୁ ଯେଉଁମାନେ ଥିଲେ ତାଙ୍କର ପ୍ରଦତ୍ତ ନାମ ଉତ୍ତରାଧିକାରୀ ସୂତ୍ରରେ ଆମେ ବ୍ୟବହାର କରୁଛୁଁ । ବିଭିନ୍ନ ଗାରଦରେ ଜଣ ଜଣଙ୍କର ଗୋଟିଏ ଗୋଟିଏ ନାମ—ଏମାନେ ସାଧାରଣ ଜୀବ, ବିଶେଷ କିଛି ନୁହଁନ୍ତି । କୌଣସି କୌଣସି ଗାରଦରେ ଏମାନେ ହୁଏତ ଟିକିଏ ହେପାଜତ କରନ୍ତି, କେଉଁଠି ଅବା ବଡ଼ ଗୁଣ୍ଡ ମାରନ୍ତି । କଏଦୀମାନଙ୍କ ସାଙ୍ଗରେ ଏକ ମୁହୂର୍ତ୍ତର ସମ୍ବନ୍ଧ, ତାରି ଭିତରେ ସ୍ଥାୟୀ ଛାପ ରଖିଯାଆନ୍ତି କଏଦୀମାନଙ୍କ ମନରେ । ଏକଦେଶଦର୍ଶୀ ସେ ଛାପ, କିନ୍ତୁ ତାରି ଫଳରେ ନାମକରଣ ହୁଏ । କେବେ କେବେ ବା ନଜରକୁ ଆସିଲାଭଳି ଗାରଦରେ ବିଶେଷ ଗୁଣ ଓ ଚାଲିଚଳଣୀ—ଭଲ ହେଉ ବା ମନ୍ଦ ହେଉ, ଅନୁସାରେ ଜଗୁଆଳମାନଙ୍କର ନାମକରଣ ହୋଇଥାଏ, ସବୁ ଗାରଦରେ ଏକାଭଳି ନାଁ ।

ବର୍ତ୍ତମାନ ଏହି ଜୀବଗୁଡ଼ିଙ୍କ ଉପରେ ଆଖିବୁଲେଇ ନେବା । ଏହି କ୍ଷୁଦ୍ର ଜାନୁଆରମାନଙ୍କ ପ୍ରତି ଦୃଷ୍ଟିପାତ କର । ଏମାନଙ୍କର ଝଘଡ ଆକସ୍ମିକ ନୁହେଁ । ଏମାନେ ନାଜୀବାଦର ସେନାବାହିନୀର ଅଂଶବିଶେଷ । ରାଜ୍ୟର ସ୍ତମ୍ଭ ଏମାନେ, ତେଣୁ ଏମାନଙ୍କୁ ସାବଧାନ ସହକାରେ ନିର୍ବାଚନ କରିବାକୁ ହୋଇଛି । ତାଙ୍କ ସମାଜ ଏଇମାନଙ୍କ ଉପରେ ତିଷ୍ଠି ରହିଛି—

## "ପ୍ରାଥମିକ ଚିକିତ୍ସକ"

ଡ଼େଙ୍ଗା, ମୋଟା ଏସ୍ ଏସ୍ର ମହଜୁଦ୍ ବାହିନୀ ଲୋକ । କିପରି ପଡ଼ଲା । ତାର ନାମ ରିଜସ, ରାଇନ ନଦୀକୂଳସ୍ଥ କୋଲନ୍ରେ ଗୋଟିଏ ସ୍କୁଲର ଦରଓ୍ୱାନ ଥିଲା ସେ । ଅନ୍ୟାନ୍ୟ ଜର୍ମାନ ସ୍କୁଲର ଦରଓ୍ୱାନଙ୍କ ପରି ପ୍ରାଥମିକ ଚିକିତ୍ସା ଲାଗି ଶିକ୍ଷା ପାଇଥିଲା । ତେଣୁ ଅନେକ ସମୟରେ ବନ୍ଦୀଶାଳାର ଡ଼ାକ୍ତରକାମ ମଧ୍ୟ ଚଳାଉଥିଲା । ତା ହାତରେ ଏଠି ମୋର ପ୍ରଥମ ପରିଚୟ । ସେ ମୋତେ ଗାରଦକୁ ଟାଣି ନେଇଥିଲା । ଖଟିଆରେ ଶୁଆଇଦେଲା । ଘା'ର ଚିକିତ୍ସା କଲା, ଆଉ କ୍ଷତସ୍ଥାନରେ ସେକ ଦେଇଥିଲା । ହୁଏତ ମୋର ଜୀବନ ଏହାର ସାହାଯ୍ୟରେ ବଂଚିଥିଲା । ତାହାର ସାହାଯ୍ୟ କଣ ପ୍ରକାଶ କରୁଥିଲା ? ତାର ମାନବିକତା ନା, ତାର ପ୍ରାଥମିକ ଚିକିତ୍ସା ଶିକ୍ଷା ? ଜାଣେ ନାହିଁ । କିନ୍ତୁ ଯେତେବେଳେ ସେ ବନ୍ଦୀ ଇହୁଦୀମାନଙ୍କର ଦାନ୍ତ ଭୁଷି ମାରି ଭାଙ୍ଗି ପକାଏ, କିମ୍ବା ଲୁଣ ବା ବାର୍ଲି ଗୁମୁଚ ଗୁମୁଚ ଆଣି ଗଦା କରିଦିଏ ( ସେମାନଙ୍କର ସବୁପ୍ରକାର ରୋଗ ଲାଗି ତାହାହିଁ ମହୌଷଧି ) ସେତେବେଳେ ତାର ଅର୍ଥ ବୁଝିବାକୁ ଡ଼େରି ହୁଏ ନାହିଁ । ତା ନାଜୀବାଦର ଅଭିବ୍ୟକ୍ତି ଛଡ଼ା ଆଉ କିଛି ନୁହେଁ ।

## 'ସ୍ମାର୍ଟ'

ବାଜୁରା, ଦୟାଳୁ, ଫେବୟାନ୍ ଜାତି । କେସ୍ବା ବୃଦେଜୋଭିଜ ମଦକାରଖାନାରେ ସେ ମଟର ଚାଳକ ଥିଲା । ଯେତେବେଳେ ଅମର ଖୋରାକ ଦେଇ ଗାରଦକୁ ଆସେ ମୁହଁରେ ତାର ହସ ଫୁଟି ଉଠେ । କେବେ ଅମର ଅନିଷ୍ଟ କରିନାହିଁ ।

ତୁମେ କଦାପି ବିଶ୍ବାସ କରିବ ନାହିଁ ଯେ ଏଇ ଲୋକଟି ଗାରଦ ବାହାରେ ଛିଡ଼ା ହୋଇ ଆମର କଥା ଶୁଣିବା ପାଇଁ ଘଣ୍ଟାଘଣ୍ଟା କାଳ କାନ ପାରିଥାଏ । ସାମାନ୍ୟ ଗୋଟାଏ କିଛି ଶୁଣିଲେ ଛୁଟିଯାଏ ଉପରବାଲାମାନଙ୍କୁ ଖବର ଦେବାକୁ ।

## "କୋକଲାର"

ସେ ମଧ୍ୟ ବୁଦେଜୋଭିଜ ମଦ କାରଖାନାରୁ ଆସିଛି । ସେଠି ଶ୍ରମିକ ଥିଲା । ସୁଦେତେନ ଅଞ୍ଚଳରୁ ଏହିପରି ଅନେକ ଜର୍ମାନ ଶ୍ରମିକ ଆସି ଏଠି ଜୁଟିଛନ୍ତି । ମାର୍କ୍ସ ଏକଦା ଲେଖିଥିଲେ : 'ବ୍ୟକ୍ତି ହିସାବରେ ଶ୍ରମିକର କାର୍ଯ୍ୟ ବା ଚିନ୍ତାଧାରା ବିଶେଷ କିଛି ନୁହେଁ । ଶ୍ରେଣୀ ହିସାବରେ ଶ୍ରମିକମାନଙ୍କୁ ଯେଉଁ ଐତିହାସିକ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ ତାରି ଉପରେ ସେମାନଙ୍କର ବିଶିଷ୍ଟତା ନିର୍ଭର କରେ ।'

ଯେଉଁମାନଙ୍କୁ ଏଠି ଆମେ ଦେଖିଛୁଁ, ସେମାନେ ସେମାନଙ୍କର ଶ୍ରେଣୀର କର୍ତ୍ତବ୍ୟର କଥା କିଛି ଜାଣନ୍ତି ନାହିଁ । ନିଜର ଶ୍ରେଣୀଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି ଆଉ ନିଜର ଶ୍ରେଣୀ ବିରୋଧୀ କାର୍ଯ୍ୟ କରୁଛନ୍ତି । ଆଦର୍ଶ ଦିଗରୁ ସେମାନେ ଶୂନ୍ୟରେ ଝୁଲୁଛନ୍ତି—ଶେଷରେ ହୁଏତ ସତକୁ ସତ ସେମାନଙ୍କର ଦେହ ବି ଝୁଲିବ ।

ସୁବିଧାରେ ଜୀବିକାର୍ଜ୍ଜନ କରିବା ମୋହରେ ସେ ନାଜୀ ଦଳରେ ମିଶିଥିଲା । କିନ୍ତୁ ସେ ଯାହା କଳ୍ପନା କରିଥିଲା ତାଠାରୁ ଏ ଜୀବନ ଜଟିଳ । ସେହିଦିନଠୁ ତାର ହସ ଉଭେଇଯାଇଛି । ସେ ନାଜୀମାନଙ୍କର ବିଜୟ ହେବ ବୋଲି ବାଜି ମାରିଛି କିନ୍ତୁ ବର୍ତ୍ତମାନ ତ ମନେ ହୁଏ ତାର ବାଜି ହାରି ଉପରେ । ତାର ଦମ୍ଭ ହଜି

ଯାଇଛି । ରାତ୍ରରେ ଯେତେବେଳେ ସେ ଶବ୍ଦହୀନ ଚଟି ପିନ୍ଧି ବାରନ୍ଦାରେ ବୁଲୁଥାଏ, ତାର ବର୍ତ୍ତିକାମୟ ଚକ୍ଷୁର ଛାପ ରହିଯାଏ ତାର ଅଜାଣତରେ ବତୀଖୁଣ୍ଟର ଧୂଳିଉପରେ ।

'ସବୁ ଗନ୍ଧିଅ' । ବେଶ୍ କବିତ୍ୱ ଫୁଟାଇ ସେ ଗୋଟାଏ ବତୀଖୁଣ୍ଟରେ ଲେଖିଛି । ଆତ୍ମହତ୍ୟା କରିବାକୁ ଭାବୁଥିଲା ସେ ।

ଦିନବେଳା କଏଦୀ ଓ ଜଗୁଆଳମାନଙ୍କ ଉପରେ ତଗଡ଼ଗ ହୋହା ବଡପାଟି କରି ସମସ୍ତଙ୍କୁ ଘଉଡ଼ାଏ, କେବଳ ତାର ମନର ଦମ୍ଭକୁ ବଜାଏ ରଖିବା ଲାଗି ।

## ରୋଲସାର

ରୋଲସାର ଡେଙ୍ଗା, ପତଳା, ସ୍ୱର ଘାଉଡ଼ା, କର୍କଶ । ଜେଲଖାନାର ଯେ ଅଳ୍ପ କେତେଜଣ ଅନ୍ତରଙ୍ଗଭାବେ ମିଶି ପାରନ୍ତି, ସେ ସେମାନଙ୍କ ମଧ୍ୟରୁ ଜଣେ । ଜୀବନ୍ତ ପ୍ରେରଣା ଲଗାଇ ଶ୍ରମିକ ଥିଲା ସେ । ଗାରଦକୁ ଆସେ ଓ ଘଣ୍ଟା ଘଣ୍ଟା ଧରି ଆଳାପ ଆଲୋଚନା କରେ:

—କିପରି ଏଠିକି ଆସିଲି ? ଦଶବର୍ଷକାଳ କୌଣସି ମୂଲଘର କାମ ନ ଥିଲା; ତୁମେ ତ ଜାଣ ସପ୍ତାହକୁ କୋଡ଼ିଏ ଫ୍ରାଙ୍କରେ ଗୋଟାଏ ପରିବାରର କି ପ୍ରକାର ଚଳେ, କିପରି ଜୀବନ ନିର୍ବାହ ହୁଏ ସେଥିରେ । ତାପରେ ଏମାନେ ଆସି କହିଲେ, ତୁମକୁ ଆମେ କାମ ଦେବୁ—ଆମ ସାଙ୍ଗରେ ଅସ । ଗଲି ତାଙ୍କ ସାଙ୍ଗରେ, କାମ ମୋତେ ମିଳିଲା, ଆମ ସମସ୍ତଙ୍କୁ ମିଳିଲା । କିଛି ନ ହେଲେ ତ ପେଟକୁ ମୁଠାଏ ଖାଇବାକୁ ପାଉଛୁ, ମୁଣ୍ଡ ଗୁଞ୍ଜିବାର ଜାଗା ମିଳିଛି । ପୁଣି ବଞ୍ଚି ଉଠିଛି । ସାମ୍ୟବାଦ ? ଖୁବ ସୁବିଧା କଥା ନୁହେଁ । ମୋର ଧାରଣା ଥିଲା ଅନ୍ୟ ରକମର, କିନ୍ତୁ ଏଥିପୂର୍ବ ଅବସ୍ଥାଠାରୁ ତା ଭଲ ।

—କଣ ସେଇଆ ନୁହେଁ ? ଯୁଦ୍ଧ କଥା କହୁଛ ? ଯୁଦ୍ଧ ମୁଁ ତ ଚାହିଁ ନଥିଲି, ଅନ୍ୟମାନେ ମରନ୍ତୁ ମୁଁ ତା ଚାହେଁ ନାହିଁ—ଖାଲି ନିଜେ ବଞ୍ଚି ରହିବାକୁ ଚାହିଁଛି ।

—କଣ ? ଇଚ୍ଛା କରି ହେଉ ବା ଅନିଚ୍ଛାରେ ହେଉ ମୁଁ ଯୁଦ୍ଧକୁ ସାହାଯ୍ୟ କରୁଛି ? କଣ କରିବି କୁହ ? ଅଚ୍ଛା, ଏଠି କାହାକୁ କେବେ ଆଘାତ କରୁଛି ? ମୁଁ ଯଦି ଛାଡି ଚାଲିଯାଏଁ, କଣବା ହେବ ? ମୋ ଜାଗାରେ ଆସି ଅନ୍ୟ ଲୋକ ହାଜର ହେବ, ହୁଏତ ମୋଠାରୁ ଖରାପ ଲୋକ ଆସିପାରନ୍ତି । ଆଉ ଯୁଦ୍ଧ ପରେ ତ ମୁଁ କାରଖାନାର କାମକୁ ଫେରିଯାଉଛି ।......

—କେଉଁ ପକ୍ଷ ଯୁଦ୍ଧରେ ଜିଣିବ କହିଲ ଭଲା ? ଆମେ କୋଉଁ ? ତୁମେ ? ତାହେଲେ ଆମର କଅଣ ହେବ ?

—ଆମେ ନିକାଶ ହୋଇଯିବୁଁ ? ସେ ବଡ଼ ଖରାପ କଥା । ମୁଁ ଯେ ଓଲଟା ଭାବୁଥିଲି ।

ତାପରେ ସେ ଗାରେଦକୁ ଲମ୍ବା ଲମ୍ବା ପାଦ ପକାଇ ଚାଲିଯାଏ ।

ଅଧଘଣ୍ଟା ପରେ ପୁଣି ଫେରି ଆସେ, ଯୋଉଏଇ ଇଉନିଅନ୍‌ଟା ବାସ୍ତବିକ୍ କି ପ୍ରକାରର—ସେଇ ପ୍ରଶ୍ନହିଁ କରେ ।

## ସେଇଠା

ଦିନେ ସକାଳେ ଆମେ ଫ୍ୟାକ୍‌ଟ୍ରୀର କଏଦୀଖାନାର ସଦର ବାରନ୍ଦାରେ ଅପେକ୍ଷା କରୁଛୁ, ଜଗୁଆଳଦଳ ଆମକୁ ଫେଟରେକ୍ ବିଲ୍ଡିଂକୁ ନେଇଯିବେ—ଏଇ ପ୍ରତୀକ୍ଷାରେ । ଏହିପରି ରୋଜ ଆମକୁ ଆସି ଛିଡ଼ା ହେବାକୁ ପଡ଼େ । ଆମର କପାଳ କାନ୍ଥ ସାଙ୍ଗରେ ଲାଗିଥାଏ, କାରଣ ପଛପଟେ କଣ ହେଉଛି କେହି ଯେପରି

ଦେଖି ନ ପାରନ୍ତି । ସେ ଦିନ ସକାଳେ ଗୋଟାଏ ଅଚିହ୍ନା ସ୍ୱର କାନରେ ବାଜିଲା :

—ମୁଁ କିଛି ଦେଖିବାକୁ ଚାହେଁ ନା, କିଛି ଶୁଣିବାକୁ ବି ଚାହେଁ ନା । ମୋତେ ତୁମେମାନେ ଚିହ୍ନ ନାହିଁ, କିନ୍ତୁ ଶୀଘ୍ର ଚିହ୍ନିଯିବ ଯେ ।"

ମୁଁ ହସିଲି, ଏଠି ଏଇ ଜେଲ ସମ୍ପର୍କରେ ସେଇ 'ଗୁଡ୍ ସୋଲ୍‌ଜାର ସିଓ୍ୱେଇକେ'ର ବୋକା ବିଚାରୀ ଲେଫଟେନାଣ୍ଟ ଡୁବ୍‌ର ଉକ୍ତିକୁ ଉଦ୍ଧାର କରିବା—ଖୁବ୍ ଖାପ ଖାଇଯାଉଛି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କାହାରି ବଡ଼ ପାଟି କରି ଥଟ୍ଟା କରିବାର ସାହସ ତ ହୋଇନାହିଁ । ମୋ ପାଖ ସଙ୍ଗୀଟି ଅଭିଜ୍ଞ, ସେ ମୋତେ ଠେଲି ହସିବାକୁ ବାରଣ କଲା । ମୁଁ ହୁଏତ ଭୁଲ କରୁଛି । ଥଟ୍ଟା ହିସାବରେ କଥାଟା କୁହାଯାଇ ନାହିଁ । ନା, ଥଟ୍ଟା ନୁହେଁ ।

ଆମ ପଛରୁ ଯାହାର ସ୍ୱର ଶୁଣିବାକୁ ପାଇଲି ସେ ଏସ୍. ଏସ୍.ର ପୋଷାକପିନ୍ଧା ଏକ କ୍ଷୁଦ୍ର ଜୀବ । ସିଓ୍ୱେଇକେ ସମ୍ବନ୍ଧରେ ତାର କୌଣସି ଜ୍ଞାନ ନାହିଁ । ଲେଫଟେନାଣ୍ଟ ଡୁବ୍ ପରି କଥା କହୁଛି, କାରଣ ତାହାର ମସ୍ତିଷ୍କ ସହିତ ଏହାର ବି ସାମଞ୍ଜସ୍ୟ ବହୁତ । ଏହାର ନାମ ଭଇଥାନ, ବହୁତ ଦିନ ଉର୍ଦ୍ଧତନ ସର୍ଜେଣ୍ଟ ହିସାବରେ ଚେକୋସ୍ଲୋଭାକ ସେନାବାହିନୀରେ କାମ କରୁଛି, ସେତେବେଳେ ତାର ନାମ ଥିଲା ଭଟାନ୍ । ସେ ଠିକ୍ କହୁଥିଲା; ତାକୁ ଭଲ କରି ଚିହ୍ନିଲେ, ସେଥିପାଇଁ ତାର ନାମର ଉଲ୍ଲେଖ ଅନ୍ୟ କାହିଁରେ କେବେହେଲେ ହୁଏ ନାହିଁ—ହୁଏ କେବଳ ଉତ୍ତମ ପୁରୁଷ ଏକବଚନରେ ସେଇଟା । ସତ କଥା, ଆମ ମଗଜର ବୁଦ୍ଧି ତାର ଗୋଟାଏ ଉପଯୁକ୍ତ ଡାକନାମ ବାହାର କରି ପାରିଲା

ନାହିଁ । କିପରି ବା ପାରନ୍ତି ? ସେ ଥିଲା ନିର୍ବୁଦ୍ଧିତା, ନୀଚତା, ଅହଙ୍କାର ଆଉ ଖାଣ୍ଟି ମନ୍ଦ, ଏସବୁର ଏକ ଅପୂର୍ବ ସମାହାର । ପ୍ୟାନକାଠେସ୍ ରାଜ୍ୟର ଏକ ସ୍ତମ୍ଭବିଶେଷ ।

ଶ୍ୱଅରର ଆଣ୍ଠୁ ଯାଏ ବି ହେବ ନାହିଁ—ଏହିସବୁ କ୍ଷୁଦ୍ର ଅହଙ୍କାରୀ ଓ ଅଭିଲାଷୀ ଜୀବଙ୍କ ପ୍ରତି ଆମେ ଏହି ଭାଷା ବ୍ୟବହାର କରିଥାଉଁ, ତାଙ୍କର ଦୁର୍ବଳତାରେ ଆଘାତ କରିବା ଲାଗି । ମନ ଯେତେ ନୀଚ ହେଲେ ନିଜର ଅନୁଚ୍ଚ ଅବସ୍ଥିତି ଲାଗି ମନୁଷ୍ୟ ଦୁଃଖ ବୋଧ କରେ । ଉଇଖାନଙ୍କୁ ସେଇ ଦୁଃଖ ଅତିମାତ୍ରାରେ ଘାରୁଥିଲା ଆଉ ସେଥିପାଇଁ ଯେଉଁମାନେ ଦେହ ବା ମନରେ ତାଠାରୁ ବଡ଼ ସେମାନଙ୍କ ଉପରେ ସେ ନେଉଛି ପ୍ରତିଶୋଧ—ତା ହାତରୁ କେହି ନିସ୍ତାର ପାଇନାହାନ୍ତି ।

ଧୂର୍ତ୍ତ ମାତ୍ର ନୁହେଁ । ସେ ସାହସିକତା ତାହାର ନାହିଁ । ଆମ ଉପରେ ଗୁଇନ୍ଦାଗିରି କରି, ଆମର ନିନ୍ଦା ଗାଇ । ଉଇଥାନର କୁଆଣିଆ କଥା ଯୋଗୁଁ କେତେବନ୍ଦୀ ଯେ ସ୍ୱାସ୍ଥ୍ୟ ହରେଇଲେ ତାର ସୀମା ନାହିଁ । କେତେବନ୍ଦୀ ସେଥିପାଇଁ ତାଙ୍କର ପ୍ରାଣ ହରାଇଲେ ବି । କାରଣ ଯେତେବେଳେ ପ୍ୟାନକାଠେସ୍ ଛାଡ଼ି ତୁମେ ବନ୍ଦୀନିବାସକୁ ଯିବ ସେତେବେଳେ ତୁମ କାର୍ଡ ଉପରେ କି ମନ୍ତବ୍ୟ ଲେଖା ଅଛି, ତାର ଉପରେ ତୁମ ଭାଗ୍ୟ ନିର୍ଭର କରେ—ତାର ଉପରେ ନିର୍ଭର କରେ ପ୍ୟାନ୍କାଠେସରୁ ତୁମେ କେବେହେଲେ ବାହାରି ପାରିବ କି ନାହିଁ ।

ସେ ଯେତେବେଳେ ବାରଣ୍ଡାରେ ଗର୍ବିତ ପାଦକ୍ଷେପ କରି ଏକା ଏକା ବୁଲୁଥାଏ ନିଜର ମହିମାରେ ଆତ୍ମହରା ହୋଇ, ସେତେବେଳେ ତାକୁ ଦେଖିଲେ ନ ହସି ରହିପାରିବ ନାହିଁ ।

କେହ ଦର୍ଶକ ନାହାନ୍ତି, ତେବେ ବି ଦର୍ପଚୂର୍ଣ୍ଣ ବଦଳେ ନାହିଁ ତାର । ତାହାର ସାଙ୍ଗରେ ଦେଖାହେଲେ ତାର ଦରବାର ପଡ଼େ ଉଚ୍ଚା ଜାଗା, ଚଢ଼ିଯିବ । ଆମ ଭିତରୁ କାହାରକୁ କ୍ଷୌର କରିବା ସମୟରେ ସେ ଚୌକିର ହାତ ଉପରେ ବସିପଡ଼େ; ଘଣ୍ଟାଏ ଖଣ୍ଡେ ସେଠି ବସିବା ଅସ୍ୱସ୍ତିକର ହେଲେ ମଧ୍ୟ ସେ ବସିବ କାରଣ ସେଠି ବସିଲେ ତୁମଠାରୁ ସେ ମୁଣ୍ଡେ ଉଚ୍ଚ ଡେଙ୍ଗା ଦେଖାଯିବ । ଆମ ଦାଢ଼ି ଖିଅର ହେବା ସମୟରେ ତାର ଯେବେ ପହରା ପଡ଼ୁଥାଏ ସେ ପିଣ୍ଡ ଉପରେ ଛିଡ଼ାହୋଇ ରହେ । ନୋଇଲେ ଗୋଟାଏ ବେଞ୍ଚ ଉପରେ ଏ ପାଖ ସେ ପାଖ ବୁଲେ । ମୁହଁରେ ତାର ସେଇ ପ୍ରିୟ ଉକ୍ତି—ମୁଁ କିଛି ଦେଖିବାକୁ ଚାହେଁ ନା, କିଛି ଶୁଣିବାକୁ ଚାହେଁ ନା, ମୋତେ ତୁମେ ଚିହ୍ନ ନାହିଁ···।

ସକାଳବେଳା ବ୍ୟାୟାମ ସମୟରେ ସେ ଅଗଣାର ଘାସପୁଞ୍ଜ ଉଚ୍ଚା ଜାଗାଟିରେ ଯାଇ ଛିଡ଼ାହୁଏ । ସେଠି ଛିଡ଼ାହେଲେ ଅଗଣାରେ ଯେଉଁମାନେ ଥାନ୍ତି ତାଙ୍କଠାରୁ ସେ ଚାରି ଇଞ୍ଚ ଡେଙ୍ଗା ଦେଖାଯାଏ । ଗାରଦ ଭିତରକୁ ତାର ପ୍ରବେଶ ମହାମହିମ ମହାରାଜ ବଳେ ହେବା ଠାଣିରେ । ଆସିବା ମାତ୍ରେ ଚୌକି ଉପରେ ଛିଡ଼ା ହୋଇଯାଏ, ଉଚ୍ଚାଜାଗାରୁ ଆମକୁ ଦେଖିବା ଲାଗି ।

ଏକବାଟରେ ଭଣ୍ଡ ଯାହାକୁ କହନ୍ତି ସେ ସେଇଆ; କିନ୍ତୁ ସରକାରୀ କର୍ମକ୍ଷେତ୍ରରେ—ବିଶେଷତଃ ମନୁଷ୍ୟ ଜୀବନ ନେଇ କାରବାର ଯେଉଁଠି—ସେଭଳି କ୍ଷେତ୍ରରେ ମୂର୍ଖଥିଲେ ଯେପରି ମହା-ବିପଦ, ଏ ସେହିଭଳି ଅତି ମାରାତ୍ମକ । ତାର ମୂର୍ଖତାର ଅନ୍ତରାଳରେ ଗୋଟାଏ ଗୁଣ ଲୁଚିରହିଛି—ସେ ତଳକୁ ତାଳ କରିଦେଇ ପାରେ । ପହରାବାଲା କୁତା ହେବା ଛଡା ଆଉ ତାକୁ କିଛି ଜଣା

ନାହିଁ । ସେଥିପାଇଁ ନିୟମରୁ ଏତେ ଟିକିଏ ତ୍ରୁଟିବିଚ୍ୟୁତି ତା ପାଖରେ ବଡ଼ହୋଇ ଦେଖାଦିଏ, ନିଜର ଅହମିକାରେ ବାଧା ପଡ଼ିଯାଏ । କଏଦୀଖାନାର ନିୟମ ବା ଶୃଙ୍ଖଳାର ପ୍ରତି ବ୍ୟତିକ୍ରମକୁ ସେ ଏପରି ଅର୍ଥରେ ଯହିଁରୁ ମନେ ହୁଏ ଯେ ଏହି ଚେତନାର ପରିତୃପ୍ତି ଘଟୁଛି ସେ ।

ଆଜି, ତାର ଅଭିଯୋଗଗୁଡ଼ିକରେ ସତ୍ୟର ମାତ୍ରା କେତେ ସେକଥା ତନଖି କରି ବୁଝିବାକୁ କିଏ ବା ଅଛି ?

## ସ୍ପେଟୋନଜ୍

ଦେହ ପୁରୁଣା ଜୀର୍ଣ୍ଣ ଜାହାଜ ଭଳି । ମୁହଁରେ ହର୍ଷବିଷାଦ କିଛି ଫୁଟେ ନାହିଁ, ଚକ୍ଷୁରେ କେବେ ଭାବର ଛାୟାପାତ ହୁଏନାହିଁ । ସେଇ ହେଉଛି ସ୍ପେଟୋନଜ୍—ଦେଖିଲେ ମନେହୁଏ ସତେ ଯେପରି ନାଜୀ-ଝଟିକା-ବାହିନୀର ସୈନିକର ଗ୍ରସ୍ ଯେଉଁ ବ୍ୟଙ୍ଗଚିତ୍ର ଅଙ୍କିଥିଲେ, ତାହା ସଜୀବ ରୂପ ନେଇଛି । ସେ ପୂର୍ବ ପ୍ରୁଷିୟାରେ ଲିଥୁଆନିଆ ସୀମାନ୍ତର ଅଧିବାସୀ । ଗାଈ ଦୁହିଁବା ଥିଲା ତାର କାମ କିନ୍ତୁ ଅତି ଆଶ୍ଚର୍ଯ୍ୟ କଥା ଯେ ଗୃହପାଳିତ ଶାନ୍ତ ଶିଷ୍ଟ ଜୀବର କୌଣସି ଗୁଣ ତା ଉପରେ ଛାପ ପକାଇପାରି ନାହିଁ । ସେ ଜର୍ମାନ ଜାତିର ଗୁଣାବଳୀର ପ୍ରତୀକ ବୋଲି ଉପରଓାଲାର ଧାରଣା । କଠୋର, ସେ ଖୁବ୍ କମ୍ କଥା କହେ, ଲାଞ୍ଚ ନିଏ ନାହିଁ । ବାରଣ୍ଡାରେ ଗଲାବେଳେ ହେପାଜତକାରୀଙ୍କଠାରୁ ଅତିରିକ୍ତ ଖାଦ୍ୟ ପଦାର୍ଥ ଯେ ଅନ୍ୟକେତେଜଣ କେବେହେଲେ ଦାବୀ କରନ୍ତିନାହିଁ ସ୍ପେଟୋନଜ୍ ତା ମଧ୍ୟରୁ ଜଣେ କିନ୍ତୁ…

ଜଣେ ଜର୍ମାନ ବୈଜ୍ଞାନିକ ( ବର୍ତ୍ତମାନ ତାଙ୍କ ନାମ ମନେ ପଡ଼ୁ ନାହିଁ ) କେଉଁ ଜୀବଦ୍ୱାରା କେତୋଟି "ଶବ୍ଦ" ଗଠିତ

ହୋଇଯାଏ, ତାହାଁରୁ ସେହି ସେହି ଜୀବଙ୍କର ବୁଦ୍ଧିଶକ୍ତିର ପରିମାଣ ନିର୍ଣ୍ଣୟ କରିଥିଲେ । ସେଥିରୁ ସେ ସିଦ୍ଧାନ୍ତରେ ଆସି ପହଞ୍ଚିଲେ ଯେ ଗୃହପାଳିତ ବିରାଡ଼ି ବୁଦ୍ଧିରେ ସବୁଠୁଁ ନ୍ୟୂନ । ତାହାଁଙ୍କ ନା ୧୨୮ଟିରୁ ଅଧିକ ଶବ୍ଦ ଗଠନ କରିବାକୁ ସେ ଅକ୍ଷମ ! ହାୟ, ସେଣ୍ଟଜୋନଙ୍କର ତୁଳନାରେ ବିରାଡ଼ି କ ପ୍ରତିଭାଶାଳୀ ନୁହେଁ ଭଲା, କାରଣ ସାରା ପ୍ୟାନକାଟସ୍‌ର କେହି କେବେ ହେଲେ ତା ମୁହଁରୁ ଗୋଟିଏ ପଦରୁ ବେଶି ଶୁଣିବାକୁ ପାଇନାହିଁ ।

'ହେଇ, ତୁମିଆର ରହିଆ !'

ସପ୍ତାହରେ ଦୁଇତିନିଥର ତାକୁ କାମରୁ ଛୁଟି ମିଳେ । ଏ ଅବସରରେ ପ୍ରତିଥର ସେ ନିଜ ଉପରେ ଅତ୍ୟାଗ୍ରହ କରେ କିନ୍ତୁ ହାୟ, ଏ ସାମାନ୍ୟ ଘଟଣା ପ୍ରତିଥର ବିଗାଡ଼ିଦେଇ ବସେ । ମୁଁ ଦେଖିଛି, ଗୋଟାଏ ବୋଲି ଝରକା ଖୋଲି ନାହିଁ ବୋଲି ଥରେ ଜେଲଖାନାର ସୁପରିନ୍‌ଟେଣ୍ଡେଣ୍ଟ୍ ତାକୁ ଗାଳି ଦେଉଥିଲେ । ସ୍ଲେଟ ଗୋଡ଼ ଦୁଇଟା ଉପରେ ନେଦାଏ ମାଂସ ତାହା ଥରେ ଆଗକୁ ଥରେ ପଛକୁ ହଲିବାକୁ ଲାଗିଲା, ତାର ଗୁଣ୍ଡିବିଦ୍ଧ ମୁଣ୍ଡଟା ଆହୁରି ଟିକିଏ ସାମନାକୁ ଓହଳାପଡ଼ିଲା, ମୁହଁର ଦୁଇକୋଣ ତଳକୁ ଖସିଆସିଲା—ଯେ ହୁକୁମ ତାର କାନ ଏବେ ଶୁଣିଛି, ତାହା ବାରଂବାର ଉଚ୍ଚାରଣ କରିବାରେ ଲାଗି ପଡ଼ିଛି ସେ··· । ତାପରେ ହଠାତ୍ ସାଇରେନ୍ ପରି ହଠାତ୍ ଚିତ୍କାର କରି ଉଠିଲା— ବାରଣ୍ଡାର ଏମୁଣ୍ଡ ସେମୁଣ୍ଡ ନସ୍ତ । କ ବ୍ୟାପାର ଘଟିଲା ଖୁବ୍ କମ୍ ଲୋକେ ବୁଝିପାରିଲେ । ଝରକା ଗୁଡ଼ିକ ସେହିଭଳି ବନ୍ଦ । ଯେଉଁ ଦୁଇଜଣ ବନ୍ଦୀ ତା ନିକଟରେ ଛିଡ଼ା ହୋଇଥିଲେ, ସେମାନଙ୍କର ନାକରୁ ରକ୍ତ ଝରିପଡ଼ିବାକୁ ଲାଗିଲା । ଏଇ ହେଉଛି ତାର ସମସ୍ୟା ସମାଧାନ ।

ଏ ପ୍ରକାର ସ୍ୱଭାବ ତାର । ଯାହାକୁ ଦେଖୁଥିଲା ତାକୁ ମାରୁଥିଲା, ଏପରିକି ବେଳେ ବେଳେ ଜୀବନରେ ମାରିଦେଇଥିଲା । ସେହି ଗୋଟିଏ କଥା ସେ ବୁଝିଥିଲା । ଆଉ କିଛି ନୁହେଁ । ଥରେ ଗୋଟାଏ ଗାରଦରେ ପଶିଲା, ସେଠି ଥିବା ବନ୍ଦୀଙ୍କ ଭିତରୁ ଜଣଙ୍କୁ ବାଡ଼େଇଲା । ବନ୍ଦୀଟି ବେମାରିଆ, ବେହୋସ୍ ହୋଇ ତଳେ ପଡ଼ିଗଲା । ତହୁଁ ସ୍ନେଭୋନଙ୍କ ଅନ୍ୟ ସବୁବନ୍ଦୀଙ୍କୁ ହୁକୁମ ଦେଲା ସେ ବନ୍ଦୀର ଗୋଡ଼ ହାତ ଘୁଞ୍ଚିବା ସହିତ ତାଲ ରଖି ତାକୁ ଜୋର ବଳ କରିବାକୁ । କିଛି ସମୟ ପରେ ବନ୍ଦୀର ବଳ ଖସିଗଲା ଓ ସେ ନିସ୍ତେଜ ହୋଇବା ସହିତ ତାର ଗୋଡ଼ ଘୁଞ୍ଚିବା ମଧ୍ୟ ବନ୍ଦ ହୋଇଗଲା । ଏଥର ସ୍ନେଭୋନଙ୍କ ଅଣ୍ଟାରେ ହାତ ଦେଇ ସଇତାନର ହସ ହସିବାକୁ ଲାଗିଲା । ଏପରି ଗୋଟାଏ ଜଟିଳ ବ୍ୟାପାରର ସମାଧାନ କରିପାରିଛି ବୋଲି ତାର ଆନନ୍ଦ ।

ଖାଣ୍ଟି ଅଧମ ମନୁଷ୍ୟ, ସେହିପରି ବର୍ବର । ଉପରବାଲା ଯାହା କିଛି ଶିଖାଇବାକୁ ଚାହିଁଛନ୍ତି ତା ମଧ୍ୟରୁ ଗୋଟିଏ ଜିନିଷହିଁ ତାର ମନେ ଅଛି—ପ୍ରହାରଦ୍ୱାରା ଅଧିକାଂଶ ସମସ୍ୟାର ସମାଧାନ ହୁଏ । ଏ ହେଉଛି ସେହି ଶିକ୍ଷା ।

ଶେଷରେ ଦେଖିଛୁ ଏଇ ପ୍ରକୃତିର ଜୀବ ମଧ୍ୟ ହତୋତ୍ସାହ ହୋଇପଡ଼ିଲା । ମାତ୍ର ଘଣ୍ଟେ ଆଗେ ଥରେ ସେ ଆଉ 'କେ—' ଜେଲଖାନା ଅଫିସରେ ବସିଥିଲେ । 'କେ—' ତାକୁ ବର୍ତ୍ତମାନ ପରିସ୍ଥିତି ସମ୍ବନ୍ଧରେ ବୁଝାଉଥିଲା—ବହୁତବେଳ ଯାଏଁ ସେ ବୁଝାଇଲା, ବିରକ୍ତ ହୋଇଗଲା, କୌଣସି ରକମ ସ୍ନେଭୋନଙ୍କ ବୁଝେ ନାହିଁ । ଅବଶେଷରେ ସେ ଯେପରି ଟିକିଏ ଟିକିଏ ବୁଝି ପାରିଲା । ଏଥର ସେ ଛିଡ଼ା ହୋଇ ଅଫିସ ଘରର କବାଟ ଖୋଲି

ସନ୍ତର୍ପଣରେ ଗୃହୀଙ୍କ ବାରଣ୍ଡା ଆଡ଼କୁ । ଗୃହୀ ନେଲା । ଅର୍ଦ୍ଧରାତ୍ରିର ନିସ୍ତବ୍ଧ ନିଦ୍ରାଚ୍ଛନ୍ନ ଜେଲଖାନା । କବାଟ ବନ୍ଦ କରି ଗୃହୀ ଦେଲା, ତାପରେ ଯେପରି ଚୌକିରେ ଢଳିପଡ଼ିଲା ଉତ୍ସାହଶୂନ୍ୟ ହୋଇ ।

—ତାହେଲେ ତୁମେ ଭାବୁଚ········?

ତାର ଓଠ ତା ହାତ ଉପରେ ଚିରି ଦିଆ ହୋଇଛି । ଗୋଟାଏ ଦୁର୍ବିସହ ବୋଝ ଯେପରି ମାଡ଼ ବସିଛି ତାର ବିରାଟ ଶରୀରର ଅନ୍ତମଳରେଥିବା କ୍ଷୁଦ୍ର ଆତ୍ମା ଉପରେ । ବହୁ ସମୟ ସେ ବସିରହିଲା, ତାପରେ ମୁଣ୍ଡ ଟେକି କହିଲା । ସ୍ୱରରେ ତାର ହତାଶା :

ଠିକ୍ କହୁଛ । ଆମେ ଜାଣି ପାରିବା ନାହିଁ ।

ଗତମାସର ପ୍ୟାନକାଟସ୍ ଜେଲଖାନାରେ ତାର ଉଣୋନିଶ ଚିତ୍କାର ଆଉ ଶୁଣାଯାଇ ନାହିଁ, ନୂତନ ବନ୍ଦୀମାନେ ତାର ଭୁକ୍ତିମାଡ଼ର ଆସ୍ୱାଦ ପାଇନାହାନ୍ତି ।

## ଜେଲର ବଡ଼ହାକିମ

ଜଲପାହଆର ଅନ୍‌ଟେରସ୍ଟୁମ୍‌ଫ୍ୟୁରର୍, ସବ୍ ପ୍ଲାଟୁନର ଅଧିନାୟକ ସେ । ହାକିମି ପୋଷାକ ପିନ୍ଧୁ ବା ନ ପିନ୍ଧୁ, ପିନ୍ଧିବାଟା ତାର ସଦାବେଳେ ଫିଟଫାଟ । ଚଳାଚଳ ଭଲ ପରି ବାହାରକୁ ଜଣାଯାଏ । ଅଉ ମାଇକିନା ଏଇ ତାର ପ୍ରିୟ—କୁକୁର, ଶିକାର, (ନିଜ ଉପରେ ନିଜେ ସନ୍ତୁଷ୍ଟ ଅଭିମାନରେ ।) ତେବେ ସେସବୁ ବ୍ୟାପାରରେ ଆମର କୌଣସି ସମ୍ବନ୍ଧ ନାହିଁ ।

ତାର ଚରିତର ଅନ୍ୟ ଦିଗ—ପ୍ୟାନକାଟସ ସହିତ ତାର ସମ୍ପର୍କ । ତାର ବ୍ୟବହାର ରୁକ୍ଷ, ମୁଖୋସର ତୁଳି । ଇଙ୍ଗିତ ନାଜୀ ଯାହାକୁ କହନ୍ତି, ସେଇଥିରୁ ଗୋଟାଏ । ନିଜର ଗୁଣକୁ

ବଞ୍ଚାଇ ରଖିବା ପାଇଁ ଦୁନିଆର ଯେ କୌଣସି ଲୋକକୁ ଉତ୍ସର୍ଗ କରିଦେଇପାରେ। ପେଲଣ୍ଟରୁ ଆମଦାନୀ ହୋଇ ଆସିଛି। ନାମ ସପ୍ତା—ନାମର ମାନେ କେଣ ଜାଣେ ନାହିଁ। ସେମାନେ କହନ୍ତି, ସେ କମାର କାମ ଶିଖିଥିଲା, କିନ୍ତୁ ଜୀବିକା ଅର୍ଜନର ସେଇ ସାଧୁପନ୍ଥା ତାର ଚରିତ୍ର ଉପରେ କୌଣସି ଛାପ ପକାଇ ପାରିନାହିଁ। ବହୁଦିନ ଆଗରୁ ସେ ହତ୍ୟାକାରୀ ଦଳରେ ମିଶିଥିଲା; ଖୋସାମତି ଓ କପଟତା ବଳରେ ହୋଇ ପଦଟିଏ ପାଇଛି। ନିଜର ଚାକିରି ବଞ୍ଚାଇ ରଖିବା ଲାଗି ସେ ସବୁପ୍ରକାର କୌଶଳ ଅବଲମ୍ବନ କରେ। ବନ୍ଦୀମାନଙ୍କ ମଧ୍ୟରୁ ବା ତାହାର ସହକର୍ମୀମାନଙ୍କ ମଧ୍ୟରୁ କାହାରି ପାଇଁ ବି ତାର କିଛିମାତ୍ର ଶ୍ରଦ୍ଧା ବା ସହାନୁଭୂତି ନାହିଁ। ଏପରିକି ବାଳକ ବାଳିକା ବା ବୟସ୍କମାନଙ୍କ ପ୍ରତି ବି ନୁହେଁ। ନାତ୍ସିବାଦ ପ୍ରତି ପ୍ୟାନଜର୍ମାନବାଦ କୌଣସି କର୍ମପନ୍ଥାର ବିଶେଷ ଶ୍ରଦ୍ଧା ନାହିଁ କିନ୍ତୁ ତା ବୋଲି ସପ୍ତା ପରି ଏପରି ଦାୟିତ୍ୱହୀନ ବୋଧହୁଏ ଆଉ କେହି ନାହିଁ। ଖାଲି ଜଣଙ୍କୁ ସେ ଟିକିଏ ଖାତିର କରେ, ଜଣଙ୍କ ସାଙ୍ଗରେ ଅନେକ ସମୟରେ କଥାବାର୍ତ୍ତା କରେ। ସେ ହେଉଛନ୍ତି ଜେଲଖାନାର ଡାକ୍ତର ପୁଲିସ-ମାଷ୍ଟର ଷ୍ଟୋଇନାର। କିନ୍ତୁ ଜେଲ ଡାକ୍ତର ସପ୍ତା ପ୍ରତି ଏକା ଭାବ ପୋଷଣ କରନ୍ତି ବୋଲି ମନେ ହୁଏ ନାହିଁ।

ସପ୍ତା କିଛି କଥାଟିଏ ଭାବେ। ନିଜର ସ୍ୱାର୍ଥ ପାଇଁ ହିଁ କେବଳ ସେ ପଦୋନ୍ନତି କରିଛି ଶାସନପଦ୍ଧତି, କେବଳ ନିଜର ସ୍ୱାର୍ଥଲାଗି ଏ ଶାସନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ବିଶ୍ୱସ୍ତ ହୋଇ ରହିବ। ସେ ବୋଧହୁଏ ଏକମାତ୍ର ଯେ କି ମୁକ୍ତିର ଉପାୟାନ୍ତର ବିଷୟ ବେଳେବେଳେ ଚିନ୍ତା କରେ, କିନ୍ତୁ ଏବେ ସେ ଜାଣେ, ଉପାୟାନ୍ତର ନାହିଁ। ନାତ୍ସିବାଦର ପତନରେ ତାହାରି ପତନ

ଘଟିବ, ତାର ସ୍ୱଚ୍ଛଳ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିଯିବ, ତାର ସ୍ୱଦଚ୍ଛି
ଗୃହ ଓ ତାର ବିଳାସପୂର୍ଣ୍ଣ ସାଜସଜ୍ଜା ଉଭେଇଯିବ । ତାର
ବିଳାସପୂର୍ଣ୍ଣ ସାଜସଜ୍ଜା ପାଇଁ ସେ କଣ ବା ନ କରୁଛି, ଫାଶୀପାଉଥିବା
ଲୋକ ଲୋକଙ୍କର ପୋଷାକ ବ୍ୟବହାର କରିବାକୁ ବି ସେ କୁଣ୍ଠା
ବୋଧ କରି ନାହିଁ ।

ହିଁ, ନାଜୀବାଦର ପତନରେହିଁ ତାହାର ପତନ ।

# ଜେଲ ଡାକ୍ତର

ପୁଲିସ-ମାଷ୍ଟର ଓସ୍ବୋର୍ନାର—ପ୍ୟାନକ୍ରାଟେସ୍‌ର ମଞ୍ଚରେ
ଏକ ଅଦ୍ଭୁତ ଜୀବ । ଅନେକ ସମୟରେ ତୁମର ମନେ ହେବ,
ଅସ୍ଥାନରେ ଏଠି ସେ ଆସି ପଡ଼ିଯାଇଛି, କିନ୍ତୁ ତାକୁ ଛାଡ଼
ପ୍ୟାନକ୍ରାଟେସ୍‌ର କଳ୍ପନା କରିବା ସମ୍ଭବପର ନୁହେଁ । ସେ
ହାସପାତାଲରେ ନାହିଁ ତ ତାକୁ ଦେଖିବ ପ୍ୟାନକ୍ରାଟେସ ଜେଲର
ବାରଣ୍ଡାରେ, ଧୀରେ ଧୀରେ ଗୁଳିଛି ଛୋଟ ଛୋଟ ପାହୁଲ ପକେଇ
ଟହଲି ଟହଲି; ଆଉ ମନକୁ ମନ କଣ କହୁଛି, ସବୁ ସମୟରେ
ଗୃହପାଖର ସବୁ ଜିନିଷ ଉପରେ ରହିଛି ତାର ନଜର,
ସବୁବେଳେ ନଜର । ସେ ଯେପରି ଜଣେ ଗଦେଶୀ,
ଘୁରି ଘୁରି ଆସି ଏଠି ପହଞ୍ଚିଛି, ଯେତେହା ପାରେ ତଥ୍ୟ ଯୋଗାଡ଼
କରି ନେଇଯିବ । କିନ୍ତୁ ପାଗଳଲି ହାଃଶବ୍ଦରେ ଆଖିପିଛୁଳାଟିକେ
ତାକୁ ଦେହରେ ଗୁହା ଲଗେଇ ଯେ କୌଣସି ଗାରଦ ଖୋଲି
ପାରେ ସେ । ଶୃଙ୍ଖଳ ରକ୍ଷିକତାରେ ସେ ପଟୁ, ତେଣୁ ଅନେକ
ସମୟରେ ଏପରି କଥା କହେ, ଯାହାର ଗୂଢ଼ାର୍ଥ ଅଛି । ଅଥଚ ତୁମେ
ତାକୁ ଅକଡ଼ଅରେ ପକାଇପାରିଲା ଭଳି କିଛି ପ୍ରକାଶ ପାଉନାହିଁ ।
ଅନ୍ୟ ଲୋକଙ୍କଠାରୁ ଯେ କୌଣସି କାମ କରାଇ ନେଇ

ପାରେ, କିନ୍ତୁ ତା ଦେଇ କେହି କିଛି କରାଇପାରିବେ ନାହିଁ । ସେ ବହୁତ କଥା ଦେଖେ; କିନ୍ତୁ ଖୁଆଣିଆ ନୁହେଁ; କାହା ନାଁରେ ଅଭିଯୋଗ ଆଣେ ନାହିଁ । କୌଣସି ଗାରଦରେ ପଶିଲା ବେଳେ ଯେବେ ଧୂଆଁ ଦେଖେ, ସେ ଗନ୍ଧ ଶୁଙ୍ଘି କହେ:

‘ହୁଁ’ । ଓଠ କାମୁଡ଼ି କହେ ‘ଏଠି ଧୂମ୍ରପାନ ହେଉଛି ବୋଧହୁଏ’ । ପୁଣି ଓଠ କାମୁଡ଼ି କହେ: “ଏକବାରେ ନିଷିଦ୍ଧ ।”

କିନ୍ତୁ ସେ କଥା କାହା ଆଗରେ ସେ ପ୍ରକାଶ କରିବ ନାହିଁ । ତା ମୁହଁରେ ସଦାବେଳେ ଦୁଃଖର ରେଖା, ଉଦ୍‌ବେଗର ଚିହ୍ନ, କୌଣସି ମହାଯନ୍ତ୍ରଣାରେ ସେ ଯେପରି ଘାରି ହେଉଛି । ତା ମୁହଁରୁ ଏକଥା ସ୍ପଷ୍ଟ ହୋଇଯାଏ ଯେ, ଶାସନତନ୍ତ୍ରର ସେ ନୌକର; ଅଥଚ ଯାହାର ଶିକାରମାନଙ୍କର ତତ୍ତ୍ୱ ସେ ସାରାଦିନ ନେଉଛି ସେହି ଶାସନ ସହିତ କୌଣସି ସମ୍ପର୍କ ରଖିବାକୁ ସେ ଚାହେଁନାହିଁ । ଏ ଶାସନତନ୍ତ୍ରରେ ତାର ଆସ୍ଥା ନାହିଁ, ଏହାର ସ୍ଥାୟିତ୍ୱରେ ତାର ବିଶ୍ୱାସ ନାହିଁ ବା କେବେ ହେଲେ ସେପରି ବିଶ୍ୱାସ ତାର ମନରେ ସ୍ଥାନ ପାଇନାହିଁ । ସେଇଥିଲାଗି ତ ତାର ପରିବାର ସେ ବ୍ରେସଲାଉରୁ ପ୍ରାହାକୁ ଆଣିନାହିଁ; ରାଇଖ୍‌ର ଖୁବ୍ କମ ଅଫିସର ଅଧିକୃତ ଦେଶରେ ଏପରି ବିଳାସିତାର ସୁଯୋଗ ଛାଡ଼ିଥାନ୍ତି । କିନ୍ତୁ ଯେଉଁମାନେ ଏଇ ଶାସନ ବ୍ୟବସ୍ଥାର ବିରୁଦ୍ଧରେ ସଂଗ୍ରାମ କରୁଛନ୍ତି ସେମାନଙ୍କ ସାଙ୍ଗରେ କୌଣସି ପ୍ରକାର ସମ୍ପର୍କ ସ୍ଥାପନ କରିବାକୁ ସେ ଏକାଭଳି ଅକ୍ଷମ ବି । ସେ କୌଣସି ପଟକୁ ଆଉଜେ ନାହିଁ ।

ମୋର ଚିକିତ୍ସା ସେ କରନ୍ତି କର୍ତ୍ତବ୍ୟପରାୟଣତାରେ, ନିଷ୍ଠା ସହକାରେ । ଅଧିକାଂଶ ରୋଗୀଙ୍କର ଚିକିତ୍ସା ସେ ସେହିଭଳି କରନ୍ତି ବି । ଯେଉଁ ବନ୍ଦୀମାନଙ୍କ ପ୍ରତି ଅତ୍ୟଧିକ ଅତ୍ୟାଚାର

କରାଯାଉଛି ଅଦ୍ଭୁର ନିର୍ଯ୍ୟାତନ ଲାଗି ତାଙ୍କୁ ପୁନର୍ବାର ପଠାଇବାକୁ ସେ ଘୋଷଣା କରେ ଦୃଢ଼ ଭାବରେ । ତାର ବିବେକର ଦଂଶନ ବୋଧହୁଏ ଏହାଦ୍ୱାରା ଶାନ୍ତ ହୁଏ । କେବେ କେବେ କାହାର ସାହାଯ୍ୟର ଖୁବ୍ ଦରକାର ଥିଲେ ବି ସେ ସାହାଯ୍ୟ କରେ ନାହିଁ । ବୋଧହୁଏ ସେତେବେଳେ ସେ ଭୟାର୍ତ୍ତ ହୋଇ ପଡ଼ୁଛି । କ୍ଷୁଦ୍ର-ବୁଦ୍ଧି ନାଗରିକର ସେ ପ୍ରତୀକ । ଏକଦିଗରେ ବର୍ତ୍ତମାନର ଶାସକ-ଗୋଷ୍ଠୀର ଭୟ, ଅନ୍ୟ ଦିଗରେ ଅତଃପର ଅବସ୍ଥାର ଭୟ, ଏ ଦୁଇଟା ମଝିରେ ସେ ଦଣ୍ଡାୟମାନ । ସମସ୍ୟାର ସମାଧାନ ପାଇଁ ସେ ସବୁଆଡେ ଆଖି ପକାଉଛି, କାହିଁ ପାଉ ନାହିଁ । ଚଢ଼ିଆ ନୁହେଁ, ଘୋଡ଼ିଆ ନିଶ୍ଚିତ ମୂଷାଟିଏ ଫାନ୍ଦରେ ପଡ଼ିଯାଉଛି ।

ଆଉ ଉପାୟ ନାହିଁ ତାର ।

## ଫିଙ୍କ୍

ଅତି ସାଧାରଣ ଚରିତ୍ର ବି ନୁହେଁ, ପୁଣି ପୂର୍ଣ୍ଣବିକଶିତ ଚରିତ୍ର ମଧ୍ୟରେ ଗଣା ନୁହେଁ । ଦୁଇଟାର ମଝିଆମଝି କୁହାଯାଇପାରେ । ବ୍ୟକ୍ତିତ୍ୱର ବିକାଶ ଲାଗି ଯେ ସ୍ପଷ୍ଟ ଉପଲବ୍ଧି ଆବଶ୍ୟକ ତାର ତାହା ନାହିଁ ।

ଏପରି ଦୁଇଜଣ ଏଠି ଅଛନ୍ତି । ସରଳ ଲୋକ, ସବୁ ବୁଝି ପାରନ୍ତି କିନ୍ତୁ ତଦନୁରୂପ କାମ କରିବାକୁ ଶକ୍ତି ନାହିଁ । ସେମାନେ ଯେ ଏହି ଭୟଙ୍କର ଅବସ୍ଥାରେ ଆସି ପଡ଼ିଛନ୍ତି ପ୍ରଥମେ ସେହି ଚିନ୍ତାରେ ଅସ୍ଥିର ହୋଇ ପଡ଼ିଥିଲେ । ତାପରେ ସେମାନଙ୍କ ମଧ୍ୟରେ ଅଛି ମୁକ୍ତିର ବାସନା । ସେମାନେ ଲୋଡ଼ନ୍ତି କେହି ତାଙ୍କୁ ମନର ଦମ୍ଭ ଦେବ, କାରଣ ସେମାନେ ଆତ୍ମନିର୍ଭରଶୀଳ ନୁହନ୍ତି ।

ଏ ଆଶା ସେମାନେ ରଖନ୍ତି, ଉପଲବ୍ଧି ହେତୁରୁ ନୁହେଁ ବରଂ ତା ତାଙ୍କର ପ୍ରକୃତି । ତୁମକୁ ଯେମାନେ ସହାଯ୍ୟ କରନ୍ତି, ତାର ଏକମାତ୍ର କାରଣ ତୁମଠାରୁ ସେମାନେ ସାହାଯ୍ୟ ପାଇବେ ଏଇ ଆଶାରେ । ସେମାନଙ୍କୁ ସାହାଯ୍ୟ କରିବା ଉଚିତ—ବର୍ତ୍ତମାନ ଓ ଭବିଷ୍ୟତରେ ।

ପ୍ୟାନ୍‌ଟାଠବ୍‌ରେ ଯେତେ ଜର୍ମାନ ଅଫିସର ସେମାନଙ୍କ ମଧ୍ୟରୁ କେବଳ ଏଇ ଦୁଇଜଣହିଁ ଏକସମୟରେ ଯୁଦ୍ଧଭୂଇଁରେ ଥିଲେ ।

ହାନାଓ୍ୱାର ଏକ ପଟଲ; ମେସିନଗନର ଅଞ୍ଚଳରୁ ପହିଲି ପହିଲି ବେଳେ ତୃଷାର୍ତ୍ତ ହୋଇ ସେ ଫେରି ଆସିଛି, ତୃଷାର୍ତ୍ତ ହେବା ଲାଗି ସେ ନିଜେହିଁ ଯୋଗାଡ଼ କରିଥିଲା । 'ଯୁଦ୍ଧ ଅପଭଲା ଲୋକଙ୍କୁ ପେଷାଏ ନାହିଁ ।' ସେ ସିଜର୍ଯ୍ୟାଲ୍ ଭଙ୍ଗୀରେ ଦାର୍ଶନିକ ଭଳି କହେ । 'ଯୁଦ୍ଧର କିଛି ହେଲେ ମୋତେ ଭଲ ଲାଗେ ନାହିଁ ।'

ହୋଫର ବାଠା କାରଖାନାର ଗୋଟିଏ ମୋଟା, ବେଶ୍ ଫୁର୍ତ୍ତିଲା । ଫ୍ରାନ୍ସ ଅଭିଯାନରେ ସେ ଥିଲା । ତାପରେ ସାମରିକ କାର୍ଯ୍ୟ ଛାଡ଼ିଦେଲା, ସେତେବେଳେ ପର୍ଯ୍ୟନ୍ତ ତାର ପଦୋନ୍ନତିର ପ୍ରତିଶ୍ରୁତି ପାଇଥିଲା । ରେଳ ଯେଉଁସବୁ ଜଟିଳ ଅବସ୍ଥାରେ ସେ ଜଡ଼ିତ ହୋଇଥିଲା, ତାକୁ ସେ 'ଯା, ମ' କହି ହାତ ହଲେଇ ଦେଉଥିଲା; ଜଟିଳ ଅବସ୍ଥା ବହୁତ ଘଟିଛି ବି ତା ଭାଗ୍ୟରେ ।

ଏହି ଦୁହିଁଙ୍କର ହୃଦୟର ଭାବ ଥିଲା ଏକାଭଳି, ଅଦୃଷ୍ଟ ବି ଏକାଭଳି । କିନ୍ତୁ ହୋଫର ଅଧିକ ନିର୍ଭୀକ, ନିଜର ମନୋଭାବ ପ୍ରକାଶ କରିବାକୁ ଅଧିକ ସମର୍ଥ । ହାନାଓ୍ୱାରଠାରୁ ତାର

ବ୍ୟକ୍ତିତ୍ୱ ଅଧିକ ପରିସ୍ଫୁଟ । ପ୍ରାୟ ସବୁ ଗାରଦରେ ତାଙ୍କୁ ଫିଙ୍କ୍ ବୋଲି ଡାକନ୍ତି ।

ତାର ଯେଉଁ ଦିନ ପହରା ଥାଏ, ସେଦିନ ଗାରଦ ଗୁଡ଼ିକ ଶାନ୍ତ । ତୁମର ଯାହା ଖୁସି କର । ସେ ତୁମ ଆଡ଼କୁ ଚାହିଁ ଚିତ୍କାର କରି ଉଠିବ କିନ୍ତୁ ଅକ୍ଷି ମାରି ଜଣେଇଦେବ ଯେ ତୁମ ଲାଗି ତାର ଏ ଚିତ୍କାର ନୁହେଁ, ତଳମହଲରେ ଇନସପେକ୍ଟର ଅଛନ୍ତି, ତାଙ୍କୁ ସେ ଜଣେଇ ଦେଉଛି—କର୍ତ୍ତବ୍ୟ ପରିପାଳନରେ ସେ କେଡ଼େ କଡ଼ା । କଡ଼ା ହେବାର ସବୁ ଚେଷ୍ଟା ତାର ବୃଥା ହୁଏ । କଡ଼ା ହେବାକୁ ଚାହିଲେ ବି ଏବେ ଆଉ କାହାର ମନରେ ସେ ଧାରଣା ଆଣିପାରୁ ନାହିଁ । ପ୍ରତି ସପ୍ତାହରେ ସେ ଶାସ୍ତି ପାଏ ।

"ଯା, ମ' !" ସେ ହାତ ହଲେଇ ଦିଏ ଓ ନିଜ କାମରେ ଚାଲିଯାଏ । ତାକୁ ଜଗୁଆଳ ବୋଲି କୁହାଯିବ ନାହିଁ, ସେ ପୂର୍ବଭଳି ମୋଟର ଚପଳ ଶିକ୍ଷାନବୀଶ ରହିଛି । ଗାରଦ ପିଲାମାନଙ୍କ ସାଙ୍ଗରେ ତାକୁ ତୁମେ ଖେଳିବାକୁ ଦେଖିବ । କାନ୍ଥକୁ ପେନି ଫୋପାଡ଼ି ଖେଳୁଥିବ ବେଶ୍ ଫୁର୍ତ୍ତିରେ, ଅନେକ ସମୟରେ ଖେଳରେ ନିମଗ୍ନ ହୋଇଯାଏ ବି । ପର ମୁହୂର୍ତ୍ତିରେ ଗାରଦ ତଲାସ ହେବା ଲାଗି ବନ୍ଦୀମାନଙ୍କୁ ବାରଣ୍ଡାରେ ଆଣି ଛିଡ଼ା କରିବ । ଯଦି ତଲାସ ବେଶୀ ବେଳଯାଏଁ ଚାଲେ, ଆଉ ତୁମେ କୌତୂହଳୀ ହୋଇ ଉଠ; ଦେଖିବ ସେ ଗାରଦ ଭିତରେ ଗୋଟାଏ ଟେବୁଲ ପାଖରେ ମୁଣ୍ଡକୁ ଦୁଇ ହାତ ଉପରେ ରଖି ବସିଛି, ସେଇଠି ଶୋଇ-ପଡ଼ିଲାଣି । ବେଶ୍ ଶାନ୍ତ ଆଉ ଆରାମରେ ଶୋଇ ପଡ଼ିଛି । ଉପର-ବାଲା କର୍ମଚାରୀମାନଙ୍କର ନଜରରୁ ଏହି ସ୍ଥାନଟା ନିରାପଦ, କାରଣ ବାରଣ୍ଡାରେ ବନ୍ଦୀମାନେ ନଜର ରଖିଛନ୍ତି । ବିପଦ ଆସିଲେ

ସାବଧାନ କରିଦେବେ । ପହରା ବେଳେ ତାର ଶୋଇବା ଦରକାର ପଡ଼େ କାରଣ ଯେଉଁ ବାଳକାଟିକୁ ପୃଥିବୀରେ ସବୁଠାରୁ ସେ ଭଲପାଏ ସେ ତାର ରାତର ବିଶ୍ରାମରେ ବ୍ୟାଘାତ ଜନ୍ମାଏ ।

ନାଜୀବାଦ ବିଜୟୀ ହେବ ନା ପରାଜିତ ହେବ ? ଯା, ମ ! ତୁମେ କଣ ଭାବିଛ ? ଏପରି ସଙ୍ଘର୍ଷ ସଦାସର୍ବଦା ଚାଲିଥିବ ।

ସେ ନିଜକୁ ଏମାନଙ୍କ ଭିତରୁ ଜଣେ ବୋଲି ବିବେଚନା କରେ ନାହିଁ । ସେଥିପାଇଁ ହିଁ ତାକୁ ଆମେ ଭଲପାଉଁ । ଆଉ ବି, ସେ ସେମାନଙ୍କ ଦଳରେ ମିଶିବାକୁ ରାଜି ନୁହେଁ । ସେ ସେମାନଙ୍କ ଦଳର ନୁହେଁ । ଖଣ୍ଡେ ଗୋପନ ଚିଠାଉ ଯଦି ଅନ୍ୟ ବିଭାଗର କାହାରି ନିକଟକୁ ପଠାଇବାକୁ ଇଚ୍ଛା କର; ଫ୍ଲିଙ୍କ୍ ସେ ଭାର ନେବ । ବାହାରେ କାହାନିକଟକୁ ଖବର ପଠାଇବାକୁ ହେଲେ ଫ୍ଲିଙ୍କ୍ ସେ ଖବର ନେଇଯିବ । ଯଦି ବହୁତ ଲୋକର ଜୀବନ ରକ୍ଷା କରିବା ଲାଗି କାହାରି ସହିତ କଥାବାର୍ତ୍ତା କରି ତାକୁ ବୁଝେଇବା ଦରକାର ହୁଏ, ଫ୍ଲିଙ୍କ୍ ତୁମକୁ ତା ପାଖକୁ ନେଇଯିବ ଓ ବାହାରେ ଜଗିରହିବ—ପୁଲିସକୁ ଅଟୁଆଳ କରିଦେବାର ଭାରପ ତାର ଅଛି ଏଥିଲାଗି ବଜାରି ପିଲାଙ୍କ ଭଳି ତାର ମନରେ ଗର୍ବ । ସତର୍କ ହେବାକୁ ତାକୁ ମଝିରେ ମଝିରେ କହିବାକୁ ପଡ଼େ, ତା ସାଙ୍ଗରେ ଯୁକ୍ତିତର୍କ କରିବାକୁ ପଡ଼େ—ବିପଦର କେନ୍ଦ୍ରସ୍ଥଳରେ ଥାଇ ମଧ୍ୟ ସେ ବିପଦଟା ବେଶୀ ଅନୁଭବ କରି ପାରେ ନାହିଁ । ସେ ଯେଉଁ ଉପକାର କରୁଛି ତାହା ଯେ କି ମୂଲ୍ୟବାନ୍ ସେ ବିଷୟରେ ସେ ଆଦୌ ସଚେତନ ନୁହେଁ । ସେ ଯେତିକି ପାରିବ ସେତିକି କରି ଆତ୍ମତୃପ୍ତି ବୋଧ କରେ; କିନ୍ତୁ ଏଥିରେ ତାର ଶକ୍ତିର ବିକାଶ ବାଧାପ୍ରାପ୍ତ ହେଉଛି ।

ବର୍ତ୍ତମାନ ତାର ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇନାହିଁ କିନ୍ତୁ ତାହା ବିକାଶ ପଥରେ ।

## "କୋଲିନ"

ସାମରିକ ଆଇନ ଜାରି ହୋଇଥିବା ବେଳର ଏକ ସନ୍ଧ୍ୟାର କଥା । ଏସ୍. ଏସ୍. ପୋଷାକ ପରିହିତ ଜଗୁଆଳଟି ମୋତେ ଗାରଦ ଭିତରେ ଠେଲିଦେଇ ମୋ ପକେଟକୁ ଖଣ୍ଡରୁଣ୍ଡିଆ ଭାବରେ ତଲ୍ଲାସ କରିଗଲା ।

"ତୁମର ହାଲଚାଲ୍ କଣ କୁହତ ?" ସେ ମୋତେ ଚୁପ୍‌ଚାପ୍ କରି ପଚାରିଲା ।

"ମୁଁ କହି ପାରିବି ନାହିଁ । ତେବେ ଏଇ ଖବର ପାଇଛି ଯେ ସେମାନେ କାଲି ମୋତେ ଗୁଳି କରି ମାରିବେ ।"

"ଏଥିରେ ସମସ୍ତ ହୋଇ ଗଲା, ନା ?"

"ନା, ତାହାର ତ ପ୍ରତୀକ୍ଷା ।"

ମୁହୂର୍ତ୍ତିକ ନିମିତ୍ତ ଦୟାଯୁକ୍ତଭାବରେ ସେ ମୋ କୋଟ ପକେଟ ଭିତରେ ହାତ ଭୁଲାଇ ନେଲା ।

"ହୁଏତ ସେମାନେ ତାହାହିଁ କରିବେ । କାଲି ନୁହେଁ ବୋଧହୁଏ, ପରେ ହୁଏତ ହେବ, ଏକବାରେ ନ ହୋଇପାରେ ବା । କିନ୍ତୁ ସମସ୍ତ ଯାହା ହୋଇଛି··· ପ୍ରସ୍ତୁତ ହୋଇ ରହିବା ଭଲ···।"

ତା ପରେ ସେ ନୀରବ ହୋଇଗଲା ।

"ଯଦି ସେମାନେ ମାରିଦିଅନ୍ତି, ତାହାର ପାଖକୁ ଖବର ଦେବାକୁ ଚାହଁ କି ? ବା···କିଛି ଲେଖିବାକୁ ଚାହଁ କି ? ବର୍ତ୍ତମାନ ଭୟ ହେବ ନାହିଁ, ତା ତ ଜାଣିପାରୁଛୁ, ତେବେ ଭବିଷ୍ୟତ ପାଇଁ । କପଡ଼ ଏଠିକି ଅଣିଲି, ଦେଖ ତୁମ ପାଇଁ ସମ୍ବାଦପତ୍ରଟା

କଲା, କଏ କପଟ ବ୍ୟବହାର କରୁଛି । ଏଇସବୁ କଥା, ତାହାହେଲେ ଏତେ ଧନ ଯାହା ଜାଣିଲି ତାହା ତୁମ ସାଙ୍ଗରେ ନଷ୍ଟ ହୋଇ ଯିବ ନାହିଁ ।”

ଲେଖିବାକୁ ଗୁହେଁ କି ନାହିଁ ? ଆଉ ସେ କଥା ପଚାରିବାକୁ ଅଛି ? ତାହା ତ ମୋର ଏକାନ୍ତ କାମନା ।

ଏକ ନିମେଷ ମଧ୍ୟରେ ସେ ନେଇ ଆସିଲା କାଗଜ ଆଉ ପେନ୍‌ସିଲ୍ । ମୁଁ ସେ ଗୁଡ଼ିକ ଏପରି ଲୁଚେଇ ରଖିଲି ଯେ ହଜାର ତଲାସ କଲେ ବି ତାର ପତ୍ତା ମିଳିବ ନାହିଁ ।

କିନ୍ତୁ ଅନେକ ଦିନ ଧରି ସେ କାଗଜ ମୁଁ ଛୁଇଁ ନାହିଁ ।

ସତ ବୋଲି ବିଶ୍ୱାସ କରୁନଥାଏ—ଅତି ଭକ୍ତ ଚୋରର ଲକ୍ଷଣ । ଏଇ ଅନ୍ଧକାର ପୁରୀରେ ଏ କି ଅବାକ୍ କାଣ୍ଡ ଘଟିଗଲା । ଗିରଫ ହେବାର ଅଳ୍ପ କେତେଟା ସପ୍ତାହ ପରେ କେବଳ ଚିତ୍କାର ଆଉ ମାରଧର କରିବା ଯେଉଁ ସବୁ ଜାନୁଆରଙ୍କ ଏକମାତ୍ର କାର୍ଯ୍ୟ ତାଙ୍କରି ଗହଳରେ ତାଙ୍କରି ପୋଷାକ ପିନ୍ଧି ଜଣେ ମଣିଷର ସଂଧାନ ପାଇବି ବୋଲି ମୁଁ କେବେ କଳ୍ପନା କରିନଥିଲି— ମଣିଷର ସଂଧାନ । ସଂଧାନ ଜଣେ ବନ୍ଧୁର, ଯେ ସାହାଯ୍ୟ କରିବାକୁ ହାତ ବଢ଼େଇ ଦେଲା । ଯେଉଁମାନେ ଏହି ସମସ୍ତ ପାର ହୋଇ କ୍ଷଣକ ପାଇଁ ବଂଚି ରହିବେ, କ୍ଷଣକ ପାଇଁ ହେଉନା କାହିଁକି, ସେମାନଙ୍କ ସାଙ୍ଗରେ କଥା କହିବାର ପଥ ସୁଗମ କରିଦେଲା; ଯେଉଁମାନେ ବଞ୍ଚିବେ ନାହିଁ ସେମାନଙ୍କ ସାଙ୍ଗରେ ମଧ୍ୟ କଥା କହିବାର ସୁବିଧା ପାଇଲି । ଆଉ ଏ ସଂଧାନ ଏପରି ଏକ ମୁହୂର୍ତ୍ତରେ ଯେତେବେଳେ ସେମାନେ ବଧ୍ୟଭୂମିରେ ଶିକାରମାନଙ୍କର ନାମ ଡ଼ାକୁଛନ୍ତି—ଚିତ୍କାର କରି; ଗୁରିଆଡେ

ଯେତେବେଳେ ରକ୍ତଲୋଲୁପ ଜାନୁଆରରେ ପୂର୍ଣ୍ଣ ହୋଇ ଉଠିଛି, ଯେତେବେଳେ ଭୟ କଣ୍ଠର ସ୍ୱର ରୋଧ କରିଦେଉଛି, ଇଚ୍ଛା ଥିଲେ ବି ଯେତେବେଳେ ଚିତ୍କାର କରିବାର ଉପାୟ ନାହିଁ । ଏହି ସମୟରେ ଏହି ବନ୍ଧୁଭାଗ୍ୟ—ଏ ତ ବିଶ୍ୱାସ କରି ହେଉ ନାହିଁ । ଯଦି ଏହା ସତ୍ୟ ନ ହୁଏ, ଅନ୍ତତଃ ସନ୍ଦେହ କରି ଦେଲି ତ ! କିନ୍ତୁ ମୋର ଏହି ଅବସ୍ଥାରେ ବନ୍ଧୁ ଜଣକ ଯେ ହାତ ବଢ଼ାଇ ଦେଲା ଆପଣା ଛୁଏଁ ସାହାଯ୍ୟ କରିବାକୁ, ତାର ମନର ଜୋର କେତେ ! ତାର ସାହସ କେତେ !

ପ୍ରାୟ ମାସେ ବିତିଗଲା । ସାମରିକ ଆଇନ ରଦ୍ଦ କରା-ହୋଇଛି । ଚିତ୍କାର ବନ୍ଦ ହୋଇଯାଇଛି, ନିଷ୍ଠୁରତମ ମୂର୍ତ୍ତି-ଗୁଡ଼ିକ ବର୍ତ୍ତମାନ କେବଳ ସ୍ମୃତିରେ ପରିଣତ ହୋଇଛି । ସନ୍ଧ୍ୟାରେ ପୁଣି ନିର୍ଯ୍ୟାତନା ସହ୍ୟ କରି ଫେରି ଆସିଲି । ସେହି ଜଗୁଆଳଟି ଗାରଦରେ ମୁହଁ ଭରେଇ ଦେଇ ଯିବାକୁ ଚାହିଁ ଅଛି ।

—'ଯାହା ହେଉ ଉପରେ ଯାଇଛ । ସବୁ ଠିକ୍ ଅଛି । ନା ?' ଦେଖିଲି, ସେ ମୋ ପ୍ରତି ଶ୍ରଦ୍ଧାଶୀଳ ।

ତାର କହିବାର ଉଦ୍ଦେଶ୍ୟ ବୁଝିପାରିଲି । ସେ ପ୍ରଶ୍ନ ମୋର ପ୍ରାଣକୁ ଗଭୀରଭାବେ ସ୍ପର୍ଶ କଲା । ଆଜି ଯାହା ହେଉ ସେ କିଛି ନୁହେଁ । ତାର ବନ୍ଧୁତ୍ୱ ବିଷୟରେ ମୋର ମନରେ ଦୃଢ଼ ଧାରଣା ଆଣିଦେଲା । ଯାହାର ନୈତିକ ଦାବୀ ଅଛି ସେହି ତ ଏହି ପ୍ରଶ୍ନ ପଚାରିପାରେ । ସେହି ମୁହୂର୍ତ୍ତଠାରୁ ମୁଁ ତାକୁ ବିଶ୍ୱାସ କଲି । ସେ ଆମ ଦଳର ଜଣେ ।

ପ୍ରଥମେ ଦେଖିଲେ, ଅନ୍ୟ ଲୋକଟିଏ ପରି ସେ ଜଣାପଡ଼ି ଥିଲା । ଏକାକୀ ବାରଣ୍ଡାରେ ବୁଲୁଥାଏ—ଶାନ୍ତ, କାହାର ସାଙ୍ଗରେ

କଥାଭାଷା ନାହିଁ, ହୁସିଆର ଓ ଅନ୍ୟର ପଦଶବ୍ଦ ଲକ୍ଷ୍ୟ କରେ । ସେ କେବେ ଚିତ୍କାର କରିବାର ଶୁଣାଯାଇନାହିଁ । କାହାରିକୁ ମାରିବାର ଦେଖାଯାଇ ନାହିଁ ।

"ସେ ଚୋରଙ୍କୁ ଯେତେବେଳେ ଏଇଅଡ଼କୁ ଗୃହିଁବ ମୋତେ ଗୋଟାଏ ମାରିବଟି"—ମୋର ଅନ୍ୟାନ୍ୟ ଗାରଦର ପଡ଼ୋଶୀମାନେ ତାର ନିଜର ଭଲ ନିମିତ୍ତ ଅଧିକ ଟିକିଏ କର୍ମତତ୍ପର ହେବାକୁ ତାକୁ କହୁଥିଲେ ।

"ନା, ତା ଦରକାର ନାହିଁ"—ସେ ମୁଣ୍ଡ ହଲେଇ କହୁଥିଲା ।

ତାକୁ ଚେକ୍ ଭାଷା ଛଡ଼ା ଅନ୍ୟ ଭାଷାରେ କଥା କହିବାର ଶୁଣିବ ନାହିଁ । ତାର ଚୂଲ୍ ଚଲଣି-ଭାବଭଙ୍ଗୀ ଦେଖି ମନେ ହେଉଥିଲା, ସେ ଅନ୍ୟ ସମସ୍ତଙ୍କଠାରୁ ସ୍ୱତନ୍ତ୍ର; କିନ୍ତୁ କାହିଁକି ସ୍ୱତନ୍ତ୍ର ବୁଝିବା କଠିନ । ସେମାନେ ବି ସେ କଥା ଅନୁଭବ କରନ୍ତି, କିନ୍ତୁ କାରଣଟା ଯେ କଣ ତାହା ସ୍ଥିର କରିପାରିନାହାନ୍ତି ।

ଯେଉଁଠି ତାକୁ ଲୋଡ଼ା ପଡ଼ୁଛି ସେଠି ସେ ଠିକ୍ ଯାଇ ହାଜର । ଯେଉଁଠାରେ ଲୋକେ ଉତ୍ତେଜିତ, ହତବୁଦ୍ଧି ହୋଇ ପଡ଼ୁଛନ୍ତି ସେଠି ସେ ଅବସ୍ଥାକୁ ଶାନ୍ତ କରିଥାଏ । ଯେଉଁଠି ଲୋକେ ନୈରାଶ୍ୟରେ ମୁହଁ ନୁଆଁଇଛନ୍ତି ସେଠି ସେ ଆଣିଦିଏ ଉତ୍ସାହ । ଯେତେବେଳେ ଆମର ଯୋଗାଯୋଗ ଧ୍ୱଂସ ହୋଇଯାଏ ଓ ବାହାରେ ବହୁ ଲୋକଙ୍କର ଜୀବନ ବିପନ୍ନ ହୋଇପଡ଼େ ସେ ସେତେବେଳେ ଯେଉଁମାନେ ବିପଦରୁ ରକ୍ଷା କରିପାରିବେ ସେପରି ଲୋକମାନଙ୍କ ସାଙ୍ଗରେ ନୂତନ ଯୋଗାଯୋଗ ଯୋଡ଼ିଦିଏ । ସେ ସବୁ ଜିନିଷ ଆଉ ଚଳ କରି ଦେଖେ ନାହିଁ କିନ୍ତୁ ମୂଳଭୂତରୂପେ କାମ କରିଯାଏ ଏଇ ବିସ୍ମୃତ ଧରଣର କାମ ।

—ଏ କିଛି ନୂଆ କଥା ନୁହେଁ । ଅମେ ଯେତେବେଳେ ତାଙ୍କ ଅଧୀନରେ ଗୃହକର୍ମରେ ଢୁକିଲୁ, ଏହିପରି ଭାବରେ କାମ କରିବୁ ବୋଲି ମୂଳରୁ କଥା ଥିଲା ।

ଯେଉଁ ଚେକ୍ ଜଗୁଆଳଟି ବିଷୟ କହୁଚି, ତାର ନାମ ଅଡଲଫ୍ କୋଲିନସ୍କି । ମୋରଭିୟାର ଏକ ପୁରାତନ ଚେକ୍ ବଂଶରୁ ଜାତ । ଜାତିରେ ଜର୍ମାନ୍ ବୋଲି ଛଳନା କରି ସେ ଚେକ୍ ବନ୍ଦୀମାନଙ୍କୁ ପହରା ଦେବା କାମ ପାଇଛି । ପ୍ରଥମେ ହ୍ରାଡେକ୍ କାଲୋଭ୍‌ରେ କାମ କରୁଥିଲା । ବର୍ତ୍ତମାନ ଅଛି ପାନକ୍ରାଟସ୍‌ରେ । ଯେଉଁମାନେ ତାକୁ ଜାଣିଥିଲେ, ସେମାନେ ତା ବିଷୟରେ କଦର୍ଯ୍ୟ ଧାରଣା କରିଥିବେ ନିଶ୍ଚୟ । ଦୁଇବର୍ଷ ପରେ ଜେଲର ଜର୍ମାନ ସୁପରଇନ୍‌ଟେଣ୍ଡେଣ୍ଟ ଦିନେ ତା ମୁହଁ ଉପରେ ଘୁଷି ଉଠାଇ ଧମକେଇଲେ:

"ତୋର ଚେକ୍‌ତ୍ୱ ନିକାଲି ଦେବି !"

ଗୁଲିଟା ଲାଗି ବେଳ ଗଡ଼ିଗଲାଣି ଅସି । ଅଜ ବି ସୁପରିନ୍‌-ଟେଣ୍ଡେଣ୍ଟର ଧାରଣା ଠିକ୍ ନୁହେଁ । କୋଲିନ୍‌ସ୍କିର କେବଳ ଚେକ୍‌ତ୍ୱ ଦୂର କଲେ ତ ଚଳିବ ନାହିଁ, ତାର ମନୁଷ୍ୟତ୍ୱକୁ ଦଳା ଦେବାକୁ ପଡ଼ିବ । ଆମ ଆଗରେ ଉଜ୍ଜ୍ୱଳ ଦୃଷ୍ଟାନ୍ତ—ଜଣେ ଲୋକ ସଂପୂର୍ଣ୍ଣ ସଚେତନ ଭାବରେ, ସ୍ୱେଚ୍ଛାରେ ଶତ୍ରୁଙ୍କ ଦଳରେ ମିଶିଛି—ସେଠି ତାହାର ବ୍ୟୂହ ମଧ୍ୟରେ ତାଙ୍କ ସଙ୍ଗରେ ଲଢ଼େଇ କରିବ ବୋଲି, ଶତ୍ରୁ ବିରୁଦ୍ଧରେ ଲଢ଼ିବାରେ ସାହାଯ୍ୟ କରିବାକୁ । ପ୍ରତି ମୁହୂର୍ତ୍ତରେ ବିପଦର ସମ୍ଭାବନା ତାକୁ ଛକିମାନ କରି ଗଢ଼ିଛି ତାର ଉଦ୍ଦେଶ୍ୟ ସାଧନରେ ।

# ଆମ ନିଜ କଥା

୧୯୪୩ ସାଲର ଫେବୃୟାରୀ ୧୧ ତାରିଖ । ସେମାନେ ଯଦି ସେଦିନ ସକାଳ ଜଳଖିଆ କଲାରେ ପାଉନ (କେଉଁଥିରୁ ତିଆରି ମୁଁ ଜାଣେ ନାହିଁ) ବଦଳରେ କୋକୋ ଆଣି ହାଜର କରିଥାନ୍ତେ ଆମେ ବୋଧହୁଏ ସେ ଅସ୍ୱାଭାବିକ ଘଟଣା ଲକ୍ଷ୍ୟ କରି ନ ଥାଆନ୍ତୁ । କାରଣ ସେ ଦିନ ସକାଳେ ଆଉ ଗୋଟାଏ ଅସ୍ୱାଭାବିକ ବ୍ୟାପାର ଘଟିଗଲା—ଗୋଟାଏ ଚେକ୍ ପୁଲିସର ପୋଷାକ ଆମ ଗାରଦ ନିକଟରେ ଘୂରି ବୁଲିଲା ।

ତାହା ଖାଲି ବୁଲି ବୁଲିଲା । ଆମେ କେବଳ ଦେଖୁଁ କଲା ପାଇ-ଜାମା ଆଉ ଉଚା ବୁଟ । ଘନ ନୀଳ ଅସ୍ତିନ, ଆଉ ଗୋଟାଏ ହାତ ତାଲା ପର୍ଯ୍ୟନ୍ତ ଉଠିଲା, ଗାରଦର ଦରଜା ଖୋଲିଲା, ପୁଣି ବନ୍ଦ କରି ଦେଲା, କୁଆଡ଼େ ଉଭେଇଗଲା । ଏତେ ଚଞ୍ଚଳ ଘଟିଗଲା ଏ ବ୍ୟାପାରଟା ଯେ ପନ୍ଦର ମିନିଟ ପରେ ଏ ଘଟଣା ବିଲକୁଲ ଦେଖି ନାହୁଁ ବୋଲି ଆମେ ବିଶ୍ୱାସ କରିବାକୁ ପ୍ରସ୍ତୁତ ।

ପାଙ୍କରାଟସରେ ଚେକ୍ ପୁଲିସ । ଏଇ ଗୋଟିଏ ଘଟଣାରୁ କି ସୁଦୂର ପ୍ରସାରିତ ସିଦ୍ଧାନ୍ତମାନ କଳ୍ପନା କରାଯାଇପାରେ ।

ଦୁଇଘଣ୍ଟାକାଳ ସେହି କଳ୍ପନା କରୁଥିଲୁଁ ବସି । ପୁଣି ଖୋଲିଗଲା ଗାରଦର ଦରଜା । ଗୋଟିଏ ଚେକ୍ ପୁଲିସର ଟୋପି ଭିତରକୁ ଅନାଉଥିଲା; ଆମକୁ ଅବାକ୍ ହେବାର ଦେଖି ମୁରୁକିହସା ଦେଲା, ତା ଓଠରୁ ବାହାରିଲା,

"ଗୁଡ୍‌ନାଇଟ୍ ବଗିଡ ।"

ନା, ଏହା ଭୁଲ ହୋଇ ନପାରେ । ନୀଳଧୂସର ଏସ୍. ଏସ୍. ଜଗୁଆଳଙ୍କ ପୋଷାକ ଭିତରେ ଆଜି ବାରଣ୍ଡାରେ ଦେଖାଦେଇଛନ୍ତି

ଅନେକଙ୍କ ହେଉ ଧନକୁଣ୍ଡ ଅକ୍ଷତ—ଚେକ ପୁଲିସ କର୍ମଗୃହ—ଆମ ଦେଶକୁ ଉଜ୍ଜ୍ୱଳ ଦିଶୁଛି ସେଗୁଡ଼ିକ ।

ଆମ ଦେଶରେ ଏହାର ଅର୍ଥ କଅଣ ? ସେମାନେ କିପରି ଲୋକ ହେବେ ? ସେମାନେ ଯେଉଁ ପ୍ରକାରର ଲୋକ ହୁଅନ୍ତୁ ପଛକେ, ସେମାନେ ଯେ ଏଠି ଆସି ହାଜର ହୋଇଛନ୍ତି, ସେଥିରୁ ସ୍ପଷ୍ଟଭାବରେ ପ୍ରକାଶ ପାଉଛି ଅନେକ କଥା । ଯେଉଁ ଶାସନ ବ୍ୟବସ୍ଥା ତାର ସବୁଠାରୁ ଅଧିକ ସୂକ୍ଷ୍ମ ଉପକରଣରେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ, ଯେଉଁ ଜାତିକୁ ସେମାନେ ଉତ୍ପୀଡ଼ନ କରିବାକୁ ଚାହାନ୍ତି, ସେହି ଜାତିର ଲୋକ ଭର୍ତ୍ତି କଲେଣି, ସେ ଶାସନ ବ୍ୟବସ୍ଥାର ଦୁର୍ଦ୍ଦିନ ନିକଟରେ ଆସନ୍ନ ? ପୁଲିସ ବିଭାଗକୁ ଦୁର୍ବଳ କରି ସାମାନ୍ୟ ଲୋକଙ୍କୁ ନେଲେଣି ସେଥିରୁ ସୈନ୍ୟ ସଂଗ୍ରହ କରିବାକୁ ଯେବେ ସେମାନେ ଚାହାନ୍ତି ତେବେ ଯୁଦ୍ଧଭୂଇଁରେ ସେମାନଙ୍କର ଲୋକଶକ୍ତିର କି ଅଭାବ ନ ପଡ଼ିଛି କହ । ଏହିପରି ଭାବରେ ଏ ଶାସନବ୍ୟବସ୍ଥା କେତେ ଦିନ ଧରି ରହିବ ବୋଲି ଅନୁମାନ କରାଯାଇପାରେ ?

ଅବଶ୍ୟ ସେମାନେ ଏଠିକି ପଠାଇବେ ବିଶ୍ୱସ୍ତ ଏଭଳି ଲୋକ ଯେଉଁମାନେ ଜର୍ମାନ ଜଗୁଆଳମାନଙ୍କଠାରୁ ଅଧିକ କଡ଼ା ହୋଇପାରନ୍ତି, ଜର୍ମାନ ଜଗୁଆଳମାନଙ୍କର ଅତି ସେ ସତର୍କତା ନାହିଁ, ସେମାନେ ବିଜୟ ବିଷୟରେ ସନ୍ଦିହାନ । କିନ୍ତୁ ଏସ୍ ଏସ୍ ଲୋକ ନ ମିଳିଲେ ଚେକ୍ ପୁଲିସ ଆସିଗଲା—ଏହି ଘଟଣାହିଁ ଭଲଭାବରେ ପ୍ରମାଣ କରି ଦେଉଛି ଯେ ପତନ ଆସନ୍ନ ।

ଆମର ଯୁକ୍ତି ଏହି ଧାରା ଅନୁସରଣ କଲା ।

ପ୍ରଥମେ ଆମେ ତାଙ୍କ ସଂଖ୍ୟା ଯେତେ କଳ୍ପନା କରିଥିଲୁ ତାଠାରୁ ସେମାନେ ଢେର ବେଶୀ । ଶାସନ ଯନ୍ତ୍ରର ଉପାଙ୍ଗଗୁଡ଼ିକର

ବସ୍ତୁ ନ ଥିଲା । ଶାସନ-ବ୍ୟବସ୍ଥା ରକ୍ଷା କରିବାକୁ ଯେତେ ଯାହା କରିବା ଦରକାର, ସେଥିଲାଗି ଯଥେଷ୍ଟ ଅସ୍ତ୍ର ନାହିଁ ।

ଫେବୃଆରୀ ୧୧ରେ ଆମେ ପ୍ୟାନ୍‌ଜାନ୍‌ଜ୍‌ ରେ ପ୍ରଥମେ ଦେଖିଲୁଁ ରେଡ୍‌ ପୋଷାକ ।

ତା ପରଦିନଠାରୁ ସେମାନଙ୍କ ଭିତରେ ଯେଉଁ ମହିଳାମାନ ଥିଲେ ତାଙ୍କ ସହିତ ବେଶ୍ ପରିଚୟ ହେବାରେ ଲାଗିଲୁଁ । ଜଣେ ହୁଏତ ଆସିବ, ଏକୁଟି ବଜାରେ ଅସ୍ବସ୍ତିକର ଭାବରେ ଘଣ୍ଟା ଘଣ୍ଟା ଘରର ଭିତରକୁ ଚାହିଁବ । ତା ପରେ ତା ମନରେ ହଠାତ୍ ସାହସ ଜୋଗାଇବ ଠିକ୍ ଯେପରି ସ୍କେଟ ଖେଳାଳି ଜଣେ ହୋଇ ହଠାତ୍ ମୁଣ୍ଡିରେ ଗୃହଠାରେ କୁଦାଏ ମାରେ । ଆଉ ସେହିପରି ଆମ ଗୃହିଣୀରେ ମୁହଁ ଉଠୁଥିବା ପ୍ରଶ୍ନ ଜବାବ ଦିଏ, "ଆଚ୍ଛା, ବାବୁମାନେ, କିମିତ ଅଛନ୍ତି ?"

ଆମେ ହସି କରି ଉତ୍ତର ଦେଉଁ, ସେ ବି ହସେ । ତା ପରେ ହଠାତ୍ କହିଦିଏ, "ଆମ ଉପରେ ରାଗ କର ନାହିଁ । ସତ କହୁଛି, ଆମେ ବାହାର ରାସ୍ତାରେ ହେଲ ମାରବୁଁ ପିନା, ଆପଣ-ମାନଙ୍କୁ ଦେଖି ଦେବାକୁ କଣ ଆମ ମନ । ଆମେ କରିବାକୁ ବାଧ୍ୟ ହେଲେ, ବୋଧହୁଏ— ହୁଏତ ଭବିଷ୍ୟତକୁ ମଙ୍ଗଳ କ୍ଷୀଣ ପାରେ ।"

ପ୍ୟାନ୍‌ଜାଟ୍‌ସ୍‌କୁ ସେମାନଙ୍କର ଆସିବା ଦେଖି ଆମେ ବୁଝିଲୁ ନା ଅର୍ଥ ଭଲ, ଆଉ ସେମାନଙ୍କ ସମ୍ବନ୍ଧରେ ଆମର ଧାରଣା କିଛି ସେ କଥା କହିବାରୁ ତାର ମନ ଆନନ୍ଦ ହୁଏ । ଏହିପରି ଦେଖାହେଲାଠୁଁ ଆମେ ବନ୍ଧୁ ପାଲଟିଗଲୁ । ତାପରେ ଆମ

ଭାଇଟେକ୍, ସରଳପିଲା, ଦଲ୍‌ଟା ତାର ଭଲ । ସେ ପ୍ରଥମଦିନ ଭୋର ସମୟରେ ଆମ ଗାରଦର ଦରଜା ପାଖରେ ଘୂରି ବୁଲୁଥିଲା ।

ଦ୍ୱିତୀୟ ଜଣଙ୍କ ଥୁମା । ଖାଣ୍ଟି ପୁରୁଣା ଚେକ୍ ପୁଲିସର ନମୁନା ସେ । କର୍କଶ; ହୋ ହା କରେ କିନ୍ତୁ ଅନ୍ତରଟା ଭଲ— ସେମାନଙ୍କୁ ଆମେ ରିପବ୍ଲିକ୍ କାଳର ଜେଲରେ 'ପପ' ବୋଲି ଡାକୁଥିଲୁଁ । ତା ଚରିତ୍ରରେ ସେ ଅସାଧାରଣ କିଛି ଦେଖିନାହିଁ । ବରଂ ଏଠି ତାକୁ ବେଶ୍ ଆରେଇଛି, ଶୃଙ୍ଖଳା ରକ୍ଷୁଛି ବା ଭାଙ୍ଗୁଛି ତାର ଖିଆଲ ଅନୁସାରେ ମାମୁଲି ହାସ ପରିହାସ କରି । ସେ ଗାରଦ ଭିତରକୁ ରୁଟି ବଢ଼େଇଦେବ, କେବେ ବି ସିଗାରେଟ୍, ଗପ କରି ସମୟ କଟେଇବ—ଯାହା ପାରେ ତା ସାଙ୍ଗରେ ଓ ଯେ କୌଣସି ବିଷୟରେ, ତେବେ ରାଜନୈତିକ ପରିସ୍ଥିତି ବିଷୟରେ ନୁହେଁ । ଏ ସବୁ ବେଶ୍ ସହଜ ଭାବରେ କରେ । ପହରା ଦେବା ସମ୍ବନ୍ଧରେ ଏହାହିଁ ତାର ଧାରଣା—ଏ କଥା ଲୁଚେଇବାକୁ ସେ ଚେଷ୍ଟା କରେ ନାହିଁ । ଏଥିନିମିତ୍ତ ପ୍ରଥମଥର ଗାଳି ଖାଇବା ପରେ ଟିକିଏ ସାବଧାନ ହୋଇଛି କିନ୍ତୁ ବଦଳିନାହିଁ । ବର୍ତ୍ତମାନ ସେ ସେହି 'ପପ' ପୁରୁଣା କାଳିଆ ପୁଲିସ । ତୁମେ ତାକୁ ବଡ଼ କାମ କିଛି ଲାଗି ଭରସି କହି ପାରିବ ନାହିଁ, ତେବେ ତା ପହରାବେଳେ ତୁମେ ସହଜରେ ନିଃଶ୍ୱାସ ମାରି ପାରିବ ।

ତୃତୀୟ ଚେକ୍ ପୋଲିସଟି ବାରଣ୍ଡାରେ କେବଳ ବୁଲେ, ମୁହଁରେ ଭ୍ରୁକୁଟି, କଥା କହେ ନାହିଁ, କିଛି ଦେଖେ ବି ନାହିଁ । ତା ସାଙ୍ଗରେ ପରିଚୟ କରିବାକୁ ଆମେ କହୁଥାଉ; କିନ୍ତୁ ତାର ସେଥିକୁ ଭ୍ରୂକ୍ଷେପ ନାହିଁ ।

"ତାଙ୍କୁ ଯେତେବେଳେ ନେଲେ ବୋଧହୁଏ ଲୋକ ବେଶି ପାଉ ନଥିଲେ ସେମାନେ ।" ଏକ ସପ୍ତାହ ତାଙ୍କୁ ଲକ୍ଷ୍ୟ କଲା ପରେ 'ବାପା' ମନ୍ତବ୍ୟ କଲେ, "ତାଙ୍କ ଭିତରେ ସବୁଠାରୁ ଅପଦାର୍ଥ ଏଇଟା ।"

"ବା ସବୁଠାରୁ ଚତୁର ହୋଇପାରେ"—ତର୍କ ଖାତିରରେ କହି ପକାଇଲି । ସାମାନ୍ୟ ବ୍ୟାପାର ନେଇ ଏହିପରି ବିରୋଧ କରିବା ଗାରଦ ଜୀବନକୁ ଟିକିଏ ସରସ କରିଦିଏ ।

ଦୁଇ ସପ୍ତାହ ପରେ ଦିନେ ମନେ ହେଲା, ଏଇ ସୁଗ୍‌ମରା ଲୋକଟି ଯେପରି ଅଶ୍ଳିଟାର ମାରିଲୁ ଥରେ । ଏହା ତାର କର୍ତ୍ତବ୍ୟ କାର୍ଯ୍ୟର ସାମାନ୍ୟ ବାହାରେ । ମୁଁ ମଧ୍ୟ ସେହିପରି ସଙ୍କେତ ଦ୍ୱାରା ଉତ୍ତର ଦେଲି । ଜେଲଖାନାରେ ତାର ହଜାର ଅର୍ଥ ହୋଇପାରେ । କିନ୍ତୁ କିଛି ତ ହେଲା ନାହିଁ । ହୁଏତ ମୁଁ ଭୁଲ ବୁଝିଲି ।

ମାସେକ ପରେ ସବୁ ପରିଷ୍କାର ବାଟକୁ ଆସିଲା । ଆସିଲା ହଠାତ୍ ଅବିକଳ ଯିମିତି ପ୍ରଜାପତି କୋଷାରୁ ବାହାରେ । ମୁଦା କୋଷାଟି ଫାଟିଗଲା । ତହିଁରୁ ବାହାରି ଆସିଲା ଏକ ଜୀବନ୍ତ ଜୀବ । ପ୍ରଜାପତି ନୁହେଁ, ମନୁଷ୍ୟ ।

ଏଇ କେତେଗୁଡ଼ିଏ ଚରିତ୍ର-ଚିତ୍ର ପଢ଼ି 'ବାପା' ଦିନେ କହିଲେ, "ତୁମେ ସ୍ମୃତି ସ୍ତମ୍ଭଗୁଡ଼ିଏ ଗଢ଼ିଯାଉଛ ।"

ହଁ, ମୁଁ ସ୍ତମ୍ଭ ଗଢ଼ିବାକୁ ଚାହେଁ । ଯେଉଁମାନେ ସଚ୍ଚାଭାବରେ ସାହସ ସହକାରେ ଏଠାରେ ଓ ବାହାରେ ଲଢ଼ାଇ କରି ଯାଉଅଛନ୍ତି, ଯେଉଁମାନେ ପ୍ରାଣ ଦେଇଛନ୍ତି, ସେହି ସାଥୀମାନଙ୍କର ସ୍ମୃତି ମୁଁ ଜୀବନ୍ତ ରଖିବାକୁ ଚାହେଁ । ଆଉ ଯେଉଁମାନେ

ଅତଏବ୍ ବନ୍ଧୁଜନଙ୍କ ପରସ୍ଥିତି ମଧ୍ୟରେ ଆମ୍ଭମାନଙ୍କୁ ସାହାଯ୍ୟ କରୁଛନ୍ତି ସେମାନଙ୍କୁ ଗୃହେଁ ମୁଁ ଜୀବନ୍ତ ରଖିବାକୁ । ସେମାନଙ୍କର ସାହସ ଓ ସତ୍ୟନିଷ୍ଠା ତ କୌଣସି ଅଂଶରେ ନ୍ୟୂନ ନୁହେଁ । ପ୍ୟାନକ୍ରାଟସ୍‌ର ପ୍ରେତାତ୍ମିତ ବାରଣ୍ଡା'ର ଜୋଲିନସ୍କି ଆଉ ଏଲ ରେକ୍ ପ୍ଲିସଟ ଭଳି ବ୍ୟକ୍ତିଙ୍କୁ ମୁଁ ନେଇ ଆସିବାକୁ ଗୃହେଁ ଜୀବନର ଆଲୋକକୁ । ସେମାନଙ୍କ ମହିମା କମିବ ନୁହେଁ, ସେମାନେ ହେବେ ଅନ୍ୟମାନଙ୍କ ନିକଟରେ ଦୃଷ୍ଟାନ୍ତ ସ୍ୱରୂପ । ମନୁଷ୍ୟର କର୍ତ୍ତବ୍ୟ ତ ଏହି ଯୁଦ୍ଧରେ ଶେଷ ହୋଇଯିବ ନାହିଁ, ଲୋକମାନଙ୍କ ଅନ୍ତରରେ ଯେତେଦିନ ପର୍ଯ୍ୟନ୍ତ ମାନବିକତା ପ୍ରକାଶ ନ ପାଉଛି ସେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ହେବା ପାଇଁ ବୀରତ୍ୱର ପ୍ରୟୋଜନ ।

ପୋଲିସ ଜାରେସ୍ଟାର ହୋସର କାହାଣୀ ଅତି ଛୋଟ । କିନ୍ତୁ ଏହାର ଭିତରେ ପରିପୂର୍ଣ୍ଣ ମନୁଷ୍ୟର ଜୀବନ ଗାଥା ଦେଖିବାକୁ ମିଳିବ ।

ବ୍ୟାଡ଼ନିକୋ ଦେଶର ଗୋଟିଏ କୋଣରେ ବହୁଦୂର, ଚମତ୍କାର ଅଞ୍ଚଳ କିନ୍ତୁ ଜନବିରଳ, ଦରିଦ୍ର ଅଞ୍ଚଳ ସେ । ତାର ବାପ ତାର ଜନ୍ମର ଉଆର କରୁଥିଲା । ଦୁଃଖ କଷ୍ଟରେ ଜୀବନ କାଟୁଥିଲେ । ଯେତେବେଳେ କାମ ଥାଏ ସେତେବେଳେ ହାଡ଼ଭଙ୍ଗା ଖଟଣି ପଡ଼େ; ଆଉ ଯେତେବେଳେ ଦେଶର ବେକାର ସଂଖ୍ୟା ବଢ଼ିଯାଏ ସେତେବେଳେ ଭାରି ଦାରିଦ୍ର୍ୟ । ଏ ଦୁଇ ଅବସ୍ଥାରୁ ଯେ କୌଣସିଟି ମନୁଷ୍ୟକୁ ତଳେ କଚାଡ଼ିଦିଏ, ନୋହିଲେ ତାର ମସ୍ତକ ଉନ୍ନତ କରିଦିଏ, ନୂତନ ପୃଥିବୀର ସ୍ୱପ୍ନ ଦେଖେ ସେ । ନୂତନ ପୃଥିବୀରେ ବିଶ୍ୱାସ କରି, ତାହାରି ପାଇଁ ଲଢ଼ାଇ କରି ତାର ବାପା ହେଲେ କମ୍ୟୁନିଷ୍ଟ ।

ଜୀରଦାର ସେତେବେଳେ କିଶୋର ବୟସ । ସେ ମଧ୍ୟ ସେ ଦିବସ ପ୍ୟାରେଡ୍‌ରେ ସାଇକେଲ ବାହିନୀରେ ଯୋଗ ଦେଲା । ଲାଲଫିତା ବନ୍ଧାଥାଏ ତାର ସାଇକେଲ ଚକାରେ । ତାର ସେହି ଫିତା ସେଇଠି ରହିଗଲା ନାହିଁ କିନ୍ତୁ ତାର ପ୍ରଥମ ଚାକିରି ସ୍କୋଡ଼ାର କାରଖାନାର ଲେନ ବିଭାଗରେ କାମ କରିବାକୁ ଯେତେବେଳେ ଗଲା, ସାଙ୍ଗରେ ନେଇଗଲା ସେଇ ଫିତାକୁ ।

ଦେଶରେ ଗୁରୁତର ବେକାର ସମସ୍ୟା ଦେଖାଦେଲା, ତାପରେ ସୈନ୍ୟବିଭାଗରେ ଚାକିରି, ତାପରେ ପୁଲିସ ବିଭାଗରେ ମୁକରର ହେବା ଲାଗି ଆଶା ମିଳିଲା । ଏହି ସମସ୍ତଙ୍କ ତା ଅନ୍ତରର ଲାଲଫିତାଟି କଣ କହୁଥିଲା, ତା ମୋତେ ଜଣାନାହିଁ—ହୁଏତ ଗୁଡ଼େଇ ହୋଇଥିଲା, କେଉଁଠି ପଡ଼ିଥିଲା, ହୁଏ ତ ତା ବିଷୟ ଏକଦମ ଭୁଲିଯାଇଥିଲା ସେ—କିନ୍ତୁ ହଜେଇ ଦେଇ ନ ଥିଲା । ଓଟେନ ସେମାନେ ତାକୁ ପ୍ୟାନକ୍ରାଟସ୍‌ରେ କାମ କରିବାକୁ ପଠେଇଲେ । କୋଲିନସ୍କି ଭଳି ପୂର୍ବରୁ ସୁନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ସେ ସ୍ୱେଚ୍ଛାରେ ଆସିନାହିଁ । କିନ୍ତୁ ଗାରଦ ଭିତରକୁ ପ୍ରଥମ ଥର ଅନେଇ ଦେଇ ଉଦ୍ଦେଶ୍ୟ ବିଷୟରେ ସେ ସଚେତନ ହୋଇଗଲା । ଫିତାଟି ଫିଟିଗଲା ।

ପ୍ରଥମେ ତାକୁ କର୍ମକ୍ଷେତ୍ର ପରିଦର୍ଶନ କରି ଦେଖିବାକୁ ପଡ଼ିଲା ଓ ନିଜର ଶକ୍ତିକୁ ବି ମାପିବାକୁ ପଡ଼ିଲା । ଗମ୍ଭୀର ଚିନ୍ତାରେ ତାର ମୁହଁରେ ଆକୁଞ୍ଚନ ଦେଖା ଦେଲା, କେଉଁଠାରେ କାମ ଆରମ୍ଭ କରିବାକୁ ହେବ, କିପରି ଭାବରେ । ସେ ପେଶାଦାର ରାଜନୀତିଜ୍ଞ ନୁହେଁ, ସରଳ ସାଧାରଣ ଲୋକର ପୁଅ । କିନ୍ତୁ ତାର ବାପର ଅଭିଜ୍ଞତାର ସେ ଉତ୍ତରାଧିକାରୀ । ତାର ଚରିତ୍ର ଦୃଢ଼, ତେଣୁ ସେ

ସିଦ୍ଧାନ୍ତରେ ପହଞ୍ଚିଲା । ଯେତେବେଳେ ସେ ସ୍ଥିର କଲା କଣ କରିବ ବୋଲି, ଆକୁଞ୍ଚିତ କୋଷମଧ୍ୟରୁ ବାହାରି ଆସିଲା ମନୁଷ୍ୟଟିଏ ।

ଅନ୍ତର ତାର ଅତି ଚମତ୍କାର, ଅତ୍ୟନ୍ତ ନିର୍ମଳ, ଅନୁଭୂତିଶୀଳ, ଆଡ଼ମ୍ବର ନୁହେଁ, ହେଲେ ପୁରୁଷତ୍ୱ ଅଛି । ଯାହା କରିବା ଦରକାର ସେଥିଲାଗି ସେ ହିମତ୍ କରନ୍ତି । ଛୋଟ ବଡ଼ ସବୁ କାମ ଆବଶ୍ୟକ, ତେଣୁ ସେ କି ଛୋଟ କି ବଡ଼ ସବୁ କାମ କରେ । ନୀରବରେ ସେ କାମ କରିଯାଏ, ଏପରିକି ଭାବଭଙ୍ଗୀରେ କିଛି ପ୍ରକାଶ କରେ ନାହିଁ କିନ୍ତୁ ସେ ଜାଣେ କଣ କଣ କରୁଛି, ଅଟଳ ନିର୍ଭୟରେ । ଏ ସମସ୍ତ ତା ନିକଟରେ ଅତି ସ୍ୱାଭାବିକ ଯେପରି, ଏ ଯେପରି ତାର ମନର ଆଦେଶ : ଏହି କାମତ କରିବାକୁ ପଡ଼ିବ, ସେ ନେଇ ତୁଣ୍ଡରେ କହିବା କି ଆବଶ୍ୟକ ?

ଏହାହିଁ ତାର ପୂର୍ଣ୍ଣ ଇତିବୃତ୍ତ । ଏ ଗୋଟିଏ ଜୀବନର ସମ୍ପୂର୍ଣ୍ଣ କାହାଣୀ; ଅନେକ ଗୁଡ଼ିଏ ଜୀବନ ବଞ୍ଚାଇବାର କୃତିତ୍ୱ ଦାବୀ କରିପାରେ । ସେମାନେ ବର୍ତ୍ତମାନ ବଞ୍ଚି ରହିଛନ୍ତି ଆଉ ବାହାରେ କାମ କରୁଛନ୍ତି, ଏକମାତ୍ର କାରଣ ପାନକ୍ରାଟସ୍‌ରେ ଜଣେ ଲୋକ ତାହାର ମନୁଷ୍ୟୋଚିତ କର୍ତ୍ତବ୍ୟ କରିଛି । ସେମାନଙ୍କ ସାଙ୍ଗରେ ତାହାର ବ୍ୟକ୍ତିଗତ ପରିଚୟ ନାହିଁ, ସେମାନେ ବି ତାହାକୁ ଚିହ୍ନନ୍ତି ନାହିଁ । ସେମାନେ କୋଲିନସ୍କିକୁ ବି ଚିହ୍ନନ୍ତି ନାହିଁ, କିନ୍ତୁ ମୁଁ ଆଶା କରେ ପରେ ସେମାନଙ୍କର ପରସ୍ପର ସହିତ ପରସ୍ପରର ପରିଚୟ ନିଶ୍ଚୟ ଘଟିବ । ଏହି ଦୁଇଜଣ କର୍ମୀ ପରସ୍ପରକୁ ଶୀଘ୍ର ଚିହ୍ନିଗଲେ ଏବଂ ଅନ୍ୟର ଉପକାର ନିମନ୍ତେ ସେମାନଙ୍କର ସୁଯୋଗର ସଦ୍‌ବ୍ୟବହାର କଲେ ।

ସେମାନଙ୍କର ଦୃଷ୍ଟାନ୍ତ ମନେ ରଖିବ । ଏହି ଆଦର୍ଶରେ ଦୁଇଜଣ ବ୍ୟକ୍ତି ଆପଣାର ମୁଣ୍ଡଟା ଠିକ୍ ରଖି ହୃଦୟକୁ ଲଗାଇଥିଲେ

ତାର ଯଥାଯୋଗ୍ୟ ସ୍ଥାନରେ । ଆଜି ଜଭସ୍ନର ସଦ୍‌ବ୍ୟବହାର କରୁଛନ୍ତି ।

## ବାବା ଷ୍ଟୋରେପା

ଯଦି ସେ ତିନିଜଣଙ୍କୁ କେବେ ଆକସ୍ମିକ କ୍ରମେ ଏକସାଙ୍ଗରେ ଦେଖିବାକୁ ପାଅ, ତେବେ ଭ୍ରାତୃତ୍ୱର ଜୀବନ୍ତ ଛବି ତୁମେ ଦେଖିବ: ଧୂସର ସବୁଜ ଏସ୍. ଏସ୍. ପୋଷାକ ପିନ୍ଧା ଜଗୁଆଲ କୋଲ୍‌ନସ୍କି, ଚେକ୍ ପୁଲିସର ଘନନୀଳ ପୋଷାକ ପିନ୍ଧା ହୋର୍ ଅଜ୍ ହାଲଙ୍କା ରଙ୍ଗର ବାଳେ ପୋଷାକ ପିନ୍ଧା ଜେଲ୍‌ଖାନାର ହେପାଜତକାରୀ ବାବା ଷ୍ଟୋରେପା । ସେ ତିନିଜଣଙ୍କୁ ଏକାସାଙ୍ଗରେ କ୍ୱଚିତ ଦେଖିବାକୁ ପାଇବ—ଖୁବ ବିରଳଭାବରେ । ତାର କାରଣ, ସେମାନେ ଏକ ଗୋଷ୍ଠିର ।

ଜେଲ୍‌ଖାନାର ଆଇନ-କାନୁନ ଅନୁସାରେ "ବିଶେଷଭାବେ ବିଶ୍ୱସ୍ତ ସୁଶୃଙ୍ଖଳ ଓ ଅନ୍ୟମାନଙ୍କ ସହିତ ବିଲକୁଲ୍ ଅସଂପୃକ୍ତ"—କେବଳ ଏହିପରି କଏଦୀମାନଙ୍କ ଦ୍ୱାରା ବାରଣ୍ଡା ଖରକିବା ବା ଖାଦ୍ୟ-ପରିବେଷଣ କାର୍ଯ୍ୟ କରାଯିବା କଥା । ଏହି ହେଉଛି ଆଇନର ଅକ୍ଷରିକ ଭାଷା; ଏହା କିନ୍ତୁ ଅଚଳ ଭାଷା—ଏକବାରେ ଅଚଳ । ଏ ମୁତାବକ ହେପାଜତକାରୀ ନାହାନ୍ତି, କେବେ ବି ନ ଥିଲେ—ପେଙ୍କ୍ରାଟେ ଜେଲ୍‌ଖାନାରେ କୌଣସିଠାରେ ନାହାନ୍ତି ଏ କଥା ନିଶ୍ଚିତ । ଏଠି ଯେ ହେପାଜତକାରୀମାନେ ଅଛନ୍ତି, ସେମାନେ ପ୍ରାଣୀମାନଙ୍କର ସ୍ପର୍ଶେନ୍ଦ୍ରିୟ ଭଳି, ଜେଲଖାନା ଗାରଦଗୁଡ଼ିକର ସଂଘ ସଂଗଠନ ସେମାନଙ୍କୁ ବ୍ୟବହାର କରେ, ବାହାର ଜଗତ ସଙ୍ଗେ ଗାରଦର ଯୋଗାଯୋଗ ସ୍ଥାପନ କରି ବଂଚିରହିବାକୁ, ଅନ୍ୟମାନଙ୍କ ସହିତ ଖବର ଆଦାନପ୍ରଦାନ ଲାଗି । ସମ୍ବାଦ ଧରୁ

ପଡ଼ିବାରୁ କେତେ ହେପାଜତକାରୀଙ୍କୁ ପ୍ରାଣ ଦେବାକୁ ନ ପଡ଼ିଛି ! ସେମାନେ ଗୁପ୍ତଲିପି ନେଇଯାଉଥିଲା ବେଳେ ଧରାପଡ଼ିଛନ୍ତି । କିନ୍ତୁ ଜେଲଖାନାର ସଂଘ ସଂଗଠନ ତେବେ ବି ସେମାନଙ୍କର ଉର୍ଦ୍ଧ୍ୱାଧି-କାରୀମାନଙ୍କ ପାଖରେ ନିଷ୍ଠୁରଭାବେ ଦାବୀ କରିଛି ଯେ ସେମାନେ ବିପଦପୂର୍ଣ୍ଣ କାମ କରନ୍ତୁ । ନିର୍ଭୀକ ଭାବରେ ହେଉ ବା ଭୟାଳୁ ପରି ହେଉ, ସେମାନଙ୍କୁ ସଂଘର କାର୍ଯ୍ୟ କରିବାକୁ ପଡ଼ିବ । ଡରିଲେ ବିପଦ ଅଧିକ, ସହିଲେ ହେଉ ବା ବିଳମ୍ବରେ ହେଉ, ଧରାପଡ଼େ । ପ୍ରତ୍ୟେକ ଗୋପନ ଆନ୍ଦୋଳନରେ ଏହା ଘଟେ ।

ବିରୋଧ-ଶକ୍ତିକୁ ଦଳି ଲୋପ କରିଦେବାକୁ ଯେଉଁମାନଙ୍କୁ ନିଯୁକ୍ତ କରାଯାଇଛି ସେହିମାନଙ୍କ ଆଖି ଆଗରେ କାମ କରିବା— ଗୋପନ ଆନ୍ଦୋଳନର ଚରମ ସ୍ତର ଏ । ଜଗୁଆଳମାନଙ୍କର ଆଖି ସାମନାରେ, ସେମାନେ ତୁମକୁ ଯେଉଁ କାମରେ ନିଯୁକ୍ତ କରିଛନ୍ତି, ସେହି କାମ କରୁ କରୁ ଶତ୍ରୁର କଠୋର କାର୍ଯ୍ୟକ୍ରମ ମଧ୍ୟରେ, ସଂଗଠନ ଅବସ୍ଥାରେ କାମ କରିଯିବାକୁ ପଡ଼ିବ । ବେଆଇନ କାର୍ଯ୍ୟ ବିଷୟରେ ବାହାରେ ଯାହା ସବୁ ଶିକ୍ଷା ପାଇଥିବ ଏଠି ସେତକରେ ଚଳିବ ନାହିଁ ଅଥଚ ଏଠି କାମ କରିବାକୁ ପଡ଼ିବ ଆଗ ସଙ୍ଗେ ସମାନ, ହୁଏତ ଅଧିକ ।

ବେଆଇନ କାର୍ଯ୍ୟରେ ବାହାରେ ଯେପରି କୁଶଳୀକର୍ମୀ ଅଛନ୍ତି ଏଠି ବି ସେହିପରି ଅଛନ୍ତି, ହେପାଜତକାରୀମାନଙ୍କ ମଧ୍ୟରେ । ବାବା ସ୍କୋରେପା ସେ ଦଳରେ ଓସ୍ତାଦ—ଦେଖିବାକୁ ଧୀରସ୍ଥିର, ମୁହଁରୁ କିଛି ବୁଝାପଡ଼ିବ ନାହିଁ, କିନ୍ତୁ ଚରକି ପରି କର୍ମତତ୍ପର । ଜଗୁଆଳମାନେ ତାଙ୍କର ପ୍ରଶଂସା କରନ୍ତି—ଦେଖ କେମିତି ଖାଟେ ଲୋକଟା, ତା ଉପରେ ବିଶ୍ୱାସ କରିହେବ, ନିଜ କାମଟି ଛଡ଼ା ଆଉ

କୋଉଥିରେ ନଥାଏ; ଅଭିଜ୍ଞାନ୍ ନେଇ ବାହାରେ ଏକସୂତ୍ରତା ରହିବ ନାହିଁ । ଅନ୍ୟାନ୍ୟ ହେପାଜତକାରୀମାନଙ୍କୁ ଡାକି ତାର ଆଦର୍ଶ ଅନୁସରଣ କରିବାକୁ କହନ୍ତି !

ହଁ, ଆମେ ବି କହୁଁ, ହେ ହେପାଜତକାରୀମାନେ, ତାର ଦୃଷ୍ଟାନ୍ତ ଅନୁସରଣ କର । କଏଦୀମାନଙ୍କର ମଜମାଫିକ୍ ଜଣେ, ଆମ ସଂଘ ସଂଗଠନର ସ୍ପର୍ଶେନ୍ଦ୍ରିୟ ଶୁଣ୍ଢ ଭିତରେ ସବୁଠାରୁ ମଜବୁତ ଅଥଚ ସବୁଠୁ ସମଜଦାର ବେଶି । ତାକୁ ମାଲୁମ କେଉଁ ଘାରଦରେ କିଏ ଅଛି, ନୂଆ ଯେ ଆସିଲା ଆସିବା ମାତ୍ରେ ତାକୁ ଜଣା—ଏଠିକି ଆସିଲା କାହିଁକି; କାହା କାହା ସାଙ୍ଗରେ ତାର ଯୋଗାଯୋଗ ଅଛି, ବାହାରେ ସେ କଣ କରୁଛି, ତାର ସଙ୍ଗୀମାନେ କଣ କରୁଛନ୍ତି—ସବୁ ଖବର ତାକୁ ଜଣା । ସେ ପ୍ରତ୍ୟେକ 'ମାମଲା' ବିଷୟ ତନ୍ନ ତନ୍ନ କରି ବୁଝେ ଏବଂ ତା ଭିତରର ତଥ୍ୟ ଜାଣିବାକୁ ଚେଷ୍ଟା କରେ । ବାହାର ସାଙ୍ଗରେ ଯୋଗାଯୋଗ ରଖିବାକୁ ହେଲେ ବା ସାମୟିକ ସଠିକ୍ ପରାମର୍ଶ ଦେବାକୁ ହେଲେ ଏସବୁ ବିଶେଷ ଦରକାର ।

ଶତ୍ରୁକୁ ବି ସେ ଚିହ୍ନେ । ପ୍ରତି ଜଗୁଆଳ ସମ୍ବନ୍ଧରେ ସେ ଭଲକରି ବୁଝେ—ତାର ଅଭ୍ୟାସ, ବଳ ବା ଦୁର୍ବଳତା କୋଉଠି, ତା ପାଖରୁ କେତେ ପ୍ରତ୍ୟାଶା କରାଯାଏ, ତାକୁ କି କାମରେ ଲଗେଇହେବ, କି କୌଶଳରେ ତାକୁ ଠକେଇ ଦେଇହେବ ବା ତାକୁ ଅନୁକୂଳ କରିଦେଇ କାମକରି ହେବ । ଜଗୁଆଳମାନଙ୍କର ଚରିତ୍ରର ବିଶେଷତ୍ୱ ଯାହାସବୁ ମୁଁ ଲେଖିଛି, ତହିଁ ଅଧିକାଂଶ କଥା ବାବା ସ୍କୋରେପା ମୋତେ କହିଛି । ସେ ସମସ୍ତଙ୍କୁ ଚିହ୍ନେ, କିଏ କଣ ତା ଠିକ୍ ଠିକ୍ କହିଦେଇପାରେ, ସେମାନଙ୍କର ନିଖୁଣ

ପରିଚୟ । ବାରଣ୍ଡାରେ ସ୍ବେଚ୍ଛାମତେ ଚଲବୁଲ କରି କାମଟି ହାସଲ କରିନେବାକୁ ହେଲେ ଏସବୁ ଜାଣିବା ନିହାତି ଦରକାର । କିନ୍ତୁ ସବୁଠୁ ବଡ଼କଥା, ସ୍କୋରେପା ତାର କର୍ତ୍ତବ୍ୟ ସମ୍ବନ୍ଧରେ ସଜାଗ । ସେ କମ୍ୟୁନିଷ୍ଟ, ପ୍ରତିମୁହୂର୍ତ୍ତରେ ତାକୁ କମ୍ୟୁନିଷ୍ଟ ହିସାବରେ କାର୍ଯ୍ୟ କରିବାକୁ ହେବ, ଏକଥା ସେ ଜାଣେ । ହାତ ବାନ୍ଧି ଚୁପ୍‌କରି ବସିରହିବ, କାମ ନ ହେଲେ ନ ହେଉ, ଏଭଳି ସମୟ ବା ସ୍ଥଳ ଏ ନୁହେଁ । ମୋ ମତରେ ଏହି ତାର ଉପଯୁକ୍ତ ଜାଗା, ସେ ବାଛିନେଇଛି ସବୁଠାରୁ ବିପଦ ମଧ୍ୟରେ, ଅଧିକ କାର୍ଯ୍ୟର କ୍ଷେତ୍ର ଯେଉଁଠି । ଏଠିକି ଆସି ତାର ମାନସିକ ବିକାଶ ମଧ୍ୟ ହୋଇଛି ।

ସ୍ଥାନ କାଳ ପାତ୍ର ବୁଝି ସେ କାମକରି ଜାଣେ । ପ୍ରତିଦିନ, ପ୍ରତି ଘଣ୍ଟାରେ ନୂତନ ପରିସ୍ଥିତି ସୃଷ୍ଟି ହେଉଛି, ତା ପାଇଁ ନୂତନ କର୍ମପଦ୍ଧତି ଆବଶ୍ୟକ । ସେ ଖୁବ୍ ଚଞ୍ଚଳ କର୍ମପଦ୍ଧତି ଅବସ୍ଥାର କରିପାରେ, ଏକ ମୁହୂର୍ତ୍ତର ଭଗ୍ନାଂଶ ସମୟ ଯେବେ ଥାଏ ବି । ସେ ସମୟ ମଧ୍ୟରେ ଗାରଦ ଦୁଆରେ ହାତ ମାରିଦେଇ ହେବ ତ, କଲାବାଟେ ( ଯନ୍ତ୍ର ସହକାରେ ପ୍ରସ୍ତୁତ ) ଶୁଣିନେବ ଖବରଟା, ତାପରେ ବାରଣ୍ଡାର ଆର ଏକ ପ୍ରାନ୍ତରେ ଗୋଟାଏ ଗାରଦରେ ସ୍ପଷ୍ଟ କଥାରେ ଠିକ୍ ଠିକ୍ ସେଇ ଖବର ଦେଇ ଆସିବ । ରକ୍ଷୀ ତଳମହଲକୁ ଓହ୍ଲାଇଗଲା, ବଦଳି ଉପରକୁ ପାହାଚରେ ଉଠିଆସୁଛି—ଏହାର ମଧ୍ୟରେ କାମଟା ଶେଷ କରି ଦେବାକୁ ହେବ । ଖାଲି ହସିଆର ସେ, ଉପସ୍ଥିତବୁଦ୍ଧି ବି ତାର ଖୁବ୍ । ଜେଲଖାନାକୁ ଶତ ଶତ ଗୁପ୍ତ ଖବର ତାର ହାତଦେଇ ଯାଇଛି, କିନ୍ତୁ ଗୋଟାଏ ଧରାପଡ଼ି ନାହିଁ, କି କାହାର ସନ୍ଦେହ ହୋଇନାହିଁ ।

କିଏ ବିପଦରେ ପଡ଼ିଲା, ବାହାରର ପରିସ୍ଥିତି କଥା କହି ତାହାକୁ ଉତ୍ସାହ ଦେବାକୁ ପଡ଼ିବ ତା' ସେ ଜାଣିପାରେ—ଏହା ଯେପରି ତାର ସହଜାତ ପ୍ରବୃତ୍ତି । ତାର ବାତ୍ସଲ୍ୟପୂର୍ଣ୍ଣ ଚକ୍ଷୁରେ ବିଶେଷ ଦୃଷ୍ଟି ପକାଇ କାହାକୁ ଉତ୍ସାହିତ କରିବାକୁ ହେବ, କାହାକୁ ହତାଶା ବିରୁଦ୍ଧରେ ଲଢ଼ିବାକୁ ସାହସ ଯୋଗାଇବାକୁ ହେବ—ତା ସେ ଜାଣେ । ପରବର୍ତ୍ତୀ ଅନଶନ କାଳରେ ସମ୍ଭାଳିଯିବାକୁ କିଏ ଅଧିକା ଏକଟୁକରା ରୁଟି ବା ଏକ ହତା ଝୋଳ ଖାଇ ବଳ ବଢାଇବାକୁ ଚାହେଁ—ତାହା ତାହାର ଅଜଣା ନାହିଁ । ନିଜର ଅଭିଜ୍ଞତା ଆଉ ଅନୁଭୂତିହିଁ ତାକୁ ଏସବୁ ଶିଖାଇଛି—ତେଣୁ କେଉଁଠି କଣ ଦରକାର ତାକୁ କହିଦେବାକୁ ପଡ଼େ ନାହିଁ ।

ଏହି ଆମର 'ବାବା' ସ୍କୋରେପା । ସାହସୀ, ଶକ୍ତିମାନ୍, ନିର୍ଭୀକ ସୈନିକ । ପ୍ରକୃତ ମନୁଷ୍ୟ ଜଣେ ।

ଯେଉଁମାନେ ଦିନେ ମୋର ଏହି ଲେଖା ପଢ଼ିବେ, ମୋର ଅନୁରୋଧ, ସେମାନେ ଯେପରି ତାହାକୁ କେବଳ ଜଣେ ମନୁଷ୍ୟ ବୋଲି ବିବେଚନା ନ କରନ୍ତି, ସେ ତତ୍ତ୍ୱାବଧାରକମାନଙ୍କ ମଧ୍ୟରେ ଖାଣ୍ଟି ଲୋକ । ଅତ୍ୟାଚାରୀ ଶାସକ ଯେଉଁ କାର୍ଯ୍ୟ ତାଙ୍କଠାରୁ ପାଇବାକୁ ଦାବୀ କରିଥିଲା ସେ ସେହି କାର୍ଯ୍ୟକୁ ଅତ୍ୟାଚାରିତର ସେବାରେ ନିଯୁକ୍ତ କରିଛି । ଏଠାରେ ଜଣେ 'ବାବା', ଏଠି ଗୋଟିଏ ସ୍କୋରେପ ଦେଖୁଛ କିନ୍ତୁ ଆହୁରି ଅନେକ ମଣିଷ ବି ଅଛନ୍ତି—ସେମାନେ କାମ କରି ଯାଉଛନ୍ତି, ଆଉ ସ୍କୋରେପାଠାରୁ ତାଙ୍କ କାମ ତ କମ୍ ନୁହେଁ । ସେ ସମସ୍ତଙ୍କର ଛବି ମୁଁ ଅଙ୍କିବାକୁ ଇଚ୍ଛା କରିଥିଲି—ଅନ୍ତତଃ ପାନକ୍ରାଟସ କଏଦୀଖାନା ଆଉ ପେଚେକ

ବଲ୍‌ଡିଂରେ ଯେଉଁମାନେ ଅଛନ୍ତି ସେହିମାନଙ୍କ ବିଷୟ—କିନ୍ତୁ ଆଉ ମାତ୍ର କେତୋଟି ଘଣ୍ଟା ଅଛି—'ଯେ ଗୀତ ଥରେ ଆରମ୍ଭ ଲାଗି, ରହିଗଲା ଅଧାରେ' ସେ ଗୀତ ଲାଗି ଆଉ ବେଳ ନାହିଁ।

ଆଉ କେତେଜଣଙ୍କ ନାମ ଉଲ୍ଲେଖ ମାତ୍ର କରିବା ଲାଗି ସମୟ ଅଛି; ବହୁଳ ଉଦାହରଣ ମଧ୍ୟରୁ କେତୋଟି ମାତ୍ର—ଯେଉଁମାନଙ୍କର ନାମ ସ୍ମରଣୀୟ ହେବା ନିତାନ୍ତ ଉଚିତ।

'ଚେନେକ'—ଜୋସେଫ ଟେରିଙ୍ଗଲ; ବ୍ଲୋ, ଅଗ୍ନିଗର୍ଭ, ଜୀବନକୁ ଆହୁତି ଦେବାକୁ ପ୍ରସ୍ତୁତ—ଯେମିତିକି ବିଲ୍‌ଡିଂର ଇତିହାସ ଆଉ ଆମର ସୋଭିଏତ ସଂଗ୍ରାମ ସହିତ ତାର ସ୍ମୃତି ଜଡ଼ିତ। ଆଉ ଅଭିନ୍ନ ସହୃଦୟ ସାଥୀ ବାରହୁରୁ ମଧ୍ୟ ତାହାରି ପରି ଜଣେ।

ଡକ୍ଟର ମାଇଲୋସ ନେଡ୍‌ଭେଡ଼; ସୁନ୍ଦର ଓ ଉଦାରଚେତା ଯୁବକ—ଆମ ଭବିଷ୍ୟଦ୍‌ କମରେଡ୍‌ମାନଙ୍କୁ ଦିନ ପରେ ଦିନ ସାହାଯ୍ୟ କରିବା ହେତୁରୁ ଓସ୍‌ଭିସିମଟୋରେ ତାକୁ ପ୍ରାଣ ଦେବାକୁ ହେଲା।

ଆର୍ନଷ୍ଟ ଲୋରେନ୍‌ସ; ତାର ସାଥୀମାନଙ୍କ ପ୍ରତି ବିଶ୍ୱାସ-ଘାତକତା କରିବ ନାହିଁ ବୋଲି ମନା କରିବାରୁ ତାର ସ୍ତ୍ରୀ ଫାଶୀ ପାଇଲା। ବର୍ଷକ ପରେ ତାର ବନ୍ଧୁମାନଙ୍କୁ, ୪୦୦ ନମ୍ବର ହେପାଜତଖାନାମାନଙ୍କୁ ଓ ସୋଭିଏତ ସମସ୍ତ ସଂଘ ସଂଗଠନକୁ ବଞ୍ଚାଇବାକୁ ଯାଇ ସେ ପ୍ରାଣ ଦେଲା।

ଯୋସେଫ ରେଜକ୍। ତାର ଅଦ୍ଭୁତ ରସିକତାବୋଧ—କେବେ ତା ଲୋପ ପାଇବାର ନୁହେଁ।

ଅନ ଉଠୋଭ୍ର—ବେଶୀ କଥା କହେ ନାହିଁ, ଅତ୍ୟନ୍ତ ବିଶ୍ୱସ୍ତ—ସାମରିକ ଆଇନର ପ୍ରବର୍ତ୍ତନ ବେଳେ ତାର ପ୍ରାଣଦଣ୍ଡ ହେଲା ।

ସିପ୍ରିଙ୍ଗୀର, ସେହି ସୁରଟୁର, ସଦାହାସ୍ୟମୟ 'ଗ୍ରନ୍ଥାଗାର ରକ୍ଷକ'; ଅବଶ୍ୟକୀୟ କାର୍ଯ୍ୟ କରିବା ଲାଗି ସେ ସବୁ ସମୟରେ ନୂତନ ନୂତନ ଉପାୟ ଉଦ୍‌ଭାବନ କରୁଥିଲା ।

ବଲେଙ୍କ, ସୁକୁମାର ତରୁଣ ।

ଏ ଖାଲି କେତେଗୁଡ଼ିଏ ଉଦାହରଣ, ନମୁନା ମାତ୍ର । ବ୍ୟକ୍ତିତ୍ୱ ଏହିମାନଙ୍କର ଥିଲା, ଯେଉଁଠି ବଡ଼ ଯାହାହେଉ ପଛେ—ଏମାନେ ଜୀବନ୍ତ ଚରିତ୍ର, କେବଳ କେତେଗୁଡ଼ାଏ ଲୋକ ନୁହନ୍ତି ।

# ଅଷ୍ଟମ ପରିଚ୍ଛେଦ

## ଇତିହାସରୁ ଟିକିଏ

ଜୁନ ୯ । ୧୯୪୩

ମୋ ଗାରଦ ସାମନାରେ ଗୋଟାଏ କମରବନ୍ଧ ଝୁଲୁଛି । ମୋର କମରବନ୍ଧ । ଅଦୂର ଭବିଷ୍ୟତରେ ଚାଲାନ ହେବାର ସଙ୍କେତ । ରାତିରେ କେତେବେଳେ ସେମାନେ ମୋତେ ବିଚାରପାଇଁ ରାଇଖ୍‌କୁ ନେଇଯିବେ—ତାପରେ ଯାହା ହେବାର ହେବ । ମୋର ଜୀବନ ଉପରେ ବର୍ତ୍ତମାନ ଛୁରିର ଶେଷ ଟୁକୁରା—ସମୟ ତାର ଶେଷ ଗ୍ରାସ କାମୁଡ଼ି ଛିଣ୍ଡେଇ ଦେଉଛି । ପାନକ୍ରାଟସର ଚାରିଶ ଏଗାର ଦିନ (ଅଣ୍ଟର୍ଯାଁ ଲାଗୁଚ) କେତେ ବେଗେ କଟିଗଲା । ଆଉ କେତେ ଦିନ ଅଛି ? କିପରି ସେ ଦିନଗୁଡ଼ାକ ? କେଉଁଠି କଟାଇବି ସେ ଦିନଗୁଡ଼ିକ ?

ଆଉ କେଉଁଠାକୁ ଯାଇ ଲେଖିବାର ସୁଯୋଗ ନ ପାଇବି ନାହିଁ । ତେଣୁ ଏଇ ମୋର ଶେଷ ଲେଖା । ଇତିହାସରୁ ଟିକିଏ—ଆଉ ସେ ଇତିହାସର ବୋଧହୁଏ ଶେଷ ଜୀବନ୍ତ ସାକ୍ଷୀ ମୁଁ ।

୧୯୦୧ ସାଲର ଫେବୃୟାରୀ ମାସରେ ସେମାନେ ଚେକ୍ କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ ପରିଷଦର ସମସ୍ତଙ୍କୁ ଗିରଫ କଲେ—ଆମେ ଯିବାପରେ ଯେଉଁ ଦ୍ୱିତୀୟ ଦଳ ନେତାମାନେ କାମ ଚଳାଇବା ଲାଗି ତିଆର ଥିଲେ ସେମାନେ ବି ବାଦ ଗଲେ ନାହିଁ । କିପରି ଯେ ଏପରି କଠୋର ଆଘାତ ହଠାତ୍ ଆସି ଆମ ସମସ୍ତଙ୍କ ଉପରେ ପଡ଼ିଲା, ଆଜିଯାଏ ବି ସେ କଥା ପରିଷ୍କାର ବୁଝାଯାଇ ନାହିଁ । ଯେଉଁ ଦିନ ଗେଷ୍ଟାପୋ କମିଶାରମାନଙ୍କୁ ଧରାଯିବ ଆଉ ସେମାନଙ୍କ

ଭୁସ୍ତିଖୋଲି କହିବାକୁ ପଡ଼ିବ ସେଦିନ ହୁଏ ତ ସେ କଥା ପରିଷ୍କାର ହେବ । ପେଣ୍ଟେଲ ବିଲ୍‌ଡିଂର ହେଡ୍‌କ୍ୱାଟରକାସ୍ଥି ହୋଇ ସେ ରହସ୍ୟ ଜାଣିବାକୁ ମୁଁ ବୃଥା ଚେଷ୍ଟା କରିଥିଲି । ଦଳ ଭିତରେ ଗୁଇନ୍ଦା ଢୁକିଥିଲେ ନିଶ୍ଚୟ, ଆଉ ବି ଏକ କାରଣ ବନ୍ଧୁପରିମାଣରେ ଅସାବଧାନତା । ଦୁଇବର୍ଷ ଧରି ଗୋପନ ଆନ୍ଦୋଳନ ସଫଳ ଭାବରେ ଚଳାଇବା ପରେ ଆମର କମ୍‌ରେଡ଼ମାନଙ୍କର ସତର୍କତା ଶିଥିଳ ହୋଇ ପଡ଼ିଥିଲା । ଆମର ଗୁପ୍ତ ସଂଗଠନ ଅତିଶୟ ବିସ୍ତୃତ ହୋଇପଡ଼ିଥିଲା; ପ୍ରତିଦିନ ନୂଆ ନୂଆ କର୍ମୀ ଆସୁଥିଲେ—ପ୍ରଥମ ଦଳ ପ୍ରତି କିଛି ଘଟିଲେ ସେମାନଙ୍କ ଭାର ନେବାକୁ ଯେଉଁମାନଙ୍କୁ ମହଜୁଦ କରି ରଖାଯିବା ଉଚିତ ଥିଲା, ସେମାନଙ୍କ ମଧ୍ୟରୁ ଅନେକେ ବି । ଆମର ସଂଘର ଜାଲମାନ ଏପରି ଜଟିଳ ହୋଇ ପଡ଼ିଲା ଯେ ତାର ସୁ-ନିୟନ୍ତ୍ରଣ ଅସମ୍ଭବ ହୋଇ ଉଠିଲା । କେନ୍ଦ୍ରୀୟ ସଂଗଠନ ଉପରେ ଏଇ ଆଘାତ ଦେବାପାଇଁ ଶତ୍ରୁ ବହୁ ଆଗରୁ ଅବଶ୍ୟ ପ୍ରସ୍ତୁତ ହୋଇଥିଲା; ତାପରେ ସେମାନେ ଯେତେବେଳେ ସୋଭିଏତ ଆକ୍ରମଣ ପାଇଁ ପ୍ରସ୍ତୁତ, ଠିକ୍ ସେତିକିବେଳେ ଆଘାତ ହେଲା ।

ଆମ ଭିତରୁ କେତେଜଣଙ୍କୁ ସେମାନେ ଧରିଲେ ପ୍ରଥମେ ଜାଣିପାରି ନଥିଲି । ସାଧାରଣ କଳ୍ପନା ଅନୁସାରେ ମୁଁ ପ୍ରତୀକ୍ଷା କଲି ବାକୀ ଯେଉଁମାନେ ଅଛନ୍ତି ସେମାନେ ମୋ ସହିତ ସଂଯୋଗ ସୂତ୍ର ସ୍ଥାପନ କରିବେ । କିନ୍ତୁ ପ୍ରତୀକ୍ଷା ନିଷ୍ଫଳ ହେଲା । ମାସକ ପରେ, ସ୍ପଷ୍ଟ ବୁଝିଗଲି ଯେ ଘଟନା ଅନେକଦୂର ଗଡ଼ିଯାଇଛି । ଆଉ କେବଳ ବାହାରର ଯୋଗାଯୋଗକୁ ଅପେକ୍ଷା କରି ବସିଲେ ଚଳିବ ନାହିଁ । ତେଣୁ ଭିତରର ଯୋଗସୂତ୍ର ଖୋଜି ବସିଲି, ଅନ୍ୟ ସମସ୍ତେ ମୋର ପଛା ଧରିଲେ ବି ।

ପ୍ରଥମେ ଯହାକୁ ପାଇଲି ସେ ହେଉଛନ୍ତି ହୋନଜା ଭିସ୍‌କୋଚିଲ, କେନ୍ଦ୍ରୀୟ ବୋହେମିଆ ବିଭାଗର ପ୍ରଧାନ କର୍ମୀ । ତାର କର୍ମପ୍ରେରଣା ଥିଲା ବହୁତ, 'ଲାଲ ଅଧିକାର'ର ପୁନଃ ପ୍ରକାଶ ପାଇଁ କିଛି ଲେଖା ବି ଯୋଗାଡ଼ କରିଥିଲା, ଯେପରିକି ଖବର କାଗଜର ଅଭାବ ପଡ଼ି ନ ଘଟେ ତାର ବ୍ୟବସ୍ଥା କରିଥିଲା । ମୁଁ ପ୍ରଧାନ ସମ୍ପାଦକୀୟ ପ୍ରବନ୍ଧ ଲେଖିଲି, ତାପରେ ଆମେ ଦୁଇଜଣ ଆଲୋଚନା କରି ଠିକ୍ କଲୁଁ ଯେ ଏହିସବୁ ଲେଖା '(ତାର ବାକିତକ ମୁଁ ସେତେବେଳଯାଏଁ ଦେଖି ନଥାଏ) 'ଲାଲ ଅଧିକାର' ବଦଳରେ 'ମଇ ପତ୍ରିକା' ନାମରେ ବାହାର କରାଯିବ । ଅଗପଛ ଖବର କାଗଜର ଜନ୍ମଦିନ ସଂଖ୍ୟା ବାହାର ନ କରି ଅନ୍ୟାନ୍ୟ ଦଳମାନେ ମଧ୍ୟ ଏହିପରି ଖଣ୍ଡିକିଆ କାଗଜ ବାହାର କରୁଥିଲେ ।

ପରବର୍ତ୍ତୀ ଘଟଣାଟି ମାତ୍ର କଟିଗଲା ଦିହିଁ କାମରେ । ଅଘାତ ଯେତେ ପ୍ରଚଣ୍ଡ ହେଉ ପଛେ ପାର୍ଟିକୁ ତାହା ଧ୍ୱଂସ କରି ଦେଇ ପାରିଲା ନାହିଁ । ନେତାମାନଙ୍କ ଉପରେ ଯେତେବେଳେ ଆଘାତ ଆସି ପଡ଼ିଲା ସେମାନଙ୍କର ଅସଂପୂର୍ଣ୍ଣ କାମ ଗୁଡ଼ିକ ନୂତନ କର୍ମୀ ତୁଲାଇଲେ । ସେମାନଙ୍କର ନୂତନ ଉତ୍ସାହ ଓ ଅନୁରକ୍ତି ମୂଳ ସଂଗଠନରେ କୌଣସି ଅବନତି ଘଟାଇବାକୁ ଦେଲା ନାହିଁ, ନୈରାଶ୍ୟଭାବ ବା ନିଷ୍କ୍ରିୟତା ପ୍ରବେଶ କରିପାରିଲା ନାହିଁ । କିନ୍ତୁ କେନ୍ଦ୍ରୀୟ କମିଟି ନାହିଁ । ପାର୍ଟିର ଦଳଗତ କାର୍ଯ୍ୟରେ ବିପଦ ଦେଖା ଦେଲା; ବିପଦ—ଯେତେବେଳେ ସୋଭିଏତ ରୁଷ ଉପରେ ଶତ୍ରୁର ଆକ୍ରମଣ ଆସିବ, ସେଇ ଚରମ ମୁହୂର୍ତ୍ତରେ ଏକତା ଓ ସୁସଂଗଠିତ ନେତୃତ୍ୱର ଅଭାବ ଦେଖାଦେବ ।

'ଲାଲ ଅଧିକାର'ର ଗୋଟାଏ ସଂଖ୍ୟା ଦେଖି ବୁଝିପାରିଲି—କୌଣସି ପ୍ରବୀଣ ସମ୍ପାଦକଙ୍କର ହାତ ଏଥିରେ ରହିଛି । ଏହି

ପତ୍ରିକାଟି ପ୍ରକାଶିତ ହୋଇଥିଲା ଗୋଟିଏ ପ୍ରତିରୋଧ ସଂଘ ତରଫରୁ । କହିବାକୁ ଦୁଃଖ ଲାଗୁଛି ଆମର ଏକମାତ୍ର ପ୍ରକାଶନ 'ମଇ ପତ୍ରିକା' ବିଶେଷ ସାଫଲ୍ୟ ଲାଭ କରି ପାରି ନଥିଲା କିନ୍ତୁ ଅନ୍ୟମାନେ ସେ କାଗଜରୁ ସ୍ପଷ୍ଟ ପ୍ରମାଣ ପାଇଥିଲେ ଯେ ଏହାର ସହଯୋଗୀ କେହି ଅଛି । ତେଣୁ ଏଥର ଆମେ ଦୁଇଦଳ ଆମ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବାକୁ ଖୋଜି ବୁଲିଲୁଁ ।

ଗହନ ବନରେ କାହାକୁ ଖୋଜିବା ପରି ଏ କଥା । ସ୍ୱର ଶୁଣି ଖୋଜିବାକୁ ବାହାରି ପଡ଼ିଲୁଁ । କିନ୍ତୁ ସେହି ସ୍ଥିର ଶାନ୍ତ ସ୍ୱର ପୁଣି ଶୁଣାଯାଉଛି ବାରେ ଏକ ପ୍ରାନ୍ତରୁ ବାରେ ଅନ୍ୟ ପ୍ରାନ୍ତରୁ । ଆମ ପାର୍ଟିର ବିବିଧ କ୍ଷତି ସମସ୍ତଙ୍କୁ ଅତ୍ୟନ୍ତ ସତର୍କ ଓ ସଜାଗ କରିଦେଇଥିଲା: ଫାନ୍ଦରେ ଯେପରି ଆଉ ଧରା ନ ପଡ଼ୁ । ଭୂତପୂର୍ବ କେନ୍ଦ୍ରୀୟ ପରିଷଦର ଦୁଇ ଜଣ ସଭ୍ୟ ମେମ୍ବରଙ୍କୁ ଖୋଜି ବାହାର କରିବାକୁ ଯାଇ କେତେ ବାଧା ବିପତ୍ତି ଆଉ ପରୀକ୍ଷା ଭିତରେ ପାର ହୋଇ ଆସିଲେ ତାର ସୀମା ନାହିଁ । ଯେଉଁମାନଙ୍କୁ ସେମାନେ ବିଶ୍ୱାସ କରି ଯୋଗା-ଯୋଗରେ ଭାର ଦେଇଥିଲେ ସେହିମାନେହିଁ ସୃଷ୍ଟି କଲେ ବାଧା । ଏହି ଦୁଇଜଣ ବିଶ୍ୱାସଘାତକତା କରିବେ କି ନା ବା ସେମାନଙ୍କ ସାଙ୍ଗେ ଲୁଚକାଳି ଖେଳୁଛନ୍ତି କି ନା ସେହି ସମ୍ବନ୍ଧରେ ସେମାନେ ଏପରି ପରୀକ୍ଷା କରି ନିଶ୍ଚିତ ହେଲେ । ଆଉ ସବୁଠାରୁ ବଡ଼ ଅସୁବିଧା, କାହାର ଖୋଜ ନେଉଛୁ, ତା ମୁଁ ଜାଣି ନ ଥିଲି, ସେ ମଧ୍ୟ ଜାଣି ନ ଥିଲା କିଏ ତାର ଖୋଜ ନେଉଛି ।

ଅବଶେଷରେ ଜଣଙ୍କୁ ପାଇଲୁଁ ଯେ ଆମ ଦୁହିଁଙ୍କୁ ଜାଣେ ଓ ଆମ ଦୁହିଁଙ୍କ ଘରୋଇପଣିଆ ବିଷୟରେ ନିର୍ଭର କରି କହିପାରିବ । ସେ ହେଉଛନ୍ତି ଡାକ୍ତର ମିଲୋଶ ନେଡ଼ଭେଡ଼, ଚମତ୍କାର ଯୁବକ

ଜଣେ—ସେହି ହେଲେ ଆମ ଉଭୟଙ୍କ ପ୍ରଥମ ଦୂତ । ତାଙ୍କୁ ପାଇଲି ହଠାତ୍ ଆକସ୍ମିକ ଭାବରେ । ୧୯୪୧ ସାଲର ଜୁନ ମାସର ଅଧାଅଧି, ମୁଁ ବେସାମରେ ପଡ଼ିଲି, ଲିଡ଼ାଙ୍କୁ ପଠାଇଲି ଡାକ୍ତର ନେଭୁଡ଼େଭେଡ଼ଙ୍କୁ ବାକ୍ସାସଙ୍କର ଘରକୁ ନେଇ ଆସିବା ପାଇଁ । ସେହିଠାରେ ମୁଁ ଲୁଚି ରହିଥିଲି । ସେ ସାଙ୍ଗେ ସାଙ୍ଗେ ଆସିଲେ । ତାପରେ କଥାବାର୍ତ୍ତା ପ୍ରସଙ୍ଗରେ ସେ ଅତିଶୟ ସତର୍କତା ଅବଲମ୍ବନ କରି ମୋତେ ଜଣାଇଦେଲେ ଯେ 'ମଇ ପତ୍ରିକା'ର ସମ୍ପାଦକୀୟ ଯେଉଁ ଲେଖକଟି ଲେଖିଛନ୍ତି ତାଙ୍କୁ ଖୋଜି ବାହାର କରିବାର ଭାର ପଡ଼ିଛି ତାଙ୍କର ଉପରେ । ସେ ଧାରଣା କରିପାରି ନଥିଲେ ଯେ ମୁଁ ହିଁ ସେହି ଲୋକ । କାରଣ, ବାହାରର ଅମର ସମସ୍ତ ସଭ୍ୟ ସେତେବେଳେ ଜାଣିଥିଲେ ଯେ ମୁଁ ଗିରଫ ହୋଇଛି, ଏବଂ ସମ୍ଭବତଃ ନିହତ ।

୧୯୪୧ ସାଲର ଜୁନ ୨୨ ରେ ହିଟଲର ସୋଭିଏଟ୍ ୟୁନିୟନ ଆକ୍ରମଣ କଲା । ଠିକ୍ ସେହିଦିନ ସନ୍ଧ୍ୟାରେ ମୁଁ ଅନ୍ତ ହୋଇନଥିବା ଭିସ୍କୋଚିଲ ଗୋଟାଏ ଇସ୍ତାହାର ବାହାର କରି ଦେଶବାସୀଙ୍କୁ ଜଣାଇଦେଲି ଚେକୋସ୍ଲୋଭାକିଆ ପ୍ରତି ଏହି ଆକ୍ରମଣର ଅର୍ଥ କଣ । ଜୁନ ୩୦ରେ ଯାହାଙ୍କୁ ଏତେଦିନ ଧରି ଖୋଜିଥିଲି ତାଙ୍କ ସହିତ ଭେଟ ହେଲା । ମୁଁ ଯେଉଁ ଠିକଣା ଦେଇଥିଲି ସେହି ଠିକଣାକୁ ସେ ଆସିଲେ କାରଣ କାହା ସାଙ୍ଗରେ ଦେଖା କରିବାକୁ ଆସୁଛନ୍ତି ସେ ତା ଜାଣିଥିଲେ, କିନ୍ତୁ ସେତେବେଳେ ସୁଦ୍ଧା ମୁଁ ତାଙ୍କୁ ଚିହ୍ନି ନଥିଲି । ଖରାଦିନ ରାତି, ଅକାଶିଆର ଗନ୍ଧରେ ବାୟୁ ସୁରଭିପୂର୍ଣ୍ଣ, ପ୍ରେମିକ ପ୍ରେମିକାଙ୍କର ମିଳନର ରାତି । କଥା ଭାଷା ହେବା ଆଗରୁ ମୁଁ ଝରକାର ପରଦାଟା ଟାଣିଦେଲି ।

ଯେତେବେଳେ ମୁଁ ଅଲୁଅ ଲଗାଇଲି ଆମେ ପରସ୍ପରକୁ ଆଲିଙ୍ଗନ ପାଶରେ ଆବଦ୍ଧ କଲୁଁ । ସେ ହୋନସ୍ତା ଜିକା ।

୧୯୪୧ ସାଲର ଫେବୃଆରୀ ମାସ । କେନ୍ଦ୍ରୀୟ ପରିଷଦର ସମସ୍ତେ ସେତେବେଳ ସୁଦ୍ଧା ଗିରଫ ହୋଇ ନଥିଲେ । ଜଣେ ମାତ୍ର ମୁକ୍ତ ରହିଛନ୍ତି । ସେ ହେଉଛନ୍ତି ଜିକା । ବହୁଦିନ ଧରି ତା ସହିତ ମୋର ଚିହ୍ନା ଜଣା, ଖୁବ ଭଲ ପାଏ ତାକୁ । କିନ୍ତୁ ଏବେ ଯେଉଁ କାମ ଦୁହେଁମିଳି କରିବାକୁ ବସିଲୁ, ସେଥିରୁ ଆମେ ପରସ୍ପରର ଅନ୍ତର ସହିତ ପରିଚିତ ହେଲୁ । ସେ ଗେଡ଼ା ଗୋଲଗାଲ ଲୋକ, ସବୁବେଳେ ହସକୁରା ମୁହଁ, ସାର୍ବଜନୀନ କକା ହେବାର ଉପଯୁକ୍ତ ଲୋକ — କିନ୍ତୁ ପାର୍ଟି କାମରେ ଅନୁରକ୍ତ; ଅପରାଜେୟ, ଦୃଢ଼, ଆପୋଷହୀନ । ତାକୁ ଯେଉଁ କାର୍ଯ୍ୟ କରିବାକୁ ହେବ, ତା ବ୍ୟତୀତ ସେ ଅନ୍ୟ କିଛି ଜାଣେ ନାହିଁ, ଜାଣିବାକୁ ବି ଚାହେଁ ନାହିଁ । କର୍ତ୍ତବ୍ୟ ପାଇଁ ସେ ନିଜକୁ ସବୁଥିରୁ ବଞ୍ଚିତ କରିଛି । ସେ ଲୋକଙ୍କୁ ଭଲପାଏ, ଲୋକେ ବି ତାକୁ ଭଲ ପାଆନ୍ତି । କିନ୍ତୁ ସେମାନଙ୍କର ଦୁର୍ବଳତାର ସୁଯୋଗ ନେଇ ସେ ସେମାନଙ୍କୁ ଦବେଇ ରଖିବାକୁ ଚାହେଁ ନାହିଁ ।

ଦୁହେଁ ଏକମତ ହେବାକୁ କେତେକ ମିନିଟ୍‌ମାତ୍ର ଲାଗିଲା ଏବଂ ଅଳ୍ପ କେତୋଟି ଦିନ ଭିତରେ ନୂତନ ନେତୃତ୍ୱର ତୃତୀୟ ସଭ୍ୟ ସଙ୍ଗେ ପରିଚୟ ହେଲା । ଗତ ମେ ମାସ ଠାରୁ ଜିକା ସାଙ୍ଗରେ ତାର ଯୋଗାଯୋଗ ଥିଲା । ସେ ହେଉଛନ୍ତି ହୋନସ୍ତା ଚର୍ନି । ଦୀର୍ଘକାୟ, ସୁରୁଚିସମ୍ପନ୍ନ ଏକ ଯୁବକ, ଅଳ୍ପ ବୟସ, ଜନତା ପ୍ରତି ତାଙ୍କର ମମତା ଅପୂର୍ବ । ସ୍ପେନରେ ସେ ଲଢ଼ିଛନ୍ତି, ଯୁଦ୍ଧ ଲାଗିଯିବା ପରେ ନାତ୍ସୀ ଜର୍ମାନୀ ପାର ହୋଇ ସେ ଫେରିଛନ୍ତି ଦେଶକୁ, ଫ୍ରା-

ଫୁଟ୍‌ରେ ତାର ରହିଛି କ୍ଷତ । ତାପରଠାରୁ ସୈନିକଗୁଣ ତାଠାରେ ରହିଲା ସଦାବେଳେ—ଗୋପନ ଆନ୍ଦୋଳନର ଅଭିଜ୍ଞତା ଥିଲା ତାର ବହୁତ, ଧୀମାନ୍, ସବୁ କାର୍ଯ୍ୟରେ ଅଗ୍ରଣୀ ।

ମାସ ମାସ ଧରି କଠିନ ସଂଗ୍ରାମ ଭିତରେ ଆମେ ବନିଲୁଁ ଚମତ୍କାର ସାଥୀ । ମନୋଭାବ ଓ ଆମର ବିଶେଷ ବିଦ୍ୟାଭ୍ୟାସ ଉଭୟଥିରେ ଆମେ ପରସ୍ପରର ପରିପୂରକ ହେଲୁଁ । ଯୁବା ସମ୍ପାଦକ, ବାସ୍ତବବାଦୀ, ଇମିତି ତତ୍ତ୍ୱଗୁଡ଼ିକର କଥା କହିବ ଯେ ତୁମେ ବିରକ୍ତ ହୋଇଯିବ । ବୃଥା ବାକ୍ୟାଡ଼ମ୍ବରରେ ସେ ପ୍ରଭାବିତ ହେବାର ଲୋକ ନୁହେଁ । ପ୍ରତ୍ୟେକ ବିବରଣୀକୁ ଖିନଭିନ୍ କରି ଦେଖି ସେ ତାର ସମସ୍ତ ଗୁରୁତ୍ୱ ଉପଲବ୍ଧି କରେ, ପ୍ରତି ପ୍ରସ୍ତାବକୁ ପ୍ରତ୍ୟେକ ଦିଗରୁ ପରୀକ୍ଷା କରି ଦେଖେ, ଅତି ଧୀରେ ନିର୍ଦ୍ଦେଶ ପାଳନ କରେ, ହୃଦୟବତ୍ତା ସହକାରେ ଅଥଚ ଦୃଢ଼ଭାବରେ ।

ଗୁର୍ନି ଉପରେ ଭାରଥିଲା ଶତ୍ରୁର କାର୍ଯ୍ୟକୁ ପଣ୍ଡ କରିବା ଓ ସଶସ୍ତ୍ର ବିଦ୍ରୋହର ଆୟୋଜନ । ସେ ସାମରିକ ପରିଭାଷାରେ ଭାବେ, ନୂତନ ନୂତନ ଉଦ୍ଭାବନରେ ସେ ରତ, ବିରାଟ ପରିକଳ୍ପନା ତାର; ଯୋଜନାର ପରସ୍ପର ସୁବିନ୍ୟସ୍ତ, ନୂତନ କର୍ମୀ ଆଉ ନୂତନ ଶକ୍ତିର ଆଧାରମାନ ଆବିଷ୍କାର କରିବାରେ ଅବିରାମ ଚେଷ୍ଟା ତାର, ସଫଳ ହୁଏ ମଧ୍ୟ ।

ମୁଁ ହେଲି ସାମ୍ବାଦିକ, ରାଜନୈତିକ ଆନ୍ଦୋଳନକାରୀ; ମୋତେ ମୋର ଘ୍ରାଣେନ୍ଦ୍ରିୟ ଉପରେ ନିର୍ଭର କରି ଚଳିବାକୁ ପଡ଼େ । ବେଳେ ବେଳେ ମନେହୁଏ ମୁଁ କିଂଭୂତକିମାକାର, ଭାରସାମ୍ୟ ଆଉ ଏକତା ରକ୍ଷା ଦିଗରେ ମୋର ଝୁଙ୍କ ।

ଆମର ବିଭାଗ ବଣ୍ଟନ ଦ୍ୱାରା ଆମର ଦାୟିତ୍ୱ ବିଭକ୍ତ ହେଲା; କାମ କିନ୍ତୁ ଏକା । ଯେତେବେଳେ ସ୍ୱତନ୍ତ୍ର କାମରେ ଡ଼ାକରା ଆସେ, ବା ସଠିକ ନ୍ୟାୟ ନିର୍ଦ୍ଧାରଣର ସମୟ ଆସେ ସେତେବେଳେ ଆମେ ପରସ୍ପରର ବିଭାଗର କାମ ଚଳାଉଁ, ନିଜ ଉପରେ ଦାୟିତ୍ୱ ବହନ କରୁଁ । ଦେଖାସାକ୍ଷାତ କରି ଆଲୋଚନା କରିବାର ସମୟ ତ ନାହିଁ ଅଛି । ଫେବୃୟାରୀ ମାସରେ ପାର୍ଟି ଉପରେ ଯେଉଁ ଚଢ଼ଉ ଆସି ପଡ଼ିଲା ସେଥିରେ ସବୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା, ତା ପୁରାପୁରି ଆଉ ସୁଧାର ହେଲା ନାହିଁ । ପାର୍ଟିର କେତେ ଗୁଡ଼ାଏ ବିଭାଗ ବିଲକୁଲ ମୂଳପୋଛ ହୋଇଯାଇଥିଲା, କେତେଗୁଡ଼ିକୁ ପୁଣି ଥରେ ଗଢ଼ିବାକୁ ପଡ଼ିଲା; କିନ୍ତୁ ସେ ଗୁଡ଼ିକ ସଙ୍ଗେ ଯୋଗସୂତ୍ର ସ୍ଥାପନ କରିବା ଅସମ୍ଭବ ହୋଇ ଉଠିଲା । ବହୁ କାରଖାନାର ସେଲ ଗୁଡ଼ିକୁ, ଏପରି କି କେତେ ସ୍ଥଳରେ ଗୋଟାଏ ଗୋଟାଏ ଅଞ୍ଚଳର ସଂଗଠନକୁ ବିଚ୍ଛିନ୍ନ ଭାବରେ ମାସ ମାସ ଧରି କାମ କରିବାକୁ ପଡ଼ିଲା; ପରେ ସେଗୁଡ଼ିକ ସହିତ ଯୋଗାଯୋଗ କରିବା ସମ୍ଭବ ହେଲା । ଆମେ ଏତିକିମାତ୍ର ଆଶାପୋଷଣ କରୁଥିଲୁଁ—ଆମର କେନ୍ଦ୍ରୀୟ ଖବରକାଗଜ ଖଣ୍ଡିକ ସେମାନେ ପାଉଥିବେ ଆଉ ସେଥିରେ ଯେଉଁ ସାଧାରଣ ନିର୍ଦ୍ଦେଶ ଦିଆଯାଉଥିଲା ସେହି ଅନୁସାରେ କାମ କରୁଥିବେ ।

କାମ କରିବା ବଡ଼ କଠିନ, ଯେତେବେଳେ ମୁଣ୍ଡ ଗୁଞ୍ଜିବାକୁ ଆମର ସ୍ଥାନ ନ ଥିଲା । ଆଗର ଆଡ୍ଡାଗୁଡ଼ିକ ଆମେ ବ୍ୟବହାର କରି ପାରୁ ନଥିଲୁଁ କାହିଁକି ନା ସେ ଗୁଡ଼ିକ ସେତେବେଳେ ଶତ୍ରୁର କଡ଼ା ନଜରରେ ବୋଧହୁଏ ଥିଲା । ପ୍ରଥମେ ଆମର ଟଙ୍କା କଉଡ଼ି ନ ଥିଲା, ଅଙ୍କୁ ବି ରେଶନ କାର୍ଡ ବିନା ସେତେବେଳେ ରସଦ ଯୋଗାଡ଼ କରିବା ମୁସ୍କିଲ; ରେଶନ କାର୍ଡକୁ ସେମାନେ ଆମର

ପଥ ପାଇପାରି ଥାଆନ୍ତି । ଏହିସବୁ ବାଧା ଅତିକ୍ରମ କରି ଆଗେଇବାକୁ ପଡ଼ିଲା ଏପରି ସମୟରେ, ଯେତେବେଳେ ଆୟୋଜନ ଓ ପୁନର୍ଗଠନ ଲାଗି ବେଳ ଗଡ଼ିଯାଉଥିଲା । ସେତେବେଳେ ଯୁଦ୍ଧରେ ଆମକୁ ସକ୍ରିୟ ଅଂଶ ଗ୍ରହଣ କରିବାର ସମୟ ଆସିଲା, କାରଣ ସୋଭିଏତ୍ ୟୁନିୟନ ଉପରେ ସେତେବେଳେ ଆକ୍ରମଣ ହୋଇଗଲାଣି ।

ଆମର କର୍ତ୍ତବ୍ୟ ଶତ୍ରୁ ଅଧିକୃତ ଅଞ୍ଚଳ ଭିତରେ ରହି ଆକ୍ରମଣକାରୀଙ୍କ ବିରୁଦ୍ଧରେ ଲଢ଼ାଇ କରିବା, ଶତ୍ରୁର କାର୍ଯ୍ୟ ପଣ୍ଡ କରିବା ଲାଗି ଗଣ୍ଡଯୁଦ୍ଧ ଚଳାଇବା । କେବଳ ଆମର ନିଜର ଫୌଜଦ୍ୱାରା ନୁହେଁ, ଯେତେଦୂର ସମ୍ଭବ ସମଗ୍ର ଚେକ୍ ଜାତିର ଶକ୍ତି ନିୟୋଜିତ କରିବୁ ସେଥିରେ । ୧୯୩୮ ଠାରୁ ୧୯୪୧ ସାଲ ଥିଲା ଆୟୋଜନର ସମୟ, ପାର୍ଟି ସେତେବେଳେ ଗୋପନ କାର୍ଯ୍ୟରେ ବ୍ୟସ୍ତ, ଗୋପନ କାର୍ଯ୍ୟ କେବଳ ଜର୍ମାନ ପୁଲିସମାନଙ୍କ ବିରୁଦ୍ଧରେ ନୁହେଁ, ସମଗ୍ର ଜର୍ମାନ ଜାତି ବିରୁଦ୍ଧରେ । ରକ୍ତାକ୍ତ ଉତ୍ପୀଡ଼ନ ସତ୍ତ୍ୱେ ଆକ୍ରମଣକାରୀ ବିରୁଦ୍ଧରେ ପ୍ରତିରୋଧ ଚଳାଇବା ଲାଗି ପାର୍ଟିକୁ ତାର ସଂଗଠନକୁ ସୁଦୃଢ଼ ଓ ସୁନିୟନ୍ତ୍ରିତ କରିବାକୁ ପଡ଼ିଲା । ତା ସହିତ ବି ଜାତୀୟ ବିଶ୍ୱାସଭାଜନ ହେବା ଆମର ଦରକାର । ତାହାର ଅର୍ଥ ଯେଉଁମାନେ କୌଣସି ଦଳଭୁକ୍ତ ନୁହନ୍ତି ସେମାନଙ୍କ ପାଖକୁ ଯିବାକୁ ପଡ଼ିବ । ମୁକ୍ତି ପାଇଁ ଯେଉଁମାନେ ସଂଗ୍ରାମ କରିବାକୁ ପ୍ରସ୍ତୁତ ସେମାନଙ୍କ ସହିତ ସମ୍ପର୍କ ରଖିବାକୁ ହେବ, ସମଗ୍ର ଜାତିକୁ ସଂଗ୍ରାମ କରିବାକୁ ଡାକରା ଦେବାକୁ ପଡ଼ିଲା, ଯେଉଁମାନେ ଇତସ୍ତତଃ ହେଉଥିଲେ ସେମାନଙ୍କ ସାଙ୍ଗରେ ଯଥାସମ୍ଭବ ସମ୍ପର୍କ ରଖିବା ଦରକାର ହେଲା ।

୧୯୪୧ ସାଲର ସେପ୍ଟେମ୍ବର ପ୍ରଥମ ଭାଗରେ ଆମର ଭାଙ୍ଗିପଡ଼ିଥିବା ଦଳଙ୍କୁ ଯେ ଆମେ ପୁନର୍ଗଠିତ କରି ପାରୁଥିଲୁ ଏ କଥା କହି ହେବ ନାହିଁ । ତେବେ ଏତିକି କହିପାରେ ଯେ ଗୋଟାଏ ସୁନିୟନ୍ତ୍ରିତ ଦୃଢ଼ ଭିତ୍ତି ଅନ୍ତତଃ ପଡ଼ିଲା । ଏହି ଛୋଟ ଦଳଙ୍କୁ ନେଇ କେତେକ ପରିମାଣରେ କାମ କରିବା ସମ୍ଭବ ହେବ । ପାର୍ଟିର ଅଭିଯାନ ଦୃଷ୍ଟି ଆକର୍ଷଣ କରିବାକୁ ଲାଗିଲା । ଶତ୍ରୁକୁ ପସ୍ତ କରିବା କାର୍ଯ୍ୟ ବ୍ୟାପିଲା । ଗୁଡ଼ିଅଡ଼େ କାରଖାନାରେ ହେଲା ଧର୍ମଘଟ । ସେପ୍ଟେମ୍ବରର ଶେଷ ଆଡ଼କୁ ସେମାନେ ହେଡ୍ରିଖ୍‌କୁ ଆମ ପିଛରେ ଲଗେଇଲେ ।

ସାମରିକ ଅଭିଯାନର ପ୍ରଥମ ପର୍ଯ୍ୟାୟ ଏହି ବର୍ଦ୍ଧମାନ ସକ୍ରୀୟ ପ୍ରତିରୋଧକୁ ଦଳିଦେଇ ପାରିଲେ ନାହିଁ । ଅବଶ୍ୟ ତଦ୍ଦ୍ୱାରା ଆମର ଅଗ୍ରଗତି ଧିମେଇଗଲା, ପାର୍ଟି ଦେହରେ ନୂତନ ଚୋଟ ଲାଗିଥିଲା । ସବୁଠାରୁ ବେଶି ମାଡ଼ ପଡ଼ିଲା ପ୍ରେସ୍ ଜାଲ ଆଉ ଯୁବକ ସଂଘ ଉପରେ । ଧରାପଡ଼ିଲେ ଆମର ଆଉ କେତେଜଣ ନେତା, ପାର୍ଟିର ବହୁମୂଲ୍ୟ ସମ୍ପଦ ସେମାନେ—ଜ୍ୟାନଫେଟି, ସ୍ତ୍ରାନତକଲ, ମିଲେଶ, ଫ୍ୟାସିନା ଏବଂ ଅହୁରି ଅନେକ ।

କିନ୍ତୁ ପ୍ରତ୍ୟେକ ଆଘାତ ପରେ ବୁଝାପଡୁଥିଲା ପାର୍ଟି କେତେ ଅବିନଶ୍ୱର, କୌଣସି କର୍ମୀର ସ୍ଥାନ ଯେତେ ଅପୂରଣୀୟ ହେଲେ ମଧ୍ୟ, ଜଣେ କର୍ମୀ ଧରାହୋଇ ଯିବା ପରେ ତା ସ୍ଥାନରେ ଦୁଇଜଣ କି ତିନିଜଣ ନୂଆ କର୍ମୀ ଆସି ପହଞ୍ଚୁଥିଲେ । ନୂତନ ବର୍ଷର ଆରମ୍ଭରେ ଆମେ ପୁଣି ଏକ ଶକ୍ତିଶାଳୀ ସଂଘ ଗଢ଼ିନେଲୁ । ୧୯୪୨ ସାଲର ଫେବ୍ରୁଆରି ମାସରେ ତାହା ଯେପରି ବିସ୍ତୃତ ଥିଲା ସେପରି ନ ହେଲେ ମଧ୍ୟ ଶେଷ ଲଢ଼େଇର ଆହ୍ୱାନରେ ସପକ୍ଷତା କରିବାକୁ

ଚଳ ତାର ଥିଲା ପୂର୍ଣ୍ଣମାତ୍ରାରେ । ଆମେ ସମସ୍ତେ ଏହି କାମରେ ବ୍ୟାପୃତ ଥିଲୁଁ; କିନ୍ତୁ ଏଥିରେ ହୋନତ୍ସା ଜଢାର ବିଶେଷ ବାହାଦୁରୀ ।

ଆଉ ପ୍ରକାଶନ କାର୍ଯ୍ୟର ନିଦର୍ଶନ ମିଳିବ କେଉଁଠି କୋଠାର ଉପର ଚୁଲିଘରେ, କାହିଁ ବା ଭୂଇଁତଳେ ଶେଷ କୋଠରୀରେ, କମ୍ରେଡମାନଙ୍କର ଲୁଗା ଫାଇଲମାନଙ୍କରେ । ଏଠି ସେ ସବୁ କଥା କହିବା ନିଷ୍ପ୍ରୟୋଜନ ।

ଆମ ଖବରକାଗଜଗୁଡ଼ିକର କାଟତି ବେଶ ହେଉଥିଲା । କେବଳ ପାର୍ଟିର ସଭ୍ୟ ନୁହନ୍ତି, ସାରା ଦେଶରେ ଅନେକେ ପଢ଼ୁଥିଲେ ସେ କାଗଜ । ସେଗୁଡ଼ିକ ଛପା ହୋଇ ବା ମାଇମିଓଗ୍ରାଫ ହୋଇ ଅନେକଗୁଡ଼ିଏ 'ଟେକ୍ନିକାଲ୍ କେନ୍ଦ୍ର'ରୁ ବହୁ ସଂଖ୍ୟାରେ ବାହାରୁଥିଲା। ଏହି କେନ୍ଦ୍ରଗୁଡ଼ିକର ବିଷୟ ଗୁପ୍ତ ଥିଲା ଏବଂ ସେଗୁଡ଼ିକ ପରସ୍ପରଠାରୁ ସମ୍ପୂର୍ଣ୍ଣରୂପେ ଅସଂପୃକ୍ତ ଥିଲେ । କୌଣସି ପ୍ରକାଶ କେନ୍ଦ୍ର ଜାଣୁନଥିଲା କିଏ ସବୁ ଅନ୍ୟ କେନ୍ଦ୍ରରେ କାମ କରୁଛନ୍ତି ବା କେଉଁଠି ସେମାନେ କାମ କରୁଛନ୍ତି । କେଉଁଠାରୁ ଉପଦେଶ ବା ଲେଖାମାନ ଆସୁଛି ତା କେହି ଜାଣୁନଥିଲେ । ସେମାନେ ସମସ୍ତେ କାମ ଚଳେଇଥିଲେ କ୍ଷିପ୍ର ବେଗରେ । ମନୁଷ୍ୟ ହାତରେ ଯେତେଦୂର କରାଯାଇପାରେ, ଯୁଦ୍ଧ ପରିସ୍ଥିତି ହେତୁରୁ ଯେତେ ଶୀଘ୍ର କରିବା ଦରକାର ପଡ଼ୁଥିଲା ସେତେ ଜଲଦି । ଉଦାହରଣ ସ୍ୱରୂପ—୧୯୪୨ ସାଲର ଫେବୃୟାରୀ ୨୩ ତାରିଖରେ ସୈନ୍ୟବାହିନୀକୁ କମ୍ରେଡ଼ ଷ୍ଟାଲିନଙ୍କର ସାଧାରଣ ଆଦେଶନାମା ଆମେ ୨୩ ତାରିଖ ସନ୍ଧ୍ୟାସୁଦ୍ଧା ଛାପି ପାଠକମାନଙ୍କ ହାତରେ ଦେବାକୁ ସମର୍ଥ ହୋଇଥିଲୁଁ । ମୁଦ୍ରାକରମାନେ ଚମତ୍କାର

କାମ କରୁଥିଲେ, ଆଉ ସେଣ୍ଟ୍ରପର କାମ କରୁଥିଲେ ଫୁର୍-ଲେରେନ୍‌ସ ଶାଖାର ଡାକ୍ତରମାନେ । ଏହି ଶାଖାରୁ ବି ଖଣ୍ଡେ କାଗଜ ସେମାନେ ବାହାର କରୁଥିଲେ । ତାର ନାମ 'ହ୍ୱାଟଲର ବିରୁଦ୍ଧରେ ଦୁନିଆ' । ଅନ୍ୟ କେହି ଯେପରି ବିପଦଗ୍ରସ୍ତ ନ ହୁଅନ୍ତି ସେଥିପାଇଁ ଅନ୍ୟ କାଗଜଗୁଡ଼ିକର ଲେଖା ମୁଁ ନିଜେ ତିଆରି କରୁଥିଲି । ମୁଁ ଯଦି ଖତମ ହୁଏ ତେବେ ମୋ ବଦଳରେ ଯେ କାମ କରିବ ସେ ଅନେକ ଆଗରୁ ତାଲିମ ହୋଇ ତିଆରି ଥାଏ । ମୁଁ ଗିରଫ ହେବା ପରେ ସେ ନିଜ କାର୍ଯ୍ୟର ଭାର ଗ୍ରହଣ କରିଛନ୍ତି ଏବଂ ବର୍ତ୍ତମାନ ବି କାମ ଚଳେଇଛନ୍ତି ।

ଯେତେ ସରଳ ସହଜ ଉପାୟ ସମ୍ଭବ ତା ଆମେ ଗ୍ରହଣ କଲୁଁ । ଗୋଟିଏ ଗୋଟିଏ କାମ କରିବାକୁ ଯେତେକୁର ସମ୍ଭବ କମ୍ ଲୋକ ନିଯୁକ୍ତ କରାଗଲେ । ସମ୍ବାଦ ପଠାଇବାର ଜଟିଳ ବ୍ୟବସ୍ଥା ଆମେ ସ୍ଥଗିତ ରଖିଲୁଁ । ବାର୍ତ୍ତା ପଠାଇବାର ବ୍ୟବସ୍ଥାହିଁ ୧୯୪୧ ଫେବୃୟାରୀରେ ଆମର କେନ୍ଦ୍ରୀୟ ପରିଷଦକୁ ବଞ୍ଚାଇ ପାରି ନ ଥିଲା । ଏ ବ୍ୟବସ୍ଥା ଅବଲମ୍ବନ କରି କମିଟି ଫେବୃୟାରୀ ମାସରେ ବର୍ତ୍ତି ଯାଇ ପାରିଲା ନାହିଁ, ଏ ବ୍ୟବସ୍ଥା ବରଂ ବିଶ୍ୱାସ-ଘାତକତାର ଭୟହିଁ ବଢାଇଥିଲା । ଏଥିରେ କାଳୁ ବ୍ୟକ୍ତିଗତ ଭାବରେ ଆମ ପ୍ରତ୍ୟେକଙ୍କ ଉପରେ ବିପଦର ଆଶଂକା, କାଳୁ ଗୋପନ ଆନ୍ଦୋଳନର ଯନ୍ତ୍ରଟି ହେଲା ଅଧିକ ନିରାପଦ । ଭବିଷ୍ୟତରେ କୌଣସି ଆଘାତ ପାଚିଳ୍ପୁ ଆଉ ପଙ୍ଗୁ କରିପାରିବ ନାହିଁ, ଫେବୃଅରୀର ଘଟଣା ଆଉ ଘଟିବ ନାହିଁ ।

ଏଣୁ ମୁଁ ଗିରଫ ହେବା ପରେ ମଧ୍ୟ କେନ୍ଦ୍ରୀୟ ପରିଷଦ କାମ ଚଳାଇ ନେଲା ଯଥାରୀତି । ମୋ ଜାଗାରେ ଅନ୍ୟ ଜଣେ

କାମ କଲି ମୋର ବଦଳିଆ ହୋଇ, ଅଥଚ ମୋର ଘନିଷ୍ଠ ସହଯୋଗୀମାନେ ମଧ୍ୟ କାମରେ କିଛି ଅଭାବ ଲକ୍ଷ୍ୟ କରି ପାରିଲେ ନାହିଁ ।

୧୯୪୨ ସାଲ ଏପ୍ରିଲ ୨୨ରେ ହୋନଜିକ୍ ଧରା ପଡ଼ିଗଲା । ତା ମଧ୍ୟ ବିଲ୍‌କୁଲ୍ ଆକସ୍ମିକ ଭାବରେ । ହେଡ୍ରିଖର ହତ୍ୟାର ପରବର୍ତ୍ତୀ ସମୟରେ ସେ ଘଟଣା । ସମଗ୍ର ପ୍ରେଗ୍ ଉପରେ ଶତ୍ରୁ ତାର ସମସ୍ତ ଶକ୍ତି ଖଟେଇ ଚଢ଼ାଉ ଚଳେଇଛି । ସେମାନେ ବ୍ରେଶୋଭସ୍‌ର ଘରେ ପଶିଲେ । ସେଠାରେ ଜିକା ରହିଥିଲା ଆତ୍ମଗୋପନ କରି, ତାର କାଗଜପତ୍ର ସବୁ ଠିକଠାକ୍ ଥିଲା, ମିଛ ନାଁରେ ସେ ସବୁ । ସେ ରୁଟିନ୍ ଚେକ୍ କରୁଥିଲେ ସେମାନେ ତାକୁ ଜାଣିପାରି ନ ଥାଆନ୍ତେ । ଯେଉଁ ସଦାଶୟ ପରିବାରର ଆଶ୍ରୟରେ ସେ ଥିଲା ସେମାନଙ୍କୁ ବିପନ୍ନ କରିବା ତାର ଇଚ୍ଛା ହେଲା ନାହିଁ । ତେଣୁ ସେ ତିନି ମହଲାର ଗୋଟିଏ ଝରକାର ତଳକୁ ଡେଇଁପଡ଼ି ପଳାଇବାର ଚେଷ୍ଟା କଲା, ପଡ଼ିଗଲା, ସାଂଘାତିକ ଆଘାତ ଲାଗିଲା ମେରୁଦଣ୍ଡ ଉପରେ । ଗୋଟାଏ ଜେଲ-ହାସପାତାଳକୁ ସେ ନିଆ ହେଲା, କାହାକୁ ସେମାନେ ଧରିଛନ୍ତି ତା ବି ସେମାନଙ୍କର ଧାରଣା ନ ଥିଲା । ଅଠରଦିନ ଧରି ଖୋଜଖବର ନେଇ ଆଉ ଗଦା ଗଦା ଫଟୋ ମିଳେଇ ଦେଖିବା ପରେ ସେମାନେ ପ୍ରମାଣ କଲେ ସେ କିଏ । ତାପରେ ମୁମୂର୍ଷୁ ଅବସ୍ଥାରେ ତାକୁ ନେଇଗଲେ ପେଟଚେକ ବିଲ୍‌ଡିଂକୁ—ଉତ୍ପୀଡ଼ନ ପାଇଁ । ସେଠାରେ ତା ସହିତ ମୋର ଶେଷ ଥରପାଇଁ ସାକ୍ଷାତ । ସେମାନେ ମୋତେ ତା ସାଙ୍ଗରେ ଦେଖା କରିବାକୁ ନେଇଗଲେ । ଦୁହେଁ କରମର୍ଦ୍ଦନ କଲୁ । ସେ ମୁହଁରେ ତାର ପ୍ରଶାନ୍ତ ସଦୟ ହାସ୍ୟ ଫୁଟାଇ କହିଲା, "ଜୁଲେ, ନିଜ କଥା ନେଇ ସାବଧାନ ହୁଅ ।"

ମାତ୍ର ଏହି ଗୋଟିଏ ପଦ କଥା ସେମାନେ ତାଠାରୁ ଶୁଣିଲେ । ଆଉ କୌଣସି କଥା ସେ ସେମାନଙ୍କୁ କହୁ ନାହିଁ । ମୁହଁ ଉପରେ ଗୋଟାପଣେ ମାଡ଼ ବସିବାରୁ ସେ ଅଚେତ ହୋଇ ପଡ଼ିଲା, ଘଣ୍ଟା ଦୁଇ ମଧ୍ୟରେ ମୃତ୍ୟୁ ଘଟିଲା ତାର ।

ମଇ ୨୯ ତାରିଖ ଭିତରେ ତାର ଗିରଫର ଖବର ମୁଁ ଜାଣିପାରିଥିଲି । ଆମର ଗୁପ୍ତଚରମାନେ ବେଶ୍ କାମ କରୁଥିଲେ । ଆମର ପରବର୍ତ୍ତୀ କର୍ତ୍ତବ୍ୟ ସେମାନଙ୍କ ମାରଫତରେ ସାବ୍ୟସ୍ତ ହେଲା, ପରେ ହୋନେଭସା ଗ୍ରୁନି ତାହା ଅନୁମୋଦନ କଲା । ପାର୍ଟି ପାଇଁ ସେଇ ହେଉଛି ଆମର ଏକାଠି ବସି ଶେଷ କର୍ତ୍ତବ୍ୟ ନିର୍ଦ୍ଧାରଣ ।

୧୯୪୨ ସାଲର ଗ୍ରୀଷ୍ମକାଳରେ ହୋନେଭସା ଗ୍ରୁନି ଗିରଫ ହେଲା । ଏଥର କିନ୍ତୁ ଦୈବାତ୍ ନୁହେଁ । ତା ସାଙ୍ଗରେ ଜ୍ୟାନ୍ ପୋକୋର୍ନିର ପ୍ରତ୍ୟକ୍ଷ ଯୋଗାଯୋଗ ଥିଲା, ସୁସ୍ପଷ୍ଟଭାବେ ତାହାର ଶୃଙ୍ଖଳାଭଙ୍ଗ ହେତୁ ହିଁ ସେ ଧରାପଡ଼ିଲା । ଦଳର ଦାୟିତ୍ୱଜ୍ଞାନସମ୍ପନ୍ନ କର୍ମୀଗୃସ୍ତ ଭଳି ସେ କାର୍ଯ୍ୟ କରି ନଥିଲା । କେତେକ ଘଣ୍ଟା ଉତ୍ପୀଡ଼ନ ପରେ—କଠୋର ଉତ୍ପୀଡ଼ନ, କିନ୍ତୁ ତାହା ବ୍ୟତୀତ ସେ ଆଉ କଣ ବା ଆଶା କରିଥିଲା ?—ତାପରେ ସେ ଡ଼ରିଗଲା, ଗ୍ରୁନି ସାଙ୍ଗରେ ଯେଉଁ ଘରେ ତାର ଦେଖା ହୋଇଥିଲା ତାର ଠିକଣା ସେ ବତାଇଦେଲା । ସେଠାରୁ ସେମାନେ ହୋନେଭସାର ଖବର ପାଇଲେ; ଗେଷ୍ଟାପୋମାନେ ତାକୁ କେତେକ ଦିନ ପରେ ଧରିଲେ ।

ତାକୁ ଏଠିକି ଆଣିବା ପରେ ପରେ ତାକୁ ଚିହ୍ନିବାକୁ ସେମାନେ ମୋତେ ଡାକିଲେ ।

"ତାଙ୍କୁ ଚିହ୍ନ ?"

"ନା, ଚିହ୍ନେ ନାହିଁ ।"

ସେ ବି ମୋତେ ଚିହ୍ନେ ବୋଲି ସ୍ୱୀକାର କଲା ନାହିଁ । ଆଉ ଯେତେ ଯାହା ପଚାରିଲେ କାହାର ଉତ୍ତର ଦେବାକୁ ସେ ନାରାଜ । ଉତ୍ପୀଡ଼ନର ଦାଉ ତାଙ୍କୁ ସମ୍ଭାଳିବାକୁ ପଡ଼ିନାହିଁ । ତାହାର ପୁରାତନ ଛତ ଘା ତାଙ୍କୁ ରକ୍ଷା କଲା । ଶୀଘ୍ର ସେ ଅଚେତା ହୋଇଗଲା । ଆଉ ଥରେ ଛେଚୁଛେଚି କରିବାକୁ ତାଙ୍କୁ ନେବା ଆଗରୁ ଆମେ ସାବଧାନତା ପୂର୍ବକ ତାଙ୍କୁ ପରିସ୍ଥିତି ସମ୍ବନ୍ଧରେ ଖବର ଦେଲୁଁ, ସେ ବି ତଦନୁଯାୟୀ ଚାଲିଲା ।

ତାଠାରୁ ସେମାନେ କୌଣସି କଥା ବାହାର କରିପାରିଲେ ନାହିଁ । ବହୁଦିନ ତାଙ୍କୁ ଜେଲରେ ରଖିଲେ ସେମାନେ, ପ୍ରମାଣ ଖୋଜୁଥାନ୍ତି ଯୋଉଥିରେ ସେ ତୁଣ୍ଡ ଖୋଲିବାକୁ ବାଧ୍ୟ ହେବ । କିନ୍ତୁ ହୋନେଭସା ଗୁର୍ଣିକୁ ସେମାନେ ନୁଆଁଇ ପାରିଲେ ନାହିଁ ।

ବନ୍ଦୀଜୀବନ ତାଙ୍କୁ ବଦଳାଇ ପାରିଲା ନାହିଁ । ସବୁବେଳେ ସେ ସାହସୀ, ଆମୋଦପ୍ରିୟ ଓ ପ୍ରସନ୍ନ ରହିଲା । ସବୁ ସମୟରେ ସେ ଅପରକୁ ଭବିଷ୍ୟତର ନିର୍ଦ୍ଦେଶ ଦେଉଥିଲା, ଅଥଚ ନିଜର ଭବିଷ୍ୟତ ମୃତ୍ୟୁର ନିର୍ଦ୍ଦିଷ୍ଟ ପଥରେ ସିଧା ଚାଲିଛି ।

ହଠାତ୍ ସେମାନେ ଏପ୍ରେଲ୍ ଶେଷରେ ପ୍ୟାନକ୍ରାଟସ୍‌ରୁ ତାଙ୍କୁ ନେଇଗଲେ; କୁଆଡ଼େ ନେଇଗଲେ ମୁଁ ଜାଣେ ନାହିଁ । ଏଠାରୁ ଲୋକ ଏହିପରି ହଠାତ୍ ଅନ୍ତର୍ହିତ ହେବା ସର୍ବଦା ଅଶୁଭସୂଚକ ବୋଲି ବୁଝାଯାଏ । ମୋର ଭୁଲ୍ ହୋଇପାରେ, କିନ୍ତୁ ହୋନେଭସା ଗୁର୍ଣିକୁ ଆଉ ଦେଖିବି ବୋଲି ମୋର ଆଶା ନାହିଁ ।

ଅମେ ସବୁବେଳେ ମରିବାରଦିନ ଗଣୁଥିଲୁଁ । ଅମେ ଜାଣିଥିଲୁ ଗେଷ୍ଟାପୋଙ୍କ ହାତରେ ପଡିବା ଅର୍ଥ ଜୀବନର ସୂତ୍ରଚ୍ଛେଦ । ତେଣୁ ଧରାପଡିବା ପରେ ମଧ୍ୟ ଅମ ନିଜ ସମ୍ପର୍କରେ ଏବଂ ଅନ୍ୟମାନଙ୍କ ସମ୍ପର୍କରେ ଯଥାବିହିତ କାର୍ଯ୍ୟ କରି ଯାଉଥିଲୁଁ ।

ମୋର ନିଜର ଜୀବନ-ନାଟିକାର ଉପସଂହାର ହେଲୁ ଆସି । ମୁଁ ଲେଖିପାରିବି ନାହିଁ, କାରଣ ତାହା ଯେ କଣ ହେବ ମୋତେ ଏବେ ବି ଜଣାନାହିଁ । ଏ ଆଉ ନାଟକ ନୁହେଁ । ଏହାହିଁ ଜୀବନ ।

ଶେଷ ଅଙ୍କର ଯବନିକା ଉଠିଛି ।

ବନ୍ଧୁଗଣ, ତୁମ୍ଭମାନଙ୍କୁ ମୁଁ ଭଲ ପାଉଥିଲି । ହୋସିଆର !

—ଜୁଲିୟସ ଫୁଚିକ୍

୧୯୪୩, ଜୁନ ୯ ।

ମୁଦ୍ରାକର—ଗଂଗାଧର ରଥ
ସଂକେତ ପ୍ରେସ, କଟକ-୧୯୫୨

ନଂ ୭୩୯୩
ତା ୧.୬.୬୮